
6379
22/1/93

ଓଡ଼ିଶା ଦିବସ ବିଶେଷାଙ୍କ,

# ଉତ୍କଳ ପ୍ରସଙ୍ଗ


୧୯୭୯





୧୯୭୯ ଫେବୃଆରୀ ୨୭ ତାରିଖରେ ରାଜ୍ୟ ସୂଚନା ଭବନଠାରେ ସ୍ୱର୍ଗତ ରାଜେନ୍ଦ୍ରନାରାୟଣ ସିଂହଦେଓଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଥିଲା ।

ଚିତ୍ରରେ : ରାଜ୍ୟପାଳ ଶ୍ରୀ ଭଗବତ ଦୟାଳଶର୍ମା ସ୍ୱର୍ଗତ ସିଂହଦେଓଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଦେଉଛନ୍ତି ।



ଭୁବନେଶ୍ୱର ପୁର୍ଣାଗ ନିଷ୍ଠାକେନ୍ଦ୍ର ଠାରେ ଅନୁଷ୍ଠିତ ପୁଷ୍ପ ପ୍ରଦର୍ଶନୀରେ ଶିଶୁ ସମ୍ବଳ ସ୍ୱତୀକର ପୁଷ୍ପଚିତ୍ର ।

# ଉତ୍କଳ ପ୍ରସଙ୍ଗ

୧୯୭୯ ଅପ୍ରେଲ
ଚୈତ୍ର/ବୈଶାଖ
୧୯୦୧ ଶକାବ୍ଦ
୩୫ ଭାଗ : ନବମ ସଂଖ୍ୟା


## ସୂଚୀପତ୍ର


ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ପ୍ରଚ୍ଛଦ ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦'୦୦

ପ୍ରତିଖଣ୍ଡ—ଟ ୧'୦୦


* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।


ତୁ ପରା ବୋଲଉ ଉତ୍କଳ ସନ୍ତାନ (ପଦ୍ୟ) .. ୧

ଅନ୍ଧକାର ଯୁଗର ଆଲୋକ ଶିଖା .. ୩

ଉତ୍କଳ ଦିବସ : ସ୍ମୃତି ଓ ଶପଥ .. ୬

ଆଦିବାସୀ ପିଲାଙ୍କ ବିକାଶପାଇଁ ସରକାରୀ ଯୋଜନା .. ୯

ଧର୍ମର ସଂଜ୍ଞା .. ୧୨

ଆକାଶବାଣୀର ବିବିଧ ଭାରତୀ କେନ୍ଦ୍ର .. ୧୬

ଆଗାମୀ ଦଶକରେ ଓଡ଼ିଆ ପ୍ରକାଶନ ଓ ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ । ୧୯

ମୈତ୍ରୀ, ମମତା ଓ ପ୍ରେମର ପ୍ରତୀକ ମାଣିକାଗୋଡ଼ାର ଦଶହରା । ୨୫

ଶିଶୁ ସ୍ୱାସ୍ଥ୍ୟର ଯତ୍ନ .. ୩୧

ରେଶମ ପୋକ .. ୩୩

ଭାରତୀୟ ସାଇକେଲ ଗଠନାରେ ଓଡ଼ିଶାର ସ୍ଥାନ .. ୩୭

ତୁଳନାତ୍ମକ ସାମାଜିକତା ଓ ସାହିତ୍ୟ .. ୪୧

ସୂଚନା ଓ ଲୋକ ସଂପର୍କ ବିଭାଗର କାର୍ଯ୍ୟକ୍ରମ .. ୪୩

ଶ୍ରମ ଦପ୍ତରର କାର୍ଯ୍ୟକଳାପ .. ୪୫

ସାମାଜିକ କର୍ମଶାଳା : ଏକ ନୂତନ ଦିଗ୍‌ଦର୍ଶନ .. ୪୭

ମାନ୍ଦ୍ରାଜଠାରେ ପର୍ଯ୍ୟଟନ ମେଳା .. ୪୯

ଜିଲ୍ଲା ପରିକ୍ରମା .. ୫୧

ଆମ ରାଜ୍ୟ .. ୫୭

# ତୁ ପରା ବୋଲାଉ
# ଉତ୍କଳ ସନ୍ତାନ

- ମଧୁସୂଦନ ଦାସ

ତୁ ପରା ବୋଲଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ ?
ତୋହର ଜନନୀ ବେଦନ କହିଲେ
କହିବାକୁ କିମ୍ପା ଡରୁ ? ।୧।

ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ? ।୨।

ତୁ ମନେ ଭାବୁଛୁ ତୋଷାମଦ କରି
ବଢ଼ାଇବୁ ଜାତି ମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।୩।

ତୋଷାମଦକାରୀ କ୍ଷିପ୍ତ ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟ ଭାବ ଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଯାଏ ।୪।

ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ
ଅକାତରେ ତାକୁ ନାଶେ ।୫।

ଜାତିର ଉନ୍ନତି ହେବକିରେ ଭାଇ
ସ୍ୱାର୍ଥକୁ ଜଗତ ମଣି ?
ଗୋଦର ଗୋଡ଼ରେ ମାଉଁସ ଲଗିଲେ
ଦେହର କି ଶୁଭ ଗଣି ? ।୬।

କାଞ୍ଚନ ଭକ୍ତି ସେ କାହିଁ ଭଜିବ
ସ୍ୱାର୍ଥେ ଯାର ବାନ୍ଧ ମନ,
ଆପଣା ବିଭୁଙ୍କ ଚିହ୍ନିନକ ହେଲେ
ଶବ କି ପାଇବ ପ୍ରାଣ ? । ୭ ।

ଜାତି-ନନ୍ଦିଘୋଷ ଚଳିବ କି ଭଲ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ? । ୮ ।

ସ୍ୱାର୍ଥର ବନିତା ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର । ୯ ।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂର୍ବ ଗୌରବ ପୂର୍ବର ସାହସ
ପଡ଼ିବ କି କେବେ ମନେ ? । ୧୦ ।

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? । ୧୧ ।

ତୋ ପୂର୍ବ ପୁରୁଷ ସ୍ୱର୍ଗ ଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କରି ଜୀବନ କରି ବିସ୍ମରଣ
କରୁଛୁ ତୁ ମହାପାପ । ୧୨ ।

# ଅନ୍ଧକାର ଯୁଗର
# ଆଲୋକ ଶିଖା

ଶ୍ରୀ ପଠାଣି ପଟ୍ଟନାୟକ

୧୯୩୬ ମସିହା ଏପ୍ରିଲ ମାସ ପହିଲା ତାରିଖରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ଫଳରେ ଭାରତୀୟ ସମାଜରେ ଏବଂ ଏହି ବିଶାଳ ଉପମହାଦେଶର ରାଜନୈତିକ ମାନଚିତ୍ରରେ ଓଡ଼ିଆ ଲୋକେ ନିଜକୁ ପରିଚୟ ଦେବାପାଇଁ ସୁଯୋଗ ଲାଭ କଲେ, ନିଜର ଦାବୀ ବିହିତ ଦରବାରରେ ଉପସ୍ଥାପିତ କରି ଭାଗ୍ୟ ପରିବର୍ତ୍ତନ ପାଇଁ ଧୈର୍ଯ୍ୟ ଧାରଣ କଲେ ; ଉପେକ୍ଷା ଓ ହୀନମନ୍ୟତାର ଗ୍ଲାନିରୁ ଉଦ୍ଧରି ଆସି ସ୍ମୃତିମାନ ସୃଷ୍ଟି କରିବାପାଇଁ ସତ୍ ସାହସ ଖୋଜି ଲୋଡ଼ିଲେ । ବହୁକାଳର ନିର୍ଯ୍ୟାତନା, ଅଣଦେଖା ଓ ଅବହେଳା ପରେ ଏହିପରି ଆତ୍ମବିଶ୍ୱାସ ଏବଂ ଗୌରବବୋଧ ଯେଉଁ ମହାପୁରୁଷଙ୍କ ସାଧନା ଓ ତପସ୍ୟା ଯୋଗୁ ଓଡ଼ିଆ ଜାତି ଲାଭ କରିପାରିଥିଲା, ସେ ହେଉଛନ୍ତି, ଉତ୍କଳ ଗୌରବ ମଧୁସୂଦନ ଦାସ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଜନ୍ମବାସରରେ ସେହି ମହାନ୍ ଜନନେତାଙ୍କ ଜାତିପାଇଁ ସାଧନା ଏବଂ ଜାତି ଉଦ୍ଦେଶ୍ୟରେ କର୍ମପ୍ରେରଣା ଅବଶ୍ୟ ସ୍ମରଣୀୟ ।

ଓଡ଼ିଶାର ଜନଜୀବନରେ ବହୁ ବୈଜ୍ଞାନିକ, ସାହିତ୍ୟିକ, କବି, ଶିଳ୍ପୀ, ଦାର୍ଶନିକ, ରାଜନୀତିଜ୍ଞ ପ୍ରଭୃତି ଆସିବେ ଓ ଯିବେ, ମାତ୍ର ମି: ଦାସଙ୍କର ତ୍ୟାଗପୂତ ଜୀବନର ମହାନ୍ ବାର୍ତ୍ତା ଓ ଜୀବନବ୍ୟାପୀ ସାଧନା ଓଡ଼ିଆ ଜାତୀୟ ଜୀବନ ଗଠନରେ ଯେପରି ସହାୟକ ହୋଇଅଛି ତାହାର ଆଉ ତୁଳନା ନାହିଁ । ଦାର୍ଶନିକ ରାଧାକୃଷ୍ଣନଙ୍କ ଭାଷାରେ—"There is only one ideal for man to make himself profoundly human, perfectly human" ମି: ଦାସଙ୍କ ପ୍ରତି ଏହି ଉକ୍ତିଟି ଅତ୍ୟନ୍ତ ସାର୍ଥକ ଭାବରେ ପ୍ରଯୋଜ୍ୟ ।

ଓଡ଼ିଆ ଜାତିପାଇଁ କାର୍ଯ୍ୟ କଲାବେଳେ ସେ କିପରି ଜାତୀୟ ଜୀବନର ମହାନ ସ୍ରୋତରେ ନିଜକୁ ମିଶାଇ ଦେଇଥିଲେ ତାହା ତାଙ୍କର ସାଧାରଣ ଜୀବନର ପ୍ରଥମ ଅଧ୍ୟାୟରେ ଗୋଟିଏ ଘଟଣାରୁ ପ୍ରମାଣିତ ହୋଇ ପାରିବ । ୧୯୦୩ ଖ୍ରୀଷ୍ଟାବ୍ଦରେ ମଧୁସୂଦନଙ୍କ ନେତୃତ୍ୱରେ ଓଡ଼ିଆଭାଷୀ ଅଞ୍ଚଳର ପ୍ରତିନିଧିମାନଙ୍କୁ ଆହ୍ୱାନ କରି ଉତ୍କଳ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଗୋଟିଏ ସଭାମଞ୍ଚରେ ମାତୃଭାଷା ଓ ମାତୃଭୂମି ସେବାର ମନ୍ତ୍ର ଗ୍ରହଣ କରି ରାଜା ପ୍ରଜା, ଶିକ୍ଷିତ ଅଶିକ୍ଷିତ, ଧନୀ ନିର୍ଦ୍ଧନ, ଓଡ଼ିଆଭାଷୀ ଅଞ୍ଚଳର ବିଭିନ୍ନ ଭାଷାଭାଷୀ ଏକତ୍ର ହୋଇଥିଲେ ଏବଂ ଓଡ଼ିଆ ଭାଷୀ ଅଞ୍ଚଳର ଏକୀକରଣ ସହିତ ସେହି ଅଞ୍ଚଳବାସୀମାନଙ୍କର ସାମାଜିକ ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଚେଷ୍ଟା କରିବାକୁ ବଦ୍ଧପରିକର ହୋଇଥିଲେ । ଏହି ସମ୍ମିଳନୀର ବିବରଣୀ ପ୍ରକାଶ କରି ତତ୍କାଳୀନ ଭାରତ ବିଖ୍ୟାତ ଜାତୀୟବାଦୀ ଇଂରେଜୀ ଦୈନିକ ଅମୃତବଜାର ପତ୍ରିକା ଲେଖିଥିଲେ—ଏହି ସମ୍ମେଳନର ସମସ୍ତ କୃତିତ୍ୱ ମଧୁସୂଦନ ଦାସଙ୍କର । "One man's show" ଅମୃତବଜାର ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ମଧୁସୂଦନଙ୍କର ପରମ ବନ୍ଧୁ ଥିଲେ । ଏପରି ପ୍ରଶଂସାରେ ମଧୁସୂଦନ ଅତ୍ୟନ୍ତ ଦୁଃଖିତ ହୋଇ ସମ୍ପାଦକଙ୍କୁ ଲେଖିଥିଲେ—"If you wish to be my friend, never again praise me for anything I do for my country." କେବଳ ସେତିକି ନୁହେଁ, ସେ ଦେଶପାଇଁ ସମସ୍ତେ ପ୍ରତ୍ୟେକ ଦିନ ମାତ୍ର ପାଞ୍ଚମିନିଟ ଚିନ୍ତା କରନ୍ତୁ ବୋଲି ଆହ୍ୱାନ ଜଣାଇଥିଲେ । ମଧୁସୂଦନ ଯେଉଁ ସମୟରେ ଏହି କଥା ଶୁଣାଉଥିଲେ, ସେତେବେଳେ ମହାତ୍ମାଗାନ୍ଧୀ ଭାରତୀୟ ରାଜନୀତିକ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହୋଇ ନ ଥିଲେ, ଜାତୀୟ ଆନ୍ଦୋଳନ ଏ ଦେଶର ଜାତୀୟ ଜାଗରଣରେ ପରିଣତ ହେବାପାଇଁ ତଥାପି ବହୁତ ବିଳମ୍ବ ଥିଲା । ଏହି ପରିପ୍ରେକ୍ଷୀରେ ସେ ଆହ୍ୱାନ ଦେଇଥିଲେ—"Every day I wiil think for five minutes for my country and I will hence forward devote at least five minutes for the service of Mother India and Mother Utkal"

## ଶୋଷଣ, ଦାରିଦ୍ର୍ୟ ଓ ଅଣଦେଖାର ଅଭିଶାପ ।

ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଇଂରେଜମାନେ ଭାରତବର୍ଷରେ ବଣିକର ଛଦ୍ମରୂପରେ ବିଚରଣ କରି ଶାସକର ଆସନକୁ ଅଧିକାର କରିବା ପାଇଁ ଅତ୍ୟନ୍ତ ନିର୍ମମ ଭାବରେ ଅତ୍ୟାଚାର, ଶୋଷଣ ଏବଂ ସାମାଜିକ ପୀଡ଼ନ ଆରମ୍ଭ କରିଦେଇଥିଲେ । ବେପାରୀ ଇଂରେଜମାନେ ବାଣିଜ୍ୟ କରିବା ପାଇଁ ତୋଷାମଦ କରି ଯେଉଁ ବାଣିଜ୍ୟ କୋଠିମାନ ପ୍ରତିଷ୍ଠା କରିଥିଲେ, କାଳକ୍ରମେ ଚକ୍ରାନ୍ତ ବଳରେ ତାହା ଗୋଟିଏ ଗୋଟିଏ ଦୁର୍ଗରେ ପରିଣତ ହୋଇଗଲା । ଏହି ଦୁର୍ଗକୁ କେନ୍ଦ୍ର କରି ଇଂରେଜ ବେପାରୀ ବୁଦ୍ଧି ଗୋଟିଏ ଗୋଟିଏ ଜିଲ୍ଲା ଅଧିକାର କରୁକରୁ ସମଗ୍ର ଦେଶର ମାଲିକ ହୋଇ ବସି ପଡ଼ିଲେ । ଇତିହାସରେ ଏପରି ବିଡ଼ମ୍ବିତ ଘଟଣା କ୍ୱଚିତ ଦେଖିବାକୁ ମିଳିଥାଏ । ସେହି ଘଟଣାକୁ ଜଣେ ଇଂରେଜ ଶାସକ ଲର୍ଡ ପାମରଷ୍ଟୋନ ଉଲ୍ଲେଖ କରିଥିଲେ ଏହିପରି—"The original settlers began with a factory. the factory grew into a fortt the fort expanded into a district and a district into a province."

ଊନବିଂଶ ଶତାବ୍ଦୀ ବେଳକୁ ଭାରତ ମହାସାଗରରେ ଭାରତୀୟ ନୌବହର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା । ବିଦେଶୀ ଜଳଦସ୍ୟୁମାନେ ମହାସାଗର ବକ୍ଷରେ ନିରଙ୍କୁଶ ଭାବରେ ବିଚରଣ କରି ଭାରତୀୟ ବହିର୍ବାଣିଜ୍ୟ ଧ୍ୱଂସ କରି ଦେଇଥିଲେ । ଆଭ୍ୟନ୍ତରୀଣ ରାଜନୈତିକ ଶକ୍ତିର ଦୁର୍ବଳତା ଓ ଅନ୍ତରୀଣ ବିବାଦ ଯୋଗୁ ଦେଶର ବାଣିଜ୍ୟିକ ସ୍ୱାର୍ଥ ରକ୍ଷା କରାଯାଇ ପାରିଲା ନାହିଁ । ଅବଶ୍ୟ ଏହି ବିଶାଳ ଦେଶରେ ଆନ୍ତର୍ବାଣିଜ୍ୟ ଓ ତାର ଶିଳ୍ପାନୁଷ୍ଠାନ ଅତ୍ୟନ୍ତ ସମୃଦ୍ଧ ଅବସ୍ଥାରେ ଥିଲା । ଭାଗ୍ୟର ଉପହାସ ହେତୁ ଅବା ଏ ଦେଶର ନଦୀ ବନ୍ଦରମାନଙ୍କରେ ଯେଉଁ ବିଦେଶୀ ବେପାରୀ ଜାତି ଆସି ପ୍ରଥମେ ଆସ୍ଥାନ ପ୍ରତିଷ୍ଠା କଲେ ସେମାନେ କେବଳ ଆମର ରାଜନୈତିକ ଶକ୍ତିକୁ ପରାଭୂତ କଲେ-ନାହିଁ, ଆମର ଆଭ୍ୟନ୍ତରୀଣ ଶିଳ୍ପ ବାଣିଜ୍ୟକୁ

ମଧ୍ୟ ଧ୍ୱଂସ କରିଦେଲେ । ଏହି ଦେଶର ସ୍ୱାଧୀନ ହାତୁଆ ଜାତି ଏକ ଶାନ୍ତ ନିରୀହ କୃଷିଜୀବୀ ଜାତିରେ ପରିଣତ ହୋଇଗଲା । ଅତ୍ୟାଚାର ନିପୀଡ଼ନ ବିରୁଦ୍ଧରେ ଯେ ପ୍ରତିବାଦ କରାଯାଇପାରେ, ଏପରି ଶକ୍ତି ମଧ୍ୟ ସେ ହରାଇ ବସିଲେ । ସମଗ୍ର ଜାତୀୟ ଜୀବନ ମୃତବତ୍ ଅବସ୍ଥାରେ ଲାଞ୍ଛିତ ଓ ଅପମାନିତ ହେବାକୁ ଲାଗିଲା । ଏହି ମହାନ ଐତିହାସିକ ଜାତି ତାର ଅତୁଗରିମା ଓ ସ୍ୱାଭିମାନ ସଂପର୍କରେ ସଚେତନ ହୋଇପାରିଲା ନାହିଁ । ୧୮୪୧ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ବିଲାତ ସରକାରଙ୍କର ଅର୍ଥମନ୍ତ୍ରୀ ଲବେଚର ଭାରତର ଏହି ଦୁର୍ଗତି ବିଷୟ ସ୍ୱୀକାର କରି କହିଥିଲେ—

"The British have utterly destroyed tbe manufactures of India by their manufactures. The district of Dacca. Manchester of India,has dwindled into insignificance before the strides which fhe British goods have made."

**ଆଲୋକ ଶିଖାର ଝଲକ—**

ମଧୁସୂଦନ ଏହିଭଳି ଏକ ସନ୍ଧିକ୍ଷଣ ମୁହୂର୍ତ୍ତରେ ସାଧାରଣ ଜୀବନର ସେବା କରିବାପାଇଁ ବ୍ରତ ଗ୍ରହଣ କରିଥିଲେ । ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷୀ ଅଞ୍ଚଳ ଖଣ୍ଡବିଖଣ୍ଡିତ ହୋଇ ହୀନବୀର୍ଯ୍ୟ ହୋଇ ପଡ଼ିଥିଲା ଏବଂ ଓଡ଼ିଆଭାଷାକୁ ଲୋପ କରିଦେବା ପାଇଁ ପ୍ରବଳ ଚକ୍ରାନ୍ତ ଆରମ୍ଭ ହୋଇଯାଇଥିଲା । ଏହି ଭାଷା ଆନ୍ଦୋଳନ ସମୟରେ ଓଡ଼ିଆ ଭାଷାକୁ ରକ୍ଷା କରିବାପାଇଁ "ଉତ୍କଳ ଉଲ୍ଲାସିନୀ ସଭା" ୧୮୭୦ ବେଳକୁ ଗଢ଼ାଯାଇଥିଲା । ଉତ୍କଳବାସୀମାନଙ୍କର ସାର୍ବଜନୀନ ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଦେଶର ନେତୃବୃନ୍ଦ ଚିନ୍ତା କରୁଥିଲେ । ଉଲ୍ଲାସିନୀ ସଭାର ବିଲୟ ପରେ ଗୌରୀଶଙ୍କର ରାୟ ଏବଂ ବିଚିତ୍ରାନନ୍ଦଙ୍କ ନେତୃତ୍ୱରେ ଗଠିତ ହେଲା "ଉତ୍କଳ ସଭା" ଏହି ସଭା ୧୮୮୨ ଅଗଷ୍ଟ ୧୬ ତାରିଖ ଦିନ "ଉତ୍କଳ ଦୀପିକା" ର ପ୍ରକୋଷ୍ଠରେ ଆତ୍ମପ୍ରକାଶ କରିଥିଲା । ଏହି ସଭାର କେନ୍ଦ୍ର ଗ୍ରହଣ କରି ୧୮୮୬ ଖ୍ରୀଷ୍ଟାବ୍ଦରୁ ୧୯୦୩ ମସିହା ପର୍ଯ୍ୟନ୍ତ ମଧୁସୂଦନ ନିଖିଳଭାରତ କଂଗ୍ରେସରେ ଉତ୍କଳ ସଭାର ପ୍ରତିନିଧି ଭାବରେ ଯୋଗ ଦେଇଥିଲେ । ୧୮୮୫ ଖ୍ରୀଷ୍ଟାବ୍ଦରେ ମଧୁସୂଦନ ଏହି ସଭାର ଆନୁକୂଲ୍ୟରେ ତତ୍କାଳୀନ ଇଂରେଜ ରାଜପ୍ରତିନିଧି ରିଭର୍ଟ ଥମସନଙ୍କୁ କଟକ ଦରବାରରେ ଯେଉଁ ଦାବୀପତ୍ର ଦେଇଥିଲେ, ସେଥିରେ ଓଡ଼ିଶାରେ ଶିଳ୍ପର ବିକାଶ, ରେଳ-ପଥର ସମ୍ପ୍ରସାରଣ, କୃଷିର ଉନ୍ନତି, ଶିକ୍ଷାର ଅଭିବୃଦ୍ଧି ଏବଂ ଓଡ଼ିଆ ଭାଷୀ ଅଞ୍ଚଳର ଏକୀକରଣ ପାଇଁ ଦାବୀମାନ ଉପସ୍ଥାପିତ ହୋଇଥିଲା ।

ଶିଳ୍ପ ଉଦ୍ୟମୀ ଭାରତୀୟମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ ପ୍ରଗତିଶୀଳ ବ୍ୟକ୍ତିତ୍ୱ ଏବଂ ତାଙ୍କର ସାଧନା ଥିଲା ଅତ୍ୟନ୍ତ କ୍ରାନ୍ତିକାରୀ ।

୧୮୯୦ ଖ୍ରୀଷ୍ଟାବ୍ଦରେ ସେ ଉତ୍କଳ ତାରକସୀ କାରଖାନା ପ୍ରତିଷ୍ଠା କରିଥିଲେ । ଓଡ଼ିଆ ଚଟୀ କୁଟୀରଶିଳ୍ପର ବିକାଶ ପାଇଁ ଧ୍ୟାନ ଦେଇଥିଲେ । ନିଜେ ହାତବୁଣା ଲୁଗା ପିନ୍ଧି ସଭାମଞ୍ଚରେ ଯୋଗ ଦେଉଥିଲେ । ୧୯୦୫ ଖ୍ରୀଷ୍ଟାବ୍ଦରେ ତାଙ୍କରି ଦ୍ୱାରା ଉତ୍କଳ ଟାନେରୀ କାରଖାନା ପ୍ରତିଷ୍ଠିତ ହୋଇଥିଲା । ଜାତିକୁ ସ୍ୱାବଲମ୍ବୀ କରିବାପାଇଁ ସେ ଆଜୀବନ ସ୍ୱପ୍ନ ଦେଖି ଆସିଥିଲେ । ତାଙ୍କରି କାର୍ଯ୍ୟ ସମ୍ପର୍କରେ ତତ୍କାଳୀନ ଏକ ସରକାରୀ ବିବରଣୀରେ ଯାହା କୁହାଯାଇଛି ତାହା ଅତ୍ୟନ୍ତ ପ୍ରଣିଧାନଯୋଗ୍ୟ —" It is remarkable that long before the present wave of Swadeshi Industrialism and even before the Swadeshi movement of Bengal in 1905, this idea of pioneering a new industry was conceived by a man belonging to a provinca which was considered to be the most backward of the three sister provinces."

ଅତ୍ୟନ୍ତ ସୌଭାଗ୍ୟର କଥା ଯେ ଓଡ଼ିଆଭାଷୀ ଅଞ୍ଚଳରେ ମଧୁସୂଦନ ଦାସ ଗାନ୍ଧିଜୀଙ୍କ ବହୁକାଳ ପୂର୍ବରୁ ସ୍ୱଦେଶୀ ମନ୍ତ୍ର ପ୍ରଚାର କରିଥିଲେ ଏବଂ କାର୍ଯ୍ୟରେ ତାହା ଫଳପ୍ରସୂ ବୋଲି ପ୍ରମାଣ କରିଦେଇଥିଲେ ।

କଥା କମ୍ କହ ଏବଂ ଜାତିପାଇଁ କାର୍ଯ୍ୟ କରିଯାଅ—ଏହାହିଁ ଥିଲା ତାଙ୍କର ଆଦର୍ଶ । ସେ ଜାତି ଉଦ୍ଦେଶ୍ୟରେ ଗାଇ ଯାଇଛନ୍ତି—

"ନିଜର ଜୀବନ ଜାତିକୁ ଅର୍ପଣ
କଲେ ମିଳେ ଜାତିପ୍ରାଣ ।
ଜାତୀୟ ଜୀବନ ନ ମିଳିବ
କଲେ ହାଟେ ବାଟେ ଅନ୍ୱେଷଣ ।"

ଅନୁକରଣର ଧୁନିରେ ଆଜି ଜାତୀୟ ବେଶ ପୋଷାକ ଓ ଚଳଣିରେ ସମସ୍ତ ଜାତିଗତ ସ୍ୱାଭିମାନର ସଙ୍କେତ ଲୋପ ହୋଇଯାଇଛି । ମାତ୍ର ୧୯୦୭ ଖ୍ରୀଷ୍ଟାବ୍ଦରେ ସେ କାଳର ପ୍ରବଳ ପ୍ରତାପୀ ଭାରତ ସମ୍ରାଟ ଓ ଭାରତ ସାମ୍ରାଜ୍ଞୀ ସମ୍ରାଟ ସପ୍ତମ ଏଡ଼ୱାର୍ଡ ଓ ମହାରାଣୀ ଆଲେକଜାଣ୍ଡ୍ରାଙ୍କୁ ମଧୁସୂଦନଙ୍କ କନ୍ୟା ଶୈଳବାଳା ଶାଢ଼ୀ ପିନ୍ଧି ସାକ୍ଷାତ କରିଥିଲେ । ଉତ୍କଳ ସମ୍ମିଳନୀର ଚତୁର୍ଥ ଅଧିବେଶନରେ ୧୯୦୭ ଖ୍ରୀଷ୍ଟାବ୍ଦରେ ମଧୁସୂଦନଙ୍କ ପ୍ରେରଣାରେ ସ୍ତ୍ରୀ ଶିକ୍ଷା ସମ୍ପର୍କରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ସେହି ରକ୍ଷଣଶୀଳ ସମାଜରେ ଏପରି ପ୍ରସ୍ତାବ ଏକ ଯୁଗାନ୍ତକାରୀ ଭାବନା ଥିଲା ବୋଲି ମନେ କରାଯାଇପାରେ । ସେ କାଳରେ ସ୍ତ୍ରୀମାନଙ୍କୁ ନେଇ କେହି ବିଦେଶରେ ରହିବାକୁ ସାହସ କରୁ ନ ଥିଲେ । ସ୍ତ୍ରୀମାନେ ପାଠ ପଢ଼ିବା ଥିଲା ସୁଦୂରପରାହତ । ସ୍ତ୍ରୀମାନଙ୍କ ବିଦେଶ ଗମନ ଓ ସ୍ୱାମୀ ସହିତ ଏକତ୍ର ଅବସ୍ଥାନ ସମ୍ପର୍କରେ ତତ୍କାଳୀନ ବିଖ୍ୟାତ ସାପ୍ତାହିକ "ସମ୍ବାଦ ବାହିକା" ତାଙ୍କର ୨୦।୭।୧୮୭୬ ତାରିଖ ସଂଖ୍ୟାରେ ଏହିପରି ଏକ ସମ୍ବାଦ ପ୍ରକାଶ କରିଥିଲେ—"ଦୀପିକାରେ ଉତ୍କଳ ବ୍ରାହ୍ମଣମାନେ ସସ୍ତ୍ରୀକ ହୋଇ ବିଦେଶରେ ରହିପାରନ୍ତି କି ନା ଏହି ବିଷୟରେ ଗୋଟିଏ ବ୍ୟବସ୍ଥାପତ୍ର ପ୍ରକାଶିତ ହୋଇଅଛି । ଆମ୍ଭମାନଙ୍କର ସହଯୋଗୀ ଦୀପିକା ସେଥିରେ ସମ୍ମତ ଦେଇଅଛନ୍ତି ଏବଂ କେତେ ଜଣ ବ୍ରାହ୍ମଣ ପଣ୍ଡିତ ସେଥିରେ ସମ୍ମତ ଦେଇଅଛନ୍ତି । ଶାସ୍ତ୍ର ଏବଂ ବିଚାର ଏ ବିଷୟରେ ଆପଣି ନଥି ସମ୍ପୂର୍ଣ୍ଣରୂପେ ପୋଷକତା କରୁଅଛି ; କେବଳ ଦେଶାଚାର କେତେକ ପରିମାଣରେ ଏ ବିଷୟରେ ବାଧା ଦେଉଅଛି । ଚିରକାଳ ସକଳ ବିଷୟରେ ଦେଶାଚାରର ଅଧୀନ ହୋଇ ରହିଲେ ଚଳିବା ବଡ଼ କଠିନ ହେବ । ଆମ୍ଭମାନଙ୍କ ବିବେଚନାରେ 'ସସ୍ତ୍ରୀକ ହୋଇ ବିଦେଶରେ ରହିବା ବିଷୟରେ ଦେଶାଚାର ଯେଉଁ ବାଧା ଦେଉଅଛି, ତାହାକୁ ସର୍ବାଗ୍ରେ ଘୁଞ୍ଚାଇଦେବା ଉଚିତ ।"

ମଧୁସୂଦନ କେବଳ ପ୍ରସ୍ତାବ ଗ୍ରହଣ କରି ନୀରବ ରହିନଥିଲେ । ସେ ରେଭେନ୍ସା ବାଳିକା ବିଦ୍ୟାଳୟ ଯାହା ପ୍ରାଥମିକ ସ୍କୁଲ ଭାବରେ ଚଳୁଥିଲା, ତାହାକୁ ଏକ ଉଚ୍ଚଶିକ୍ଷାର କେନ୍ଦ୍ର ରୂପେ ଦେଖିବା ପାଇଁ ନିଜର କନ୍ୟା ଶୈଳବାଳାଙ୍କ ଜରିଆରେ ଉଦ୍ୟମ କରି ଅଜସ୍ର ତ୍ୟାଗ ସ୍ୱୀକାର କରିଥିଲେ । ୧୯୦୯ ସାଲରେ ମାସକୁ ଏକହଜାର ଟଙ୍କା ଦାନ କରି ସେ ବାଳିକାଶିକ୍ଷାର ଉନ୍ନତି ପାଇଁ କିପରି ଦୁଃସାହସିକ ପଦକ୍ଷେପ ଗ୍ରହଣ କରିଥିଲେ ତାହା ଶ୍ରୀମତୀ ଶୈଳବାଳା ଦାସ ତାଙ୍କର ଆତ୍ମଚରିତରେ ଲିପିବଦ୍ଧ କରି ଯାଇଛନ୍ତି—

" I had to manage the shool with great difficulty. Had it not been my father who paid the establishment bills of the School I would have obliged to close the school as the monthly expenditure was Rs. 1,000/

୧୯୧୭ ଠାରୁ ୧୯୧୯ ମଧ୍ୟରେ ମଧୁସୂଦନ "ଓଡ଼ିଆ" ନାମରେ ଏକ ସାପ୍ତାହିକ ପତ୍ରିକା ସମ୍ପାଦନା କରିଥିଲେ । ଏଥିରେ ସ୍ତ୍ରୀ ଶିକ୍ଷା

ସମ୍ପର୍କରେ ତାଙ୍କର ସୂଚନା ଅତ୍ୟନ୍ତ କୌତୂହଳ-ଦୀପକ । ସେ ଲେଖିଥିଲେ—"ଜାତି ପକ୍ଷରେ ନାରୀ ଶିକ୍ଷା ଅତି ଦରକାରୀ । ପ୍ରତ୍ୟେକ ବାଳିକା ଭବିଷ୍ୟତ ମାତା । ଆଜିକାଲିକାର ଝିଅ ଭବିଷ୍ୟତ ବଂଶଧରମାନଙ୍କର ମା ହେବେ । ନଦୀ ମୂଳ ଝରଣାଠାରୁ ଉଚ୍ଚକୁ ବହିନପାରେ କିମ୍ବା ଏହାର ପାଣି ଝରଣା ପାଣିଠାରୁ ନିର୍ମଳତର ହୋଇ ନପାରେ । ଜାତି ତାହାର ସ୍ତ୍ରୀଙ୍କଠାରୁ ଉପରକୁ ଯାଇ-ନପାରେ କାରଣ ସେମାନେହିଁ ଝରଣା, ଯାହାକି ଜାତିର ରକ୍ତକୁ ପୁଷ୍ଟ କରେ । ଏହି ରକ୍ତହିଁ ଜାତି ହୃଦୟରେ ପ୍ରବାହିତ । ଜାତିର ସମସ୍ତ ସଦ୍‌ଗୁଣର ଆଧାର ହେଉଛନ୍ତି ନାରୀ ।**ଅତଏବ ଜାତିର ଉନ୍ନତି କରିବାକୁ ହେଲେ ମୋ କ୍ଷୁଦ୍ର ବିବେଚନାରେ ସ୍ତ୍ରୀ ଶିକ୍ଷାରେ ସର୍ବାନ୍ତ କରଣରେ ଉପଯୋଗୀ ହେବା ଉଚିତ । ଆହୁରି ବର୍ତ୍ତମାନ ଶିକ୍ଷାରେ ଚରିତ୍ରଗଠନ ହେଉନାହିଁ, ଏହାର କାରଣ ସ୍ତ୍ରୀ ଶିକ୍ଷାର ଅଭାବ ।"

ଜାତିପାଇଁ ଆଜି କେତେଜଣ ଅବା ନିଃସ୍ୱାର୍ଥପର ଭାବରେ ଚିନ୍ତା କରୁଛନ୍ତି, ଜୀବନ ଉତ୍ସର୍ଗ କରିବାପାଇଁ ଅଗ୍ରସର ହେଉଛନ୍ତି । ସର୍ବତ୍ର କେବଳ ସ୍ୱାର୍ଥର ପଣାପାଲିଖେଳ ଲାଗିରହିଛି । ମଧୁସୂଦନ ଜାତି ପାଇଁ ପ୍ରକୃତ କର୍ମବୀର ଆବଶ୍ୟକ ବୋଲି କାମନା କରି ଲେଖିଥିଲେ—

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର ।

ଅଧ୍ୟାପକ, ଓଡ଼ିଆ ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

ସେହି ଧାରୁ ନୀର ପିଏ ଯେଉଁ ନର
ନିଶ୍ଚେ ହେବ ସେହି ଜାତି କର୍ମବୀର ।

ଆଜିକାଲି ଅନେକ ବିଭିନ୍ନ ରଙ୍ଗମହର ପୋଷାକ ପିନ୍ଧି ଲୋକେ ଦେଶସେବା ପାଇଁ ବାହାରି ଆସୁଛନ୍ତି । ମାତ୍ର ସେଠାରେ ଉତ୍ସର୍ଗୀକୃତ ଜୀବନର ନିଷ୍ଠା ଦେଖିବାକୁ ମିଳେନାହିଁ । ଥରେ ଜଣେ ଅବସରପ୍ରାପ୍ତ ରାଜକର୍ମଚାରୀ ମଧୁବାବୁଙ୍କୁ ଦେଶସେବାର ପ୍ରସ୍ତାବ ଦେବାରୁ ସେ କହିଥିଲେ—"ଜଣେ ସତୀ ସ୍ତ୍ରୀ ଏକ ମୁହୂର୍ତ୍ତରେ Public woman ହୋଇଯାଇପାରେ । ମାତ୍ର ଜଣେ Public man ହେବାପାଇଁ ଆଜୀବନ ତପସ୍ୟା ଆବଶ୍ୟକ । "ଭାରତମାତାର ସେବା କରିବାପାଇଁ ସେ ୧୯୧୬ ମସିହାରେ ନିଖିଳ ଭାରତ ଖ୍ରୀଷ୍ଟିଆନ ସମ୍ମିଳନୀରେ ମାନ୍ଦ୍ରାଜଠାରେ ସଭାପତି ଭାଷଣରେ ଏହିପରି ଆହ୍ୱାନ ଜଣାଇଥିଲେ—
"We are Indians, Indian blood runs in our veins; Indian history, Indian traditions are the springs from which we draw our inspirations; our hopes for the future greatness of India are built on the glorious achievements of ancient India."

୧୯୦୮ ଖ୍ରୀଷ୍ଟାବ୍ଦରେ ପୁରୀରେ ହୋଇଥିବା ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନରେ ମଧୁସୂଦନ କହିଥିଲେ—"ଉତ୍କଳ ଜନନୀ ଓ ଭାରତ ଜନନୀଙ୍କର କୌଣସି ପ୍ରଭେଦ ନାହିଁ । ଶରୀରର କୌଣସି ଅଂଶରେ ପୀଡ଼ା ହେଲେ ସେହି ଅଂଶର ଚିକିତ୍ସା କରିବାକୁ ହେବ । କିନ୍ତୁ ଏହି ଅଂଶ ବିଶେଷରେ ଚିକିତ୍ସା ଦ୍ୱାରା ସମସ୍ତ ଶରୀରର ଉନ୍ନତି ହେବ । ଉତ୍କଳର ଚିକିତ୍ସାର ଉଦ୍ଦେଶ୍ୟ ଭାରତର ଉନ୍ନତି ।"

ତେଣୁ ସେ ଯଥାର୍ଥରେ ଆହ୍ୱାନ ଜଣାଇଥିଲେ—

ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଲଭିଥାନ୍ତେ ନାତ
ଛାତିକୁ ମିଶାଇ ଛାତି ।

ସମଗ୍ର ଓଡ଼ିଆ ଜାତିର ସେବା କରି ସେ ଭାରତମାତାଙ୍କର ସେବା କରୁଥିଲେ, ସମଗ୍ର ଜୀବନ ତାଙ୍କର ଦେଶସେବାରେ ବିତି-ଯାଇଥିଲା । ଜାତି ପାଇଁ କାର୍ଯ୍ୟକରି ସେ ଦେବାଳିଆ ମଧ୍ୟ ହୋଇଯାଇଥିଲେ । ବ୍ୟକ୍ତିଗତ ଜୀବନର ଅଭିବୃଦ୍ଧି ପାଇଁ ସେ କେବେହେଲେ ଧ୍ୟାନ ଦେଇ ନ ଥିଲେ । ସେଥିପାଇଁ ସେ ସର୍ବଦା କହୁଥିଲେ—"ଦରିଦ୍ରର ସନ୍ତାନ ହୋଇ ଆସିଥିଲି । ଦରିଦ୍ର ହୋଇ ଗ୍ଲାଲିଯିବି ।"

ପବିତ୍ର ଉତ୍କଳ ଦିବସରେ ଦେଶପ୍ରାଣ ମଧୁସୂଦନଙ୍କ କଥା ଅଧିକ ମନେ ପଡ଼େ । ତାଙ୍କର ନିଃସ୍ୱାର୍ଥପର ସେବା, ଜାତୀୟ ସ୍ୱାଭିମାନ, ଉଦାର ମହନୀୟ ବ୍ୟକ୍ତିତ୍ୱ ବର୍ତ୍ତମାନ ଓ ଭବିଷ୍ୟତସାଧକମାନଙ୍କୁ ଅନୁପ୍ରାଣିତ କରୁ, ଏହାହିଁ କାମନା ।

## ଇନ୍‌ସିଟୁ ପ୍ରଣାଳୀରେ ଫଳଚାଷ

ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୨୫ ହଜାର ୩୬୬ ଏକର ଜମିରେ ଇନ୍‌ସିଟୁ ପ୍ରଣାଳୀରେ ଫଳଚାଷ କରାଯାଉଛି । ଏଥି ମଧ୍ୟରୁ ଫୁଲବାଣୀ ଜିଲ୍ଲାରେ ସର୍ବାଧିକ ୭ ହଜାର ୪୨୫ ଏକର ଜମିରେ ବିଭିନ୍ନ ଫଳଗଛ ଲଗାଯାଉଛି ।

ଉନ୍ନତ ଫଳଚାଷ ପ୍ରତି ଚାଷୀମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ରାଜ୍ୟ କୃଷି ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଏହି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନଙ୍କର ଜମିରେ ଟାକୁଆ ବା ମଞ୍ଜିରୁ ଉଠିଥିବା ଗଛରେ ଉନ୍ନତ କିସମ ଫଳ ଗଛର ଡ଼ାଳ କଲମି କରାଯାଉଛି । ମୁଖ୍ୟତଃ ଆମ୍ବ, କମଳା ଏବଂ ପିଜୁଳି ଗଛ ଏହି ପ୍ରଣାଳୀରେ ଲଗାଯାଉଛି ।

# ଉତ୍କଳ ଦିବସ ସ୍ମୃତି ଓ ଶପଥ

ମୀରା ଶାସ୍ତ୍ରୀ

୧୯୩୬ ଅପ୍ରେଲ ୧ ତାରିଖ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିବସ ଅନ୍ୟ ଭାବରେ ଦେଖିଲେ ଏହି ଦିବସଟି ଐତିହାସିକ ଓଡ଼ିଆ ଜାତିର ମୁକ୍ତି ଦିବସ ବା ପ୍ରାୟ ଏକ ଶତାବ୍ଦୀ ପର୍ଯ୍ୟନ୍ତ ନିଷ୍ପେଷିତ ଓ ନିପୀଡ଼ିତ ହୋଇ ବିଦେଶୀ ଶାସନ ଅଧୀନରେ ରହିଥିବା ଓଡ଼ିଆ ଜାତିର ଉଦ୍‌ବେଳିତ ଆତ୍ମାର ନିର୍ଭୀକ ଅଭି-ବ୍ୟକ୍ତିର ଦିବସ । ସେହି ଜାତୀୟ ବୀରମାନେ ଉତ୍କଳର ହୃତ ଗୌରବ ପୁନ-ରୁଦ୍ଧାର କରିବା ପାଇଁ ୧୯୦୨ ରୁ ୧୯୩୬ ପର୍ଯ୍ୟନ୍ତ ସଂଗ୍ରାମ ଚଳାଇଥିଲେ ଏବଂ ଇତିହାସର ଅନନ୍ତ ଗର୍ଭରେ ସେହି ଯେଉଁ ବୀର ପୁରୁଷମାନେ ଲୀନ ହୋଇ ଯାଇଛନ୍ତି, ଆଜି ହେଉଛି ସେମାନଙ୍କର ପବିତ୍ର ସ୍ମୃତି ଦିବସ ।

ଓଡ଼ିଆ ଭାଷାଭାଷୀଅଞ୍ଚଳର ଏକତ୍ରୀକରଣ ପାଇଁ ଯେଉଁମାନେ ଉତ୍କଳ ଜନନୀର ଉପାସନା ପୀଠରେ ସମବେତ ହୋଇ ଶପଥ ଗ୍ରହଣ କରି ସଂଗ୍ରାମ ଚଳାଇଥିଲେ, ସେହି ପୁଣ୍ୟଶ୍ଳୋକ ବୀର ପୁରୁଷମାନଙ୍କ ମଧ୍ୟରେ ଥିଲେ ଗୌରୀଶଙ୍କର ରାୟ ସମ୍ପାଦକ ଉତ୍କଳ ଦୀପିକା, ଖଲିକୋଟର ରାଜା ହରିହରି ମର୍ଦ୍ଦରାଜ, ପଣ୍ଡିତ ନୀଳମଣି ବିଦ୍ୟା-ରତ୍ନ, ଜୟକୃଷ୍ଣ ଚୌଧୁରୀ ପଟ୍ଟନାୟକ, ଉତ୍କଳର ପିତୃ କଳ୍ପ ମଧୁସୂଦନ, ସୁରଙ୍ଗୀ ରାଜା ଚନ୍ଦ୍ର ଚୂଡ଼ାମଣି ହରିଚନ୍ଦନ ଜଗଦେବ (ଉତ୍କଳ ସମ୍ମିଳନୀ ୧୯୦୮ ପୁରୀ ଅଧି-ବେଶନ ଏବଂ ବ୍ରହ୍ମପୁର ଅଧିବେଶନର ସଭାପତି) । ଆଠଗଡ଼ର ରାଜା ବିଶ୍ୱନାଥ ଦେବବର୍ମା ପଟ୍ଟନାୟକ ( ୧୯୦୮ ଉତ୍କଳ ସମ୍ମିଳନୀ କଟକ ଅଧିବେଶନର ସଭାପତି), ବୈକୁଣ୍ଠ ନାଥ ଦେ (ଉତ୍କଳ ସମ୍ମିଳନୀ ୧୯୧୦ କଟକ ଅଧିବେଶନର ସଭାପତି) ବିଶ୍ୱନାଥ କର (ଉତ୍କଳ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା) ବ୍ରଜ ସୁନ୍ଦର ଦାସ୍, ଭିକାରୀ ଚରଣ ପଟ୍ଟନାୟକ, ଭୁବନାନନ୍ଦ ଦାସ୍, ପଣ୍ଡିତ ଗୋଦାବରୀଶ ମିଶ୍ର, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ (ପାରଳାଖେମୁଣ୍ଡି) ଦାମୋଦର କବିରତ୍ନ (ଇଚ୍ଛାପୁର), ଦୈତାରି ପ୍ରସାଦ ଦାସ, (ବାଲେଶ୍ୱର ସେକ୍ରେଟେରୀ ଉତ୍କଳ ସମ୍ମିଳନୀ ୧୯୦୬) ପଣ୍ଡିତ ଗୋପବନ୍ଧୁ ଦାସ (ସଭାପତି ଉତ୍କଳ ସମ୍ମିଳନୀ ୧୯୧୯ କଟକ ଅଧିବେଶନ) ନୂତନ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ଫକୀରମୋହନ ସେନାପତି (୧୯୧୮ କଟକ ଅଧିବେଶନ ଉତ୍କଳ ସମ୍ମିଳନୀର ସଭାପତି) ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ବିଖ୍ୟାତ ଅଭିଧାନ ପ୍ରଣେତା ଗୋପିନାଥ ନନ୍ଦ, ଭକ୍ତ କବି ମଧୁସୂଦନ ରାଓ, ହରିହର ପଣ୍ଡା, ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ (ସିଂହଭୂମ), ସିଂହଭୂମି ଜିଲ୍ଲା କେରା ରାଜ୍ୟର ରାଜା , ଲକ୍ଷ୍ମୀନାରାୟଣ ସିଂହଦେଓ (ଉତ୍କଳ ସମ୍ମିଳନୀ ସଭାପତି—୧୯୧୫ ସମ୍ବଲପୁର) ମଦନ ମୋହନ ସିଂହଦେଓ (ରାଜା ଧରାକୋଟ— ଉତ୍କଳ ସମ୍ମିଳନୀ ୧୯୧୪— କଟକ ଅଧିବେଶନର ସଭାପତି) ନିରଞ୍ଜନ ପଟ୍ଟନାୟକ, ଆସିକା, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ (ଧଳଭୂମ୍ ସିଂହଭୂମ୍ ଉତ୍କଳ ସଭାର ସଭାପତି), ପ୍ୟାରୀମୋହନ ଆଚାର୍ଯ୍ୟ ସମ୍ପାଦକ ଉତ୍କଳ ଦୀପିକା ଓ ପ୍ୟାରୀମୋହନ ଏକାଡେମୀର ପ୍ରତିଷ୍ଠାତା, ଓଡ଼ିଆ ମିଶ୍ରଣ ଆନ୍ଦୋଳନର ଜଣେ ବରିଷ୍ଠ ନେତା) ମୟୂରଭଞ୍ଜ ମହାରାଜା ରାମ ଚନ୍ଦ୍ର ଭଞ୍ଜ ଦେଓ (୧୯୦୩ ଉତ୍କଳ ସମ୍ମିଳନୀ କଟକ ପ୍ରଥମ ଅଧିବେଶନର ସଭାପତି), ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ, ୧୯୦୬ ବ୍ରହ୍ମପୁର ଉତ୍କଳ ସମ୍ମିଳନୀର ସଭାପତି, ବିହାର ଓଡ଼ିଶା ଶାସନ ପରିଷଦର ସଭ୍ୟ ରାଧାକୃଷ୍ଣ ଦାସ୍, ଗୋସ୍ୱାମୀ ମହନ୍ତ ରାଧାକାନ୍ତ ମଠ ପୁରୀ, ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଖଲିକୋଟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନର ନେତା ଏବଂ ଲଣ୍ଡନ ଗୋଲ୍-ଟେବୁଲ ବୈଠକରେ ଓଡ଼ିଶାର ଅନ୍ୟତମ ପ୍ରତିନିଧି, ପଣ୍ଡିତ ରାଜ ଗୋପାଳଗୁରୁ (ମେଣ୍ଟ୍ରୁଷା ଉତ୍କଳ ସମ୍ମିଳନୀ ଆନ୍ଦୋଳନର ଜଣେ ମୁଖ୍ୟ ନେତା) ଶ୍ୟାମସୁନ୍ଦର ରାଜଗୁରୁ ( ପାରଳାଖେମୁଣ୍ଡି—,୧୯୦୨ ଉତ୍କଳ ସମ୍ମିଳନୀ ବ୍ରହ୍ମପୁର ବୈଠକର ସଭାପତି), ଶ୍ରୀନିବାସ ରାଜାମଣି ଦେଓ (ମଞ୍ଜୁଷାର ରାଜା, ଉତ୍କଳ ସମ୍ମିଳନୀ ବାଲେଶ୍ୱର ଅଧିବେଶନ ୧୯୧୬ର ସଭାପତି) ସୁଦାମ ଚନ୍ଦ୍ର ନାୟକ (ଉତ୍କଳ ସମ୍ମିଳନୀର ଜଣେ ମୁଖ୍ୟ ନେତା, ଶଶି ଭୂଷଣ ରଥ (ଦୈନିକ ଆଶା ଓ ନିଉ ଓଡ଼ିଶାର ସମ୍ପାଦକ, ଉତ୍କଳ ସମ୍ମିଳନୀର ଜଣେ ମୁଖ୍ୟ ନେତା ଓ ସମର୍ଥକ), ଡ଼କ୍ଟର ସଚ୍ଚିଦାନନ୍ଦ ସିହ୍ନା (ପାଟଣା ବିଶ୍ୱ-ବିଦ୍ୟାଳୟର ପ୍ରଖ୍ୟାତ କୁଳପତି ଓ ଉତ୍କଳ ସମ୍ମିଳନୀ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମର୍ଥକ) ।

ଆଜି ଓଡ଼ିଶାରେ ଏହି ନେତୃବର୍ଗଙ୍କ ନାମଗୁଡ଼ିକ ବିସ୍ମୃତ ପ୍ରାୟ । ମଧୁସୂଦନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ, ପାରଳା ମହାରାଜା, କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପାଇଁ କାଁ ଭାଁ ଗତାନୁଗତିକ ରୀତିରେ ସ୍ମୃତି ସଭା ଅନୁଷ୍ଠିତ ହେଉଛି । କିନ୍ତୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏହି ନେତା-ମାନଙ୍କର ଯେ ମହନୀୟ ଅବଦାନ ରହିଛି, ତାହା ଓଡ଼ିଆ ଜାତିର ବର୍ତ୍ତମାନ ନେତାମାନେ ତରୁଣ ସମାଜକୁ ଜଣାଇଦେବା ଦରକାର । ଅନ୍ତତଃପକ୍ଷେ ଏହି ପୁଣ୍ୟତିଥିରେ ଆମେ ସେହିମାନଙ୍କ ସ୍ମୃତି ତର୍ପଣ କରି ସେମାନଙ୍କୁ ଆମର ପାରମ୍ପରିକ ରୀତିରେ ବୈଦିକ ମନ୍ତ୍ର ଉଚ୍ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇ କହିବା:—

"ଆୟନ୍ତଃ ନଃ ପିତରଃ ସୋମ୍ୟାଃ ସୋଗ୍ନିଃ ସ୍ୱାତ୍ତା ପଥିଭିଃ ଦେବଯାନୈଃ, ଅସ୍ମିନ୍, ଯଜ୍ଞେ ସଦୟାଃ ମଦନ୍ତୋ ଅଧିବ୍ରୁବନ୍ତୁ, ତେ ଅବନ୍ତୁ ଅସ୍ମାନ୍

ପ୍ରାକ୍ ବୈଦିକ ଯୁଗରୁ ଉତ୍କଳର ଇତିହାସ ନିରବଚ୍ଛିନ୍ନ ଓ ଗୌରବ ବିମଣ୍ଡିତ । ଭାରତୀୟ ସଭ୍ୟତା, ସଂସ୍କୃତି, ସାହିତ୍ୟ କଳା, ସ୍ଥାପତ୍ୟ ଏବଂ ସୌର ବିଜ୍ଞାନ କ୍ଷେତ୍ରରେ ଉତ୍କଳୀୟ ମନୀଷୀମାନଙ୍କ ଦାନ ଅନବଦ୍ୟ ।

### ସ୍କନ୍ଦ ପୁରାଣରେ ଉତ୍କଳ ବର୍ଣ୍ଣନା

ସ୍କନ୍ଦ ପୁରାଣ ବିଷ୍ଣୁ ଖଣ୍ଡ ୨୬ ଓ ୨୭ ଏହି ଦୁଇଟି ଶ୍ଲୋକରେ ଉତ୍କଳ ଦେଶର ମହାତ୍ମ୍ୟ, ଭୌଗୋଳିକ ସ୍ଥିତି ଓ ପ୍ରାକୃତିକ ବିଭବ ତଥା ପ୍ରାଚୁର୍ଯ୍ୟ କଥା ବର୍ଣ୍ଣିତ ହୋଇଛି । ଏହି ମର୍ମସ୍ପର୍ଶୀ ବର୍ଣ୍ଣନାର ଦୁଇଟି ଶ୍ଲୋକ ଏଠାରେ ଉଦ୍ଧାର କରାଗଲା,

"ନାନା ଦ୍ରୁମ ଲତାକୀର୍ଣ୍ଣୈଃ ପର୍ବତୈଃ
ସିନ୍ଧୁଭିଃ ବୃତଃ
ସ ଏଷଃ ଦେଶ ପ୍ରବର ଉତ୍କଳା
ଖ୍ୟୋଦ୍ୱିଜୋତ୍ତମ ।
ଋଷିକୁଲ୍ୟା ସମାମାଦ୍ୟ
ଦକ୍ଷିଣେ ଦଧିଗାମିନୀମ୍
ସ୍ୱର୍ଣ୍ଣରେଖା–ମହାନଦ୍ୟୋ
ର୍ମଧ୍ୟେ ଦେଶ ପ୍ରତିଷ୍ଠିତଃ"

ସ୍କନ୍ଦ ପୁରାଣରେ ବର୍ଣ୍ଣିତ ଏହି ରେଖାରୁ ସ୍ପଷ୍ଟ ଅନୁମିତ ହୁଏ ଓଡ଼ିଶାର ଭୌଗୋଳିକ ଅବସ୍ଥିତି କିପରି ଥିଲା ।

ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ସବ୍-ଡ଼ିଭିଜନ୍‌ର କାଟିଙ୍ଗାମାଳ ଅଞ୍ଚଳ ଋଷିମାଳ ପର୍ବତମାଳାରୁ ଋଷିକୁଲ୍ୟା ନଦୀର ଉତ୍ପତ୍ତି । ସେଠାରେ ନଦୀର ଉତ୍ପତ୍ତି ସ୍ଥାନରେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ତିଥିରେ ପୂର୍ବର ସ୍ମୃତି ସ୍ୱରୂପ ହୋମ କରି ଧର୍ମ ପ୍ରାଣ ଲୋକେ ନଦୀ ଜଳରେ ସ୍ନାନ କରନ୍ତି ।

ଉତ୍କଳର ଅବସ୍ଥିତି ଓ ଭୌଗୋଳିକ ସୀମା ରେଖା ସମ୍ପର୍କରେ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଜଣେ ମହର୍ଷି ଏପରି ବର୍ଣ୍ଣନା କରିଛନ୍ତି । ବାସ୍ତବରେ ଶ୍ରୀକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ରର ଅବସ୍ଥିତି ସମ୍ପର୍କରେ ସ୍କନ୍ଦ ପୁରାଣରେ ଏକ ପ୍ରଶ୍ନର ଉତ୍ତରରେ ଏହି କଥା ବର୍ଣ୍ଣିତ ହୋଇଛି ।

### ଯିଶୁ ଖ୍ରୀଷ୍ଟଙ୍କ ଜଗନ୍ନାଥ ଭ୍ରମଣ

ଗତ ପ୍ରାୟ ଦେଢ଼ବର୍ଷ ତଳେ ଡକ୍ଟର ହରେକୃଷ୍ଣ ମହତାବ ଏକ ଲେଖାରେ ପ୍ରକାଶ କରିଥିଲେ ଯେ, ଆମେରିକାର କାଲି-ଫୋର୍ଣ୍ଣିଆର ସୁପ୍ରିମ ଗ୍ରାଣ୍ଡ ଲଜ୍ ଆମୋରେ ସେନ୍ ଜୋନା ଦ୍ୱାରା ପ୍ରକାଶିତ ଅଧ୍ୟାପକ ଏଚ୍, ସେନ୍‌ସରଙ୍କ ଲିଖିତ "The Mystical Life of Jesus" ନାମକ ବହିରେ ବର୍ଣ୍ଣିତ ଅଛି, "ଯୀଶୁ ବାଲ୍ୟାବସ୍ଥାରେ ଜଗନ୍ନାଥ କ୍ଷେତ୍ରକୁ ଆସିଥିଲେ ।" ଏହି ନଗରଟି ଭାରତର ପୂର୍ବ ଉପକୂଳରେ ଅବସ୍ଥିତ, ଏବଂ ଏହାର ଆଧୁନିକ ନାମ ପୁରୀ, ବହୁ ଶତାବ୍ଦୀ ଯାବତ୍ ଏହି ଧାମଟି ବୌଦ୍ଧଧର୍ମର ପୀଠ ଥିଲା । ଜୟଦେବଙ୍କ ଦଶାବତାରରେ, "ଜଗନ୍ନାଥଙ୍କ ବୁଦ୍ଧ ଶରୀର" କଥା ମଧ୍ୟ ବର୍ଣ୍ଣିତ ଅଛି । ଏଠାରେ ପହଞ୍ଚିବାକୁ ଯୀଶୁଙ୍କୁ ଏକବର୍ଷ ଲାଗିଥିଲା । ସେ ବୌଦ୍ଧ ଗୁରୁମାନଙ୍କୁ ବେଦ ଶିକ୍ଷା ଦେବାପାଇଁ ନିମନ୍ତ୍ରଣ କରିଥିଲେ । ପୁରୀରେ ଥିବା ସମୟରେ ତାଙ୍କ ପିତାଙ୍କ ତିରୋଧାନର ସମ୍ବାଦ ପାଇ ନିଜ ମାତାଙ୍କ ନିକଟକୁ ଯାତ୍ରୀମାନଙ୍କ ହାତରେ ଏକପତ୍ର ଲେଖିଥିଲେ । ସେ ପତ୍ରରେ ଉଲ୍ଲେଖ କରିଥିଲେ "ଦୁଃଖ କରିବ ନାହିଁ ଶୀଘ୍ର ଯାଉଛି" "ସୁନା ମଣି ମାଣିକ୍ୟଠାରୁ ଆହୁରି ମୂଲ୍ୟବାନ୍ ଦାନ ମୁଁ ତୁମକୁ ଦେବି ।"ଇତ୍ୟାଦି,

ଏକଥା ଏଠାରେ ଉଲ୍ଲେଖ କରିବାର କାରଣ ହେଉଛି, ଉତ୍କଳୀୟ ସଭ୍ୟତା ଓ ଜଗନ୍ନାଥ ସଂସ୍କୃତି ଓ ହିନ୍ଦୁଧର୍ମ-ଶାସ୍ତ୍ର ଯୀଶୁ ଖ୍ରୀଷ୍ଟଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ ଅତୀବ ଉନ୍ନତ ଓ ଆଧ୍ୟାତ୍ମିକ ଜ୍ଞାନର ଆଲୋକ ସ୍ୱରୂପ ସମଗ୍ର ବିଶ୍ୱକୁ ଉଦ୍ଭାସିତ କରୁଥିଲା, ଅବଶ୍ୟ କେତେକ ଐତିହାସିକ ପୁରୀ ଜଗନ୍ନାଥଙ୍କ ମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ଇତିହାସକୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ସୀମିତ କରୁଛନ୍ତି । ସେ ଯାହା ହେଉ, ଐତିହାସିକ ବିବାଦ ଭିତରକୁ ପ୍ରବେଶ କରିବା ମୋର ଉଦ୍ଦେଶ୍ୟ ନୁହେଁ । ମୁଁ କେବଳ ଉତ୍କଳର ଐତିହ୍ୟ, ସଂସ୍କୃତି ଓ ସଭ୍ୟତାର ଗୌରବ ଓ ପ୍ରାଚୀନ ମହତ୍ତ୍ୱ କଥା ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ଯୀଶୁଖ୍ରୀଷ୍ଟଙ୍କ ସଂପର୍କିତ ପ୍ରକାଶିତ ତଥ୍ୟର ଅବତାରଣା କରିଛି । କାରଣ ଏହି ଐତିହାସିକ ଜାତିକୁ ବ୍ରିଟିଶ ଶାସନ ସମୟରେ କେବଳ ଯେ ବ୍ରିଟିଶ ଶାସକମାନେ ଛିନ୍ନ, ବିଚ୍ଛିନ୍ନ କରି ତାହାର ସତ୍ତା ଲୋପ କରିବାକୁ ବସିଥିଲେ ତାହା ନୁହେଁ, ସେହି ସାମ୍ରାଜ୍ୟବାଦୀ ଶାସକମାନଙ୍କ ପୁଚ୍ଛଧାରୀ ଭାବରେ ମଧ୍ୟ ଆମର କେତେକ ପଡ଼ୋଶୀ ରାଜ୍ୟର କେତେକ କ୍ଷୁଦ୍ରମନା ନେତା ଓଡ଼ିଶା ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମଧ୍ୟ ବିଲୋପ ସାଧନ କରିବାକୁ ବସିଥିଲେ । ତଥାପି ଓଡ଼ିଆ ଜାତି, ଓଡ଼ିଆ ସଂସ୍କୃତି ସାହିତ୍ୟ ଓ ଭାଷା ଏ ସମସ୍ତ ଘାତ, ପ୍ରତିଘାତ ଭିତର ଦେଇ ଗତି କରି ମଧ୍ୟ ଭାରତରେ ନିଜର ଗୌରବ ପ୍ରତିଷ୍ଠା କରିଛି ଏବଂ ଇତିହାସକୁ ସମୃଦ୍ଧ କରି ରଖିପାରିଛି । ଓଡ଼ିଆ ସମ୍ପର୍କରେ ବିଭିନ୍ନ ପ୍ରାଚୀନ ପୁରାଣରେ ଯେଉଁ ସମସ୍ତ କଥା ବର୍ଣ୍ଣିତ ରହିଛି ସେଥି ମଧ୍ୟରେ କେତେକ ଏଠାରେ ଉଦ୍ଧାର କରିବା ପ୍ରାସଙ୍ଗିକ ହେବ ।

### ଶ୍ରୀମଦ୍ ଭାଗବତରେ ହରିକ୍ଷେତ୍ର ବା ଶ୍ରୀକ୍ଷେତ୍ରର ଉଲ୍ଲେଖ

ମହର୍ଷି ନାରଦ ଶ୍ରୀମଦ୍ ଭାଗବତ ମାହାତ୍ମ୍ୟର ପ୍ରଥମ ଅଧ୍ୟାୟରେ ତାଙ୍କ ପୃଥିବୀ ଭ୍ରମଣ ଏବଂ କଳି ଯୁଗର ଆଗମନ ସମ୍ପର୍କରେ ବର୍ଣ୍ଣନା କରି କହିଛନ୍ତି:

"ଅହଂ ତୁ ପୃଥିବୀଂ ଯାତୋ
ଜ୍ଞାତ୍ୱା ସର୍ବୋତ୍ତମାମିତି
ପୁଷ୍କରଂଚ ପ୍ରୟାଗଂଚ କାଶୀଂ
ଗୋଦାବରୀଂ ତଥା,
ହରି କ୍ଷେତ୍ରଂ କୁରୁକ୍ଷେତ୍ରଂ
ଶ୍ରୀରଙ୍ଗ ସେତୁ ବନ୍ଧନମ୍
ଏବମାଦିଷୁ ତୀର୍ଥେଷୁ
ଭ୍ରମମାଣ ଇତସ୍ତତଃ । ।

ନାରଦଙ୍କ ବର୍ଣ୍ଣିତ ଏହି ହରି କ୍ଷେତ୍ର ହେଉଛି ଆମର ପୁଣ୍ୟ ଭୂମି ଉତ୍କଳର ନୀଳାଚଳ ଧାମ ।

### କାଳିଦାସଙ୍କ ରଘୁବଂଶରେ ଉତ୍କଳ

କାଳିଦାସଙ୍କ ରଘୁବଂଶ ମହାକାବ୍ୟରେ ମଧ୍ୟ ଉତ୍କଳର ବର୍ଣ୍ଣନା ନିମ୍ନ ପ୍ରକାରରେ ଦେଖିବାକୁ ମିଳେ, "ସ ତୀର୍ତ୍ତ୍ୱା କପିସାଂ ସୈନ୍ୟୈଃ ବଦ୍ଧ ଦ୍ୱିରଦ ସେତୁଭିଃ ଉତ୍କଳାଦ୍ ଦର୍ଶିତଃ ପଥଃ କଳିଙ୍ଗାଭିମୁଖଂ ଯଯୌ ।" । କପିଳ ସଂହିତାରେ ମଧ୍ୟ ଉତ୍କଳ ଦେଶର ବର୍ଣ୍ଣନା ନିମ୍ନ ମତେ ରହିଛି "ବର୍ଷାଣାଂ ଭାରତଃ ଶ୍ରେଷ୍ଠଃ ଦେଶେଷୁ ଉତ୍କଳଃସ୍ମୃତଃ । ଉତ୍କଳସ୍ୟ ସମୋଦେଶଃ ଦେଶୋ ନାସ୍ତି ମହୀ ତଳେ ।"

ଏହି ଉତ୍କଳ ଭୂମିରେ ପ୍ରାୟ ଦୁଇହଜାର ବର୍ଷ ତଳେ ଚଣ୍ଡାଶୋକ ଧର୍ମାଶୋକରେ ଦୀକ୍ଷିତ ହୋଇଥିଲେ । ଆଜି ନବ ଉତ୍କଳର ୪୩ ତମ ପ୍ରତିଷ୍ଠା ଦିବସ ପାଳିତ ହେଉଛି । ଶ୍ରୀ ଜଗନ୍ନାଥଦେବଙ୍କ ନବ କଳେବର ପରି ଓଡ଼ିଶାର ପୁର ପଲ୍ଲୀ ଗୁଞ୍ଜିଉଠେ "ବନ୍ଦେ ଉତ୍କଳ ଜନନୀ" ଏହି ମର୍ମସ୍ପର୍ଶୀ ସଙ୍ଗୀତ ଲହରୀ ମଧ୍ୟରେ ଏହି ଉତ୍କଳ ଭୂମିର ପ୍ରକୃତି ଓ ପ୍ରାଧାନ୍ୟ ବର୍ଣ୍ଣନା କରି କବିବର ରାଧାନାଥ ଲେଖି ଯାଇଛନ୍ତି, "ଗଙ୍ଗାଠାରୁ ଗୋଦାବରୀ ଯାଏଁ ବ୍ୟାପି, କୀର୍ତ୍ତିମାନ ଯାର ବିରାଜେ ଅଦ୍ୟାପି" । କିନ୍ତୁ ଆଜି ଉତ୍କଳ କୀର୍ତ୍ତି ଓ ଜଗନ୍ନାଥ ସଂସ୍କୃତି କେବଳ ଭାରତରେ ନୁହେଁ ଭାରତ ବାହାରେ ସୁଦୂର ପାଶ୍ଚାତ୍ୟ ଦେଶମାନଙ୍କରେ ମଧ୍ୟ ସମ୍ମାନ ଲାଭ କରିଛି ।

### ମଧ୍ୟଯୁଗରେ ଉତ୍କଳ

ପ୍ରାଗ୍ ବୈଦିକ ଯୁଗର ଏହି ଉତ୍କଳ ଦେଶ ଇତିହାସର ବହୁ ଆବର୍ତ୍ତନ ଓ ବିବର୍ତ୍ତନ ମଧ୍ୟ ଦେଇ ଏକ ସୁସଂହତ ଓ ସ୍ୱାଧୀନ ଦେଶ ରୂପେ ମୁଣ୍ଡ ଟେକି ଉଠିଲା ୧୧୧୨ ଖ୍ରୀ:ରେ । ଏହି ସ୍ୱାଧୀନ ଉତ୍କଳ ଦେଶର ସ୍ୱାଧୀନତା ୧୫୬୮ ରେ କ୍ଷୁର୍ଣ୍ଣ ହେବାକୁ ଲାଗିଲା ।

ଅଫଗାନମାନଙ୍କ ଆକ୍ରମଣ ଯୋଗୁଁ ୧୫୭୬ ରେ ଆକ୍ବରଙ୍କ ଆକ୍ରମଣ ଓଡ଼ିଶା ପ୍ରତି ଆଉ ଏକ ବିପଦ ହୋଇ ପଡ଼ିଥିଲା । ୧୭୫ ବର୍ଷ ମୋଗଲ ଆଧିପତ୍ୟ ପରେ ମରହଟ୍ଟାମାନେ ୧୭୫୧ ରେ ଓଡ଼ିଶାରେ ପ୍ରବେଶ କଲେ । ୧୮୧୭ ରୁ—୨୦ ମଧ୍ୟରେ ସମ୍ବଲପୁର ଅଞ୍ଚଳ ଓ ଖଡ଼େଇକଳା, ଖରସୁଆଁ ବ୍ରିଟିଶ-ମାନଙ୍କ ଅଧୀନସ୍ଥ ହେଲା । ମୋଟ ଉପରେ ୧୮୪୮ ସୁଦ୍ଧା ବ୍ରିଟିଶମାନେ ଓଡ଼ିଶାରେ ଆସ୍ଥାନ ମଜବୁତ୍ କରିବାପାଇଁ ଛିଡ଼ି ପଡ଼ କଲେ ।

## ଓଡ଼ିଶାରେ ସଂଗ୍ରାମ

କିନ୍ତୁ ସମ୍ବଲପୁର ଅଞ୍ଚଳରେ ବୀର ସୁରେନ୍ଦ୍ର ସାଏ, ଖୋର୍ଦ୍ଧାପାଇକ ବିଦ୍ରୋହ, ଚକ୍ର ବିଶୋଇଙ୍କ ପ୍ରଚଣ୍ଡ ଆକ୍ରମଣ, କଳମେଡ଼ି, ବକ୍ସି ଜଗବନ୍ଧୁଙ୍କ ବିଦ୍ରୋହ ପ୍ରଭୃତି ବ୍ୟାପକ ବିଦ୍ରୋହ ଯୋଗୁଁ ବ୍ରିଟିଶମାନେ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ । ପରେ ପରେ କେତେକ ବିଶ୍ୱାସ-ଘାତକ, ଦେଶଦ୍ରୋହୀଙ୍କ ସାହାଯ୍ୟରେ ବ୍ରିଟିଶ-ମାନେ ଓଡ଼ିଶାକୁ ଦଖଲ କରି ଏହି ପ୍ରାଚୀନ ରାଜ୍ୟକୁ ଖଣ୍ଡ ବିଖଣ୍ଡ କରି ମାନ୍ଦ୍ରାଜ, ବଙ୍ଗ, ମଧ୍ୟପ୍ରଦେଶ ପ୍ରଭୃତି ପ୍ରଦେଶଗୁଡ଼ିକର ଶାସନାଧୀନ କରି ରଖିବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତୀୟତା, ସଂସ୍କୃତି, କଳା ଓ ସାହିତ୍ୟ ମୂଳରେ କୁଠାରା ଘାତ କରିବାକୁ ଆରମ୍ଭ କଲେ । ବ୍ରିଟିଶ ଶାସନ କାଳରେ ଖଣ୍ଡ ବିଖଣ୍ଡିତ ଓଡ଼ିଶାର ଆତ୍ମା ନିଷ୍ପେଷିତ ହୋଇ ଏପରି କିଛିକାଳ ରହିଲା ।

## ଉତ୍କଳ ଦୀପିକା

କିନ୍ତୁ ପୁଣି ଏହି ନିଷ୍ପେଷିତ ଆତ୍ମାର ଅଭିବ୍ୟକ୍ତି ହେଲା ୧୮୬୬ ର ଦୁର୍ଭିକ୍ଷ ପରେ । ଉତ୍କଳ ଦୀପିକା ମାଧ୍ୟମରେ ଓଡ଼ିଶାର ପକ୍ଷବଳମ୍ୱୀ ନିନାଦିତ ହେଲା ଏବଂ ବ୍ରିଟିଶ ସରକାରଙ୍କ ନିଦ୍ରାଭଙ୍ଗ ଏଇଠାରୁ ହିଁ ଆରମ୍ଭ ହେଲା । ୧୮୬୮ ରେ ସେକ୍ରେଟାରୀ ଅଫ ଷ୍ଟେଟସ୍ ସାର ଷ୍ଟାଫୋର୍ଡନାର୍ଥ କୋଟ୍ ପ୍ରଶାସନିକ ସୁବିଧା ଦୃଷ୍ଟିରୁ ବଙ୍ଗ ପ୍ରଦେଶରୁ ଓଡ଼ିଶାକୁ ପୃଥକ୍ କରିବା ପାଇଁ ସୁପାରିଶ୍ କଲେ । ଭାରତ ସରକାରଙ୍କ ତତ୍କାଳୀନ ଏଡ଼ୁଇଣ୍ଟେଣ୍ଟ-ଜେନେରାଲ ଜର୍ଜ ଗ୍ରିୟର୍ସନ୍ "ଇଣ୍ଡିଆନ ଏଣ୍ଟିକ୍ୱେରି" ନାମକ ପତ୍ରିକାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୁଡ଼ିକର ସମ୍ମିଶ୍ରଣରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସୁପାରିଶ୍ କଲେ । ଏହାପରେ ୧୯୦୨ ରେ ରମ୍ଭା ପ୍ରାସାଦରେ ହରିହର ମର୍ଦ୍ଦରାଜ, ନୀଳମଣି ବିଦ୍ୟାରତ୍ନ ଓ ଟ୍ୟାଉ ପଟ୍ଟନାୟକଙ୍କ ଉଦ୍ୟମରେ ଉତ୍କଳ ସମ୍ମିଳନୀର ବୀଜ ବପନ ହେଲା ।

୧୯୦୨ ରେ ବ୍ରହ୍ମପୁର ଉତ୍କଳ ୟୁନିଅନ ସମ୍ମିଳନୀର ପ୍ରାରମ୍ଭିକ ବୈଠକ ବସିଲା । ୧୯୦୩ ଡ଼ିସେମ୍ବର ୩ ତାରିଖରେ ଭାରତ ସରକାରଙ୍କ ପକ୍ଷରୁ ହରଲେଟ ସର୍କୁଲର ପ୍ରକାଶିତ କରାଯାଇ ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ଗୁଡ଼ିକର ମିଶ୍ରଣ କରି ସେଗୁଡ଼ିକୁ ଏକ ଶାସନାଧୀନ କରିବାକୁ ମତ ପ୍ରକାଶ ପାଇଲା ।

ଓଡ଼ିଶାର ଏହି ଐତିହାସିକ ମୁହୂର୍ତ୍ତରେ ଜାତିର କର୍ଣ୍ଣଧାର ରୂପେ ମଧୁସୂଦନଙ୍କ ଆବିର୍ଭାବ ଘଟିଲା । କଟକ ଇଦ୍‌ଗା ପଡ଼ିଆରେ ଐତିହାସିକ ଉତ୍କଳ ସମ୍ମିଳନୀରେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଅଧ୍ୟକ୍ଷତାରେ ମଧୁସୂଦନଙ୍କ ପ୍ରେରଣା ଓ ନେତୃତ୍ୱରେ "ଉ ଠରେ ଉଠରେ ଉତ୍କଳ ସନ୍ତାନ" ମନ୍ତ୍ର ନିନାଦିତ ହେଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏଥିରେ ରାଜା ମହାରାଜାଙ୍କଠାରୁ ଆରମ୍ଭ କରି ଗଞ୍ଜୀ, ମୁନିଆଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ ପ୍ରାଣରେ ଜାଗି ଉଠିଲେ । ୧୯୧୧ ରେ ବଙ୍ଗ ପ୍ରଦେଶରୁ ପୃଥକ୍ କରାଯାଇ ବିହାର-ଓଡ଼ିଶା ପ୍ରଦେଶ ଗଠିତ ହେଲା । ମଧୁସୂଦନ ବିହାର-ଓଡ଼ିଶା କାଉନ୍ସିଲରେ ସଭ୍ୟ ଓ ମନ୍ତ୍ରୀ ହେଲେ ଏବଂ ପରେ ବିନା ଦରମାରେ ମନ୍ତ୍ରୀ ରହି ଆଇନ୍ ବ୍ୟବସାୟ କରିବାକୁ ଦାବୀ କରି ମନ୍ତ୍ରୀତ୍ୱରୁ ପ୍ରତ୍ୟାଖ୍ୟାନ କଲେ । ଏହି କାଉନ୍ସିଲରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ପଣ୍ଡିତ ଗୋପବନ୍ଧୁ, ପଣ୍ଡିତ ଗୋଦାବରୀଶ, ବାଗ୍ମୀ ବିଶ୍ୱନାଥ କର, ଇମ୍ପିରିଆଲ୍ କାଉନ୍ସିଲ୍‌ରେ ପଣ୍ଡିତ ନୀଳକଣ୍ଠ ପ୍ରମୁଖ ଆନ୍ଦୋଳନ ଚଳାଇଲେ । ସେହିପରି ଗଞ୍ଜାମରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଶଶି ଭୂଷଣ ରଥ, ଖଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ, କିଜିଡ଼ି ରାଜା ବୈରିଚନ୍ଦ୍ର, ସମ୍ବଲପୁର ଅଞ୍ଚଳରେ ଚନ୍ଦ୍ରଶେଖର ବେହେରା, ସିଂହଭୂମିରେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସଂଗ୍ରାମ ଚଳାଇଲେ । ୧୯୧୭ ରେ ବ୍ରିଟିଶ ସରକାରଙ୍କ ମଣ୍ଟେଗୁ କମିଶନଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ମାରକ ପତ୍ର ଦିଆଗଲା । କମିଶନ ଓଡ଼ିଶା ଉତ୍କଳ ପ୍ରଦେଶ ଗଠନ ପାଇଁ ସୁପାରିଶ୍ କଲେ । ଏହା ବିରୁଦ୍ଧରେ ତୀବ୍ର ପ୍ରତିବାଦ ପ୍ରକାଶ ପାଇଲା । ଏହା ପରେ ଫିଲିପଡ଼ଫ୍ କମିଟି ନିଯୁକ୍ତ ହେଲା । ଏହି କମିଟି ଓଡ଼ିଶା ପ୍ରଦେଶ ଗଠନ ପାଇଁ ସୁପାରିଶ୍ କଲେ । ଏହାପରେ ୧୯୨୮ ରେ ସାଇମନ୍ କମିଶନ୍ ଅଟଲି ସବ୍‌କମିଟି ଓଡ଼ିଆ ପ୍ରଦେଶ ଗଠନ ପାଇଁ ସୁପାରିଶ୍ କଲେ । ଏହାପରେ ୧୯୩୧ ରେ ଓଡ଼ନେଲ କମିଟି ଓଡ଼ିଶା ପ୍ରଦେଶ ଗଠନର ସୀମା ନିର୍ଦ୍ଧାରଣ ପାଇଁ ନିଯୁକ୍ତି ହେଲା । ଇତି ମଧ୍ୟରେ କୃଷ୍ଣଚନ୍ଦ୍ରଗଜପତି ବିଲାତ ଯାଇ ଗୋଲଟେବୁଲ ବୈଠକରେ ଓଡ଼ିଶା ପାଇଁ ଦୃଢ଼ ଦାବୀ ଉପସ୍ଥାପିତ କଲେ । ୧୯୩୬ ଅପ୍ରେଲ ପହିଲା ଦିନ ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । କିନ୍ତୁ ସେତେବେଳକୁ ଓଡ଼ିଆ ଜାତିର କର୍ଣ୍ଣଧାର ମଧୁସୂଦନ ଓ ପଣ୍ଡିତ ଗୋପବନ୍ଧୁ ଆଉ ନଥିଲେ ।

ସେହି ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଯେଉଁମାନେ ଅନ୍ୟ ପ୍ରଦେଶର ବିଷାକ୍ତ ପ୍ରଭାବରୁ ବଞ୍ଚାଇ ରଖି ପାରିଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ, ଭକ୍ତ କବି ମଧୁସୂଦନ ରାଓ, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ପଲ୍ଲିକବି ନନ୍ଦକିଶୋର ବଳ ।

ସ୍ୱତନ୍ତ୍ର ଉତ୍କଳ ଗଠନର ପୁଣ୍ୟ ସ୍ମୃତି ପ୍ରତ୍ୟେକ ଓଡ଼ିଆକୁ ନିଜର ଅତୀତ ଗୌରବ ସମ୍ପର୍କରେ ସଚେତନ କରୁ ଏବଂ ସମୃଦ୍ଧ ଭବିଷ୍ୟତ ଗଠନ ପାଇଁ ଆମ ପ୍ରାଣରେ ସାହସ ସଙ୍କଳ୍ପ ଓ ଶକ୍ତି ଭରିଦେଉ ।

କାଦିନୀଟୋଲ,
କଟକ-୨

## ଅପର ସୁକତେଲ ଜଳସେଚନ ଯୋଜନା

ଅପର ସୁକତେଲ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବା ନିମନ୍ତେ ଯୋଜନା କମିଶନଙ୍କ ମଞ୍ଜୁରୀ ମିଳିଛି । ୧ କୋଟି ୨୭ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ଅଟକଳରେ ବଲାଙ୍ଗିର ଜିଲାରେ କାର୍ଯ୍ୟକାରୀ ହେଉଥିବା ଏହି ମଧ୍ୟମ ଜଳସେଚନ ଯୋଜନା ୧ ହଜାର ୧୨ ହେକ୍ଟର ଖରିଫ୍ ଓ ୫୦୬ ହେକ୍ଟର ରବିଫସଲକୁ ଜଳ ଯୋଗାଇବ । ଏହି ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି ଓ ଏହା ୧୯୮୧-୮୨ ମସିହା ମଧ୍ୟରେ ସଂପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଆଦିବାସୀ ପିଲାଙ୍କ ବିକାଶ ପାଇଁ
# ସରକାରୀ ଯୋଜନା

**ଶ୍ରୀ ବୀରଭଦ୍ର ସିଂ**
ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ରାଷ୍ଟ୍ରମନ୍ତ୍ରୀ

ଶିଶୁ ହେଉଛି ମାନବର ଜନକ Child is the father of man ଆଜିର ଶିଶୁ କାଲିର ନାଗରିକ ଏବଂ ନାଗରିକମାନେ ହେଲେ ଦେଶର ମେରୁଦଣ୍ଡ । ତେଣୁ ଗୋଟିଏ ଦେଶର ସମୃଦ୍ଧି ଓ ସୁସ୍ଥ ବାତାବରଣ ସେ ଦେଶର ଶିଶୁମାନଙ୍କର ଲାଳନ ପାଳନ ଉପରେ ନିର୍ଭର କରେ । ସେଥିପାଇଁ ଯୀଶୁ ଖ୍ରୀଷ୍ଟଙ୍କ ଠାରୁ ଆରମ୍ଭ କରି ମହାତ୍ମାଗାନ୍ଧୀଙ୍କ ପର୍ଯ୍ୟନ୍ତ ସମସ୍ତେ ଶିଶୁମାନଙ୍କର କଲ୍ୟାଣ, ସେମାନଙ୍କର ଶିକ୍ଷା ଦୀକ୍ଷା ଆଦି ତାଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ସେମାନେ ଠିକ୍ ଭାବରେ ବୁଝିଥିଲେ ଯେ ମାନବ ଜୀବନ ମଧ୍ୟରେ ଶିଶୁଟି ଗଠନ ଅବସ୍ଥାରେ ଥାଏ । ତେଣୁ ସେହି ସମୟରେ ତାକୁ ଶାରୀରିକ ଓ ମାନସିକ ଯେଉଁଳି ଭାବରେ ଗଠନ କରାଯିବ, ଭବିଷ୍ୟତରେ ସେ ସେଉଁଳି ନାଗରିକ ହୋଇ ବାହାରିବ ଏବଂ ଦେଶ ପକ୍ଷରେ ସେଉଁଳି ମଙ୍ଗଳକାରକ ହେବ ।

ଆମ ଜନସଂଖ୍ୟାର ଶତକଡ଼ା ପ୍ରାୟ ୫୦ ଭାଗ ହେଉଛନ୍ତି ୨୦ ବର୍ଷରୁ କମ ବୟସର ବାଳକ ବାଳିକା । ସେମାନଙ୍କ ମଧ୍ୟରୁ ଛ' ବର୍ଷରୁ ଚଉଦ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କର ସଂଖ୍ୟା ମୋଟ ଜନ ସଂଖ୍ୟାର ଶତକଡ଼ା ୨୫ ଭାଗ । ଏଥିରୁ ଦେଖାଯାଉଛି ଯେ ଆମ ଦେଶର ପିଲା-ମାନଙ୍କର ସଂଖ୍ୟା ବହୁତ ବେଶୀ । ଦେଶର ମଙ୍ଗଳ ପାଇଁ ଯେଉଁସବୁ ଯୋଜନା ହାତକୁ ନିଆଯାଉଛି ସେଥିରେ ଶିଶୁମାନଙ୍କର କଲ୍ୟାଣ ପାଇଁ ଗୁରୁତ୍ୱ ରହିବା ସ୍ୱାଭାବିକ । କାରଣ ଯୋଜନାର ଲକ୍ଷ୍ୟ ହେଲା ମାନବର ସର୍ବାଙ୍ଗୀନ ଉନ୍ନତି ସାଧନ । ଶିଶୁମାନଙ୍କୁ ଛାଡ଼ି ମାନବର ସର୍ବାଙ୍ଗୀନ ଉନ୍ନତି ଚିନ୍ତା କରାଯାଇ ନପାରେ । ଏ ସମ୍ପର୍କରେ ପଣ୍ଡିତ ଜବାହାର-ଲାଲ ନେହେରୁଙ୍କ ଏକ ଉକ୍ତି ଉଦ୍ଧାର କରିବା ପ୍ରାସଙ୍ଗିକ ହେବ । ସେ କହିଥିଲେ "Instad of building a building, we should build a builder" ଅର୍ଥାତ୍ ଅଟ୍ଟାଳିକା ନିର୍ମାଣ କରିବା ଅପେକ୍ଷା ଜଣେ ନିର୍ମାତାକୁ ଗଠନ କରିବା ଶ୍ରେୟସ୍କର । ସେଥିପାଇଁ ସେ ନିଜର ଜନ୍ମ ଦିବସକୁ ଶିଶୁ ଦିବସ ରୂପେ ପାଳନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ।

ଆମ ଦେଶରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ବସବାସ କରନ୍ତି । ତେଣୁ ଆମ ଦେଶର ଶିଶୁମାନଙ୍କ ମଙ୍ଗଳ କଥା ଚିନ୍ତା କଲାବେଳକୁ ସେମାନଙ୍କର ସମସ୍ୟାମାନ ଯେ ଏକା ନୁହେଁ—ଏକଥା ମନେ ରଖିବାକୁ ହେବ । ସମସ୍ୟାକୁ ନେଇ ସମାଧାନର ବାଟ କରା-ଯାଇଥାଏ । ତେଣୁ ବିଭିନ୍ନ ସମ୍ପ୍ରଦାୟର ଶିଶୁମାନଙ୍କର ମଙ୍ଗଳ ବା ବିକାଶ ପାଇଁ ବିଭିନ୍ନ ପଦ୍ଧତି ଅନୁସରଣ ଏକାନ୍ତ ଅପରି-ହାର୍ଯ୍ୟ । ଉଦାହରଣ ସ୍ୱରୂପ ଆମ ଦେଶର ସାଧାରଣ ଶିଶୁମାନଙ୍କର ଅବସ୍ଥା ଯାହା ଆଦିବାସୀ ଓ ହରିଜନ ଶିଶୁମାନଙ୍କର ଅବସ୍ଥା ତାହା ନୁହେଁ । ପୁଷ୍ଟିହୀନତା କୁସଂସ୍କାର, ଅନ୍ଧବିଶ୍ୱାସ, ଦାରିଦ୍ର୍ୟ ଓ ଶିକ୍ଷା ପାଇଁ ପରିବେଶର ଅଭାବ ମଧ୍ୟରେ ସାଧାରଣତଃ ଆଦିବାସୀ ପିଲାମାନେ ଅଛନ୍ତି । ଶିଶୁର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟତଃ ତାର ସ୍ୱାସ୍ଥ୍ୟ ଓ ଶିକ୍ଷା—ଏହି ଦୁଇଟି ସବୁଠାରୁ ଗୁରୁତ୍ୱ-ପୂର୍ଣ୍ଣ । ଶିକ୍ଷା ବିନା କୌଣସି ଶିଶୁ ସୁନାଗରିକ ହୋଇ ପାରିବ ନାହିଁ । ତେଣୁ ଶିଶୁମାନଙ୍କର ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଯିବା ସ୍ୱାଭାବିକ ।

ଏହି ଅବସରରେ ଆଦିବାସୀମାନଙ୍କ ସମ୍ପର୍କରେ ଦୁଇପଦ କହିବା ଅପ୍ରାସଙ୍ଗିକ ହେବ ନାହିଁ । ଆମ ରାଜ୍ୟର ଆଦିବାସୀ ମାନଙ୍କର ସଂଖ୍ୟା ହେଲା ଶତକଡ଼ା ପ୍ରାୟ ୨୪ ଭାଗ । ଏମାନଙ୍କ ମଧ୍ୟରୁ ଅଧିକାଂଶ ସାଧାରଣତଃ ଜନ ବସତିର ବହୁ ଦୂର ଦୂରାନ୍ତରେ ବଣ ଜଙ୍ଗଲ କନ୍ଦରରେ ବସବାସ କରୁଛନ୍ତି । ସଭ୍ୟତାର ଆଲୋକରୁ ସେମାନେ ବଞ୍ଚିତ । ନିରକ୍ଷରତା, କୁସଂସ୍କାର, ଅନ୍ଧ ବିଶ୍ୱାସ ଆଦି ବ୍ୟାଧି ମାଧ୍ୟମରେ ସେମାନେ ଅତ୍ୟନ୍ତ ଦରିଦ୍ର ଅବସ୍ଥାରେ କାଳାତିପାତ କରନ୍ତି । ଏମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭିନ୍ନ ଯୋଜନା ହୋଇଥିଲେ ମଧ୍ୟ ସେମାନଙ୍କର ଆଶାନୁରୂପ ଉନ୍ନତି ହୋଇ ପାରିନାହିଁ । କାରଣ ଯୋଜନାଗୁଡ଼ିକ ସହିତ ସେମାନେ ନିଜକୁ ଠିକ୍ ଭାବରେ ପରିଚିତ କରାଇ ସେଥିରୁ ସୁବିଧା ହାସଲ କରିବାକୁ ଆଗେଇ ଆସି ପାରିନାହାନ୍ତି । ଏହାର ମୁଖ୍ୟ କାରଣ ହେଲା ସେମାନଙ୍କର ଶିକ୍ଷାର ଅଭାବ । ଯେଉଁମାନେ ଶିକ୍ଷାଲାଭ କରିଛନ୍ତି ସେମାନେ ଭଲା ଅଧିକେ ଆଧୁନିକ ସମାଜ ସହିତ ମିଶିଯାଇ ପାରିଛନ୍ତି । ତେଣୁ ବର୍ତ୍ତମାନ ଉପଲବ୍ଧି କରାଯାଉଛି ଯେ ଶିକ୍ଷାହିଁ କେବଳ ସେମାନଙ୍କର ଉନ୍ନତିର ପ୍ରଥମ ଓ ପ୍ରଧାନ ସୋପାନ । ଏହି ଦୃଷ୍ଟିରୁ ସରକାରଙ୍କ ତରଫରୁ ଆଦିବାସୀ ଓ ହରିଜନ ପିଲାମାନଙ୍କ ଶିକ୍ଷାଦାନ ଉପରେ ବିଶେଷ ଗୁରୁତ୍ୱ ଦିଆ-ଯାଉଛି ।

୧୯୬୧ ଜନ ଗଣନା ଅନୁଯାୟୀ ଆମ ରାଜ୍ୟର ଆଦିବାସୀ ଲୋକଙ୍କର ସଂଖ୍ୟା ହେଲା ୫୦ ଲକ୍ଷ ୭୧ ହଜାର ୯୩୭ । ଏମାନଙ୍କର ସାକ୍ଷରତା ହେଲା ଶତକଡ଼ା ୯.୫ ଅର୍ଥାତ୍ ପ୍ରତି ଶହେ ଲୋକରେ ୯୦ ଜଣ ନିଜର ଦସ୍ତଖତ ସୁଦ୍ଧା କରି ଜାଣନ୍ତିନାହିଁ । ୬ବର୍ଷରୁ ୧୪ ବର୍ଷ ମଧ୍ୟରେ ଆଦିବାସୀ ପିଲାଙ୍କ ସଂଖ୍ୟା ହେଲା ୧୨ ଲକ୍ଷ ୨୭ ହଜାର ୨୪୫ । ଏହି ଆଦିବାସୀ ପିଲାମାନଙ୍କ ମଧ୍ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାରେ ଯୋଗ ଦେଉଥିବା ପିଲାମାନଙ୍କର ସଂଖ୍ୟା ହେଲା ୪ଲକ୍ଷ ୫୪ ହଜାର ୨୨୪ । ୬ଷ୍ଠ ଶ୍ରେଣୀରୁ ୮ମ ଶ୍ରେଣୀ ମଧ୍ୟରେ ଥିବା ପିଲାଙ୍କ ସଂଖ୍ୟା ହେଲା ୩୭ ହଜାର ୪୯୭ ଓ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଯାଉଥିବା ଆଦିବାସୀ ପିଲାଙ୍କ ସଂଖ୍ୟା ହେଲା ମାତ୍ର ୨୧ ହଜାର ୬୬୧ । କଲେଜ ଶିକ୍ଷା କରୁଥିବା ଆଦିବାସୀ ପିଲାଙ୍କ ସଂଖ୍ୟା ସମୁଦାୟ ରାଜ୍ୟରେ ମାତ୍ର ୨ ହଜାର ୬୨୪ । ଏଥିରୁ ସ୍ପଷ୍ଟ ଦେଖାଯାଉଛି ଯେ ଶିକ୍ଷା ପ୍ରତି ଆଦିବାସୀ ପିଲାମାନେ ଆଦୌ ଆକୃଷ୍ଟ ନୁହନ୍ତି । ୬ବର୍ଷରୁ ୧୪ ବର୍ଷ ଶିଶୁଙ୍କ ସଂଖ୍ୟା ପ୍ରାୟ ୧୨ ଲକ୍ଷ ସ୍ଥଳେ ପ୍ରାଥମିକ ଶିକ୍ଷାରେ ଯୋଗ ଦେଉଥିବା ପିଲାଙ୍କ ସଂଖ୍ୟା ମାତ୍ର ୪ ଲକ୍ଷ । ଅର୍ଥାତ୍ ଆହୁରି ୮ ଲକ୍ଷ ଶିଶୁ ଶିକ୍ଷା ଲାଭରୁ ବିରତ ରହୁଛନ୍ତି ।

ଆଦିବାସୀ ପିଲାମାନେ ଶିକ୍ଷା ପ୍ରତି ଆକୃଷ୍ଟ ହେଉ ନ ଥିବାର ପ୍ରଧାନ କାରଣ ହେଲା ସେମାନଙ୍କ ମଧ୍ୟରେ ଶିକ୍ଷାର ପରିବେଶ ନାହିଁ । ଶିକ୍ଷାର ଉପାଦେୟତା ସେମାନେ

ମୋଟେ ସୁବିଧାଜନକ ହୋଇ ପାରିନାହାନ୍ତି । ପିତାମାତାଙ୍କର ଉତ୍କଟ ଦାରିଦ୍ର୍ୟ ଯୋଗୁଁ ପିଲାମାନଙ୍କ ଶିକ୍ଷାର ଭାର ବହନ କରିବା ସେମାନଙ୍କ ପକ୍ଷରେ ସମ୍ଭବ ହୁଏନାହିଁ । ଅପରନ୍ତୁ ପିଲାମାନେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହୋଇ ପିତା ମାତାଙ୍କୁ ଆର୍ଥିକ ଦୃଷ୍ଟିରୁ ସାହାଯ୍ୟ କରିଥାନ୍ତି । ଆଦିବାସୀ ପିଲାମାନଙ୍କର ନିଜର ସ୍ୱତନ୍ତ୍ର ଭାଷା ଥିବା ଦୃଷ୍ଟିରୁ ବିଦ୍ୟାଳୟରେ ଶିକ୍ଷାର ମାଧ୍ୟମ ଭାଷା ତାଙ୍କ ପ୍ରତି ବୋଧଗମ୍ୟ ହୁଏନାହିଁ । ତେଣୁ ସେମାନେ ପାଠ ସହଜେ ଗ୍ରହଣ କରି ପାରନ୍ତିନାହିଁ । ଏଥିପାଇଁ ବିଦ୍ୟାଳୟରେ ଯଦି ଭର୍ତ୍ତି ହୁଅନ୍ତି ତେବେ ସେମାନେ ପଢ଼ାଛାଡ଼ି ଚାଲିଯାଆନ୍ତି । ତେଣୁ ବିଦ୍ୟାଳୟ ମାନଙ୍କରେ ସେମାନଙ୍କ ପ୍ରତି ଯଥେଷ୍ଟ ସହାନୁଭୂତିର ଅଭାବ ମଧ୍ୟ ଅନ୍ୟ ଏକ କାରଣ ।

ଉପରୋକ୍ତ ଅସୁବିଧାଗୁଡ଼ିକର ସମାଧାନ କଳ୍ପେ ଆଦିବାସୀ ଓ ହରିଜନ ପିଲାମାନଙ୍କର ଶିକ୍ଷା ପାଇଁ ରାଜ୍ୟର ସୀମିତ ସମ୍ବଳ ମଧ୍ୟରେ ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଅଞ୍ଚଳରେ ୩୬ଟି ଆବାସିକ ସେବାଶ୍ରମ ପ୍ରତିଷ୍ଠା କରାଯାଇଅଛି । ଏଥିରେ ଶିକ୍ଷା ଲାଭ କରୁଥିବା ପିଲାମାନଙ୍କର ରହିବା, ଖାଇବା, ପଢ଼ିବା ଓ ପୋଷାକ ଆଦି ଯାବତୀୟ ଖର୍ଚ୍ଚ ସରକାର ବହନ କରୁଅଛନ୍ତି । ଏହି ବିଦ୍ୟାଳୟ ମାନଙ୍କରେ ପନିପରିବା ତଥା ବିଭିନ୍ନ ଫଳ ଉତ୍ପନ୍ନ କରି ପିଲାମାନଙ୍କୁ ଯୋଗାଇ ଦେବା ପାଇଁ ଯଥେଷ୍ଟ ଜମି ମଧ୍ୟ ଯୋଗାଇ ଦିଆ ଯାଇଅଛି । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବିଭିନ୍ନ ଅଞ୍ଚଳରେ ୭୬୯ଟି ନିମ୍ନ ପ୍ରାଥମିକ ସେବା ଶ୍ରମ ଓ ୪୦୬ଟି ଉଚ୍ଚ ପ୍ରାଥମିକ ସେବାଶ୍ରମ ନିର୍ମାଣ କରାଯାଇଛି । ଏଥିରେ ପଢୁଥିବା ପିଲାମାନଙ୍କୁ ମାଗଣାରେ ପୋଷାକ ଓ ସମସ୍ତ ପାଠ୍ୟ ପୁସ୍ତକ ଆଦି ଯୋଗାଇ ଦିଆ ଯାଇଥାଏ । ଏହି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ତଥା ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାର ବନ୍ଦୋବସ୍ତ ହୋଇଅଛି । ସାଧାରଣ ଶିକ୍ଷା ବିଭାଗ ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପଢୁଥିବା ଆଦିବାସୀ ପିଲାମାନଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ଆଦି ଯୋଗାଇ ଦିଆ ଯାଉଅଛି । ଏହି ମଧ୍ୟାହ୍ନ ଭୋଜନ ମାଧ୍ୟମରେ ତଥା ଏହାର ପରିମାଣ ବଢ଼ାଇ ପ୍ରାଥମିକ ଶିକ୍ଷାରୁ ବିରତ ରହୁଥିବା ପ୍ରାୟ ଆଠ ଲକ୍ଷ ପିଲାଙ୍କୁ କ୍ରମଶଃ ଆକୃଷ୍ଟ କରାଇବାର ପ୍ରଚେଷ୍ଟା ହେଉଅଛି ।

ଏତଦ୍ ବ୍ୟବସ୍ଥା ସତ୍ତ୍ୱେ ଦେଖାଯାଉଛି ଯେ ଅନେକ ଆଦିବାସୀ ପିଲା ପ୍ରାଥମିକ ସ୍ତରରେ ପଢ଼ା ଛାଡ଼ି ଚାଲି ଆସୁଛନ୍ତି । ଏହାର ଅନ୍ୟତମ କାରଣ ହେଲା ବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷାର ମାଧ୍ୟମ ତାଙ୍କ ପ୍ରତି ଦୁର୍ବୋଧ୍ୟ ହେଉଛି । ତେଣୁ ଏହି ଅସୁବିଧାକୁ ଦୂର କରିବା ପାଇଁ ଓଡ଼ିଆ ଭାଷା ସହିତ ଆଦିବାସୀମାନଙ୍କର ନିଜ ମାତୃଭାଷା ମାଧ୍ୟମରେ ମଧ୍ୟ ଶିକ୍ଷା ଦିଆଯିବାର ପରିକଳ୍ପନା କରାଯାଉଛି । ଆଦିବାସୀ ପିଲାମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ଆବାସିକ ବିଦ୍ୟାଳୟ ହିଁ ସର୍ବୋତ୍କୃଷ୍ଟ ପନ୍ଥା । କିନ୍ତୁ ଏଥିପାଇଁ ପ୍ରଚୁର ସମ୍ବଳ ଆବଶ୍ୟକ । ସୀମିତ ସମ୍ବଳ ମଧ୍ୟରେ ଆସନ୍ତା ବର୍ଷ ୫୦ ଲକ୍ଷ ଟଙ୍କା ବ୍ୟୟରେ ୨୫ଟି ସେବାଶ୍ରମ ବିଦ୍ୟାଳୟକୁ ଆବାସିକ ସେବାଶ୍ରମ ୧୩ଟି ଆବାସିକ ସେବାଶ୍ରମକୁ ମଧ୍ୟଇଂରାଜୀ ବିଦ୍ୟାଳୟ ବା ଆଶ୍ରମ ବିଦ୍ୟାଳୟ ଏବଂ ୧୪ଟି ମଧ୍ୟଇଂରାଜୀ ବିଦ୍ୟାଳୟକୁ ଉଚ୍ଚଇଂରାଜୀ ବିଦ୍ୟାଳୟରେ ପରିଣତ କରାଯାଉଛି । ଷଷ୍ଠ ଯୋଜନା କାଳରେ ଅନ୍ତତଃ ପ୍ରତି ବ୍ଲକରେ ବାଳକ ଓ ବାଳିକା ମାନଙ୍କପାଇଁ ସ୍ୱତନ୍ତ୍ରଭାବେ ଗୋଟିଏ ଗୋଟିଏ ଆବାସିକ ସେବାଶ୍ରମ ଗୋଟିଏ ମଧ୍ୟଇଂରାଜୀ ବା ଆଶ୍ରମ ବିଦ୍ୟାଳୟ ଓ ଗୋଟିଏ ଉଚ୍ଚଇଂରାଜୀ ବିଦ୍ୟାଳୟ ପାଇଁ ୭୦ କୋଟି ଟଙ୍କାର ଯୋଜନା କରାଯାଉଛି ।

ମଧ୍ୟଇଂରାଜୀ ସ୍ତରରେ ଆଦିବାସୀ ଓ ହରିଜନ ପିଲାଙ୍କ ପାଇଁ ୪୦ ଗୋଟି ବାଳକ ଆଶ୍ରମ ବିଦ୍ୟାଳୟ ଓ ୧୬ଟି କନ୍ୟାଶ୍ରମ ଏବଂ ମାଧ୍ୟମିକ ଶିକ୍ଷା ସ୍ତରରେ ୫୪ଟି ବାଳକ ଉଚ୍ଚଇଂରାଜୀ ବିଦ୍ୟାଳୟ ଓ ୧୪ଟି ବାଳିକା ଉଚ୍ଚଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏଥିରେ ପଢୁଥିବା ପିଲାମାନଙ୍କ ପାଇଁ ଛାତ୍ରାବାସର ବନ୍ଦୋବସ୍ତ ଅଛି ଓ ଛାତ୍ରାବାସରେ ପଢୁଥିବା ସମସ୍ତ ପିଲାଙ୍କ ଖାଇବା ଖର୍ଚ୍ଚ ଆଦି ତୁଲାଇବା ପାଇଁ ସେମାନଙ୍କୁ ଷ୍ଟାଇପେଣ୍ଡ ଦିଆଯାଉଛି । ଶ୍ରମର ମର୍ଯ୍ୟାଦା ତଥା କୃଷିରେ ଶିକ୍ଷା ଲାଭ ସଙ୍ଗେ ସଙ୍ଗେ ନିଜ ପାଇଁ ଯଥେଷ୍ଟ ପନି ପରିବା ତଥା ଫଳ ଆଦି ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ଯଥେଷ୍ଟ ଜମି ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ ସେମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ପୋଷାକ ଆଦି ମଧ୍ୟ ଯୋଗାଇ ଦିଆଯାଉଛି । ଏହି ପିଲାମାନଙ୍କୁ ଶିକ୍ଷାଦାନ ସଙ୍ଗେ ସଙ୍ଗେ କୃଷି, ସିଲାଇ, ଗୋପାଳନ, କୁକୁଡ଼ା ପାଳନ, ସଙ୍ଗୀତ, ଟାଇପ ଆଦି କ୍ଷେତ୍ରରେ ଶିକ୍ଷା ଦିଆଯିବାର ମଧ୍ୟ ବନ୍ଦୋବସ୍ତ କରାଯାଉଛି । ଉଦ୍ଦେଶ୍ୟ ହେଉଛି, ପିଲାଟିଏ କୌଣସି କାରଣରୁ ପଢ଼ା ଛାଡ଼ିଲେ ବା ଅଧିକ ପଢି ନ ପାରିଲେ ଏହି ସାମାନ୍ୟ ବୈଷୟିକ ଜ୍ଞାନ ସାହାଯ୍ୟରେ ସଂସାର କ୍ଷେତ୍ରରେ ନିଜର ଜୀବିକାର୍ଜ୍ଜନ ପାଇଁ ନିଜକୁ ସକ୍ଷମ କରି ପାରିବ । ଏହି ବୈଷୟିକ ଜ୍ଞାନରେ ଅଧିକ ଶିକ୍ଷାଦାନ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦ଟି ଉଚ୍ଚଇଂରାଜୀ ବିଦ୍ୟାଳୟରେ ଆଇ. ଟି. ଆଇ ମାନଙ୍କରେ ମୋଟର ମେକାନିକ୍, ଡ୍ରେଇର, ମେସିନ୍ ସିଲାଇ, ସର୍ଟହେଣ୍ଡ ଓ ଟାଇପ ଓ ଟାଇପ ରାଇଟିଂ ଓ ବିଜୁଳି ମିସ୍ତ୍ରୀ ଆଦି ଶିକ୍ଷା ଦିଆଯିବାର ବନ୍ଦୋବସ୍ତ ହୋଇଛି । ପର୍ଯ୍ୟାୟ କ୍ରମେ ସମସ୍ତ ଉଚ୍ଚଇଂରାଜୀ ବିଦ୍ୟାଳୟରେ ଏହି ଶିକ୍ଷାଦାନ ସନ୍ନିବେଶିତ କରିବାର ଯୋଜନା ହେଉଛି । ଏଥିରେ ଉତ୍ତୀର୍ଣ୍ଣ ହେଉଥିବା ପିଲା ଆଉ କୌଣସି ଆଇ. ଟି. ଆଇ କୁ ନ ଯାଇ ସିଧା ଚାକିରୀ କ୍ଷେତ୍ରରେ ନିଯୁକ୍ତି ପାଇ ପାରିବ । ସେହିଭଳି ବୈଷୟିକ ଶିକ୍ଷାରେ ତାଲିମ ଦେବା ପାଇଁ ଏହି ବିଭାଗ ପକ୍ଷରୁ ଶିକ୍ଷାର୍ଥୀମାନଙ୍କର ସମସ୍ତ ଖର୍ଚ୍ଚ ବହନ କରି ତିନୋଟି ଆଇ. ଟି. ଆଇ. ପରିଚାଳିତ ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଆଇ. ଟି. ଆଇ. ରେ ପଢୁଥିବା ସମସ୍ତ ଆଦିବାସୀ ପିଲାଙ୍କୁ ଷ୍ଟାଇପେଣ୍ଡ ଦିଆଯାଉଛି । ଏହା ବ୍ୟତୀତ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ମଧ୍ୟ ଇଂରାଜୀ ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ମାନଙ୍କରେ ପଢୁଥିବା ଆଦିବାସୀ ଓ ହରିଜନ ପିଲାଙ୍କ ପାଇଁ ରାଜ୍ୟରେ ୧୦୦୩ଟି ଛାତ୍ରାବାସ ନିର୍ମାଣ କରାଯାଉଛି ଓ ଏହି ଛାତ୍ରାବାସରେ ରହୁଥିବା ପିଲାମାନଙ୍କର ଖାଇବା ଖର୍ଚ୍ଚ ଆଦି ତୁଲାଇବା ପାଇଁ ସେମାନଙ୍କୁ ଷ୍ଟାଇପେଣ୍ଡ ଦିଆଯାଉଛି । ଯେଉଁ ଆଦିବାସୀ ଓ ହରିଜନ ପିଲାମାନେ ଛାତ୍ରାବାସରେ ନ ରହି ଘରୁ ଯାଇ ଆସି ପାଠ ପଢୁଛନ୍ତି, ସେମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରି ରଖିବା ପାଇଁ ବାର୍ଷିକ ଷ୍ଟାଇପେଣ୍ଡର ମଧ୍ୟ ବ୍ୟବସ୍ଥା କରାଯାଉଛି ।

ରାଉରକେଲା ସନ୍ନିକଟବର୍ତ୍ତୀ ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ସଂସ୍କୃତ ଶିକ୍ଷା କରୁଥିବା ଆଦିବାସୀପିଲାମାନଙ୍କର ସମସ୍ତ ଖର୍ଚ୍ଚ ତୁଲାଇବା ପାଇଁ ଷ୍ଟାଇପେଣ୍ଡ ଦିଆଯାଉଛି । ଅନୁଗୁଳର ବାଳିଗାଉଡ ଛାତ୍ରାବାସ, ବ୍ରହ୍ମପୁର ନିକଟରେ ନିମଖଣ୍ଡି ଆଶ୍ରମ ଓ ଉତ୍କଳର ଗାନ୍ଧୀ ବାଳାଶ୍ରମଠାରେ ରହି ଶିକ୍ଷା ଲାଭ କରୁଥିବା ସମସ୍ତ ଆଦିବାସୀ ଓ ହରିଜନ ପିଲାଙ୍କର ସମସ୍ତ ଖର୍ଚ୍ଚ ତୁଲାଇବା ପାଇଁ ଷ୍ଟାଇପେଣ୍ଡ ଦିଆଯାଉଛି ।

ସାଧାରଣ ବିଦ୍ୟାଳୟମାନଙ୍କରେ ପଢୁଥିବା ଆଦିବାସୀ ଓ ହରିଜନ ପିଲାଙ୍କର ବ୍ୟକ୍ତିତ୍ୱ, ଅଭିବୃଦ୍ଧି, ଆତ୍ମନିର୍ଭରଶୀଳତା ଓ ସେବା ମନୋଭାବ ବୃଦ୍ଧି ପାଇଁ ବାଳଚର ଗଠନ ପାଇଁ ଏହି ବିଭାଗ ତରଫରୁ ସାଢ଼େ ଚାରିଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ଓ ଆଦିବାସୀ ଓ ହରିଜନ ପିଲାମାନଙ୍କର ମନୋରଞ୍ଜନ ପାଇଁ କ୍ରୀଡ଼ା ସାମଗ୍ରୀ ଆଦି କିଣିବା ପାଇଁ ଚାରିଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଉଛି ।

ଏ ସମସ୍ତ ସତ୍ତ୍ୱେ ଛୋଟ ଛୋଟ ଆଦିବାସୀ ପିଲାମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଶିକ୍ଷା ପ୍ରତି ଆକୃଷ୍ଟ କରାଇବା ଏକ ସମସ୍ୟା ହୋଇ ରହିଛି । ଏହି ସମସ୍ୟାର ଆହୁରି ସମାଧାନ ଲକ୍ଷ୍ୟରେ ପଢ଼ିବା ବୟସ ଆଗରୁ ପିଲାମାନଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ରାଜ୍ୟର

ଆଦିବାସୀ ଅଞ୍ଚଳମାନଙ୍କରେ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଉଛି । ଏଥିରେ ଛୋଟ ଛୋଟ ପିଲାମାନଙ୍କୁ ଆଣି ପର୍ଯ୍ୟାପ୍ତ ମଧ୍ୟାହ୍ନ ଭୋଜନ ଦେବା ସଙ୍ଗେ ସଙ୍ଗେ ସ୍ଲେଟ୍, ଖେଳନା ଓ ପୋଷାକ ଆଦି ଦେବାର ବନ୍ଦୋବସ୍ତ କରାଯାଉଛି । ତଥାପି ଅନେକ ଆଦିମ ଅଧିବାସୀ ବା **Primitive Tribes** ସମ୍ପ୍ରଦାୟର ପିତା ମାତା ଅଛନ୍ତି ଯେଉଁମାନେ କି ସେମାନଙ୍କର ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବାକୁ ନାରାଜ ହେବେ, କାରଣ ଏହି ପିଲାମାନେ ତାଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ନାନାଭାବେ ସାହାଯ୍ୟ କରିଥାନ୍ତି । ତେଣୁ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବା ନିମିତ୍ତ ସେହି ପିତା-ମାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ସେମାନଙ୍କୁ କିଛି କିଛି ଆର୍ଥିକ ସାହାଯ୍ୟ ଦିଆଯିବାର ଚିନ୍ତା କରାଯାଉଛି । ଆଦିବାସୀ ପିଲାମାନଙ୍କ ମଧ୍ୟରେ ଅନେକ ପ୍ରତିଭାସମ୍ପନ୍ନ ପିଲା ଅଛନ୍ତି ଯେଉଁମାନେ କି ଅର୍ଥାଭାବ ଓ ପାରିପାର୍ଶ୍ୱିକ ପରିସ୍ଥିତି ଦୃଷ୍ଟିରୁ ନିଜକୁ ବିକଶିତ କରାଇ ପାରନ୍ତିନାହିଁ । ସେଭଳି ପିଲାମାନଙ୍କର ପ୍ରତିଭାର ବିକାଶ ପାଇଁ ଏକ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବାର ସ୍ଥିର ହୋଇଛି । ଉକ୍ତ ବିଦ୍ୟାଳୟରେ ଆଦିବାସୀ ଓ ହରିଜନ ପିଲାମାନେ ପ୍ରଥମରୁ ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବୈଷୟିକ, ବ୍ୟବସାୟିକ ଓ ଆଧ୍ୟାତ୍ମିକ ଶିକ୍ଷାରେ ତାଲିମ ଲାଭ କରିବେ । ଯେଉଁ ପିଲାମାନେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବେ, ସେମାନେ ସାଂସାରିକ ଜୀବନରେ ଚାକିରୀ, ବ୍ୟବସାୟ, କୃଷି, ଶିଳ୍ପ ଆଦି ଯେ କୌଣସି କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ ବୋଲି ଆଶା କରାଯାଏ ।

ଏତଦ୍ ବ୍ୟତୀତ ଖାଦ୍ୟ ପଦାର୍ଥର ଉପଯୁକ୍ତ ଉତ୍ପାଦନ, ସଂରକ୍ଷଣ ଓ ବ୍ୟବହାର ଆଦି କ୍ଷେତ୍ରରେ ଶିକ୍ଷା ଓ ପ୍ରଦର୍ଶନୀ ମାଧ୍ୟମରେ ଲୋକମାନଙ୍କୁ ଉପଯୁକ୍ତ ଭାବରେ ଶିକ୍ଷିତ କରାଇବା ପାଇଁ ସରକାରଙ୍କ ତରଫରୁ **Applid Nutrition Programme** ବା ପ୍ରୟୋଗାତ୍ମକ ପୁଷ୍ଟିସାର ଖାଦ୍ୟ ଯୋଜନା ଗ୍ରହଣ କରାଯାଇଛି । ଏହା ସାଧାରଣତଃ ଗର୍ଭବତୀ ସ୍ତ୍ରୀ, ଶିଶୁ ଓ ପ୍ରାକ୍-ବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ଫଳ ଚାଷ, କୁକୁଡ଼ା ପାଳନ ଓ ମତ୍ସ୍ୟ ପାଳନ ଆଦି ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ଏହା ମାଧ୍ୟମରେ ପୁଷ୍ଟିସାର ଖାଦ୍ୟ ପିଲାମାନଙ୍କୁ ଯୋଗାଇ ଦିଆଯାଉଛି । ଏହି ଯୋଜନା ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବା ଫଳରେ ଆଦିବାସୀ ପିଲାମାନେ ଏଥିରୁ ବେଶୀ ଉପକୃତ ହେଉଛନ୍ତି । ସେହିଭଳି ପୂର୍ଣ୍ଣାଙ୍ଗ ଶିଶୁ ବିକାଶ ଯୋଜନା ବା **I. C. D. S.** ମାଧ୍ୟମରେ ଶିଶୁମାନଙ୍କର ସ୍ୱାସ୍ଥ୍ୟ ବୃଦ୍ଧି ତଥା ରୋଗ ନିରୋଧକ କ୍ଷମତା ସୃଷ୍ଟି ପାଇଁ ଓ ପିଲାମାନଙ୍କର ସ୍ୱାସ୍ଥ୍ୟ ଆଦି ପରୀକ୍ଷା ପାଇଁ ବନ୍ଦୋବସ୍ତ କରାଯାଉଛି । ଏହା ବର୍ତ୍ତମାନ ସାଧାରଣତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କ ମଧ୍ୟରୁ ସୁନ୍ଦରଗଡ଼ର ସାବଡ଼େଗା, ବାଲେଶ୍ୱରର ନୀଳଗିରି, ଢେଙ୍କାନାଳର କଙ୍କଡ଼ାହାଡ଼, କୋରାପୁଟର ପଟାଙ୍ଗୀ ଓ କଳାହାଣ୍ଡିର ଧର୍ମଗଡ଼ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି ।

---

## ବ୍ୟାପକ ଜଳସେଚନ କାର୍ଯ୍ୟକ୍ରମ

### ନୂତନ ଯୋଜନା ପାଇଁ ୧୫୧ କୋଟି ଟଙ୍କା ବ୍ୟୟ ଅଟକଳ

ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ୭ଟି ବୃହତ୍ ଓ ୩୦ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହୋଇ ଏଥିରୁ ମୋଟ ୪ଲକ୍ଷ ୧୯ ହଜାର ୮୦ ହେକ୍ଟର ଖରିଫ ଏବଂ ୨ଲକ୍ଷ ୩୦ ହଜାର ୪୫୦ ହେକ୍ଟର ରବି ଫସଲକୁ ଜଳ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ପଞ୍ଚମ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ଗୋଟିଏ ବୃହତ୍ ଓ ୧୧ଟି ମଧ୍ୟମ ଜଳସେଚନ ଯୋଜନା ସଂପୂର୍ଣ୍ଣ ହୋଇଥିଲା । ଏହିସବୁ ଯୋଜନାରୁ ଖରିଫ୍ ଋତୁରେ ୨ଲକ୍ଷ ୩୦ହଜାର ୨୮୦ ହେକ୍ଟର ଏବଂ ରବି ଋତୁରେ ୧୧ ହଜାର ୪ଶହ ୧୦ ହେକ୍ଟର ଜମି ଜଳସେଚିତ ହୋଇଥିଲା । ସଂପୂର୍ଣ୍ଣ ହୋଇଥିବା ଯୋଜନାଗୁଡ଼ିକ ମଧ୍ୟରେ ହୀରାକୁଦ, ହିରାଧାରବାଟି, ବୁଢ଼ା-ବୁଢ଼ିଆଣୀ, ଧନେଇ, ସାଲକି, ଘୋଡ଼ାହାଡ଼, ବାହୁଦା, ଉଟେଇ, ଦରଜଙ୍ଗ, ସାଳିଆ, ପିତାମାହାଲ ଏବଂ ବାହୁଦା ପ୍ରଥମ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ।

ରାଜ୍ୟ ସରକାର ମୁଖ୍ୟତଃ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ, ଆଦିବାସୀ ବହୁଳ ଓ ଅନୁନ୍ନତ ଅଞ୍ଚଳର ଆବଶ୍ୟକତା, ଆନ୍ତଃରାଜ୍ୟ ନଦୀମାନଙ୍କରୁ ଓଡ଼ିଶା ପାଉଥିବା ଜଳର ବିନିଯୋଗ ଏବଂ ପୁରାତନ ଯୋଜନାଗୁଡ଼ିକର ଆଧୁନିକୀକରଣକୁ ଦୃଷ୍ଟିରେ ରଖି ଷଷ୍ଠ ଯୋଜନାରେ ନୂତନ ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି କରିଛନ୍ତି । ଏଗୁଡ଼ିକ ମଧ୍ୟରୁ ଇନ୍ଦ୍ରାବତୀ, ମହାନଦୀ-ବିରୂପା ବ୍ୟାରେଜ, ହରଭଙ୍ଗୀ, କଂଝାରୀ, ହରିହରଜୋର, ଅପର ସୁକତେଲ, ବାଘୁଆ ଦ୍ୱିତୀୟ ପର୍ଯ୍ୟାୟ, ବଳଦିଆର ଆଧୁନିକୀକରଣ ଯୋଜନାମାନ ୧୫୧ କୋଟି ଟଙ୍କା ବ୍ୟୟ ଅଟକଳରେ ଚଳିତ ବର୍ଷ ଆରମ୍ଭ କରାଯାଇଛି । ଏଗୁଡ଼ିକ ଦ୍ୱାରା କଳାହାଣ୍ଡି, କୋରାପୁଟ, କଟକ, ଗଞ୍ଜାମ, କେନ୍ଦୁଝର, ବଲାଙ୍ଗୀର, ଓ ମୟୂରଭଞ୍ଜ ଜିଲ୍ଲା ଉପକୃତ ହେବେ ।

---

# ଧର୍ମର ସଂଜ୍ଞା

ଶ୍ରୀ ଟକୈଳାସ ଚନ୍ଦ୍ର ମିଶ୍ର

ଧର୍ମ କ୍ଷେତ୍ର କୁରୁକ୍ଷେତ୍ରରେ ଭଗବାନ ଶ୍ରୀକୃଷ୍ଣ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ କହିଥିଲେ—

"ଯଦାଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ ।
ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାଂ,
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ"

ହେ ଅର୍ଜୁନ, ଯେଉଁ ଯେଉଁ କାଳରେ ଧର୍ମ ମଳିନତା ପ୍ରାପ୍ତ ହୁଏ ଏବଂ ଅଧର୍ମର ପ୍ରଭାବ ବୃଦ୍ଧି ହୁଏ, ସେହି ସେହି କାଳରେ ମୁଁ ନିଶ୍ଚିତରୂପେ ନିଜକୁ ରୂପ ଦାନ କରେ, ଅର୍ଥାତ୍ ଅବତାର ଗ୍ରହଣ କରି ଦୁଷ୍ଟଙ୍କର ବିନାଶ ସାଧନକରି ସାଧୁ ଲୋକଙ୍କୁ ଉଦ୍ଧାର କରି ଧର୍ମର ସଂସ୍ଥାପନା କରେ ।

ଏହି ଶ୍ଲୋକରେ ଧର୍ମର ଗ୍ଲାନି କଥା ଉତ୍ଥାପନ କରାଯାଇଛି । ପୁଣି ଅଧର୍ମର ଅଭ୍ୟୁତ୍ଥାନ କଥା ମଧ୍ୟ କୁହାଯାଇଛି । ଏଣୁ ସାଧୁଙ୍କର ପରିତ୍ରାଣ ଅପର ଦିଗରେ ଦୁଷ୍କୃତଙ୍କର ବିନାଶ କଥା ମଧ୍ୟ କୁହାଯାଇଅଛି । ସରଳ ଭାବରେ ବୁଝିବାକୁ ଗଲେ ଧାର୍ମିକ ବ୍ୟକ୍ତି ବିଶେଷଙ୍କୁ ରକ୍ଷା କରିବା ପାଇଁ ପ୍ରଭାବଶାଳୀ ଅଧର୍ମୀମାନଙ୍କର ସଂହାର ଈଶ୍ୱରଙ୍କର ଉଦ୍ଦେଶ୍ୟ । ଧର୍ମ ତାହାହେଲେ କ'ଣ କୌଣସି ବ୍ୟକ୍ତି ବିଶେଷ ନା—ଆଚରଣ ବିଧିକୁ ଲକ୍ଷ୍ୟ କରି କୁହାଯାଇଛି ନା ଆଉ କିଛି ଧର୍ମ ବୋଲି ବୁଝିବାକୁ ହେବ ?

କେହି କେହି ମଧ୍ୟ ଧର୍ମକୁ ସାଧାରଣତଃ Religion ଅର୍ଥରେ ବ୍ୟବହାର କରିଥାନ୍ତି ଯଥା—ହିନ୍ଦୁ ଧର୍ମ, ଇସ୍‌ଲାମ, ଖ୍ରୀଷ୍ଟିୟାନ ଇତ୍ୟାଦି । ଏହା ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ସଂଭୂତ କିନ୍ତୁ ଧର୍ମର ପ୍ରକୃତ ସଂଜ୍ଞା Religion ଶବ୍ଦରୁ ବୁଝି ହୁଏ ନାହିଁ ।

ଦୈନନ୍ଦିନ ଜୀବନରେ, ସାଂସାରିକ ଓ ବ୍ୟବହାରିକ କ୍ଷେତ୍ରରେ ଗାର୍ହସ୍ଥ୍ୟ ଧର୍ମ, ରାଜ ଧର୍ମ, ଦେଶ ଧର୍ମ, କୁଳ ଧର୍ମ ଇତ୍ୟାଦି କ୍ଷେତ୍ରରେ ଧର୍ମ ଶବ୍ଦର ବ୍ୟବହାର ଅତି ବହୁଳ ଭାବେ କରାଯାଉଅଛି । ଏଠାରେ ଧର୍ମ ଶବ୍ଦର ସଂଜ୍ଞା କଅଣ ?

କେହି କେହି ନିର୍ଦ୍ଦିଷ୍ଟ କୌଣସି ଦେବତାଙ୍କୁ ଧର୍ମ ଦେବତା ଆଖ୍ୟାରେ ଆଖ୍ୟାୟିତ କରିଥାନ୍ତି । ଧର୍ମ ତେବେ କଅଣ କୌଣସି ଏକ ଦେବତା ?

ବୈୟାକରଣିକମାନଙ୍କ ମତରେ ଧୃ ଧାତୁରୁ (ଧାରଣ କରିବା) ମନ୍ ପ୍ରତ୍ୟୟ ହୋଇ ଧର୍ମ ଶବ୍ଦର ସୃଷ୍ଟି । କେହି କେହି କର୍ତ୍ତୃ ବାଚ୍ୟରେ ବ୍ୟବହାର କରି କହନ୍ତି ଯାହା ଧାରଣ କରେ ତାହା ଧର୍ମ । ଯଥା—"ଧରତି ଲୋକାନ୍" । କେହି କେହି କରଣ ବାଚ୍ୟରେ ବ୍ୟାଖ୍ୟା କରି କହନ୍ତି ଯାହା ଦ୍ୱାରା ଧାରଣ କରାଯାଏ ତାହା ଧର୍ମ । ଆଉ କେହି କେହି ଧର୍ମକୁ ଅଧିକରଣ ବାଚ୍ୟ ବୋଲି ବୁଝି ଯହିଁରେ ଧୃତ ହୁଏ ତାହାକୁ ଧର୍ମ ବୋଲି କହନ୍ତି । ଏଣୁ ବୈୟାକରଣମାନଙ୍କର କୌଣସି ନିର୍ଦ୍ଦିଷ୍ଟ ମତ ନ ଥିଲେ ମଧ୍ୟ ଏହା ସୁସ୍ପଷ୍ଟ ଯେ—ଧର୍ମକୁ ପ୍ରଥମରେ ଧାରଣ କଲେ, ଧର୍ମ ଧାରଣକର୍ତ୍ତାଙ୍କୁ ଧରି ରହେ । ଯଥା—"ଧର୍ମୋ ରକ୍ଷତି ଧାର୍ମିକ ବା ଧର୍ମୋ ରକ୍ଷତି ରକ୍ଷିତଃ" ଏବଂ ଶେଷରେ ଧର୍ମରେ ଯାବତ ସମାଜ ପ୍ରତିଷ୍ଠିତ ହୁଏ । ତେବେ ଧର୍ମ ଗୋଟିଏ ଶବ୍ଦ ହେଲେ ମଧ୍ୟ ଏହା କର୍ତ୍ତୃ, କରଣ ଓ ଅଧିକରଣ ପଦବାଚ୍ୟ ।

ଧର୍ମକୁ ବ୍ୟାଖ୍ୟା କରିବା ପାଇଁ ମହାଭାରତ ଶାନ୍ତି ପର୍ବରେ ବ୍ୟାସଦେବ କହିଥିଲେ—

ଧାରଣାତ୍ ଧର୍ମ ମିତ୍ୟାହୁ ଧର୍ମୋ ଧାରୟତଃ ପ୍ରଜାଃ ।
ଯତ୍ସ୍ୟାତ୍ ଧାରଣ ସଂଯୁକ୍ତଂ ସଧର୍ମ ଇତି ନିଶ୍ଚୟ ॥

ଧାରଣ କରୁଥିବାରୁ କେବଳ ଧର୍ମ କୁହାଯାଏ । ଧର୍ମ ସମସ୍ତ ପ୍ରଜାଙ୍କୁ ଧରିକରି ରଖିଅଛି । ଧର୍ମ ଗ୍ଳାନିରେ ସମାଜର ସମସ୍ତ ବନ୍ଧନ ଛିନ୍ନ ହୋଇଯିବ । ଅତଏବ ଧର୍ମକୁ ରାଜା ପ୍ରଜାର ସଂପର୍କ, ପ୍ରଜାଗଣଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ବୋଲି ମଧ୍ୟ କୁହାଯାଇପାରେ ।

ସନ୍ଥ ତଥା ମୁନିମାନଙ୍କ ମତରେ ଯାହା ମନୁଷ୍ୟଙ୍କୁ ଧାରଣ କରେ ବା ପୋଷଣ କରେ ତାହାହିଁ ଧର୍ମ । ଧର୍ମନୀତିଗୁଡିକ ଯଥାବିଧି ଆଚରିତ ହେଲେ ମନୁଷ୍ୟର

ଦେହ, ଇନ୍ଦ୍ରିୟ, ମନ ଓ ବୁଦ୍ଧି ବିକାଶ ପ୍ରାପ୍ତ ହୁଏ । ସୁତରାଂ ସେମାନଙ୍କ ମତରେ ଯାହା ଆଚରଣ କଲେ ମନୁଷ୍ୟର ପରମ ମଙ୍ଗଳ ସାଧିତ ହେବ ତାହାହିଁ ଧର୍ମ । ଅତଏବ ଏହି ଦୃଷ୍ଟିରୁ ମଧ୍ୟ ଧର୍ମକୁ ଆଚରଣ ବିଧି କୁହାଯିବା ଉଚିତ ।

ଏହି ପ୍ରସଙ୍ଗରେ, ସାଂସାରିକ ଜୀବନରେ ସ୍ୱାମୀ ପ୍ରତି ସ୍ତ୍ରୀର ଧର୍ମ, ସ୍ତ୍ରୀ ପ୍ରତି ସ୍ୱାମୀର ଧର୍ମ, ପିତା ପ୍ରତି ପୁତ୍ରର ଧର୍ମ, ପୁତ୍ର ପ୍ରତି ପିତାର ଧର୍ମ, ଗୁରୁପ୍ରତି ଶିଷ୍ୟର ଧର୍ମ ଏବଂ ଶିଷ୍ୟ ପ୍ରତି ଗୁରୁଙ୍କର ଧର୍ମ ; ସେହିପରି ରାଷ୍ଟ୍ର ପ୍ରତି ପ୍ରଜାର ଧର୍ମ ଓ ପ୍ରଜାପ୍ରତି ରାଷ୍ଟ୍ରର ଧର୍ମ ଉଲ୍ଲେଖ-ଯୋଗ୍ୟ । ଏହି ସବୁରୁ ଧର୍ମକୁ ଆଚରଣ ବିଧି ବା କର୍ତ୍ତବ୍ୟ କୁହାଯିବା ଉଚିତ । ଅତଏବ ଯାହା କର୍ତ୍ତବ୍ୟ ନୁହେଁ ତାହା ଅଧର୍ମ । ଏହି ପରିପ୍ରେକ୍ଷୀରେ ଆଲୋଚନା କଲେ ଆଗରୁ ଯେତେଗୁଡ଼ିଏ ସଂଜ୍ଞାରେ ଧର୍ମର ପ୍ରୟୋଗ କଥା କୁହା ଯାଇଛି ଏସବୁ କର୍ତ୍ତବ୍ୟ ବା ଆଚରଣ ବିଧି ମାତ୍ର ।

ଧର୍ମକୁ ଯଦି ଆଚରଣ ବିଧି ବୋଲି ଧରାଯିବ ତେବେ ମନୁଙ୍କ ମତରେ ଯୁଗର ହୀନତା ଅନୁସାରେ ମନୁଷ୍ୟର ଧର୍ମ ସତ୍ୟ ଯୁଗରେ ଏକ, ତ୍ରେତା ଯୁଗରେ ଅନ୍ୟ ପ୍ରକାର, ଦ୍ୱାପରରେ ଆଉ ଏକ ପ୍ରକାର ଏବଂ କଳି ଯୁଗରେ ଆଉ ଭିନ୍ନ ପ୍ରକାର ଅଟେ ।

ଅନ୍ୟେ କୃତ ଯୁଗେ ଧର୍ମା ସ୍ତ୍ରେତାୟାଂ ଦ୍ୱାପରେ ପରେ ।
ଅନ୍ୟେ କଳି ଯୁଗେ ନୃଣାଂ ଯୁଗ ହ୍ରାସାନରୂପତଃ ।।

ଏହାକୁ ଆହୁରି ସ୍ପଷ୍ଟ କରିବାକୁ ଯାଇ କେଉଁ ଯୁଗରେ କେଉଁ କଥା ପ୍ରଧାନ ସେହି କଥା ବୁଝାଇବାକୁ ଯାଇ ମନୁ କହି ଅଛନ୍ତି :—

ତପଃପର କୃତେଯୁଗେ ତ୍ରେତାୟାଂ ଜ୍ଞାନ ମୁଚ୍ୟତେ ।
ଦ୍ୱାପର ଯଜ୍ଞମେବାହୁ ଦାନମେକଂ କଳୌଯୁଗେ ।।

ସତ୍ୟ ଯୁଗରେ ତପ ମୁଖ୍ୟ ଧର୍ମ, ତ୍ରେତା ଯୁଗରେ ଜ୍ଞାନ ପ୍ରଧାନ, ଦ୍ୱାପର ଯୁଗରେ ଯଜ୍ଞ ପ୍ରଧାନ ଏବଂ କଳି ଯୁଗରେ ଦାନ ପ୍ରଧାନ ଧର୍ମ ଅଟେ ।

ଉପରୋକ୍ତ କଥାରୁ ସ୍ପଷ୍ଟ ବୁଝାଯାଏ ଯେ ସମାଜ ଧାରଣ ଲାଗି ବା ସମାଜକୁ ଶୃଂଖଳିତ କରିବା ଲାଗି, ଆଦର୍ଶ ମାନବ ଜୀବନ ଯାପନ ନିମିତ୍ତ ଯେତେ ନୀତି ନିୟମ କଥା କୁହାଯାଇଛି ସେସବୁରେ ଧର୍ମ ଶବ୍ଦର ପ୍ରୟୋଗ ଅଛି । ଅତଏବ ସକଳ ଧର୍ମ ବା ଶିକ୍ଷାଗୁରୁଙ୍କୁ ଧର୍ମର ମୂଳଭିତ୍ତି ବୋଲି ସ୍ୱୀକାର କରାଯାଇଅଛି । ଏହି କଥା ସ୍ମୃତି ଗ୍ରନ୍ଥରେ ମଧ୍ୟ ଉଲ୍ଲେଖ କରାଯାଇ ଅଛି । ଯଥା :— ଆଚାରଃ ପରମୋଧର୍ମ ଶତ୍ୟୁକ୍ତ - ସ୍ମାର୍ତ୍ତ ଏବଚ । ମହାଭାରତରେ ମଧ୍ୟ ଆଚାରକୁ ଧର୍ମର ଉଦ୍ଭବ ବୋଲି ଉଲ୍ଲେଖ କରାଯାଇ ଅଛି । ଯଥା :—ଆଚାରଃ ପ୍ରଭବୋ ଧର୍ମଃ" । ଏହିଥିରୁ ବୁଝିବାକୁ ହେବ ଯେ ଧର୍ମ ଶବ୍ଦର ଅର୍ଥ ଆଚରଣ ବିଧି ଯେଉଁ ଆଚରଣ ଦ୍ୱାରା ମନୁଷ୍ୟ ମାନବତ୍ୱରୁ ଦେବତ୍ୱକୁ ଉନ୍ନୀତ ହୁଏ । ଧର୍ମ ଅର୍ଥ କାମ ମୋକ୍ଷ ଆଦି ଚତୁର୍ବର୍ଗ ଫଳ ପ୍ରାପ୍ତି ହୁଏ । ଏହି ପରି-ପ୍ରେକ୍ଷୀରେ ବର୍ତ୍ତମାନ ବିଚାର କରାଯାଉ ଯେ କେଉଁଟି ପ୍ରକୃତ ଧର୍ମ, ଧର୍ମର ଲକ୍ଷଣ କଅଣ, କେଉଁ ଧର୍ମ ଗ୍ରହଣୀୟ ଇତ୍ୟାଦି । ଏହି ପ୍ରସଙ୍ଗରେ ମନୁ କହି ଅଛନ୍ତି—

କୋଡର୍ପି ବେଦବିଦ୍ଧର୍ମଂ ଯଂ ବ୍ୟବସ୍ୟେ ଦ୍ୱିଜୋତ୍ତମଃ ।
ସବିଜ୍ଞେୟଃ ପରୋ ଧର୍ମୋ ନାଜ୍ଞାନାଂ ମୁଦିତୈୟୁତୈଃ ।।

ଦଶସସ୍ର ଅଜ୍ଞାନୀ ଲୋକଙ୍କ ଅପେକ୍ଷା ଜଣେ ସୁଦ୍ଧା ବେଦଜ୍ଞ ଦ୍ୱିଜ ଶ୍ରେଷ୍ଠ ଯେଉଁ ଧର୍ମର ବ୍ୟବସ୍ଥା କରିବେ ତାହାକୁ ଶ୍ରେଷ୍ଠ ଧର୍ମ ବୋଲି ବିବେଚିତ କରିବ । ପ୍ରକୃତରେ ବୁଝିବାକୁ ଗଲେ ଆମେ ଯେଉଁ ସବୁ କର୍ତ୍ତବ୍ୟ ପାଳନ କରୁଅଛୁ ତାହା ଜଣେ ଜଣେ ବେଦଜ୍ଞ ମହାମନିଷୀଙ୍କର ନିର୍ଦ୍ଦେଶ ମାତ୍ର । ଉଦାହରଣ ସ୍ୱରୂପ, ବେଦବ୍ୟାସ, ମନୁ, ରାମକୃଷ୍ଣ ପରମହଂସ ଦେବ, ସ୍ୱାମୀ ବିବେକାନନ୍ଦ ଆଉ ଶ୍ରୀ ଅରବିନ୍ଦ ଯୁଗେ ଯୁଗେ ଅବତାର ଗ୍ରହଣ କରି ବିଭିନ୍ନ ଶାସ୍ତ୍ର ମାଧ୍ୟମରେ ଆମମାନଙ୍କୁ ଶ୍ରେୟ ପନ୍ଥାର ନିର୍ଦ୍ଦେଶ ଦେଇଛନ୍ତି । ସେମାନେ ଏହି ମାନବ ଜାତିର ନମସ୍ୟ, ବରେଣ୍ୟ ।

ଏହି ସ୍ଥଳରେ ଉଲ୍ଲେଖ କରାଯାଇ ପାରେ ଯେ ସମାଜରେ ମାନବର ଦୁର୍ବଳତାର ସୁଯୋଗ ନେଇ ଅନେକ ବ୍ୟକ୍ତି ଧର୍ମ ଯାଜକର ବେଶ ପିନ୍ଧି ଅନେକ ଉପଦେଶ ଦିଅନ୍ତି । ସେମାନଙ୍କୁ ଅନେକ ହୁଏତ ନିମ୍ନଲିଖିତ ମତର ପରି-ପୋଷକତା କରନ୍ତି । ଯଥା—

ହଂବଦନ୍ତି ତମୋଭୂତା ମୂର୍ଖା ଧର୍ମ ମତଦ୍ୱିଦଃ,
ତତ୍ପାପଂ ଶତଧା ଭୂତ୍ୱା ତଦ୍ ବକ୍ତୃନନୁଗଛତି ।।

"ତମ ଗୁଣ ପ୍ରଧାନ, ମୂର୍ଖ, ଧର୍ମ ପ୍ରମାଣ ତଥା ବେଦାର୍ଥ ଅନଭିଜ୍ଞ ଲୋକମାନେ ଯେଉଁ ଧର୍ମ ବତାଇ ଦିଅନ୍ତି ତାହା ପାପକୁ ଶତଧା ବୃଦ୍ଧି କରେ " । ଏହି ପ୍ରସଙ୍ଗରେ ଆଉ ଗୋଟିଏ କଥା କୁହାଯିବ, ଯେଉଁ ଧର୍ମନୀତି ଏକାଧିକ ଲୋକଙ୍କ ଦ୍ୱାରା ପ୍ରଚାରିତ ହୋଇପାରେ ସେଗୁଡ଼ିକ ଗ୍ରହଣୀୟ ଯଥା—

ଦଶା ବରା ବା ପରିଷଦ୍ ଯଂଧର୍ମ ପରିକଳ୍ପୟେତ୍ ।
ତ୍ର୍ୟବରା ବାପି ବୃତ୍ତସ୍ଥାତଂ ଧର୍ମଂ ନବିଚାଳୟେତ୍ ।

"ଦଶ ଶ୍ରେଷ୍ଠ ବିଦ୍ୱାନ୍ ଯେଉଁ ଧର୍ମ କହିବେ, ଅଥବା ତିନିଜଣ ସଦାଚାରୀ ଯେଉଁ ଧର୍ମ କହିବେ ସେ ଧର୍ମକୁ କଦାପି ଲଂଘନ କରିବ ନାହିଁ । " ଏଠାରେ କୌଣସି ଜଣେ ବ୍ୟକ୍ତି ବିଶେଷଙ୍କୁ ନ କହି ଗୋଟିଏ ବିଦ୍ୱାନ ସମଷ୍ଟିଙ୍କ ଦ୍ୱାରା ପ୍ରଚାରିତ ଧର୍ମନୀତିର କଥା ଉଲ୍ଲେଖ କରାଯାଇଅଛି । ଉପରୋକ୍ତ ପଂକ୍ତି ଚୟକୁ ଆଖିଆଗରେ ରଖି ବିଚାର କଲେ ଯୁଗେ ଯୁଗେ ମହାପୁରୁଷଗଣ ଆବିର୍ଭୂତ ହୋଇ ସର୍ବଭୂତର ହିତ ପାଇଁ ଯେଉଁ ସବୁ ଆଦର୍ଶ ଉପସ୍ଥାପନ କରିଯାଇଥିଲେ ତାହାର ମହତ୍ତ୍ୱ ଉପଲବ୍ଧ ହେବ ।

ବର୍ତ୍ତମାନ ଧର୍ମର ଲକ୍ଷଣ ବିଷୟ ଚିନ୍ତା କରାଯାଉ । ଧର୍ମର ଲକ୍ଷଣ ୪ଟି ବୋଲି ମନୁ ନିର୍ଦ୍ଦେଶ କରି ଅଛନ୍ତି । ସେଗୁଡ଼ିକ ହେଲା—

ବେଦଃ ସ୍ମୃତିଃ ସଦାଚାର ସ୍ୱସ୍ୟ ଚ ପ୍ରିୟମାତ୍ମନଂ ।
ଏତଂ ଚତୁର୍ବିଧଂ ପ୍ରାହୁ ସାକ୍ଷାଦ୍ଧର୍ମସ୍ୟ ଲକ୍ଷଣଂ ॥

ଅର୍ଥାତ୍, "ବେଦ-ସ୍ମୃତି, ସଦାଚାର ଓ ନିଜ ଆତ୍ମାର ଯାହା ପ୍ରିୟ ତଦନୁସାରେ କାର୍ଯ୍ୟ କରିବାହିଁ ଧର୍ମର ଲକ୍ଷଣ ।"

ବେଦ—ହିନ୍ଦୁମାନଙ୍କ ମତରେ ବେଦ ଅପୌରୁଷେୟ ଈଶ୍ୱର ବାକ୍ୟ ଏବଂ ଏହାର ପରଂପରା ଗୁରୁଶିଷ୍ୟମାନଙ୍କ ଦ୍ୱାରା ସୁରକ୍ଷିତ । ଏଣୁ ହିନ୍ଦୁଧର୍ମାବଲମ୍ବୀ ଭିନ୍ନ ଅନ୍ୟମାନେ ବେଦକୁ ପରଂପରା ବୋଲି ବୁଝନ୍ତି । ସ୍ମୃତି—ଏହା ହେଉଛି ସମାଜର ନୀତି । ଏହାକୁ ଆଧୁନିକ ଭାଷାରେ ମାନବ ଜୀବନର ସଂବିଧାନ (Constitution) ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସମାଜର ତଥା ବ୍ୟକ୍ତି ବିଶେଷର ନିୟନ୍ତ୍ରଣ ନିମିତ୍ତ ସବୁ ବିଷୟ ଏଥିରେ ଉଲ୍ଲେଖ କରାଯାଇଅଛି ।

ସଦାଚାର—ଏହା ହେଉଛି ପ୍ରକୃତ ଜୀବନରେ ବେଦ ଓ ସ୍ମୃତି କଥିତ ନିୟମ ପାଳନ କରିବା । ଏହା ଜୀବନର ବାସ୍ତବ ପ୍ରୟୋଗ (Practical application) ଅଟେ ନିଜ ଆତ୍ମାର ପ୍ରିୟ—ଏହା ନିଜର ଅଭିରୁଚି ମାତ୍ର । ଦେଶ, କାଳ, ପାତ୍ର ବିବେଚନାରେ ଏହା ଭିନ୍ନ ଭିନ୍ନ ଅଟେ । ଉଦାହରଣ ସ୍ୱରୂପ—ଭାରତୀୟମାନଙ୍କର ଯାହା ପ୍ରିୟ ପାଶ୍ଚାତ୍ୟ ଦେଶୀୟମାନଙ୍କର ତାହା ନୁହେଁ । ମାଂଶାହୀର ମାଂସ ଅତି ପ୍ରିୟ କିନ୍ତୁ ଫଳଭୋଜୀ ମାଂସକୁ ଘୃଣା କରେ । ତେଣୁ ରୁଚି ଅନୁମୋଦିତ ପନ୍ଥା ବା ରୁଚିବୋଧ ମଧ୍ୟ ଧର୍ମର ଲକ୍ଷଣ ଅନ୍ତର୍ଭୁକ୍ତ ।

ଏହି ସଂପର୍କରେ ଆଉ ଗୋଟିଏ ବିଷୟ ଉତ୍ଥାପନ କରିବାକୁ ଇଚ୍ଛା କରୁଛି । ଗୃହସ୍ଥ ପାଇଁ ଚାରିଗୋଟି ଆଶ୍ରମ ଧର୍ମ ପ୍ରବର୍ତ୍ତ କରାଯାଇ ଅଛି । ତାହା ହେଲା—

ବ୍ରହ୍ମଚାରୀ ଗୃହସ୍ଥଶ୍ଚ ବାନପ୍ରସ୍ଥୋ ଯତିସ୍ତଥା ।
ପ୍ରତେ ଗୃହସ୍ଥ ପ୍ରଭବାଶ୍ଚତ୍ୱାରଃ ପୃଥଗାଶ୍ରମାଃ ॥

ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ ଓ ଯତି- ଏହି ଚାରି ପୃଥକ୍ ପୃଥକ୍ ଆଶ୍ରମ ଗୃହସ୍ଥରୁ ଉତ୍ପନ୍ନ ହୁଏ । ଅତଏବ ଯେପରି ଯୁଗ ଭିନ୍ନରେ ଧର୍ମର ଭିନ୍ନ ଭିନ୍ନ ଲକ୍ଷଣ କଥା କୁହା ଯାଇଅଛି ସେହିପରି ଆଶ୍ରମ ଭିନ୍ନରେ ଧର୍ମର ଦଶ ଗୋଟି ଲକ୍ଷଣ କଥା ମନୁ ଉଲ୍ଲେଖ କରି ଅଛନ୍ତି ।

ଧୃତି, କ୍ଷମା, ଦମୋସ୍ତେୟଂ, ଶୌଚମିନ୍ଦ୍ରିୟ ନିଗ୍ରହ ।
ଧୀବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମ ଲକ୍ଷଣ ॥

୧ । ଧୃତି-ଧୈର୍ଯ୍ୟ
୨ । କ୍ଷମା
୩ । ଦମ-ଆତ୍ମସଂଯମ
୪ । ଅସ୍ତେୟ-ଚୋରୀ ନ କରିବା
୫ । ଶୌଚ-ପବିତ୍ରତା
୬ । ଇନ୍ଦ୍ରିୟ ନିଗ୍ରହ-ସଂଯମ
୭ । ଧୀ-ବୁଦ୍ଧି
୮ । ବିଦ୍ୟା-ଆଧ୍ୟାତ୍ମ ବିଦ୍ୟା
୯ । ସତ୍ୟ
୧୦ । ଅକ୍ରୋଧ

ମହାତ୍ମାଗାନ୍ଧୀ ମଧ୍ୟ ଏହି ଯୁଗକୁ ଲକ୍ଷ୍ୟ କରି କହିଛନ୍ତି ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀର ଶ୍ରମ, ଆସାଦ, ସର୍ବତ୍ର ଭୟ ବର୍ଜନ, ସ୍ୱଦେଶୀ ସ୍ପର୍ଶ ଭାବନା— ପ୍ରତ୍ୟେକ ମାନବର ଆଦର୍ଶ ହେବା ଉଚିତ । ପ୍ରତ୍ୟେକ ବ୍ୟକ୍ତି ଯଦି ଏହି ୧୦ଟି ନିୟମର ଉନ୍ନତି କଲେ ସଂକଳ୍ପବଦ୍ଧ ହୁଅନ୍ତି ତେବେ ସେମାନଙ୍କ ଜୀବନ ଆଧ୍ୟାତ୍ମିକ ଚିନ୍ତା ଚେତନାରେ ଉଦ୍‌ବୁଦ୍ଧ ହେବ, ବସୁଧୈବ କୁଟୁମ୍ବକ ଭାବରେ ସୌରଭାନ୍ୱିତ ହୋଇ ସମସ୍ତ ପାରିପାର୍ଶ୍ୱିକ ପରିବେଶ ଆମୋଦିତ କରିବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

ମୀମାଂସକମାନେ କହନ୍ତି—

"ଚୋଦନା ଲକ୍ଷଣୋ ଅର୍ଥ ଧର୍ମଃ"

କୌଣସି ମୁଖ୍ୟ ବ୍ୟକ୍ତି ଦ୍ୱାରା "ତୁମେ ଏହା କର ବା କରନାହିଁ" ବୋଲି ଯେଉଁ ଆଦେଶ ଦିଅନ୍ତି ତାହାକୁ ଚୋଦନା କୁହାଯାଏ । ଏହିପରି କର୍ତ୍ତବ୍ୟବୋଧ ସ୍ପଷ୍ଟ ଭାବରେ ନିୟନ୍ତ୍ରିତ ନ ହେଲେ ଲୋକ ସ୍ୱେଚ୍ଛାଚାରୀ ହୋଇଯିବ । ଖାଇବା ପିଇବା ବା ମଉଜ ମଜଲିସ୍ ହେଉ । ଇନ୍ଦ୍ରିୟ ଲାଳସା ପରିତୃପ୍ତ ନିମିତ୍ତ ସ୍ୱାଭାବିକ ଗତି । କିନ୍ତୁ ପ୍ରତ୍ୟେକ ବିଷୟରେ ସୀମା ଅଛି । ସେଥିପାଇଁ ନିର୍ଦ୍ଦେଶ ଅଛି ଯେ:—"ନମାଂସ ଭକ୍ଷଣେ ଦୋଷୋ ନମଦ୍ୟେ ନଚ ମୈଥୁନେ" ଏହା ମଧ୍ୟ ମନୁଷ୍ୟର ସହଜାତ ପ୍ରବୃତ୍ତି । ତେଣୁ କୁହାଯାଇଛି ଯେ "ପ୍ରବୃତ୍ତିରେଷ ଭୂଣନା" । କିନ୍ତୁ ଅତିଶୟ ପ୍ରବୃତ୍ତିରେ ଫଳ ଭୟାବହ ହୋଇପାରେ । ବୋଲି ଆଶଙ୍କା କରି ପୂର୍ବାଚାର୍ଯ୍ୟମାନେ 'ନିବୃତି ସ୍ତୁ ମହାଫଳା' ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଉପରୋକ୍ତ ମତରୁ ଜଣାଯିବ ଯେ ବିଷୟଟି ଉଭୟ ଦିଗରୁ ବିଚାର କରାଯାଇଅଛି ଏବଂ ଯାହା ଆବଶ୍ୟକ, ଯେଉଁ ବିଷୟର ଯାହା ସୀମା ତାହା ମଧ୍ୟ ନିରୂପିତ ହୋଇଅଛି । ଉଦାହରଣ ସ୍ୱରୂପ—ଗୋଟିଏ କଥା ବିଚାର କରାଯାଉ । ଧର୍ମର ଲକ୍ଷଣ ସତ୍ୟ-ଅସତ୍ୟ ନୁହେଁ । ତେବେ ଜଣେ ଋଷି ତପସ୍ୟା କରୁଥିବା ଅବସ୍ଥାରେ ଘାତୁକ ଦ୍ୱାରା ଅନୁଧାବିତ ଜଣେ ବ୍ୟକ୍ତି ଋଷିଙ୍କର ଶରଣାପନ୍ନ ହେବାରୁ ଋଷି ତାକୁ ଅଭୟ ପ୍ରଦାନ କଲେ । ପରେ ଘାତୁକ ଉକ୍ତ ସ୍ଥାନରେ ପହଞ୍ଚି ପ୍ରଶ୍ନ କରିବାରୁ ଋଷି କିଛି ଜାଣିନାହାନ୍ତି ବୋଲି କହିଲେ । ଏଠାରେ ଋଷି ମିଥ୍ୟାବାଦୀ ଦୋଷରେ ଦୁଷିତ ହେଲେନାହିଁ । ସ୍ଥଳ ବିଶେଷରେ ମିଥ୍ୟା କହିବା ମିଥ୍ୟା ବୋଲି ଧରାଯାଏ ନାହିଁ । ଯେହେତୁ ମିଥ୍ୟା କହିବା ଦ୍ୱାରା ଜଣକର ପ୍ରାଣରକ୍ଷା ହୋଇପାରିଲା ।

ମହାଭାରତ ଅନୁଶାସନ ପର୍ବରେ ଭୀଷ୍ମ ଧର୍ମରାଜ ଯୁଧିଷ୍ଠିରଙ୍କୁ ଯେଉଁ ଉପଦେଶ ଦେଇଥିଲେ ତାହା ହେଲା :—

ନନର୍ମ ଯୁକ୍ତ ବଚନଂ ହିନସ୍ତି
ନସ୍ତ୍ରୀସୁ ରାଜନ୍ ବିବାହ କାଳେ
ପ୍ରାଣାତ୍ୟୟେ ସର୍ବ ଧନାପହାରେ
ପଞ୍ଚାନୃତାନ୍ୟାହୁର ପାତକାନି ।

ହେ ରାଜନ୍ ସ୍ତ୍ରୀମାନଙ୍କ ଆଗରେ, ବିବାହ କାଳରେ, ଜୀବନ ସଂକଟ ସମୟରେ, ସଞ୍ଚିତ ଧନ ରକ୍ଷା ଉଦ୍ଦେଶ୍ୟରେ ଏବଂ ପରିହାସ ଛଳରେ ଏହିପରି ପାଞ୍ଚଟି ସ୍ଥଳରେ ମିଥ୍ୟା କଥନ ଦ୍ୱାରା ପାପ ହୁଏନାହିଁ । ଏଗୁଡ଼ିକୁ ଆପଦ ଧର୍ମ ବୋଲି କୁହାଯାଏ ଯେହେତୁ ବିପଦ କାଳରେ ଏହା ହେଲା ତତ୍-କାଳିକ ଧର୍ମ । ଯଦ୍ୟପି ସତ୍ୟ ନ କହିଲେ ନିଜର ପ୍ରାଣ ପ୍ରତି ବିପଦ ରହିଛି ଅଥଚ ସତ୍ୟ କହିଲେ ଅନ୍ୟ ଜଣଙ୍କର ପ୍ରାଣହାନି ହେବ ସେହିପରି ସ୍ଥଳରେ ଅନ୍ୟର ପ୍ରାଣ ଯାଉ-ପଛେ ନିଜର ପ୍ରାଣ ରକ୍ଷା କରିବାକୁ ହେବ ବୋଲି ନୀତି ବାଣୀ କଥିତ ହୋଇଅଛି ।

ଆତ୍ମାନଂ ସତତଂ ରକ୍ଷେତ
ପୁତ୍ରୈରପି ଦାରୈରପି ।

ଅତଏବ କର୍ତ୍ତବ୍ୟ ପାଳନ ଲାଗି ଏହିପରି ବିଧାନ ରହିଛି । ଏହିପରି ଆଚରଣରେ ଅଧର୍ମ ହୁଏ ନାହିଁ । କିନ୍ତୁ ଯେଉଁଠାରେ ମିଥ୍ୟା କହିବା ଅନୁଚିତ ସେ ସ୍ଥଳରେ ମିଥ୍ୟା ପ୍ରବଚନ ଦୋଷାବହ । ଧର୍ମରାଜ ଯୁଧିଷ୍ଠିର ଗୁରୁଙ୍କ ଆଗରେ କହିଥିଲେ :—

"ନରେ ବା କୁଞ୍ଜରେ ବା ଅଶ୍ୱତ୍ଥାମା ହତ"

ନର ଶବ୍ଦ ଯୋଗ କରିଥିବାରୁ ଦେବବନ୍ଦ୍ୟ ଧର୍ମରାଜ ଯୁଧିଷ୍ଠିରଙ୍କୁ ମଧ୍ୟ ନର୍କ ଦର୍ଶନ କରିବାକୁ ପଡ଼ିଥିଲା । "ନମାଂସ ଭକ୍ଷଣେ ଦୋଷେ ନମଦ୍ୟେ ନଚ ମୈଥୁନେ" ବୋଲି ନୀତିବାକ୍ୟ ଅନୁସୃତ ହେଉଥିଲେ ମଧ୍ୟ ଏହିସବୁ କର୍ମ ଶିଷ୍ଟାଚାର ବିରୋଧୀ ହେଲେ ଦୋଷାବହ ହେବା ସ୍ୱୀକାର୍ଯ୍ୟ । ଏଠାରେ ପୂର୍ବୋକ୍ତ ବାକ୍ୟ 'ନିବୃତ୍ତିସ୍ତୁ ମହାଫଳା' ଅନୁସୃତ ହେବା ଉଚିତ ।

ଧର୍ମ ପାଳନ ନିମିତ୍ତ ବୈଦିକ ମତରେ କର୍ତ୍ତବ୍ୟାକର୍ତ୍ତବ୍ୟର ନିରୂପଣ ମଧ୍ୟ କରାଯାଇଅଛି । ତଦନୁସାରେ ଯାଗ ଯଜ୍ଞର ବିଭିନ୍ନ ପ୍ରକରଣ ମଧ୍ୟ ନିର୍ଣ୍ଣୟ କରାଯାଇଅଛି । ବିଭିନ୍ନ ଜାତିର ବିଭିନ୍ନ କର୍ତ୍ତବ୍ୟ ମଧ୍ୟ କୁହାଯାଇଅଛି । ଧର୍ମରୁ ଅର୍ଥ ଓ କାମ ମଧ୍ୟ ସମ୍ଭବ ହୁଏ । ଅର୍ଥ ଓ କାମ ଧର୍ମରୁ ପ୍ରତିଷ୍ଠିତ ହେଲେ କେବଳ ମହତ୍ତ୍ୱପୂର୍ଣ୍ଣ ହୋଇପାରେ । ଆହୁରି ସରଳ ଭାବରେ କହିବାକୁ ଗଲେ ଧର୍ମାଚରଣରୁ ଯେଉଁ ଅର୍ଥ ମିଳିବ ତାହା ପ୍ରକୃତ ଅର୍ଥ ଏବଂ ସେହି ଅର୍ଥର ଭୋଗ ପ୍ରକୃତ ଭୋଗ । ଏହା ପ୍ରକୃତ ଧାର୍ମିକର ମହତ୍ ଅଭିବୃଦ୍ଧି କରେ । ଏହି ପ୍ରସଙ୍ଗରେ ବ୍ୟାସ ଦେବଙ୍କ ଗୋଟିଏ ଉପଦେଶ ମନେପଡ଼େ :—

ଊର୍ଦ୍ଧ୍ୱବାହୁ ବିରୌମ୍ୟେଷଃ ନଚ କଶ୍ଚିତ୍ ଶୃଣୋତି ମାମ୍ ।
ଧର୍ମାଦର୍ଥଶ୍ଚ କାମଶ୍ଚ ସଧର୍ମ କିଂନ ସେବ୍ୟତେ ।

ମୁଁ ଊର୍ଦ୍ଧ୍ୱବାହୁ ହୋଇ ଚିତ୍କାର କରୁଅଛି । କିନ୍ତୁ ମୋ କଥା କେହି ଶୁଣୁନାହାନ୍ତି । ଯେଉଁ ଧର୍ମରୁ ଅର୍ଥ ଓ କାମ ମିଳେ ତୁମେ ସେପରି ଧର୍ମର ଆଚରଣ କାହିଁକି କରୁନାହଁ ?

ଏହି ସବୁରୁ ସ୍ପଷ୍ଟ ପ୍ରତିପାଦିତ ହେଉଅଛି ଯେ ଯେଉଁ କର୍ମ ଦ୍ୱାରା ସର୍ବଭୂତହିତ ସାଧନ ହୁଏ, ଆତ୍ମସୁଖ ଲାଭ ହୁଏ ସେହି କର୍ମହିଁ ପ୍ରକୃତ ଧର୍ମ ।

"ଯତୋଭ୍ୟୁଦୟ ନିଃଶ୍ରେୟସଃ ସିଦ୍ଧି ସଧର୍ମଃ"

ଅର୍ଥାତ୍ ଯାହା ଦ୍ୱାରା ଅଭ୍ୟୁଦୟ ଓ ନିଃଶ୍ରେୟସ ସିଦ୍ଧ ହୁଏ ତାହା ହେଉଛି ପ୍ରକୃତ ଧର୍ମ ।

ଅଭ୍ୟୁଦୟ ଅର୍ଥାତ ସର୍ବତୋଭାବେ ଉଦୟ ବା ଉନ୍ନତି । ଏହା ଆଧିଭୌତିକକୁ ବୁଝାଏ । ନିଃଶ୍ରେୟସ—ସଂପୂର୍ଣ୍ଣ ଆଧ୍ୟାତ୍ମିକ ଉନ୍ନତିକୁ ବୁଝାଏ ।

ଆଧି ଭୌତିକ ଓ ଆଧ୍ୟାତ୍ମିକ ଉନ୍ନତିରେ ଯାହା ପ୍ରତିକୂଳ ଆଚରଣ କରେ ତାହା ଧର୍ମ ନୁହେଁ ପାପ । ଏହି ଧର୍ମ—ଅଧର୍ମ ।

ନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ ବିଭାଗ

## ବଉଦ-କନ୍ଧମାଳ ଜିଲ୍ଲାର ଦୁଇଟି ଗ୍ରାମ ସଞ୍ଚୟ ଗ୍ରାମ ରୂପେ ଘୋଷଣା

ବଉଦ କନ୍ଧମାଳ ଜିଲ୍ଲାର ରାଇକିଆ ପଞ୍ଚାୟତ ସମିତି ଅନ୍ତର୍ଗତ କାଡୁରୀ ଓ କାମୁରିକିଆ ଗ୍ରାମ ଦୁଇଟିକୁ ସଞ୍ଚୟ ଗ୍ରାମ ରୂପେ ଘୋଷଣା କରାଯାଇଛି । କାଡୁରୀ ଗ୍ରାମର ସମସ୍ତ ୨୪ଟି ପରିବାର ୩୫ଟି ପାଶ୍ ବହି ଖୋଲି ଟ ୧,୭୧୭ ଙ୍କା ଓ କାମୁରିକିଆ ଗ୍ରାମର ସମସ୍ତ ୩୯ଟି ପରିବାର ୫୦ଟି ପାଶ୍ ବହି ଖୋଲି ଟ ୩୮୨·୨୫ ପଇସା ଜମା କରିଛନ୍ତି । ଏହି ଗ୍ରାମ ଦୁଇଟି ରାଇକିଆ ପଞ୍ଚାୟତ ସମିତିର ତୃତୀୟ ଓ ଚତୁର୍ଥ ସଞ୍ଚୟ ଗ୍ରାମ ରୂପେ ଘୋଷିତ ହେଲା । ଏଥି ପୂର୍ବରୁ ସେହି ବ୍ଲକ୍‌ର କାଳିଗାଡ଼ ଓ ଦମା ଗ୍ରାମ ଦୁଇଟିକୁ ସଞ୍ଚୟ ଗ୍ରାମ ରୂପେ ଘୋଷଣା କରାଯାଇଥିଲା ।

# ଆକାଶବାଣୀର ବିବିଧ ଭାରତୀ କେନ୍ଦ୍ର

ଶ୍ରୀ ଯତୀନ ଦାସ

ବିବିଧ ଭାରତୀ ଅଲଇଣ୍ଡିଆ ରେଡ଼ିଓର ଏକ ଅଭିନବ ସୃଷ୍ଟି । କାରଣ ଅଳ୍ପ ସମୟ ଭିତରେ ଦେଶର ଅଗଣିତ ଶ୍ରୋତାଙ୍କର ମନ ଜୟକରି, ଲୋକପ୍ରିୟତାର ଶୀର୍ଷସ୍ଥାନ ଅଧିକାର କରିବାର ଗୌରବ ହାସଲ କରିବା ଆକାଶବାଣୀର ଅନ୍ୟ କୌଣସି ପ୍ରୋଗ୍ରାମ ପକ୍ଷରେ ଆଜିଯାଏ ସମ୍ଭବ ହୋଇ ପାରିନାହିଁ । ଅଥଚ ବିବିଧଭାରତୀ ଆରମ୍ଭ ହେଲାବେଳେ, ଏହାର ଉଦ୍‌ଭାବକ ମାନେ କଳ୍ପନା ମଧ୍ୟ କରି ପାରିନଥିଲେ ଯେ ମାତ୍ର କେଇଟା ବର୍ଷ ଭିତରେ ଏହି ପ୍ରୋଗ୍ରାମ ଛୁଆ ଠାରୁ ବୁଢ଼ା ପର୍ଯ୍ୟନ୍ତ ଦେଶର ସବୁଶ୍ରେଣୀ ତଥା ସବୁ ସ୍ତରର ଲୋକଙ୍କ ମନରେ ଗଭୀର ରେଖାପାତ କରିପାରିବ ।

୧୯୫୨ ମସିହାରେ ଡକ୍‌ଟର ବି. ଭି. କେଶକର (ଡକ୍‌ଟର ବାଳକୃଷ୍ଣ ବିନାୟକ କେଶକର) ତଥ୍ୟ ଓ ବେତାର ମନ୍ତ୍ରଣାଳୟର ଦାୟିତ୍ୱ ହାତକୁ ନେବା ପରେ କେତେ ଗୁଡ଼ିଏ ନୂଆ ନୂଆ ପ୍ରୋଗ୍ରାମ ଆରମ୍ଭ ହେଲା । ପ୍ରଥମେ ସେ ଉଚ୍ଚାଙ୍ଗ ସଙ୍ଗୀତ (Classical music) ର ଅଭିବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦେଲେ । ଉଚ୍ଚାଙ୍ଗ ସଙ୍ଗୀତ ଯେ ସେତେବେଳେ ପ୍ରଚଳିତ ହେଉ ନଥିଲା ତା ନୁହେଁ, ତେବେ ଜାତିର ଗୋଟିଏ ପ୍ରାଚୀନ ବା ପାରମ୍ପରିକ ସଙ୍ଗୀତ ହିସାବରେ ତା ଉପରେ ଯେତିକି ପ୍ରାଧାନ୍ୟ ଦିଆଯିବାର କଥା, ସେଥିରେ କିଛି ଅଭାବ ରହିଯାଉଥିଲା । ତା'ର ପ୍ରଧାନ କାରଣ, ସେତେବେଳେ ଉଚ୍ଚାଙ୍ଗ ସଙ୍ଗୀତ ପ୍ରତି ଲୋକମାନଙ୍କର ବିଶେଷ ଆଗ୍ରହ ନଥିଲା । ସେମାନେ ଲଘୁସଙ୍ଗୀତ (Light music) ଯଥା ଆଧୁନିକ, ଭଜନ ବିଶେଷ କରି ଫିଲିମ ଗୀତ ବେଶି ପସନ୍ଦ କରୁଥିଲେ ।

ପ୍ରକୃତରେ କହିବାକୁ ଗଲେ, ମୁସଲମାନ ଶାସନ କାଳରେ ଉଚ୍ଚାଙ୍ଗ ସଙ୍ଗୀତର ଯଥେଷ୍ଟ କଦର ଥିଲା । ସଙ୍ଗୀତଜ୍ଞ ମାନେ ଦରବାରରେ ବିଶେଷ ମର୍ଯ୍ୟାଦା ପାଉଥିଲେ । କିନ୍ତୁ ସମ୍ରାଟ ଔରଙ୍ଗଜେବ ଗାଦିକୁ ଆସିବା ପରେ, ସବୁ ଓଲଟ ପାଲଟ ହୋଇଗଲା । ଔରଙ୍ଗଜେବ ସଙ୍ଗୀତ ବିଲକୁଲ ପସନ୍ଦ କରୁ ନଥିଲେ । ଦିନେ ଉଜିରଙ୍କୁ ଡାକି ଦରବାରରୁ ସଙ୍ଗୀତ ଉଠେଇ ଦେବା ଲାଗି ହୁକୁମ ଦେଲେ ।

ତା ପରଦିନ ସମ୍ରାଟଙ୍କ ହୁକୁମ ଦେଶବାସୀଙ୍କୁ ଜଣେଇ ଦିଆଗଲା । ହେଲେ କଥା ଏତିକିରେ ଶେଷ ହେଲା ନାହିଁ । ସମ୍ରାଟଙ୍କ ହୁକୁମରେ ସଙ୍ଗୀତଜ୍ଞ ମାନଙ୍କୁ ଦେଶରୁ ମଧ୍ୟ ବାହାର କରି ଦିଆଗଲା । ଭୋକ ଉପାସରେ ସେମାନଙ୍କ ଭିତରୁ ଅନେକ ମରିଗଲେ ଆଉ କେତେକ ପେଟ ବିକଳରେ ସଙ୍ଗୀତ ଚର୍ଚ୍ଚା ଛାଡ଼ିଦେଲେ । ବାକି ଯେଉଁ ମାନେ ରହିଗଲେ ସେମାନେ ଯାଇ ରଜା ମହାରାଜାମାନଙ୍କ ଦରବାରରେ ଆଶ୍ରୟ ନେଲେ । ସଙ୍ଗୀତର ମୂର୍ଚ୍ଛନାରେ ରାଜଦରବାର ମୁଖରିତ ହୋଇ ଉଠିଲା, ହେଲେ ଏହା ଦ୍ୱାରା ସଙ୍ଗୀତର କୌଣସି ପ୍ରକାର ବିକାଶ ହୋଇ ପାରିଲା ନାହିଁ ।

ରାଜଦରବାରରେ ଗାଇବା ସକାଶେ ଯେଉଁମାନଙ୍କୁ ବଛାଗଲା, ଦରବାରର ନିୟମ ଅନୁଯାୟୀ ବାହାରର ଅନ୍ୟ କୌଣସି ସଙ୍ଗୀତ ଆସରରେ ଗୀତ ବୋଲିବା ପାଇଁ ସେମାନଙ୍କର ଅଧିକାର ରହିଲା ନାହିଁ । ସଙ୍ଗୀତ ଗୋଟିଏ ସୀମାବଦ୍ଧ ପରିସର ଭିତରେ ଆବଦ୍ଧ ହୋଇ ରହିଗଲା । ବାହାରେ ତାର ଆଉ ବିକାଶ ହୋଇ ପାରିଲା ନାହିଁ ।

ଉଚ୍ଚାଙ୍ଗ ସଙ୍ଗୀତର ଏହି ଦୁର୍ଦ୍ଦିନରେ କେବଳ ଅଲଇଣ୍ଡିଆ ରେଡ଼ିଓ ବ୍ୟତୀତ ଆଉ କେହି ଆସି ତା ପାଖରେ ଠିଆ ହେଲେ ନାହିଁ । ଏହାକୁ ଲୋକପ୍ରିୟ କରିବା ଲାଗି ରେଡ଼ିଓ କର୍ତ୍ତୃପକ୍ଷ, ନ୍ୟାଶନାଲ ପ୍ରୋଗ୍ରାମ ଅଫ୍ ମ୍ୟୁଜିକ ବା ଅଖିଳ ଭାରତୀୟ ସଙ୍ଗୀତ କାର୍ଯ୍ୟକ୍ରମ ନାମକ ଗୋଟିଏ ନୂଆ ପ୍ରୋଗ୍ରାମ ଆରମ୍ଭ କଲେ ।

୧୯୫୨ ମସିହା ଜୁଲାଇ ମାସ ୨୦ ତାରିଖ ଶନିବାର ରାତି ସାଢ଼େ ନଟାରେ, ଦିଲ୍ଲୀ ବେତାର କେନ୍ଦ୍ରରୁ ସର୍ବ ପ୍ରଥମ

ଅଖିଳ ଭାରତୀୟ ସଙ୍ଗୀତ କାର୍ଯ୍ୟକ୍ରମ ପ୍ରଚାର କରାଗଲା । ସେଦିନର କଳାକାର ଥିଲେ, ବିଶ୍ୱବିଖ୍ୟାତ ସୀତାର ବାଦକ ପଣ୍ଡିତ ରବିଶଙ୍କର । ତାଙ୍କ ବ୍ୟତୀତ ଦେଶର ଶୀର୍ଷ ସ୍ଥାନୀୟ କଳାକାରମାନଙ୍କୁ ମଧ୍ୟ, ଏହି ପ୍ରୋଗ୍ରାମରେ ଅଂଶ ଗ୍ରହଣ କରିବାକୁ ଆମନ୍ତ୍ରଣ କରାଗଲା । ଫଳରେ ପ୍ରୋଗ୍ରାମର ଗୁରୁତ୍ୱ ଦିନକୁ ଦିନ ବଢ଼ିବାକୁ ଲାଗିଲା ଏବଂ ଉଚ୍ଚାଙ୍ଗ ସଙ୍ଗୀତ ଲୋକପ୍ରିୟ କରିବା ପାଇଁ ସରକାରଙ୍କର ଲକ୍ଷ୍ୟ ପୂରଣ ହେଲା ।

ଶ୍ରୋତାମାନଙ୍କ ଭିତରୁ ଅନେକେ, ଯେଉଁମାନେ ଲାଇଟ୍ ମ୍ୟୁଜିକ ବା ଲଘୁ ସଙ୍ଗୀତ ପସନ୍ଦ କରୁଥିଲେ, ସେମାନଙ୍କୁ ଉଚ୍ଚାଙ୍ଗ ସଙ୍ଗୀତ ଶୁଣିବାକୁ ଭଲ ଲାଗିଲା ନାହିଁ । ସେମାନେ ମନେ ମନେ ଅସନ୍ତୁଷ୍ଟ ହେଲେ । କାରଣ ଫିଲ୍ମ ଗୀତ ବଦଳରେ, ଉଚ୍ଚାଙ୍ଗ ବା ଶାସ୍ତ୍ରୀୟ ସଙ୍ଗୀତର ରେକର୍ଡ ବଜେଇବା ପାଇଁ ଆକାଶବାଣୀର ବିଭିନ୍ନ କେନ୍ଦ୍ର ଗୁଡ଼ିକୁ ନିର୍ଦ୍ଦେଶ ଦିଆ ସରିଥିଲା ।

ଅସନ୍ତୁଷ୍ଟ ଗୋଷ୍ଠୀର ଏହିସବୁ ଶ୍ରୋତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ସ୍ଥିରହେଲା ଯେ, ଆକାଶବାଣୀ ତା'ର ନିଜ କଳାକାର ମାନଙ୍କ ଦ୍ୱାରା ଗୀତ ରେକର୍ଡ କରେଇ ଫିଲ୍ମ୍ ଗୀତ ବଦଳରେ ସେହି ସବୁ ଗୀତ ପରିବେଷଣ କରିବ । ସେଥି ସକାଶେ ଗୋଟିଏ ପୃଥକ ବିଭାଗ ଖୋଲା ଯାଇ ତା ନାଁ ରଖାଗଲା, ଲାଇଟ୍ ମ୍ୟୁଜିକ ୟୁନିଟ୍ ବା ସୁଗମ ସଙ୍ଗୀତ ବିଭାଗ ।

ସୁପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକମାନଙ୍କୁ ନିଯୁକ୍ତି ଦିଆଗଲା ଏବଂ ସେମାନେ ପ୍ରଚଳିତ ରାଗ-ରାଗିଣୀ ତଥା ପଲ୍ଲୀଗୀତ ଉପରେ ଭିତ୍ତିକରି ସଙ୍ଗୀତ ପ୍ରସ୍ତୁତ କଲେ । ସଙ୍ଗୀତଗୁଡ଼ିକ ରୁଚିକର ସୁଶ୍ରାବ୍ୟ ତଥା ଉପଭୋଗ୍ୟ ହେଲା, ସମସ୍ତେ ପ୍ରଶଂସା କଲେ, ହେଲେ ଯେଉଁମାନଙ୍କ ସକାଶେ ଏ ସବୁ କରାଗଲା ସେହିସବୁ ଅସନ୍ତୁଷ୍ଟ ଗୋଷ୍ଠୀର ଶ୍ରୋତାମାନଙ୍କ ମନର କୌଣସି ପରିବର୍ତ୍ତନ ହେଲାନାହିଁ । ସେମାନେ ସମସ୍ତେ ରେଡ଼ିଓ ସିଲୋନ ପ୍ରୋଗ୍ରାମ ଶୁଣିବାକୁ ଆରମ୍ଭ କରିଦେଲେ ।

କ'ଣ କରାଗଲେ ସମସ୍ୟାର ସମାଧାନ ହୋଇ ପାରିବ ପରାମର୍ଶଦାତା ବୋର୍ଡର ସଦସ୍ୟମାନେ ସେ ବିଷୟ ନେଇ ନିଜ ନିଜ ଭିତରେ ବିଚାର ଆଲୋଚନା କଲାପରେ ସ୍ଥିର ହେଲା ଯେ, ଅଲଇଣ୍ଡିଆ ଭେରାଇଟି ପ୍ରୋଗ୍ରାମ ବା ନିଖିଳ ଭାରତ ବିଚିତ୍ରା କାର୍ଯ୍ୟକ୍ରମ ନାମକ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଗୋଟିଏ ପ୍ରୋଗ୍ରାମ ପ୍ରଚାରର ବ୍ୟବସ୍ଥା କରାହେବ । ସରକାର ମଧ୍ୟ ସଦସ୍ୟମାନଙ୍କ ସାଙ୍ଗରେ ଏକମତ ହେଲେ ।

ସରକାରଙ୍କ ନିଷ୍ପତ୍ତି ଅନୁସାରେ ସବୁ କାମ ଶେଷ ହେବା ପରେ ପ୍ରୋଗ୍ରାମ ପ୍ରସ୍ତୁତ କରିବା ପାଇଁ ଗୋଟିଏ କମିଟି ଗଢ଼ାହେଲା । କମିଟି ସମସ୍ତଙ୍କ ମନଲାଖି ସୁନ୍ଦର ଓ ଚିତ୍ତାକର୍ଷକ ଗୋଟିଏ ପ୍ରୋଗ୍ରାମ ତିଆରି କଲେ । ପ୍ରୋଗ୍ରାମଟି ସମସ୍ତଙ୍କ ମନକୁ ପାଇଲା । ହେଲେ ପ୍ରୋଗ୍ରାମର ନାଁ ଅନେକଙ୍କର ପସନ୍ଦ ହେଲା ନାହିଁ । ଉଦ୍ୟୋକ୍ତା ମାନେ ମଧ୍ୟ ପରେ ସେ କଥା ଉପଲବ୍ଧି କଲେ । ଶେଷରେ 'ଅଲ-ଇଣ୍ଡିଆ ଭେରାଇଟି ପ୍ରୋଗ୍ରାମ ନା ବଦଳେଇ ଦେଇ 'ବିବିଧ ଭାରତୀ' ପ୍ରୋଗ୍ରାମ ବୋଲି ଘୋଷଣା କରାଗଲା ଏବଂ ଏଥି ସକାଶେ ବମ୍ବେରେ ଶହେ କିଲୋୱାଟ୍‌ର ଗୋଟିଏ ହାଇ ପାୱାର ଶର୍ଟୱେଭ ଟ୍ରାନ୍‌ସମିଟର ଖଞ୍ଜା ଗଲା ।

ସାଧାରଣତଃ ଶର୍ଟୱେଭ ପ୍ରୋଗ୍ରାମ ବହୁ ଦୂର ଦୂରାନ୍ତ ଅଞ୍ଚଳକୁ ସ୍ପଷ୍ଟ ଓ ପରିଷ୍କାର ଭାବରେ ଶୁଣାଯାଏ । ସେଥିରେ ପୁଣି ଉଚ୍ଚଶକ୍ତି ସଂପନ୍ନ ଟ୍ରାନ୍‌ସମିଟର ଖଞ୍ଜା ଯିବା ଫଳରେ ଦେଶର ବ୍ୟାପକ ଅଞ୍ଚଳ ବିଶେଷ କରି ଗାଁ ଗଣ୍ଡାର ଲୋକମାନେ ପୂରାମାତ୍ରାରେ ପ୍ରୋଗ୍ରାମ ଉପଭୋଗ କରିବାର ସୁଯୋଗ ପାଇଲେ । ଫଳରେ ସିଲୋନ ରେଡ଼ିଓ ଶ୍ରୋତା ମାନଙ୍କ ସଂଖ୍ୟା ଧୀରେ ଧୀରେ କମିଗଲା ।

ବନ୍ଦନବାର (ଭକ୍ତି ସଙ୍ଗୀତ), ଉଦୟଗାନ (ଦେଶାତ୍ମବୋଧକ ଗୀତ) ରଙ୍ଗାବଳି (ଫିଲ୍ମ୍ ଗୀତ) ସ୍ୱର-ସୁଧା (ଉଚ୍ଚାଙ୍ଗ ସଙ୍ଗୀତ) ହାୱାମହଲ (ନାଟକ) ଓ ଜୟମାଳା ପ୍ରଭୃତି ଯେଉଁସବୁ ପ୍ରୋଗ୍ରାମ ଶ୍ରୋତାମାନଙ୍କ ମନୋରଞ୍ଜନ ପାଇଁ ପ୍ରଚାର କରାଗଲା ସେଗୁଡ଼ିକ ମଧ୍ୟରୁ ସବୁଠାରୁ ବେଶି ଲୋକପ୍ରିୟ ହେଲା 'ଜୟମାଳା' ।

ସେନାବାହିନୀଙ୍କ ମନୋରଞ୍ଜନ ପାଇଁ ଏହି ପ୍ରୋଗ୍ରାମ ଦିଲ୍ଲୀରୁ ପ୍ରତି ଶନିବାର ଓ ରବିବାର ଦିନ ପ୍ରଚାର କରାହୁଏ । ସିନେମା ଜଗତର ଖ୍ୟାତନାମା ଅଭିନେତା-ଅଭିନେତ୍ରୀ, ସଙ୍ଗୀତ ପରିଚାଳକ, ପ୍ରଚ୍ଛଦପଟ ଗାୟକ ଗାୟିକା, ନିର୍ଦ୍ଦେଶକ ତଥା ଚରିତ୍ରାଭିନେତା ମାନଙ୍କୁ ଏହି ପ୍ରୋଗ୍ରାମର ପରିଚାଳନା କରିବା ଲାଗି ଆମନ୍ତ୍ରଣ କରାହୁଏ ଏବଂ ସେମାନେ ସେମାନଙ୍କ ଅଭିଜ୍ଞତା ବିଷୟ ବର୍ଣ୍ଣନା କରିବା ସାଙ୍ଗେ ସାଙ୍ଗେ ଜବାନ ମାନଙ୍କ ମନ ପସନ୍ଦ ଗୀତ ବଜେଇ ଶୁଣାନ୍ତି ।

ବିବିଧ ଭାରତୀ କାର୍ଯ୍ୟକ୍ରମ ହାଇପାୱାର ଶର୍ଟୱେଭ ଟ୍ରାନ୍‌ସମିଟର ଜରିଆରେ ପ୍ରଚାରିତ ହେବା ଦ୍ୱାରା ଦୂର-ଦୂରାନ୍ତ ଲୋକମାନଙ୍କ ପକ୍ଷେ ପ୍ରୋଗ୍ରାମ ଉପଭୋଗ କରିବାକୁ ସୁବିଧା ହେଲା । ଏକଥା ଅବଶ୍ୟ ସତ-ହେଲେ ମଧ୍ୟ। ବିତ୍ତ ତଥା ଗରିବ ଲୋକମାନେ ଏ ସୁଯୋଗରୁ ବଞ୍ଚିତ ହେଲେ । କାରଣ ଶର୍ଟୱେଭ ରେଡ଼ିଓ ସେଟ୍ ଖରିଦ କଲାଭଳି ଆର୍ଥିକ କ୍ଷମତା ସେତେବେଳେ ଅଧିକାଂଶ ଲୋକଙ୍କର ନଥିଲା । ଏ ବିଷୟ ସରକାରଙ୍କ ଦୃଷ୍ଟିକୁ ଅଣାଯିବା ପରେ ସରକାର, ମିଡ଼ିୟମୱେଭରେ ମଧ୍ୟ ବିବିଧ ଭାରତୀ ପ୍ରୋଗ୍ରାମ ପ୍ରଚାରର ସୁବିଧା କରେଇ ଦେଲେ । ସେଇ ବ୍ୟବସ୍ଥା ଅନୁଯାୟୀ କଲିକତା, କଟକ, ଗୌହାଟି, ଦିଲ୍ଲୀ, ବମ୍ବେ, ମାନ୍ଦ୍ରାଜ, ସିମିଳା, ହାଇଦ୍ରାବାଦ, ଭୋପାଲ, ଏଲ୍ଲାବାଦ ଓ ଆକାଶ ବାଣୀର ଆହୁରି କେତେ ଗୁଡ଼ିଏ କେନ୍ଦ୍ରରୁ ମିଡ଼ିୟମୱେଭ ଜରିଆରେ ବିବିଧ ଭାରତୀ ପ୍ରୋଗ୍ରାମ ନିୟମିତ ଭାବରେ ପ୍ରଚାରିତ ହେବାକୁ ଲାଗିଲା

ବିବିଧ ଭାରତୀରେ, କେବଳ ରେକର୍ଡ ପ୍ରୋଗ୍ରାମ ବ୍ୟତୀତ ଲାଇଭବ୍ରଡକାଷ୍ଟର ବ୍ୟବସ୍ଥା ନାହିଁ । ସେଇଥିପାଇଁ ପ୍ରୋଗ୍ରାମ ସବୁ ବହୁ ଆଗରୁ (ଖୁବ୍ କମରେ ଅନ୍ତ୍ୟତଃ ତିନି

ମାସ) ଟେପ୍-ରେକର୍ଡ଼ କରି ରଖାହୁଏ । ଆକାଶ ବାଣୀର ବିଭିନ୍ନ ଆଞ୍ଚଳିକ କେନ୍ଦ୍ର ଗୁଡ଼ିକ ମଧ୍ୟ ନିଜ ନିଜର ବଛା ବଛା ପ୍ରୋଗ୍ରାମ ସବୁ ରେକର୍ଡ଼ କରି, ନିୟମିତ ଭାବରେ ବିବିଧ ଭାରତୀକୁ ପଠାନ୍ତି । କେବଳ ହାଓ୍ଵା ମହଲରେ ଯେଉଁ ପ୍ରୋଗ୍ରାମ (ନାଟକ ଇତ୍ୟାଦି) ବ୍ରଡ଼କାଷ୍ଟ ହୁଏ; ସେ ସବୁ ପ୍ରୋଗ୍ରାମ କେବଳ ହିନ୍ଦି ଭାଷା ଭାଷୀ ଅଞ୍ଚଳର ରେଡ଼ିଓ ଷ୍ଟେସନରୁ ଆସେ ।

ଟେପ-ରେକର୍ଡ଼ ଗୁଡ଼ିକୁ ସାଇତି ରଖିବା ସକାଶେ ବିବିଧ ଭାରତୀର ଗୋଟିଏ ବିରାଟ ଲାଇବ୍ରେରି ରହିଛି । ତାକୁ କୁହାଯାଏ ଗୋଲ୍ଡ଼ ଟେପ ଲାଇବ୍ରେରି ( Gold tape Library) । ଆଧୁନିକ ତଥା ବିଜ୍ଞାନ ସମ୍ମତ ଉପାୟରେ ଟେପ୍‌ଗୁଡ଼ିକୁ ରଖାଯିବାର ସୁବ୍ୟବସ୍ଥା ଥିବା ଯୋଗୁ ଟେପ୍ ଗୁଡ଼ିକ ସହଜରେ ନଷ୍ଟ ହୁଏନାହିଁ ।

ବମ୍ବେରେ ବିବିଧ ଭାରତୀ ପ୍ରୋଗ୍ରାମ ଆରମ୍ଭ ହେବାର ବର୍ଷକ ପରେ କେତେ ଗୁଡ଼ିଏ ଅସୁବିଧା ଦେଖା ଦେବାରୁ ଦିଲ୍ଲୀରୁ ବିବିଧ ଭାରତୀ ପ୍ରୋଗ୍ରାମ ପ୍ରସାର ର ବ୍ୟବସ୍ଥା କରାଗଲା । ଏହି ବ୍ୟବସ୍ଥା ୧୯୭୨ ମସିହା ପର୍ଯ୍ୟନ୍ତ ଚାଲିଲା । ସେଇ ସମୟ ଭିତରେ ଅସୁବିଧାଗୁଡ଼ିକୁ ସୁଧାରି ନିଆଗଲା ପରେ ବିବିଧ ଭାରତୀକୁ ଦିଲ୍ଲୀରୁ ପୁଣି ବମ୍ବେକୁ ଉଠେଇ ନିଆଗଲା । ୧୯୭୨ ମସିହା ଜୁଲାଇ ମାସ ପହିଲା ତାରିଖ ଠାରୁ, ବିବିଧ ଭାରତୀ ପ୍ରୋଗ୍ରାମ ବମ୍ବେରୁ ପ୍ରସାରିତ ହେଉଛି ।

ସି-୧୩୦
ସାଉଥ ମୋତି ବାଗ
ନୂଆଦିଲ୍ଲୀ–୧୧୦୦୨୧

## ସ୍ପୋର୍ଟସ୍ ଅନୁଷ୍ଠାନମାନଙ୍କୁ ଆସୁରେନ୍ସ ଗ୍ରାଣ୍ଟ ମଞ୍ଜୁର

ରାଜ୍ୟ ସରକାର ଛୋଟ ଛୋଟ ସ୍ପୋର୍ଟସ ଅନୁଷ୍ଠାନ ଗୁଡ଼ିକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଅଧିକ କାର୍ଯ୍ୟକ୍ଷମ କରିବା ପାଇଁ ୩୫ଟି ଅନୁଷ୍ଠାନକୁ ଚଳିତ ଆର୍ଥିକ ବର୍ଷରେ ଆସୁରେନ୍ସ ଗ୍ରାଣ୍ଟ ମଞ୍ଜୁର କରିଛନ୍ତି । ଏତଦ୍ ଅନୁଯାୟୀ ଏଥି ମଧ୍ୟରୁ ପ୍ରତ୍ୟେକ ସ୍ପୋର୍ଟସ୍ ଅନୁଷ୍ଠାନକୁ ବାର୍ଷିକ ୧ ହଜାର ଟଙ୍କାରୁ ଆରମ୍ଭ କରି ୩ ହଜାର ଟଙ୍କା ପର୍ଯ୍ୟନ୍ତ ଗ୍ରାଣ୍ଟ ଦିଆଯାଉଛି ।

ଏଭଳି ଗ୍ରାଣ୍ଟ ଦିଆଯିବାର ଉଦ୍ଦେଶ୍ୟ ହେଉଛି ଯେ ସ୍ପୋର୍ଟସ ଅନୁଷ୍ଠାନମାନେ ଏତଦ୍ୱାରା ସେମାନଙ୍କ କାର୍ଯ୍ୟକ୍ରମ ଆଗତୁରା ପ୍ରସ୍ତୁତ କରିବାରେ ସକ୍ଷମ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଠିକ୍ ସମୟରେ କାର୍ଯ୍ୟକାରୀ କରିପାରିବେ ଏବଂ ଉକ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ ଅବ୍ୟାହତ ରଖିବାରେ ମଧ୍ୟ ସଫଳ ହୋଇପାରିବେ ।

ପରବର୍ତ୍ତୀ ବର୍ଷମାନଙ୍କରେ ଏହି ଗ୍ରାଣ୍ଟ ପାଇବାକୁ ହେଲେ ଗତ ଆର୍ଥିକ ବର୍ଷରେ ଦିଆଯାଇଥିବା ଗ୍ରାଣ୍ଟର ଉପଯୋଗ ସାର୍ଟିଫିକେଟ୍ ଏବଂ ଯାଞ୍ଚ୍ ହୋଇଥିବା ହିସାବ କିତାବ ସଂପୃକ୍ତ କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ ।

ସଂପୃକ୍ତ ଅନୁଷ୍ଠାନମାନେ ୧୯୭୯-୮୦ ଆର୍ଥିକ ବର୍ଷରେ ଆସୁରେନ୍ସ ଗ୍ରାଣ୍ଟ ପାଇଁ ଆସନ୍ତା ଅପ୍ରେଲ ପହିଲା ତାରିଖରୁ ୨ ମାସ ମଧ୍ୟରେ ଦରଖାସ୍ତ ଦେବା ସଙ୍ଗେ ସଙ୍ଗେ ଆବଶ୍ୟକ ଚୁକ୍ତିପତ୍ର ସହିତ ଦୁଇକିତା ଗ୍ରାଣ୍ଟ-ଇନ୍-ଏଡ୍ ବିଲ୍ ମଧ୍ୟ ଦାଖଲ କରିବେ ।

# 'ଆଗାମୀ ଦଶକରେ ଓଡ଼ିଆ ପ୍ରକାଶନ'

# ଓ

# ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଡଃ. ସୌଭାଗ୍ୟ କୁମାର ମିଶ୍ର

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଓଡ଼ିଆ ଭାଷାରେ ମୁଦ୍ରଣ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକମାନେ ପ୍ରଥମ ଛାପାଖାନା ବସାଇ ଥିଲେ । ୧୮୬୮ ମସିହାରେ ବ୍ୟାସକବି ଫକୀର ମୋହନ ବାଲେଶ୍ୱରଠାରେ ଗୋଟିଏ ଛାପାଖାନା ବସାଇ ଓଡ଼ିଆ ମୁଦ୍ରଣ ଓ ପ୍ରକାଶନକୁ ତ୍ୱରାନ୍ୱିତ କରିଥିଲେ । ୧୮୬୮–୧୯୭୮ ଏହି ଶହେ ଦଶ ବର୍ଷ ଭିତରେ ଓଡ଼ିଆ ମୁଦ୍ରଣ ଓ ପ୍ରକାଶନ ଶିଳ୍ପ ଯେ ଯଥେଷ୍ଟ ଅଗ୍ରଗତି କରିଛି ଏଥିରେ ସନ୍ଦେହ ନାହିଁ । ମୁଦ୍ରଣ ଓ ପ୍ରକାଶନ ବ୍ୟବସ୍ଥା ବହୁମୁଖୀ ହୋଇଛି । ଏହାର ଉଦ୍ଦେଶ୍ୟ ଓ ପଦ୍ଧତି କାଳକ୍ରମେ ପରିବର୍ତ୍ତିତ ହୋଇଛି । ଓଡ଼ିଆ ମୁଦ୍ରକ ଓ ପ୍ରକାଶକମାନେ ନୂଆ ଧରଣର ମୁଦ୍ରାଯନ୍ତ୍ର ଓ ଆନୁଷଙ୍ଗିକ କଳା କୌଶଳ ବ୍ୟବହାର କଲେଣି । ଫଳରେ ଓଡ଼ିଆ ଭାଷାରେ ପୁସ୍ତକ ଓ ପତ୍ର ପତ୍ରିକାର ରୂପ ଓ ଅଙ୍ଗ ସଜ୍ଜା ଅଧିକ ସୁନ୍ଦର ହୋଇଛି । ଏକାସମୟରେ ଅଧିକ ସଂଖ୍ୟକ ପୁସ୍ତକର ମୁଦ୍ରଣ ଓ ପ୍ରକାଶନ ସଂଭବ ହୋଇପାରିଛି ।

ଯେ କୌଣସି ଭାଷାରେ ପ୍ରକାଶନ ଶିଳ୍ପ ସହିତ ମୁଖ୍ୟତଃ ଏହିମାନେ ସଂପୃକ୍ତ—ଲେଖକ, ମୁଦ୍ରକ ଓ ପ୍ରକାଶକ ଏବଂ ପାଠକ । ଏମାନଙ୍କର ସମସ୍ୟା ହିଁ ପ୍ରକାଶନ ଶିଳ୍ପର ସମସ୍ୟା । କେବଳ ବହି ଲେଖି ଜୀବିକାର୍ଜ୍ଜନ କରିବା ଏଯାଏ ଓଡ଼ିଆ ଲେଖକ ପକ୍ଷରେ ସମ୍ଭବ ହୋଇନାହିଁ । ସେ ଅଭିଯୋଗ କରୁଛି ଯେ ପ୍ରକାଶକମାନେ ତା'ର ଉଚିତ ଓ ନିୟମିତ ପାଉଣା ଦେଉ ନାହାନ୍ତି । ଅନ୍ୟ ପକ୍ଷରେ ମୁଦ୍ରକ ଓ ପ୍ରକାଶକମାନେ କହନ୍ତି ଯେ ଲେଖକ ବହୁ ସଂଖ୍ୟାରେ ବିକ୍ରି ହେଲା ଭଳି ବହି ଲେଖୁ ନାହିଁ ଏବଂ କାଗଜର ମୂଲ୍ୟ ଓ ଛାପା ଖର୍ଚ୍ଚ ଏତେ ବଢ଼ିଯାଇଛି ଯେ ପ୍ରକାଶନ ଆଉ ଲାଭଜନକ ବ୍ୟବସାୟ ନୁହେଁ । ପାଠକ ଉଭୟ ଲେଖକ ଓ ପ୍ରକାଶକକୁ ଦୋଷ ଦେଉଛି । ସେ କହୁଛି ଯେ ତା'ର ପଠନ ଉପଯୋଗୀ ପୁସ୍ତକ ଲେଖକ ଲେଖି ପାରୁ ନାହିଁ । ଯାହା ବି ଲେଖା ଯାଉଛି, ପ୍ରକାଶକ ଯାହା ଛାପୁଛି ତା'ର ଦାମ ଏତେ ବେଶି ଯେ ସାଧାରଣ ପାଠକ ଓଡ଼ିଆ ବହିଟିଏ କିଣି ପାରୁନାହିଁ । ବିଭିନ୍ନ ସାମାଜିକ ଓ ଆର୍ଥନୀତିକ କାରଣରୁ ଲେଖକ, ପାଠକ ଓ ପ୍ରକାଶକ ପରସ୍ପରଠାରୁ ଦୂରେଇ ଯାଉଛନ୍ତି । ସମସ୍ୟାଟି ବେଶ୍ ଗୁରୁତର ଏବଂ ଏହି ଦୂରତ୍ୱ ବଢ଼ିଲେ ଓଡ଼ିଶାର ସଂସ୍କୃତିକ ଜୀବନ ବିପନ୍ନ ହୋଇ ପଡ଼ିବାର ଆଶଙ୍କା ରହିଛି ।

ଏ ସମସ୍ତ ଅଭିଯୋଗର ପୁଂଖାନୁପୁଂଖ ବିଶ୍ଳେଷଣ କରି ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବା ପାଇଁ ଗତ ନଭେମ୍ବର ୧୯, ୨୦, ୨୧ ତିନି ଦିନ ଧରି ପୁରୀରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଅର୍ଦ୍ଧ ଶତାଧିକ ଓଡ଼ିଆ ଲେଖକ,ମୁଦ୍ରକ ଓ ପ୍ରକାଶକ ଏବଂ ପାଠକ ଏଥିରେ ଅଂଶ ଗ୍ରହଣ କରିଥିଲେ । ଆଲୋଚନା ଚକ୍ରର ଆୟୋଜନ କରିଥିଲେ ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ । ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଦୀପ୍ତ କିଶୋର ଦାସ ପୁରୀ ରାଜଭବନଠାରେ ଏହାକୁ ଉଦ୍‌ଘାଟନ କରିଥିଲେ । ଆଲୋଚନା ଚକ୍ରର ବିଷୟ ଥିଲା 'ଆଗାମୀ ଦଶକରେ ଓଡ଼ିଆ ପ୍ରକାଶନ' ।

## ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆ କ'ଣ ଓ କାହିଁକି ?

ପ୍ରସଙ୍ଗକ୍ରମେ ଏଠାରେ ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ, ଇଣ୍ଡିଆର ସମ୍ୟକ୍ ପରିଚୟ ଦେବା ଆବଶ୍ୟକ । ଏହି ଅନୁଷ୍ଠାନଟି ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ୍ ନେହରୁଙ୍କ ଚେଷ୍ଟାରେ ୧୯୫୭ ମସିହାରେ ଗଠିତ ହୋଇଥିଲା । ସେହି ବର୍ଷ ଅଗଷ୍ଟ ୧ ତାରିଖ ଦିନ ତତ୍‌କାଳୀନ ଉପ-ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଏହାକୁ ଉଦ୍‌ଘାଟନ କରିଥିଲେ । ମୂଳରୁ ହିଁ ଏହି ଅନୁଷ୍ଠାନଟି ଭାରତ ସରକାରଙ୍କ ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱୟଂ ଚାଳିତ ସଂସ୍ଥା ରୂପେ କାର୍ଯ୍ୟ କରି ଆସୁଛି । ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟାଳୟ ବର୍ତ୍ତମାନ ଏ-୫, ଗ୍ରୀନ୍ ପାର୍କ, ନୂଆଦିଲ୍ଲୀ- ୧୧୦୦୧୬ ଠାରେ ଅବସ୍ଥିତ ।

ଲୋକଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଅଧିକରୁ ଅଧିକତର ଆଗ୍ରହ ଜନ୍ମାଇବା ଲାଗି ଏକ ଆନ୍ଦୋଳନର ସୂତ୍ରପାତ କରିବା ହିଁ ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ୍, ଇଣ୍ଡିଆର ମୁଖ୍ୟ ଉଦ୍ଦେଶ୍ୟ । ଏହାଛଡ଼ା ପୁସ୍ତକ ପ୍ରଦର୍ଶନୀ କରିବା, ବିଭିନ୍ନ ପ୍ରକାର ପୁସ୍ତକର ରଚନା, ଅନୁବାଦ, ପ୍ରକାଶନ ଓ ବିତରଣ ସଂପର୍କୀୟ ବିଷୟ ଉପରେ ଆଲୋଚନା-ଚକ୍ର ଓ ଅନ୍ୟାନ୍ୟ ପାଠଚକ୍ର କରିବା ଟ୍ରଷ୍ଟର କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ । ଏଯାବତ୍ ଟ୍ରଷ୍ଟ୍ ଆଠଟି ଜାତୀୟ ପୁସ୍ତକ ମେଳା ସଂଘଟିତ କରି ସାରିଲାଣି । ତିନୋଟି ବମ୍ବେରେ ଏବଂ ଅହମଦାବାଦ୍, କଲିକତା, ଦିଲ୍ଲୀ, ହାଇଦରାବାଦ୍ ଓ ମାଡ୍ରାସରେ ଗୋଟିଏ ଲେଖାଏଁ । ପୁଣି ଟ୍ରଷ୍ଟର ଚେଷ୍ଟାରେ ନୂଆଦିଲ୍ଲୀଠାରେ ୧୯୭୨, ୭୬ ଓ ୭୮ ମସିହାରେ ତିନୋଟି ବିଶ୍ୱ ପୁସ୍ତକ ମେଳା ଅନୁଷ୍ଠିତ ହୋଇ ସାରିଛି । ଭାରତର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ପ୍ରାନ୍ତୀୟ ପୁସ୍ତକ ପ୍ରଦର୍ଶନୀମାନ ମଧ୍ୟ ଟ୍ରଷ୍ଟ ପରିଚାଳନା କରିଛି ।

ଉତ୍କୃଷ୍ଟ ସାହିତ୍ୟ ପ୍ରକାଶ କରିବା ଏବଂ ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ପାଇଁ ପ୍ରେରଣା ଯୋଗାଇବା ଟ୍ରଷ୍ଟର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ । ୧୯୭୮ ମସିହା ପର୍ଯ୍ୟନ୍ତ ଟ୍ରଷ୍ଟ୍ ସର୍ବମୋଟ ୧୭୬୦ ଖଣ୍ଡ ପୁସ୍ତକ ପ୍ରକାଶ କରି ସାରିଛନ୍ତି । କେତେକ ପୁସ୍ତକର ପୁନର୍ମୁଦ୍ରଣ ମଧ୍ୟ ହୋଇଛି । ଟ୍ରଷ୍ଟର ସମଗ୍ର ପୁସ୍ତକ ପ୍ରକାଶନ ସାତୋଟି ବିଭାଗରେ କରାଯାଇଥାଏ— ୧ । ଭାରତ ବର୍ଷ—ଦେଶ ଓ ଦେଶବାସୀ ; ୨ । ଜାତୀୟ ଜୀବନ-ଚରିତମାଳା ; ୩ । ତରୁଣ ଯୁବ ଭାରତୀ ; ୪ । ଲୋକପ୍ରିୟ ବିଜ୍ଞାନ ; ୫ । ଭାରତୀୟ ଲୋକ ସଂସ୍କୃତି ୬ । ଆଜିର ଦୁନିଆ, ଏବଂ ୭ । ବିଶିଷ୍ଟ ବିଶ୍ୱ ସାହିତ୍ୟ । ନେହରୁ ବାଳ ପୁସ୍ତକାଳୟ ଓ ଆଦାନ-ପ୍ରଦାନ ବା ଆନ୍ତର୍ଭାରତୀୟ ପୁସ୍ତକମାଳା ନାମକ ଦୁଇଟି ସ୍ୱତନ୍ତ୍ର ଯୋଜନା ମଧ୍ୟ ଟ୍ରଷ୍ଟ୍ ହାତକୁ ନେଇଛି । ଏ ସମସ୍ତ ବିଭାଗ ଅନ୍ତର୍ଭୁକ୍ତ ପୁସ୍ତକମାନ ଅଧିକାଂଶ ଭାରତୀୟ ଭାଷା ଏବଂ ଇଂରାଜୀରେ ପ୍ରକାଶ କରାଯାଇ ଥାଏ । ଭାରତୀୟ ଲେଖକମାନଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ ବିଶ୍ୱ ବିଦ୍ୟାଳୟ ସ୍ତରର ପାଠ୍ୟପୁସ୍ତକ ପ୍ରକାଶନ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇବାର ବ୍ୟବସ୍ଥା ମଧ୍ୟ ଟ୍ରଷ୍ଟ୍ ହାତରେ ରହିଛି । ଏଥିପାଇଁ ଆବଶ୍ୟକୀୟ ପୁଞ୍ଜି କେନ୍ଦ୍ର ଶିକ୍ଷା ଓ ସମାଜ କଲ୍ୟାଣ ମନ୍ତ୍ରଣାଳୟ ଦେଇଥାଏ । ଏହାଛଡ଼ା ଅନ୍ୟାନ୍ୟ ସମୟୋପଯୋଗୀ ପୁସ୍ତକ ପ୍ରକାଶ କରିବାର ଦାୟିତ୍ୱ ଓ ଅଧିକାର ଟ୍ରଷ୍ଟ୍ ଉପରେ ନ୍ୟସ୍ତ କରାଯାଇଛି ।

## ନ୍ୟାସ୍‌ନାଲ୍ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଓ ଓଡିଶା

୧୯୬୯-୭୦ ମସିହାରେ ଟ୍ରଷ୍ଟ୍ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାଠାରେ ପ୍ରାନ୍ତୀୟ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରିଥିଲା । ୧୯୭୧ ମସିହାରେ ପୁନାଠାରେ ଅନୁଷ୍ଠିତ ଚତୁର୍ଥ ଲେଖକ ସମ୍ମିଳନୀକୁ ଟ୍ରଷ୍ଟ୍ କେତେଜଣ ଓଡ଼ିଆ ଲେଖକଙ୍କୁ ନିମନ୍ତ୍ରଣ କରିଥିଲା । ତା' ପରବର୍ତ୍ତୀ ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଲେଖକ ସମ୍ମିଳନୀକୁ ମଧ୍ୟ ଅନେକ ଓଡ଼ିଆ ଲେଖକ ନିମନ୍ତ୍ରିତ ହୋଇ ଯାଇଥିଲେ । ୧୯୭୫ ମସିହାରେ ଟ୍ରଷ୍ଟ୍ ଭୁବନେଶ୍ୱରଠାରେ ଗୋଟିଏ ଅନୁବାଦ କର୍ମଶାଳା ଆୟୋଜନ କରିଥିଲେ । ଏଥିରେ ବହୁ ଓଡ଼ିଆ ଲେଖକ ଓ ଅନୁବାଦକ ଯୋଗ ଦେଇଥିଲେ ।

୧୯୭୮ ସୁଦ୍ଧା ଟ୍ରଷ୍ଟ୍ ବିଭିନ୍ନ ବିଭାଗରେ ୮୫ ଖଣ୍ଡ ଓଡ଼ିଆ ପୁସ୍ତକ ପ୍ରକାଶ କରିଛି । ଏଗୁଡ଼ିକ ମୁଖ୍ୟତଃ ଅନ୍ୟାନ୍ୟ ଭାରତୀୟ ଭାଷା ଓ ଇଂରାଜୀରୁ ଅନୂଦିତ । ଅବଶ୍ୟ ଆଧୁନିକ ଓଡ଼ିଆ କବିତା, ଗଳ୍ପ ଓ ଏକାଂକିକାର ତିନୋଟି ସଂକଳନ ଏହି ତାଲିକାର ଅନ୍ତର୍ଭୁକ୍ତ । 'ଆଦାନ-ପ୍ରଦାନ' ଯୋଜନାରେ ଗୃହୀତ ଦଶଖଣ୍ଡ ଓଡ଼ିଆ ପୁସ୍ତକ ମଧ୍ୟରୁ 'ଓଡ଼ିଆ ଗଳ୍ପମାଳା,' 'ନୀଳଶୈଳ' 'ଶାସ୍ତି' , ଓ 'ଦାନାପାଣି' କେତେକ ଭାରତୀୟ ଭାଷାରେ ଅନୂଦିତ ହୋଇ ପ୍ରକାଶିତ ହୋଇଛି । ମୂଳ ଓଡ଼ିଆରେ ଲେଖା ଓ ଅନ୍ୟ ଭାରତୀୟ ଭାଷାରୁ ଅନୂଦିତ ପ୍ରାୟ ୪୦ ଖଣ୍ଡ ପୁସ୍ତକ ଟ୍ରଷ୍ଟ୍ ନିକଟ ଭବିଷ୍ୟତରେ ପ୍ରକାଶ କରୁଛି । ଟ୍ରଷ୍ଟଦ୍ୱାରା ପ୍ରକାଶିତ ପୁସ୍ତକ ଓଡ଼ିଶାରେ ଖୁବ୍ ଭଲ ବିକ୍ରୀ ହେଉଛି ।

## ପୁରୀରେ ଆଲୋଚନା ଚକ୍ର

ପୁରୀଠାରେ ଅନୁଷ୍ଠିତ ଆଲୋଚନା-ଚକ୍ରରେ ଟ୍ରଷ୍ଟର ଚେୟାରମ୍ୟାନ୍ ଏ କଥା ଘୋଷଣା କରିଥିଲେ । ସେ ଆହୁରି ମଧ୍ୟ କହିଥିଲେ ଯେ ଟ୍ରଷ୍ଟ୍ ଦ୍ୱାରା ପ୍ରକାଶିତ ପୁସ୍ତକର ଏକ ବିକ୍ରୀ କେନ୍ଦ୍ର ଭୁବନେଶ୍ୱରଠାରେ ଖୋଲିବା ପାଇଁ ଟ୍ରଷ୍ଟ୍ ସ୍ଥିର କରିଛି । ଏହି ଆଞ୍ଚଳିକ କେନ୍ଦ୍ର ଓଡ଼ିଆ ପୁସ୍ତକର ପ୍ରକାଶନ କାର୍ଯ୍ୟ ମଧ୍ୟ ହାତକୁ ନେବ ।

ଉପର୍ଯ୍ୟୁକ୍ତ ଆଲୋଚନା ଚକ୍ରରେ ସର୍ବମୋଟ ୧୩ ଟି ନିବନ୍ଧ ପାଠ କରା ଯାଇଥିଲା । ନିବନ୍ଧ ଲେଖକମାନେ ଓଡ଼ିଆ ପ୍ରକାଶନ ଶିଳ୍ପର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ବିଭିନ୍ନ ଦିଗରୁ ଆଲୋକପାତ କରିଥିଲେ । ବିଶେଷ କରି ଆଗାମୀ ଦଶ ବର୍ଷ ଭିତରେ ଏହାର ରୂପରେଖ କ'ଣ ହେବ ବୋଲି ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ନିବନ୍ଧଗୁଡ଼ିକର ବିଷୟବସ୍ତୁ ଥିଲା ଓଡ଼ିଆ ପ୍ରକାଶକର ସମସ୍ୟା, ଲେଖକ ଓ ପାଠକର ସମସ୍ୟା, ଓଡ଼ିଆ ପୁସ୍ତକର ବିକ୍ରୀ ଓ ପ୍ରସାର, ଓଡ଼ିଆ ଶିଶୁ ସାହିତ୍ୟ, ଓଡ଼ିଶାରେ ପାଠାଗାର ବ୍ୟବସ୍ଥା, ଓଡ଼ିଆ ପାଠ୍ୟ-ପୁସ୍ତକ ପ୍ରକାଶନ, ଓଡ଼ିଆରେ ଅନୁବାଦ ସାହିତ୍ୟର ଅବସ୍ଥା, ଓଡ଼ିଶାର ସମ୍ବାଦ ପତ୍ର ଓ ପତ୍ର ପତ୍ରିକା ମୁଦ୍ରଣ ବ୍ୟବସ୍ଥା ଓ ଓଡ଼ିଆ ପୁସ୍ତକର ପ୍ରଚ୍ଛଦ, ଅଙ୍ଗ ସଜ୍ଜା ଇତ୍ୟାଦି । ଆଲୋଚନାର ପରିସର କେଡ଼େ ବ୍ୟାପକ ଥିଲା ଏଥିରୁ ସହଜରେ ଅନୁମାନ କରାଯାଇ ପାରେ ।

ଆଲୋଚନା ଶେଷରେ ମୋଟ ୩୮ଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା ଏବଂ ଏଗୁଡ଼ିକର ଏକକିତା ନକଲ ଟ୍ରଷ୍ଟ କର୍ତ୍ତୃପକ୍ଷଙ୍କୁ ଦିଆ ଯାଇଥିଲା ।

ଓଡ଼ିଆ ଭାଷାରେ ପ୍ରକାଶନ କାର୍ଯ୍ୟ କିପରି ସୁପରିକଳ୍ପିତ, ସୁସଂଯୋଜିତ ଓ ଅର୍ଥପୂର୍ଣ୍ଣ ହୋଇ ପାରିବ ଏବଂ ଏହା କରିବାକୁ ଗଲ ବେଳେ କେଉଁ କେଉଁ ଅସୁବିଧାର ଦୂରୀକରଣ ଅପରିହାର୍ଯ୍ୟ, ପ୍ରସ୍ତାବଗୁଡ଼ିକ ଅନୁଧ୍ୟାନ କଲେ ଜଣା ପଡ଼ିବ ।

## ପ୍ରସ୍ତାବ ଓ ପରାମର୍ଶ

ଆଲୋଚନା ଚକ୍ରରେ ଗୃହୀତ ମୋଟ ୩୮ ଟି ପ୍ରସ୍ତାବ ମଧ୍ୟରୁ ଅଧିକାଂଶ ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତି ଉଦ୍ଦିଷ୍ଟ । ଅନ୍ୟଗୁଡ଼ିକ ଓଡ଼ିଆ ପ୍ରକାଶନ ସଂଘ ତଥା କେତେକ ନିର୍ଦ୍ଦିଷ୍ଟ ସଂସ୍ଥା ପ୍ରତି ଉଦ୍ଦିଷ୍ଟ ।

ଟ୍ରଷ୍ଟ ପ୍ରତି ଉଦ୍ଦିଷ୍ଟ ପ୍ରସ୍ତାବଗୁଡ଼ିକ ହେଲା :—

୧ । ଇଂରାଜୀ ଭାଷାରେ ଲିଖିତ ବିଶ୍ୱ ବିଦ୍ୟାଳୟ ସ୍ତରର ପାଠ୍ୟପୁସ୍ତକ ପ୍ରକାଶନ ପାଇଁ ଟ୍ରଷ୍ଟ ଯେଉଁ ଅର୍ଥ ସାହାଯ୍ୟ କରୁଛି ତାହା ଓଡ଼ିଆ ଭାଷାରେ ଲିଖିତ ପାଠ୍ୟ-ପୁସ୍ତକ ପ୍ରକାଶନ ପାଇଁ ମଧ୍ୟ ଲଗ ହେଉ ।

୨ । ରାଜ୍ୟ ସରକାର କିମ୍ବା ଅନ୍ୟ କୌଣସି ସଂସ୍ଥା ଓଡ଼ିଆ ଜ୍ଞାନ କୋଷ ଓ ଅଭିଧାନ ପ୍ରକାଶନ ହାତକୁ ନିଅନ୍ତୁ ଏବଂ ଏଥି ପାଇଁ ଟ୍ରଷ୍ଟ ଆଂଶିକ ଖର୍ଚ୍ଚ ଯୋଗାଉ ।

୩ । ମୂଳ ଓଡ଼ିଆରେ ଲିଖିତ ରଚନାବଳୀ ପ୍ରକାଶ କରି ଟ୍ରଷ୍ଟ ସୁଲଭ ମୂଲ୍ୟରେ ଉଚ୍ଚାଙ୍ଗ ସାହିତ୍ୟ ଯୋଗାଇ ଦେଉ ।

୪ । ଓଡ଼ିଶାରେ ବିଭିନ୍ନ ବୟସ ଗୋଷ୍ଠୀର ପାଠକମାନଙ୍କର ଚାହିଦା ଅନୁଧ୍ୟାନ କରି ଟ୍ରଷ୍ଟ ଓଡ଼ିଆ ପ୍ରକାଶକ ମାନଙ୍କୁ ଗୋଟିଏ ରିପୋର୍ଟ୍ ଦେଉ ।

୫ । 'ଆଦାନ-ପ୍ରଦାନ' ତଥା ଅନ୍ୟ ବିଭାଗରେ ପୁସ୍ତକର ଓଡ଼ିଆ ଅନୁବାଦ କାର୍ଯ୍ୟ ଟ୍ରଷ୍ଟ ସୁଯୋଗ୍ୟ ଅନୁବାଦକମାନଙ୍କୁ ଦେଉ । ନିୟମିତ ଅନୁବାଦ-ପାଠ୍ୟ ଚକ୍ରର ଆୟୋଜନ ଏବଂ ବର୍ଷର ସର୍ବଶ୍ରେଷ୍ଠ ଅନୁବାଦକଙ୍କୁ ପୁରସ୍କାର ପ୍ରଦାନ କରାଯାଉ ।

୬ । ଟ୍ରଷ୍ଟ ଓ ରାଜ୍ୟ ସରକାର ପୁସ୍ତକ ସଂପାଦନ, ମୁଦ୍ରଣ ଓ ପ୍ରସାର ପଦ୍ଧତି ସଂପର୍କରେ ଓଡ଼ିଆ ପ୍ରକାଶକମାନଙ୍କୁ ଉପଯୁକ୍ତ ଶିକ୍ଷା ଦାନର ବ୍ୟବସ୍ଥା କରନ୍ତୁ ।

୭ । ପ୍ରତ୍ୟେକ ଭାରତୀୟ ଭାଷାରୁ ପ୍ରତିନିଧିମୂଳକ ଗୋଟିଏ ଗୋଟିଏ ଲେଖା ନେଇ ଟ୍ରଷ୍ଟ ସଂକଳନମାନ ପ୍ରକାଶ କରୁ । ଏ ଗୁଡ଼ିକ 'ଆଦାନ-ପ୍ରଦାନ' ଯୋଜନାର ଅନ୍ତର୍ଭୁକ୍ତ ହେଉ ।

୮ । ଏକା ସମୟରେ ସମସ୍ତ ଭାରତୀୟ ଭାଷାରେ ଗୋଟିଏ ଶିଶୁ ସାହିତ୍ୟ ପତ୍ରିକା ଟ୍ରଷ୍ଟ ପ୍ରକାଶ କରୁ ।

୯ । ଗତ କୋଡ଼ିଏ ବର୍ଷ ଭିତରେ ଟ୍ରଷ୍ଟ ପ୍ରକାଶ କରିଥିବା ୧୭୭୦ ଖଣ୍ଡ ପୁସ୍ତକ ମଧ୍ୟରେ ଓଡ଼ିଆ ପୁସ୍ତକର ସଂଖ୍ୟା ମାତ୍ର ୮୩ । କିନ୍ତୁ ଓଡ଼ିଆ ପୁସ୍ତକ ବିକ୍ରୀ କ୍ରମେ କ୍ରମେ ଅଧିକ ହୋଇ ଆସିଛି । ଏ ଦୃଷ୍ଟିରୁ ଟ୍ରଷ୍ଟ-ପ୍ରକାଶିତ ଓଡ଼ିଆ ପୁସ୍ତକର ବିକ୍ରୀ କାର୍ଯ୍ୟ ଜଣେ ଓଡ଼ିଆ ପ୍ରକାଶକଙ୍କୁ ନ ଦେଇ (ବର୍ତ୍ତମାନ ବ୍ୟବସ୍ଥା ଅନୁସାରେ) ଅନ୍ୟାନ୍ୟ ପ୍ରକାଶକ ଓ ବିକ୍ରେତାଙ୍କୁ ଦିଆଯାଉ ।

୧୦ । ଓଡ଼ିଶାରେ ପୁସ୍ତକ ପ୍ରକାଶନ ଓ ବିକ୍ରୀ ପାଇଁ ଏକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଟ୍ରଷ୍ଟ ଯେଉଁ ଯୋଜନା କରିଛି ତା'କୁ ଆମେ ସ୍ୱାଗତ କରୁଛୁ ।

ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରତି ଉଦ୍ଦିଷ୍ଟ ।

୧ । ଓଡ଼ିଆ ପୁରାଣ ଓ ପ୍ରାଚୀନ ଗ୍ରନ୍ଥମାନଙ୍କର ସଠିକ ସଂସ୍କରଣ ପ୍ରକାଶ କରିବାର ଦାୟିତ୍ୱ ରାଜ୍ୟ ସରକାର ହାତକୁ ନିଅନ୍ତୁ । ଏଥି ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଉ ।

୨ । ଲେଖକ, ପ୍ରକାଶକ, ପାଠକ ତଥା ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରି ରାଜ୍ୟ ସରକାର ଓଡ଼ିଆ ପୁସ୍ତକମାନଙ୍କର ଏକ ଯୁକ୍ତିସଂଗତ ବିକ୍ରୀ ମୂଲ୍ୟ ଧାର୍ଯ୍ୟ କରନ୍ତୁ ।

୩ । ପାଠକ ସଂଖ୍ୟା ବୃଦ୍ଧି କରିବା ପାଇଁ ଉଚ୍ଚ ଦରର ମୁଦ୍ରଣ ଓ ଅଙ୍ଗ ପରିପାଟୀ ଏକାନ୍ତ ଆବଶ୍ୟକ । ଏଥି ପାଇଁ 'ଫଟୋ କଂପୋଜିଙ୍ଗ୍' ଇତ୍ୟାଦି ଅତ୍ୟାଧୁନିକ ଯାନ୍ତ୍ରିକ ବ୍ୟବସ୍ଥାସଂପନ୍ନ ଏକ କେନ୍ଦ୍ରୀୟ ଛାପାଖାନା (ସେଣ୍ଟ୍ରାଲ ପ୍ରେସ୍) ରାଜ୍ୟ ସରକାର ସ୍ଥାପନ କରନ୍ତୁ ।

୪ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ରିଣ୍ଟିଙ୍ଗ୍ ଟେକ୍‌ନୋଲୋଜିରେ ଗ୍ରାଫିକ୍ ଆର୍ଟସ୍ ଓ ପ୍ରୋସେସିଙ୍ଗ୍ ଟେକ୍‌ନୋଲୋଜିରେ ଶିକ୍ଷା ଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରନ୍ତୁ ।

୫ । ସରକାରୀ ସ୍କୁଲ ଓ କଲେଜ ପାଇଁ ଓଡ଼ିଆ ବହି କିଣିବା ଲାଗି ରାଜ୍ୟ ସରକାର ପାଞ୍ଚ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହି ସୁଯୋଗ ବେସରକାରୀ ସ୍କୁଲ, କଲେଜମାନଙ୍କୁ ମଧ୍ୟ ମିଳୁ ।

୬ । ରାଜା ରାମ ମୋହନ ରାୟ ପାଠାଗାର ସଂସ୍ଥା ପାଇଁ ରାଜ୍ୟ ସରକାର ଦେଇଥିବା ଅର୍ଥ ସାହାଯ୍ୟକୁ ଦ୍ୱିଗୁଣିତ କରାଯାଉ । ମଫସଲ ଅଞ୍ଚଳର ପାଠାଗାରଗୁଡ଼ିକ ପାଇଁ ଓଡ଼ିଆ ପୁସ୍ତକ ଯେପରି ଅଧିକ ସଂଖ୍ୟାରେ କିଣା ଯାଇ ପାରିବ ରାଜ୍ୟ ସାଂସ୍କୃତିକ ବ୍ୟାପାର ବିଭାଗ ସେଥି ପ୍ରତି ଦୃଷ୍ଟି ଦିଅନ୍ତୁ ।

୭ । ରାଜ୍ୟ ସରକାରଙ୍କ ଆଦିବାସୀ ଓ ଗ୍ରାମ ମଙ୍ଗଳ ବିଭାଗ ଅଧୀନସ୍ଥ ୮୦୦ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ପାଇଁ

ପୁସ୍ତକ, ପାଠ୍ୟ ପୁସ୍ତକ ବ୍ୟତୀତ) କିଣା ଯାଉ, କି ପ୍ରକାର ପୁସ୍ତକ କିଣା ଯିବ ତାହା ସରକାରୀ ଅନୁମୋଦନ-ପ୍ରାପ୍ତ ଏକ କମିଟି ସ୍ଥିର କରନ୍ତୁ ।

୮ । ଓଡ଼ିଆ ପ୍ରକାଶକ ଓ ପୁସ୍ତକ ବିକ୍ରେତାମାନଙ୍କୁ କମ୍ ସୁଧରେ ଋଣ ଦେବା ପାଇଁ ରାଜ୍ୟ ସରକାର ଏକ ବୁକ୍ ଫାଇନାନ୍ସ କର୍ପୋରେସନ ଗଠନ କରନ୍ତୁ ।

୯ । ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଠାଗାର ଶୁଳ୍କ ରାଜ୍ୟ ସରକାର ୫୦ ପଇସାରୁ ୨ ଟଙ୍କା କରି ଦେଇଛନ୍ତି । ବେସରକାରୀ ସ୍କୁଲମାନଙ୍କରେ ମଧ୍ୟ ଏହି ନୀତି ଅନୁସୃତ ହେଉ ଏବଂ ସଂଗୃହୀତ ଟଙ୍କା କେବଳ ପୁସ୍ତକ କିଣିବାରେ ଖର୍ଚ୍ଚ କରାଯାଉ ।

୧୦ । ଓଡ଼ିଶାରେ ପାଠାଗାର ଆନ୍ଦୋଳନ ଜୋର-ସୋରରେ ଆରମ୍ଭ ହୋଇ ନାହିଁ । ରାଜ୍ୟର ବିଭିନ୍ନ ପାଠାଗାରର (ଶିକ୍ଷାନୁଷ୍ଠାନମାନଙ୍କର ପାଠାଗାର ସମେତ) ପରିଚାଳନା ପାଇଁ ରାଜ୍ୟ ସରକାର ଆଇନ ପ୍ରଣୟନ କରନ୍ତୁ ଏବଂ ଏଥି ଲାଗି ଯଥା ଶୀଘ୍ର ଏକ ରାଜ୍ୟ ସ୍ତରୀୟ ଉପଦେଷ୍ଟା କମିଟି ଗଠନ କରନ୍ତୁ ।

୧୧ । ଲେଖକ, ପ୍ରକାଶକ, ପୁସ୍ତକ ବିକ୍ରେତା, ପାଠାଗାର ପରିଚାଳକ ଓ ପାଠକମାନଙ୍କୁ ନେଇ ସରକାର ଏକ ରାଜ୍ୟ ସ୍ତରୀୟ ଉପଦେଷ୍ଟା କମିଟି ଗଠନ କରନ୍ତୁ । ଏହି କମିଟି ପୁସ୍ତକ ପ୍ରକାଶନ ସଂପର୍କୀୟ ସମସ୍ୟାର ବିଚାର କରିବେ ଏବଂ କେଉଁ କେଉଁ କ୍ଷେତ୍ରରେ ଅଧିକ ପୁସ୍ତକର ଆବଶ୍ୟକତା ରହିଛି ତାହା ସ୍ଥିର କରିବେ ।

୧୨ । ଦେଶର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ନିର୍ଦ୍ଦେଶ ଦିଅନ୍ତୁ ଯେ ସେମାନେ ଆଂଶିକଭାବରେ ବିଜ୍ଞାପନମାନ ଦେଇ ଓଡ଼ିଆ ପତ୍ର-ପତ୍ରିକାରେ ଆର୍ଥିକ ପୃଷ୍ଠପୋଷକତା କରିବେ ।

୧୩ । ଶିଶୁ ଓ ନବ୍ୟ ଶିକ୍ଷିତମାନଙ୍କପାଇଁ ସୁଲଭ ମୂଲ୍ୟରେ ଓଡ଼ିଆ ପୁସ୍ତକ ଯୋଗାଇ ଦେବାପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଆର୍ଥିକ ସାହାଯ୍ୟ ଦିଅନ୍ତୁ ।

୧୪ । ପାଠ୍ୟ ପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକର ମୁଦ୍ରଣ ପାଇଁ ସଫା ଧଳା କାଗଜ (ବ୍ଲିଚଡ୍ ହ୍ୱାଇଟ-ପେପର) ନିହାତି ଆବଶ୍ୟକ । କେନ୍ଦ୍ର ସରକାର ରିହାତି ଦରରେ ଏ ପ୍ରକାର କାଗଜ ଓଡ଼ିଆ ପ୍ରକାଶକମାନଙ୍କୁ ଯୋଗାଇ ଦିଅନ୍ତୁ ।

୧୫ । ଭିନ୍ନ ଭିନ୍ନ ବୟସ-ଗୋଷ୍ଠୀର ପିଲମାନଙ୍କ ପାଇଁ ପୁସ୍ତକର ବିଷୟବସ୍ତୁ ନିର୍ବାଚନ ଓ ପ୍ରକାଶନ ଲାଗି ରାଜ୍ୟ ଶିଶୁ ସାହିତ୍ୟ କମିଟି ଏକ ବିଶେଷଜ୍ଞ କମିଟି ଗଠନ କରନ୍ତୁ ।

୧୬ । ଦେଶର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ପ୍ରକାଶିତ ପୁସ୍ତକ ପଠାଇବା ପାଇଁ ଭାରତୀୟ ଡ଼ାକ ତାର ବିଭାଗ ରିହାତି ଦରରେ ଡ଼ାକ ମାସୁଲର ବ୍ୟବସ୍ଥା କରନ୍ତୁ ।

ଏହାଛଡ଼ା ଓଡ଼ିଆ ପ୍ରକାଶକ ସଂଘକୁ ନମ୍ନ ଲିଖିତ ଅନୁରୋଧମାନ କରାଯାଇଛି ।

୧ । ଓଡ଼ିଆ ପ୍ରକାଶକ ସଂଘ ରାଜ୍ୟ ସାରା ଏଜେଣ୍ଟ ପଠାଇ ସମ୍ଭାବ୍ୟ ପାଠକମାନଙ୍କ ସହିତ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ କରୁ । ଏହା ଫଳରେ ଓଡ଼ିଆ ପାଠକ ସଂଖ୍ୟା ବୃଦ୍ଧି ପାଇବ ।

୨ । ଏ ଯାବତ୍ ପ୍ରକାଶିତ ଓଡ଼ିଆ ପୁସ୍ତକର ଏକ ସଠିକ ତାଲିକା ସଂଘ ପ୍ରକାଶ କରୁ ।

୩ । ସଦ୍ୟ ପ୍ରକାଶିତ ପୁସ୍ତକର ନାମ ଓ ସଂକ୍ଷିପ୍ତ ବର୍ଣ୍ଣନା ସମ୍ବଳିତ ଏକ ମାସିକ ବୁଲେଟିନ ସଂଘ ନିଜ ଖର୍ଚ୍ଚରେ ପ୍ରକାଶ କରୁ ଓ ସମ୍ଭାବ୍ୟ ପାଠକମାନଙ୍କ ନିକଟରେ ପହଞ୍ଚାଉ ।

୪ । ବୈଜ୍ଞାନିକ ଚିନ୍ତାଧାରା ତଥା ବ୍ୟବହାରିକ ବିଜ୍ଞାନ ସମ୍ବଳିତ ପୁସ୍ତକାବଳି ସଂଘ ବହୁ ସଂଖ୍ୟାରେ ପ୍ରକାଶ କରୁ ।

୫ । ଲେଖକ ଓ ପ୍ରକାଶକମାନଙ୍କ ମଧ୍ୟରେ ଆଲୋଚନା ଉପରେ ନିର୍ଭର କରି ଲେଖକମାନଙ୍କୁ ଯଥାଯଥ ପାରିଶ୍ରମିକ ଦିଆଯାଉ ।

୬ । ଭାରତ ସରକାରଙ୍କ ପ୍ରୌଢ଼ ଶିକ୍ଷା ଯୋଜନା ସ୍ୱାଗତଯୋଗ୍ୟ । ଏଥିପାଇଁ ଉଦ୍ଦିଷ୍ଟ ଉପଯୁକ୍ତ ପୁସ୍ତକାବଳି ଲେଖକ ଓ ପ୍ରକାଶକଙ୍କ ସହଯୋଗରେ ପ୍ରକାଶିତ ହେଉ ।

୭ । ଓଡ଼ିଆ ପୁସ୍ତକର ମାନ ନିର୍ଦ୍ଧାରଣ ପାଇଁ ପ୍ରକାଶକ ସଂଘ ଏକ ବିଶେଷଜ୍ଞ କମିଟି ଗଠନ କରନ୍ତୁ । ଏହି କମିଟି ବିଭିନ୍ନ ବିଭାଗରେ ପ୍ରକାଶିତ ହେବାକୁ ଯାଉଥିବା ପୁସ୍ତକ ଯାଞ୍ଚ କରନ୍ତୁ ।

## ଅନ୍ୟ ପାଞ୍ଚଟି ପ୍ରସ୍ତାବ ହେଲା-

୧ । ଓଡ଼ିଆ ସମ୍ବାଦପତ୍ର ଓ ଅନ୍ୟାନ୍ୟ ପତ୍ରିକା ସଦ୍ୟ ପ୍ରକାଶିତ ଓଡ଼ିଆ ପୁସ୍ତକର ବିଜ୍ଞାପନ କମ୍ ଦରରେ ଛାପନ୍ତୁ

୨ । ପାଠକ ସଂଖ୍ୟା ବଢ଼ାଇବାରେ ସମ୍ବାଦପତ୍ର ଓ ଅନ୍ୟାନ୍ୟ ପତ୍ରିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଦେଶରେ ପ୍ରକାଶିତ ଇଂରାଜୀ ପତ୍ର ପତ୍ରିକା ସହିତ ତାଳ ଦେଇ ଓଡ଼ିଆ ପତ୍ର ପତ୍ରିକା ବିଭିନ୍ନ ବିଷୟ, ଚିତ୍ର, ବ୍ୟଙ୍ଗ ଚିତ୍ର ଓ 'କମିକ୍' ପ୍ରକାଶ କରି ନିଜକୁ ଅଧିକ ଆକର୍ଷଣୀୟ କରନ୍ତୁ ।

୩ । ରାଜ୍ୟର ଶିକ୍ଷା ଓ ଶାସନ କ୍ଷେତ୍ରରେ ଓଡ଼ିଆ ଭାଷାର ବହୁଳ ବ୍ୟବହାର ହେଉ । ଏହା ଫଳରେ ଓଡ଼ିଆ ପୁସ୍ତକର ଚାହିଦା ବଢ଼ିବ ।

୪ । ଦେଶର ବିଭିନ୍ନ ବ୍ୟାଙ୍କ ଓ ଅର୍ଥ ଯୋଗାଣ ସଂସ୍ଥା ଓଡ଼ିଆ ପୁସ୍ତକର 'ଷ୍ଟକ୍' କୁ ଯଥେଷ୍ଟ ସିକ୍ୟୁରିଟି ଭାବେ ଗ୍ରହଣ କରି ପ୍ରକାଶକମାନଙ୍କୁ ଦରକାରୀ ଋଣ ଦିଅନ୍ତୁ ।

୫ । 'ସମାଜ' ଓଡ଼ିଶାର ସର୍ବାଧିକ ପ୍ରଚାରିତ ଦୈନିକ ସମ୍ବାଦପତ୍ର । ଏହି ଅନୁଷ୍ଠାନ ଅତ୍ୟାଧୁନିକ ମୁଦ୍ରାଯନ୍ତ୍ରର ଅଧିକାରୀ । ଲୋକ ସେବକ ମଣ୍ଡଳ ଏକ ମାସିକ ସାହିତ୍ୟ ପତ୍ରିକା ଓ ଶିଶୁ ସାହିତ୍ୟ ପତ୍ରିକା ପ୍ରକାଶ କରିବା ପାଇଁ 'ସମାଜ' ଅନୁଷ୍ଠାନକୁ ପ୍ରବର୍ତ୍ତାଉ ।

ରିଡ଼ର, ଇଂରାଜୀ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଭଞ୍ଜବିହାର, ବ୍ରହ୍ମପୁର–୭୬୦୦୦୭

ଏ ସମସ୍ତ ପ୍ରସ୍ତାବ କାର୍ଯ୍ୟକାରୀ କରିବାପାଇଁ ପୁରୀର ରାଜ୍ୟ ବିଧାନ ସଭା ସଦସ୍ୟ ଶ୍ରୀ ବ୍ରଜ କିଶୋର ତ୍ରିପାଠୀଙ୍କ ଆବାହକତ୍ୱରେ ଏକ କମିଟି ଗଠିତ ହୋଇଛି । ଏଥିରେ ସଭ୍ୟ ଅଛନ୍ତି, ଡ଼କ୍ଟର କୃଷ୍ଣ ପ୍ରସାଦ ମିଶ୍ର, ଶ୍ରୀ ଅଭିରାମ ମହାପାତ୍ର, ଶ୍ରୀ ଯତୀନ୍ଦ୍ର ନାଥ ଦାସ, ଡ଼କ୍ଟର ସୌଭାଗ୍ୟ କୁମାର ମିଶ୍ର ଓ ଶ୍ରୀ ପ୍ରଶାନ୍ତ ପଟ୍ଟନାୟକ । କହିବା ବାହୁଲ୍ୟ ଯେ ଓଡ଼ିଶାର ସମସ୍ତ ଲେଖକ, ପ୍ରକାଶକ, ପାଠକ ଓ ଶିକ୍ଷିତ ସଂପ୍ରଦାୟ ଓଡ଼ିଆ ପୁସ୍ତକ ପ୍ରକାଶନର ଭବିଷ୍ୟତ ପାଇଁ ଦାୟୀ । ପୁସ୍ତକ ପଠନ ଅଭ୍ୟାସ ଯେ କୌଣସି ସଂସ୍କୃତିସଂପନ୍ନ ଜାତିର ନୈତିକ ଆବଶ୍ୟକତା । ପ୍ରତ୍ୟେକ ଓଡ଼ିଆ ଏ ବିଷୟରେ ସଚେତନ ହୁଅନ୍ତୁ ଏବଂ ଓଡ଼ିଆ ପୁସ୍ତକ ପ୍ରକାଶନର ଉତ୍ତରୋତ୍ତର ଉନ୍ନତି ସାଧିତ ହେଉ ।

## ଓଡ଼ିଶାରେ ଅର୍ଥକରୀ ଫସଲ ଚାଷ

ଝୋଟ, ମେସ୍ତା, ଆଖୁ ଓ କପା ଆଦି ଅର୍ଥକରୀ ଫସଲର ସହାୟକ ମୂଲ୍ୟ ଧାର୍ଯ୍ୟ ହୋଇଥିବାରୁ ରାଜ୍ୟରେ ଏଗୁଡ଼ିକର ଚାଷ ପ୍ରସାର ଲାଭ କରିବା ସଙ୍ଗେ ସଙ୍ଗେ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଛି ।

ଚାଷୀମାନଙ୍କୁ ଏ ଦିଗରେ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଉନ୍ନତ ବିହନ, ସାର, କୀଟନାଶକ ଔଷଧ ଓ ଋଣ ଆଦି ଯୋଗାଇ ଦିଆଯାଉଛି । ଏହା ବ୍ୟତୀତ, ଉନ୍ନତ ଚାଷ ସଂପର୍କରେ କୃଷକମାନଙ୍କୁ ତାଲିମ ଦିଆଯାଉଛି ଏବଂ କ୍ଷେତ୍ର ପ୍ରଦର୍ଶନ କରାଯାଉଛି । ଆଦିବାସୀ ଅଞ୍ଚଳମାନଙ୍କରେ ସ୍ୱତନ୍ତ୍ର କେନ୍ଦ୍ରୀୟ ଆର୍ଥିକ ସହାୟତାରେ କ୍ଷୁଦ୍ର ଚାଷୀ, ଆଦିବାସୀ ଓ ତପସିଲଭୁକ୍ତ ଜାତିର ଚାଷୀମାନଙ୍କୁ ଅର୍ଥକରୀ ଫସଲ ଚାଷ ନିମନ୍ତେ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି ।

ଏହିସବୁ କାର୍ଯ୍ୟକ୍ରମ ଫଳରେ ଗତ ବର୍ଷ ୪୯ ହଜାର ୨୭୪ ହେକ୍ଟର ଜମିରେ ଝୋଟ, ୩୬ ହଜାର ୬୪୦ ହେକ୍ଟର ଜମିରେ ମେସ୍ତା, ୬ ହଜାର ୫୮୦ ହେକ୍ଟର ଜମିରେ କପା ଓ ୪୬ହଜାର ହେକ୍ଟର ଜମିରେ ଆଖୁ ଚାଷ ହୋଇଥିବା ଜଣାଯାଇଛି ।


ଗ୍ରୋମୋର ହିଁ
ବ୍ୟବହାର କରନ୍ତୁ
ଏହି ପ୍ରତୀକ
ଚିହ୍ନକୁ
ଦେଖନ୍ତୁ
GROMOR
UREA AMMONIUM
PHOSPHATE
28-28-0
GROMOR
N-P-K
14-35-14
ଗ୍ରୋମୋର
୨୮-୨୮-୦
ଗ୍ରୋମୋର
୧୪-୩୫-୧୪
ଜମିର ଉର୍ବରତା
କୃଷକର ଲାଭ ପାଇଁ – ଗ୍ରୋମୋର
FDS-CFL-783 O

## ମୈତ୍ରୀ, ମମତା ଓ ପ୍ରେମର ପ୍ରତୀକ

# ମାଣିକାଗୋଡ଼ାର ଦଶହରା

ପ୍ରବ୍ରାଜକ ଶ୍ରୀ ସତ୍ୟନାରାୟଣ ନନ୍ଦ

"ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି"—ଗୋଟିଏ ସତ୍ୟକୁ ପଣ୍ଡିତମାନେ ଭିନ୍ନ ଭିନ୍ନ ନାମରେ ବ୍ୟକ୍ତ କରିଥାନ୍ତି । କିନ୍ତୁ ବିଷ୍ଣୁ, ଶିବ, ଜେହୋଭା, ବୁଦ୍ଧ, ଜୋରାଷ୍ଟର ଓ ଆଲ୍ଲା ଭିନ୍ନ ନୁହନ୍ତି । "ଏକଂ ସତ୍ୟଂ, ବହୁଧା ବିଭଯନ୍ତି ।" ଗୋଟିଏ ସତ୍ୟହିଁ ପୃଥକଭାବେ ପରିକଳ୍ପିତ ହୋଇଛି । ପରମାତ୍ମାକୁ ଯିଏ ଯେଉଁ ରୂପ ଓ ନାମରେ ଡ଼ାକେ ସେ ସେହି ରୂପ ଓ ନାମରେ ପ୍ରତିଭାତ ହୁଅନ୍ତି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂ ସ୍ତଥୈବ ଭଜାମ୍ୟହମ୍"—ଯିଏ ଯେଉଁ ମାର୍ଗରେ ଆସୁନା କାହିଁକି ମୁଁ ସମସ୍ତଙ୍କୁ ଗ୍ରହଣ କରିବି, କାରଣ ସବୁ ମାର୍ଗ ମୋରି ମଧ୍ୟରେ ଏକାନ୍ବିତ ।

ଆପାତ ଦୃଷ୍ଟିରେ ଦେଖିଲେ ଆମ ସମାଜରେ ଭିନ୍ନ ଭିନ୍ନ ଧର୍ମ ଧାରା ପ୍ରବାହିତ । ରୀତିନୀତି ଓ ବିଧିବିଧାନ ଦୃଷ୍ଟିରୁ ପ୍ରତ୍ୟେକ ଧର୍ମ ମଧ୍ୟ ଅନ୍ୟଠାରୁ ପୃଥକ । କିନ୍ତୁ ଏଇ ପାର୍ଥକ୍ୟ ଆପାତ ପାର୍ଥକ୍ୟ । ଖ୍ରୁଲି ଚଳଣ, ବେଶ-ଭୂଷା, ଖାଦ୍ୟ ରୁଚି ଓ ବିବାହ ବ୍ରତରେ ଅନୁସୃତ ରୀତି ନୀତି କେବଳ କୌଣସି ଧର୍ମର ବାହ୍ୟିକ ବିଭାବ ବିଜ୍ଞାପିତ କରିଥାଏ । ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ବା ଜ୍ଞାନୀ ଯେଉଁ ଈଶ୍ୱରଙ୍କର ଅନୁଗ୍ରହ ପ୍ରାର୍ଥନା କରନ୍ତି ସେ ଈଶ୍ୱର ସାଂପ୍ରଦାୟିକତାର ଅନ୍ଧ କୂପରେ ମଣ୍ଡୁକ ପରି ଆତ୍ମଗୋପନ କରନ୍ତି ନାହିଁ । ସେ ସର୍ବମଙ୍ଗଳମୟ, ସର୍ବବ୍ୟାପୀ, ସର୍ବ-ଜ୍ଞାତା ଓ ସର୍ବଶକ୍ତିମାନ୍ । ସେ ସର୍ବହୃଦୟେଶ୍ୱର । ସେ ଆମକୁ ଭଲ ପାଆନ୍ତି, ଆମେ ପରସ୍ପରକୁ ଭଲ ପାଇବୁ ବୋଲି । ସେ ଆମକୁ ଦୟା କରନ୍ତି ଆମେ ଅନ୍ୟକୁ ଅନୁଗ୍ରହ ପ୍ରଦର୍ଶନ କରିବୁ ବୋଲି । ସେ ଆମକୁ କ୍ଷମା କରନ୍ତି ଆମେ ଲାଞ୍ଛନା ସହିବା ପାଇଁ, ଦ୍ୱେଷ, ଦୁର୍ଦ୍ଦଶା ଓ ଅପମାନ ସହିବା ପାଇଁ ଶୁଦ୍ଧତର ବ୍ୟକ୍ତିତ୍ୱର ବର୍ମ ଧାରଣ କରି ପାରିବୁ ବୋଲି । ସେ ଧର୍ମ ସୃଷ୍ଟି କରନ୍ତି ଆମେ ତାଙ୍କୁ ବୁଝିବା ପାଇଁ, ତାଙ୍କର ପିତୃତ୍ୱ ଓ ମାନବ ଜାତିର ଭ୍ରାତୃତ୍ୱ ସଂପର୍କରେ ବିଶ୍ୱାସ ବଳବତ୍ତର କରିବା ପାଇଁ ।

କହିବା ବାହୁଲ୍ୟ ଯେ ଧର୍ମର ଉଦ୍ଦେଶ୍ୟ ବା ଉପଦେଶ ସର୍ବଦା ମହତ ହୋଇଥିଲେ ମଧ୍ୟ ନାନାବିଧ ସାମାଜିକ ଓ ଅର୍ଥନୈତିକ କାରଣରୁ ଧର୍ମ ଅନେକ ସମୟରେ ସାଂପ୍ରଦାୟିକତାର ସଂକୀର୍ଣ୍ଣ ଗଣ୍ଡି ଭିତରେ ଆବଦ୍ଧ ହୋଇ ରହିଯାଏ । ଭିନ୍ନ ଭିନ୍ନ ଧର୍ମାବଲମ୍ବୀମାନେ ପରସ୍ପର ପ୍ରତି ଭ୍ରାତୃଭାବ ପୋଷଣ କରିବା ଦୂରେ ଥାଉ ଦ୍ୱେଷ, ଅସୂୟା ଓ ଘୃଣା ବଶତଃ ସେମାନେ ପରସ୍ପରକୁ ଭେଟିବାକୁ ମଧ୍ୟ କୁଣ୍ଠା ବୋଧ କରନ୍ତି । ଏହା ଭିନ୍ନ ଭିନ୍ନ ଧର୍ମାବଲମ୍ବୀଙ୍କ ସଂପର୍କରେ ଯେତିକି ସତ୍ୟ, ଏକ ଧର୍ମର ବିବିଧ ଗୋଷ୍ଠୀଙ୍କ ପ୍ରସଙ୍ଗରେ ମଧ୍ୟ ଅନୁରୂପଭାବେ ପ୍ରଯୋଜ୍ୟ । ଶିବ ଉପାସକ ବିଷ୍ଣୁଭକ୍ତକୁ ଓ ବିଷ୍ଣୁ ଉପାସକ ଶିବ ଭକ୍ତକୁ ହୀନ ଦୃଷ୍ଟିରେ ଦେଖିବାର ଦୃଷ୍ଟାନ୍ତ ଆଜି ମଧ୍ୟ ବିରଳ ନୁହେଁ ।

କଥାରେ ଅଛି—ଯେତେ ମତ, ସେତେ ପଥ । ସବୁ ମାର୍ଗ ମଧ୍ୟ ସେ ନିର୍ମାଣ କରିଛନ୍ତି । ସବୁ ଯାଇ ଲୀନ ହୋଇଛି ତାଙ୍କରିଠାରେ । ସେ ପ୍ରବର୍ତ୍ତକ, ପରିପାଳକ ଓ ସଂହାରକ । ସେ ବନ୍ଧୁ ସଖା ମାତା ପିତା ସାଥୀ ଓ ସାରଥୀ । ସଂକ୍ଷେପରେ କହିଲେ, ସେ ହିଁ ଭିନ୍ନ ଭିନ୍ନ ନାମ ଓ ରୂପରେ ବ୍ୟକ୍ତ ହେଉଥିବା "ଏକଂ ସତ୍ ।"

ସେଇ ଏକଂ ସତ୍ୟକୁ ତତ୍ତ୍ୱତଃ ଜାଣିବା ସହଜ ହେଲେ ମଧ୍ୟ ବାସ୍ତବ ଜୀବନରେ ପୃଥକ ଧର୍ମ ଓ ପୃଥକ ସଂପ୍ରଦାୟର ବ୍ୟକ୍ତିମାନଙ୍କ ମଧ୍ୟରେ ସମାନ ସତ୍ୟର ପ୍ରତିଫଳନ ଦେଖିବା କଷ୍ଟସାଧ୍ୟ । ସମାଜରେ ବହୁ ସ୍ୱାର୍ଥ, ବହୁ ସଂକୀର୍ଣ୍ଣତା, ବହୁ ମତବାଦ ଓ ବହୁ ଭିନ୍ନତା ରହିଥିବାରୁ ସବୁ ଜୀବ ମଧ୍ୟରେ ସମାନ ପରମାତ୍ମାଙ୍କୁ ସନ୍ଦର୍ଶନ କରିବା ଆପାତତଃ ଅସମ୍ଭବ ମନେ ହୁଏ । କିନ୍ତୁ ଜଟିଳ ଆତ୍ମତତ୍ତ୍ୱରେ ମନୋନିବେଶ ନ କରି ମାଣିକାଗୋଡ଼ାର ନିଷ୍କପଟ ଅଧିବାସୀମାନେ ଯେପରି ହାର୍ଦ୍ଦିକତା ଓ ଆନନ୍ଦ-ଉତ୍ସାହର ସହିତ ଦଶହରା ପର୍ବ ପାଳନ କରନ୍ତି ତାହା

ଦେଖିଲେ ଯେ କୌଣସି ବ୍ୟକ୍ତିର ଧାରଣା ହେବ ଯେ ମଣିଷ ମଣିଷ ମଧ୍ୟରେ ଭାତୃତ୍ୱ, ଆନ୍ତରିକତା, ଐକ୍ୟ ଓ ପ୍ରେମମୟ ସଂପର୍କର ବିକାଶ ପାଇଁ ଏଇ ପର୍ବଟିର ଅବଦାନ ଅତୁଳନୀୟ । ଏହି ପର୍ବ ପାଳନରେ ଅନାବଶ୍ୟକ ଆଡ଼ମ୍ବର ନାହିଁ କି ଅପବ୍ୟୟ ନାହିଁ, ଅଛି ଅପୂରନ୍ତ ଶ୍ରଦ୍ଧା, ଦୀର୍ଘ ଜୀବନର କାମନା ଓ ଲକ୍ଷ୍ୟ ଭାଙ୍ଗି ବିଶ୍ୱ ଜୀବନରେ ସାମିଲ ହେବାର ଅନ୍ତରଙ୍ଗ ଅନୁଭୂତି ।




ମାଣିକଭୂଇଁ ମନ୍ଦିର ଭିତର—ଏଇ କାଠଖୁଣ୍ଟ ଦେବୀ ରୂପରେ ପୂଜାପାଉଛନ୍ତି ।

ଏକଦା ଖୋରଧା ରାଜାଙ୍କର ଉପାନ୍ତଗଡ଼ରୂପେ ପରିଚିତ ମାଣିକ୍ୟଗଡ଼ ଆଜି ବୋଲଗଡ଼ ଥାନାର ସୁଖ୍ୟାତ ମାଣିକାଗୋଡ଼ା ଗ୍ରାମ । "ମାଣିକ ଭୂଇଁ" ଏହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ । ସେ ଧାତୁ ପ୍ରସ୍ତରର ପ୍ରତିମା ନୁହନ୍ତି କିମ୍ବା ତାଙ୍କ ଆସ୍ଥାନରେ ଶିଳା ଶିଳ୍ପର ମହାର୍ଘ ସ୍ୱାକ୍ଷର ନାହିଁ ।

ଗାଁଆର ଐଶାନ୍ୟ କୋଣରେ ଏକ ମାମୁଲି ମାଟିଘର । ହଠାତ୍ ଦେଖିଲେ ମନେ ହେବ କେଉଁ ଉପେକ୍ଷିତ ବୁଢ଼ୀଟିଏ ଅବା ସେଇ ଘରର ବାସିନ୍ଦା । କିନ୍ତୁ କୋଠରୀରେ ପାଦ ଦେଲେ ମନରେ ଭରି ଯିବ ବିସ୍ମୟ ଓ କୌତୂହଳ । କେଉଁଠି ମାଣିକ ଭୂଇଁ ? ସେ କ'ଣ ଶୂନ୍ୟତାର ଶିଳାରେ ଖୋଦିତ ଦେବୀ ? ସେ କ'ଣ ଶିଳ୍ପୀର କଳ୍ପନା ? ସେ କ'ଣ ଦୃଶ୍ୟାତୀତା, ରୂପହୀନା, ଅବିଗ୍ରହା !

ମନର ସମସ୍ତ ବିସ୍ମୟ ଓ ପ୍ରଶ୍ନବାଚୀ ସ୍ଥିର ହୁଏ ଯେତେବେଳେ ଦର୍ଶକ ଆଖିରେ ଭାସିଉଠେ ସବୁଜ ଫୁଲମାଳ ପରିହିତ କାଠଖୁଣ୍ଟିର ଛବି । ଯେତେବେଳେ ସେ ଜାଣେ ସେଇ ମା ମାଣିକ ଭୂଇଁ । ଅଧିଷ୍ଠାତ୍ରୀ ଦେବୀ,



ବାମଯାନୀଠାରେ ମାଣିକଭୂଇଁ । ଠାକୁରାଣୀଙ୍କ କାଳିସୀ ଲଗିଛନ୍ତି

ମାଣିକାଗୋଡ଼ାର ଅଭୟା ଜନନୀ—କ୍ଲେଶହାରିଣୀ ମାତା । ସ୍ନେହବତ୍ସଳା ଧାତ୍ରୀ । ଜନ-ପୂଜିତା କଲ୍ୟାଣୀ । କାଷ୍ଠ ଖଣ୍ଡ ସ୍ୱରୂପା ମହାମାୟା ମୃଣ୍ମୟ ବା ନୀଳାଶ୍ମ ନୁହେଁ ଦାରୁରେ କଳ୍ପିତ ଦେବୀଙ୍କୁ ଦେଖିଲେ ହୃଦୟରେ ସ୍ୱତଃ ଉଚ୍ଚାରିତ ହୁଏ ସବୁଦିନର ଅବିସ୍ମରଣୀୟ ଶ୍ଳୋକ : "ଆଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୁପାରେ ଅପୌରୁଷମ୍" ।



ଦଣ୍ଡଦେହେରଙ୍କୁ ତାଙ୍କ ଦ୍ୱାରଦେଶରୁ ପାଛୋଟି ନେବାକୁ ଆସିଛନ୍ତି ପାଇକମାନେ ।

ମନେପଡ଼େ ଆମ ପରଂପରାର ପରମ ପ୍ରତୀକ ନୀଳାଦ୍ରି-ବିହାରୀ ଜଗନ୍ନାଥ ନୀଳ ସିନ୍ଧୁରେ ଦାରୁରୂପେ ଭାସିବାର ସ୍ୱପ୍ନ-ସ୍ମୃତି । ସେଇ ଏକଂ ସତ୍ ଶିଳା ରୂପରେ ସଂହିତ, ଦାରୁ ରୂପରେ ପୂଜିତ, ଦେବ ରୂପରେ ଆରାଧିତ ଓ ଦେବୀ

ରୂପରେ ଅର୍ଚ୍ଚିତ ହେବାର କାହାଣୀ । ତାର ରହସ୍ୟ ସେଇ ଏକା ଜାଣେ । ସେ ଜାଣେ କେଉଁ ଦିନଠାରୁ ଆରମ୍ଭ ହୋଇଛି ତାର ଉପାସନା । ତା'ପାଇଁ ମାଣିକାଗୋଡ଼ା ଗାଆଁରେ କେଉଁ ଦିନରୁ ଆରମ୍ଭ ହୋଇଛି ମେଳା ମଉଛବ ଓ ପ୍ରୀତି ପାର୍ବଣ ।



ଦଳବେହେରା ଶେଖ୍ ବଶିରୁଦ୍ଦିନଙ୍କୁ ପାଇକମାନେ ନିଜ ଗହଣରେ ପଟୁଆର କରି ନେଉଛନ୍ତି ।

କନ୍ଧ ପୂଜିତା ମାଣିକ ଉଆଁ ବ୍ୟତୀତ ମାଣିକାଗୋଡ଼ା ଗାଁରେ ଡୁମାଳ ଗୌଡ଼ ଦ୍ୱାରା ପୂଜା ପାଆନ୍ତି ମହିଷାସୁର-ମର୍ଦ୍ଦିନୀ । ବ୍ରାହ୍ମଣ ପୂଜା କରନ୍ତି ଦୁର୍ଗା ଦେବୀଙ୍କୁ । ଜାତି ଧର୍ମର କୃତ୍ରିମ ପ୍ରାଚୀର ମାଣିକାଗୋଡ଼ାର ଦଶହରାକୁ ଦଶଭାଇ ଆଖଡ଼ାରେ ବିଭକ୍ତ କରିପାରେ ନାହିଁ । ଏକ ମନ ଓ ଏକ ଲକ୍ଷ୍ୟ ନେଇ ଜାତି, ଉପଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ମାଣିକାଗୋଡ଼ାର ଅଧିବାସୀମାନେ ଦେବୀ ପୂଜା ପାଇଁ ଏକତ୍ରିତ ହୁଅନ୍ତି ଦୁର୍ଗା ମଣ୍ଡପରେ । ମହା ସପ୍ତମୀ ଦିନଠାରୁ ଦେବୀ ମଣ୍ଡପରେ ମାଣିକାଗୋଡ଼ା ସନ୍ନିକଟ ଦିବ୍ୟସିଂହପୁର ଶାସନର କନକ ଦୁର୍ଗାଙ୍କ ବିଜେ ପ୍ରତିମା, ମହିଷାସୁରମର୍ଦ୍ଦିନୀଙ୍କ ବିଜେ ପ୍ରତିମା କଟାରୀ, ରାଜାଙ୍କ ଖଣ୍ଡାୟତ ଘରର ତରବାରୀ ଏବଂ କରଣ




ମହିଷାସୁର ମର୍ଦ୍ଦିନୀ ଠାକୁରାଣୀ ପାଖରେ-ପୂଜକ ବୈରାଗୀ ବିହୁଡ଼ି ।



ମାଣିକାଗୋଡ଼ା ମସଜିଦ୍

ଘରର ଲେଖନୀ ଓ ତାଳପତ୍ର ଏକତ୍ରିତଭାବେ ଦଶମୀଦିନ ଯାଏଁ ପୂଜା ହୁଏ । ଏଇ ପୂଜାର ସମସ୍ତ ବ୍ୟୟ ଭାର ବହନ କରନ୍ତି ଗ୍ରାମର ମୁସଲମାନ ଦଳବେହେରା । ଦୁର୍ଗା ମଣ୍ଡପଟି ଯେମିତି ମଣିଷର ଅକୃତ୍ରିମ ସ୍ନେହ



ଦୁର୍ଗା ଦେବୀ ମନ୍ଦିର ମଣ୍ଡପରେ ସପ୍ତମୀଠାରୁ ଦଶହରାଯାଏ ପୂଜା ପାଉଥିବା କନକଦୁର୍ଗାଙ୍କ ବିଜେପ୍ରତିମା, ମହିଷାସୁର ମର୍ଦ୍ଦିନୀଙ୍କ କଟାରୀ, କରଣଙ୍କ ଲେଖନୀ ତାଳପତ୍ର, ପାଇକଙ୍କ ଖଣ୍ଡା ।



ରଜାଙ୍କ ପାଇକ ଦଳବେହେରାଙ୍କୁ ଖଣ୍ଡା ସମର୍ପଣ କରୁଅଛନ୍ତି

ସ୍ତୁବାରେ ଝଟକୁଥାଏ । ପ୍ରେମହିଁ ଯେପରି ଏଇ ମଣ୍ଡପର ଭିତ୍ତିଭୂମି, ପ୍ରେମ ହିଁ ପ୍ରତିମା, ପ୍ରେମ ହିଁ ଉପାସକ । ପ୍ରତ୍ୟେକ ଯେପରି ନିଜର ହୃଦୟ ସିଂହାସନରେ ଦେବୀଙ୍କୁ ଆରାଧନା କରିବା ପାଇଁ ଅନୁରାଗରେ ଗଦ୍‌ଗଦ ।

ମାଣିକାଗୋଡ଼ା ଦଶହରାର ସାୟଂତନ କାର୍ଯ୍ୟକ୍ରମ ଆରମ୍ଭ ହୁଏ ଦେବୀ ମାଣିକ ଭୂୟାଁଙ୍କ ପୀଠରୁ । ବାଉରୀମାନେ ମାଣିକ ଭୂୟାଁଙ୍କ ବିଜେପ୍ରତିମାକୁ ଏକ ଶୋଭାଯାତ୍ରାରେ ଦୁର୍ଗା ଦେବୀଙ୍କ ପୀଠକୁ ଆଣନ୍ତି । ଗାଁର ଅଧିବାସୀମାନେ ଏକ ମନୋରମ ପଟୁଆରରେ ମାଳିସାହି ଦଶହରା ପଡ଼ିଆକୁ ଯାଆନ୍ତି । ସେଠାରେ ଅପରାଜିତା ହୋମର ଆୟୋଜନ ହୋଇଥାଏ । ଯଜ୍ଞକୁଣ୍ଡ ନିକଟରେ ବିଭିନ୍ନ ଜାତି ଓ ଧର୍ମ, ସଂପ୍ରଦାୟର




ହୋମପୀଠରେ ବିଜେ ହୋଇଛନ୍ତି ଦିବ୍ୟସିଂହପୁର ଦୁର୍ଗାଦେବୀ

ପ୍ରତିନିଧିମାନେ ଏକତ୍ରିତ ହୁଅନ୍ତି । ମୁସଲମାନ ଦଳବେହେରା, ଦୁର୍ଗାଦେବୀଙ୍କ ବିଜେ ପ୍ରତିମା ଧରି ଜଣେ ବୈଦିକ ବ୍ରାହ୍ମଣ, ମାଣିକ ଭୂୟାଁଙ୍କ ବାହକ ବାଉରୀ, ମହିଷାସୁର ମର୍ଦ୍ଦିନୀଙ୍କ ପ୍ରତିନିଧି କୁମ୍ଭାର ଗୌଡ଼, ଖଡ୍‌ଗ ଧରିଥିବା ରାଜାଙ୍କର ଖଣ୍ଡାୟତ ପ୍ରତିନିଧି ଓ ଲେଖନ ତାଳପତ୍ରଧାରୀ କରଣ



ହୋମରେ ଦଳବେହେରା


ପ୍ରତିନିଧି ହୋମକୁଣ୍ଡ ବେଷ୍ଟନ କରି ବସନ୍ତି । ବ୍ରାହ୍ମଣଙ୍କୁ ପୁରୋହିତ ରୂପେ ବରଣ କରାଯାଏ । ଦଳବେହେରାଙ୍କୁ କୁଶବଟୁ ପିନ୍ଧାଇ ଦିଅନ୍ତି । ଦଶହରା ଦିନ ମାଣିକ ଭୂୟାଁଙ୍କ ପଟୁଆର ଗାଆଁ ଦାଣ୍ଡରେ ଯିବା ବେଳେ ଦଳବେହେରା ମଧ୍ୟ ଦେବୀଙ୍କ ବିଜେ ପ୍ରତିମାଙ୍କୁ ଧୂପ, ଦୀପ, ନୈବେଦ୍ୟ



ମାଳିସାହିଠାରେ ଅପରାଜିତା ହୋମ ଆରମ୍ଭ । ଉତ୍ସବର ବିଶେଷତ୍ୱ ବର୍ଣ୍ଣନା ସଙ୍ଗେ ସଙ୍ଗେ ଉଦ୍‌ବୋଧନ ଦେଉଛନ୍ତି ଶ୍ରୀ ରାଜକିଶୋର ପଟ୍ଟନାୟକ, ରଜାଙ୍କ କରଣ---ବର୍ତ୍ତମାନ ମାଣିକାଗୋଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ

ଦେଇ ଉପାସନା କରିଥାନ୍ତି । ଅପରାଜିତା ହୋମ ପୀଠରେ ଦିବ୍ୟସିଂହପୁର ଶାସନର ବିଷ୍ଣୁ ଓ ଶିବ ପ୍ରତିମା ମଧ୍ୟ ବିଜେ ହୋଇଥାନ୍ତି । ଅପରାଜିତା ହୋମ ଦଶହରା ପର୍ବର ଶେଷ ବିଧି ।

ମାଣିକାଗୋଡ଼ା ଦଶହରାରେ ସଂପ୍ରତି ଯେଉଁମାନେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ପ୍ରତିନିଧିତ୍ୱ କରନ୍ତି ସେମାନେ ହେଲେ, ଶେଖ୍ ବସିରୁଦ୍ଦିନ୍ ଖାଁ (ଦଳବେହେରା),



ଦଳବେହେରା ହୋମ ଶେଷରେ ବ୍ରାହ୍ମଣମାନଙ୍କୁ ପାରମ୍ପରିକ ବିଦାୟି ଦେଉଛନ୍ତି ।

ଶ୍ରୀ ରାଜକିଶୋର ପଟ୍ଟନାୟକ ଓ ଶ୍ରୀ ଗିରୀଶ ଚନ୍ଦ୍ର ପଟ୍ଟନାୟକ (କରଣ), ଶ୍ରୀ ବୈରାଗୀ ଦିହୁଡ଼ି (ଦିହୁଡ଼ି), ଶ୍ରୀ ଦାମ ଯାନୀ (ଯାନୀ), ଶ୍ରୀ ମଦନ ଭୋଇ (ବାଉରୀ), ଶ୍ରୀ ଲୋକନାଥ ପାଟଶାଣୀ, ଶ୍ରୀ ସାଗର ମାନସିଂହ, ରୁସ୍ତମ ଖାଁ, ପଞ୍ଚୁ ଖାଁ, ଶଙ୍କର ମାଝି ଓ ଶ୍ରୀ ଯୋଗେନ୍ଦ୍ର ମାନସିଂହ (ସମସ୍ତେ ପାଇକ ଓ ଶେଷ ବ୍ୟକ୍ତି ଖଣ୍ଡାଧାରୀ), ଶ୍ରୀ କାଳିଆ ସେଠୀ (ଧୋବା), ଶ୍ରୀ ବୈରାଗୀ ହୋତା, କାଳନ୍ଦୀ ହୋତା, ଶ୍ରୀ କୃଷ୍ଣଚନ୍ଦ୍ର ହୋତା (ପୁରୋହିତ), ଶ୍ରୀ ଚନ୍ଦ୍ରଶେଖର ତ୍ରିପାଠୀ (ଭଗବତୀଙ୍କ ପୂଜକ) ଓ ଶ୍ରୀ ଦୁର୍ଯ୍ୟୋଧନ ପଣ୍ଡା (ମାଣିକ ଭୂୟାଁଙ୍କ ପୂଜକ) ।

କେବଳ ମାଣିକାଗୋଡ଼ାରେ ନୁହେଁ, ଖୋର୍ଦ୍ଧା ସବ୍-ଡିଭିଜନର ଅନ୍ୟ କେତେକ ସ୍ଥାନରେ ମଧ୍ୟ ହିନ୍ଦୁ ମୁସଲମାନମାନେ ମିଳିତଭାବେ ଦଶହରା ପର୍ବ ପାଳନ କରନ୍ତି । ମାଣିକାଗୋଡ଼ାରେ ହିନ୍ଦୁ ଓ ମୁସଲମାନମାନଙ୍କ ସହିତ ଆଦିବାସୀ ଓ ତପସିଲଭୁକ୍ତ ଜାତିର ଅଧିବାସୀମାନେ ଏହି ଉତ୍ସବରେ ଆଗ୍ରହ ସହକାରେ ଯୋଗ ଦେଇଥାନ୍ତି । ପ୍ରାୟ ସାତ ହଜାର ଲୋକ ସଂଖ୍ୟା ବିଶିଷ୍ଟ ଏଇ ଗ୍ରାମର ଆବାଳବୃଦ୍ଧବନିତା ଜାତି ଓ ଧର୍ମମତ ନିର୍ବିଶେଷରେ ଦଶହରା ଉତ୍ସବର ଆନନ୍ଦ ଉଲ୍ଲାସରେ ଆତ୍ମବିସ୍ମୃତ ହୋଇଥାନ୍ତି । ନିଜ ପାଇଁ ଚିନ୍ତାମଗ୍ନ ନ ହୋଇ ସମସ୍ତେ ଯେପରି ମୁକ୍ତ ମନରେ ଦେବୀଙ୍କୁ ପ୍ରାର୍ଥନା କରନ୍ତି ଅନ୍ଧାରରୁ ଆଲୋକକୁ ନେଇଯିବା ପାଇଁ, ଅସତ୍‌ରୁ ସତ୍‌କୁ ଓ ମୃତ୍ୟୁରୁ ଅମୃତକୁ ନେଇଯିବା ପାଇଁ । ମାଣିକ ଭୂୟାଁର କାଳିସୀ ସମ୍ମୁଖରେ ଯେତେବେଳେ ଦେବୀଙ୍କ ପୀଠ ବାହାରେ ବଳୀ ଅର୍ପଣ କରାଯାଏ ପଶୁତ୍ୱର ନିଧନ ପାଇଁ ତାହା ଏକ ସଂକେତ ବୋଲି ପ୍ରତୀତ ହୁଏ । ପଶୁତ୍ୱକୁ ନିଧନ କଲେ ମଣିଷ ଯେ ସୁଗୁଣର ପଟୁଆର ଆୟୋଜନ କରି ଦୁର୍ଗା ପୀଠରେ ପହଞ୍ଚି ପାରିବ ଏହା ସୂଚିତ ହୁଏ ଗାଆଁରେ ଯାଇଥିବା ମାଣିକ ଭୂୟାଁଙ୍କ ପଟୁଆରରୁ । ପାଇକ ହାତର ଖଡ୍ଗ ହୁଏ ଅସତ୍ ବିରୁଦ୍ଧରେ ଜାଗ୍ରତ ରହିବାର ପ୍ରତୀକ, କରଣ ହାତର ପୋଥି ଓ ଲେଖନୀ ହୁଏ 'ଅକ୍ଷର' ସାଧନାର ପ୍ରତୀକ ଓ ଦଳବେହେରାଙ୍କ କୁଶବଟୁ ହୁଏ ମାନବଜାତିର ମଙ୍ଗଳ ସାଧନର ସଂକଳ୍ପ । ଅପରାଜିତା ହୋମରେ ପ୍ରେମ-ବହ୍ନି ପ୍ରଜ୍ୱଳିତ ହୋଇ ଉଠେ । ବ୍ୟକ୍ତି ସ୍ୱାର୍ଥ ଭୁଲି ବିଶ୍ୱ ସ୍ୱାର୍ଥ ପାଇଁ ମାଣିକାଗୋଡ଼ା ଅଧିବାସୀ ସତେ ବା ଦେବୀଙ୍କୁ ହୋମ ଶେଷରେ ପ୍ରାର୍ଥନା କରେ :

ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱଲକ୍ଷ୍ମୀଃ
ପାପାତ୍ମାନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ ।
ଶ୍ରଦ୍ଧା ସତାଂ କୁଳଜନପ୍ରଭବସ୍ୟ ଲଜ୍ଜା
ତାଂ ତ୍ୱାଂ ନତାଃ ସ୍ମ ପରିପାଳୟ ଦେବୀ ବିଶ୍ୱମ୍ ।।

"ପୁଣ୍ୟବାନ୍‌ମାନଙ୍କ ଘରେ ଯିଏ ଲକ୍ଷ୍ମୀସ୍ୱରୂପା, ପାପୀମାନଙ୍କ ଘରେ ଯିଏ ଅଲକ୍ଷ୍ମୀ ସ୍ୱରୂପା, ଶୁଦ୍ଧଚିତ୍ତ ବ୍ୟକ୍ତିମାନଙ୍କ ହୃଦୟରେ ଯିଏ ସଦ୍‌ବୁଦ୍ଧି ସ୍ୱରୂପା, ସଜ୍ଜନମାନଙ୍କ ହୃଦୟରେ ଯିଏ ଶ୍ରଦ୍ଧା ଓ ଲଜ୍ଜା ସ୍ୱରୂପା ସେହି ଦେବୀଙ୍କୁ ଆମେ ପ୍ରଣାମ କରୁଛୁ । ହେ ଦେବୀ, ତୁମେ ଏଇ ଜଗତ ପରିପାଳନ କର ।"

(ଶ୍ରୀ ଶ୍ରୀ ଚଣ୍ଡୀ ୪ର୍ଥ ଅଧ୍ୟାୟ, ୫ମ ଶ୍ଳୋକ)

ସହକାରୀ ସଂପାଦକ,
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର ।

## ସୁଖୀ ସନ୍ତାନ—ଦେଶର ମାନ

୧୯୭୯—ଆନ୍ତର୍ଜାତିକ ଶିଶୁ ସମ୍ବତ୍ସର

ତୁମେ ଯାହାର ସେବା କରୁଛ
ସେମାନେ ତୁମକୁ ଧନ୍ୟବାଦ ଦିଅନ୍ତୁ
ବା
ନିନ୍ଦା କରନ୍ତୁ
ତୁମକୁ ଦିଆଯାଇଥିବା କାମ ଆନନ୍ଦରେ କରିଯାଅ
କାରଣ
ମନେରଖ ଯେ
ଅନ୍ୟର ସେବା କର
ତୁମେ ନିଜର ହିଁ ସେବା କରୁଛ ।

ଦେଶର ସେବାରେ ନିୟୋଜିତ—

# ଓଡ଼ିଶା ସିମେଣ୍ଟ ଲିମିଟେଡ

ରାଜଗାଙ୍ଗପୁର-୭୭୦୦୧୭
ଟେଲେକ୍ସ—୦୬୩୫ ୨୪୦

ଉତ୍କୃଷ୍ଟ ସିମେଣ୍ଟ ଓ ସିମେଣ୍ଟ ଉତ୍ପନ୍ନ ଦ୍ରବ୍ୟ ତଥା ବିଶ୍ୱ ବିଖ୍ୟାତ
ଜଟିଳ ପ୍ରକାର ରିଫ୍ରାକ୍ଟୋରିଜର ଅପ୍ରତିଦ୍ୱନ୍ଦ୍ୱୀ ପ୍ରସ୍ତୁତକାରୀ

# ଶିଶୁ ସ୍ୱାସ୍ଥ୍ୟର ଯତ୍ନ

ଡକ୍ଟର ବ. ସି. ଘୋଷାଲ

କଥାରେ ଅଛି ବଳ ହଟିଲେ ରୋଗ ମାଡ଼ି ବସେ । ବଳ ହଟିବାର ଅର୍ଥ ହେଲା ମଣିଷ ଶରୀରର ରୋଗ ପ୍ରତିରୋଧ ଶକ୍ତି ବା କ୍ଷମତା କମିବା । ପ୍ରତିରୋଧ ଶକ୍ତି କହିଲେ ବୁଝାଏ ନାନା ପ୍ରକାର ରୋଗ ଜୀବାଣୁର ଆକ୍ରମଣରୁ ଶରୀରକୁ ରକ୍ଷା କରିବା । ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କାର୍ଯ୍ୟକ୍ରମର ସାଫଲ୍ୟ ପ୍ରମାଣିତ ହୁଏ ରୋଗୀ ସଂଖ୍ୟା ହ୍ରାସରୁ ।

ଏହି ଶକ୍ତି ବୃଦ୍ଧିକାରୀ କାର୍ଯ୍ୟକ୍ରମର ଅଭିମୁଖ୍ୟ ଦୁଇଟି । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିର ରୋଗ ପ୍ରତିରୋଧ ଶକ୍ତିତ ବୃଦ୍ଧିପାଏ ତାହାଛଡ଼ା ଏଭଳି ଲୋକଙ୍କର ସଂଖ୍ୟା ବୃଦ୍ଧି ପାଇଲେ ଗୋଷ୍ଠୀର ରୋଗ ସଂକ୍ରମଣରୋଧକାରୀ କ୍ଷମତା ମଧ୍ୟ ବୃଦ୍ଧି ପାଏ । ଫଳରେ ସଂକ୍ରାମକ ରୋଗ ବ୍ୟାପିବାର ଆଶଂକା ବହୁଳାଂଶରେ ହ୍ରାସ ପାଏ ।

ଶରୀରର ପ୍ରତିରୋଧ ଶକ୍ତି ବୃଦ୍ଧି ବା ଶରୀରକୁ ଅନାକ୍ରମ୍ୟ କରିବା ଫଳରେ ଆଜି ଅନେକ ରୋଗକୁ ପ୍ରତିହତ କରିବା ସମ୍ଭବ ହେଲାଣି । ଡାକ୍ତରୀ ଭାଷାରେ ଏହାକୁ ଇମ୍ୟୁନାଇଜେସନ କୁହାଯାଉଛି । ଅନେକ ରୋଗ ଯୋଗୁଁ ମଣିଷର ଯେ କେବଳ ବହୁ ଦିନ ପାଇଁ ସ୍ୱାସ୍ଥ୍ୟ ହାନୀ ଘଟେ ତାହା ନୁହଁ ମଣିଷ ପୁଷ୍ଟିସାର ଅଭାବରେ ଶେଷରେ ମୃତ୍ୟୁ ମୁଖରେ ପଡ଼େ । ପୁଷ୍ଟିସାର ଅଭାବ ପିଲାମାନଙ୍କ କ୍ଷେତ୍ରରେ ବିଶେଷ କ୍ଷତିକାରକ ହୋଇଥାଏ । ଏହି ଅଭାବ ଯୋଗୁଁ ସେମାନଙ୍କର କାୟିକ ଓ ମାନସିକ ବୃଦ୍ଧି ବାଧାପ୍ରାପ୍ତ ହୁଏ । ତେଣୁ ବେଳ ଥାଇଁ ଥାଇଁ ପିଲାମାନଙ୍କ ମଧ୍ୟରେ ଏ ପ୍ରକାର ରୋଗ ପ୍ରତିରୋଧକାରୀ ଶକ୍ତି ବା ଇମ୍ୟୁନିଟି ସୃଷ୍ଟି କରିବା ପିତାମାତାମାନଙ୍କର ଅବଶ୍ୟ କର୍ତ୍ତବ୍ୟ ।

ଦୁଃଖର କଥା ଯେ ସମୟ ଅଭାବରୁ ପିତାମାତାମାନେ ଅନେକ କ୍ଷେତ୍ରରେ ଏଭଳି ପଦକ୍ଷେପ ନେଇ ପାରନ୍ତି ନାହିଁ । ହେଜା କରି ଦିନ ଗଡ଼ାନ୍ତି । ଶେଷରେ ଦେଖାଯାଏ ପିଲାମାନଙ୍କ ମଧ୍ୟରେ ଆବଶ୍ୟକୀୟ ରୋଗ ପ୍ରତିରୋଧକାରୀ ଶକ୍ତି ସୃଷ୍ଟି କରିବା ବେଳ ଗଡ଼ିଗଲାଣି । ପ୍ରତିରୋଧକାରୀ ଶକ୍ତି ସୃଷ୍ଟି କରିବାର ପଦକ୍ଷେପ ନିଆଗଲାବେଳେ ପିଲା ସୁସ୍ୱାସ୍ଥ୍ୟର ଅଧିକାରୀ ହେବା ଉଚିତ୍ । ଆଉ ମଧ୍ୟ ମନେ ରଖିବାକୁ ହେବ ଯେ ଏହି ଶକ୍ତିର କାର୍ଯ୍ୟକାରିତା କେତେକ ନିର୍ଦ୍ଦିଷ୍ଟ ସମୟ ପାଇଁ, ଚିରକାଳ ପାଇଁ ନୁହେଁ । ଏହି ଶକ୍ତିକୁ ଦୀର୍ଘସ୍ଥାୟୀ କରିବାକୁ ହେଲେ ପିଲାକୁ ସମୟାନୁସାରେ ଆବଶ୍ୟକୀୟ ଟୀକା ଯାହାକୁ ଡାକ୍ତରୀ ଭାଷାରେ ଭ୍ୟାକସିନ୍ କୁହାଯାଏ ଆଉ କେତେ ଥର ଦେବାକୁ ପଡ଼ିବ ।

ବୟସ୍କଙ୍କ ଅପେକ୍ଷା ୧୫ ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ବାଳିକାଙ୍କର ଡିପ୍‌ଥେରିଆ, ନଟା କାଶ ବା ହୁପିଂ କାଶ, ଟିଟାନସ ବା ଧନୁଷ୍ଟଙ୍କାର ବାତ ଏବଂ ପୋଲିଓ ରୋଗ ଦ୍ୱାରା ଆକ୍ରମିତ ହେବାର ସମ୍ଭାବନା ଅଧିକ । ଏ ସବୁ ରୋଗର ଚିକିତ୍ସା ଏବଂ ନିୟନ୍ତ୍ରଣ ଲାଗି ବହୁ ଉପାୟ ଉଦ୍‌ଭାବିତ ହେଲାଣି । ତେବେ ମଧ୍ୟ ଆମ ଦେଶରେ ଏ ପ୍ରକାର ରୋଗୀଙ୍କର ସଂଖ୍ୟା ବହୁତ ବେଶୀ । ଏ ରୋଗ ଭୋଗିଥିବା ଲୋକ ବହୁଦିନ ଧରି ରୁଗ୍‌ଣ ରହନ୍ତି ଓ ଅନେକଙ୍କର ଅକାଳ ବିୟୋଗ ମଧ୍ୟ ଘଟେ ।

ଏ ରୋଗଗୁଡ଼ିକର ପ୍ରତିଷେଧକ ବା ଇମ୍ୟୁନାଇଜେସନ ବ୍ୟବସ୍ଥା ଆଜି କାଲି ଗ୍ରାମାଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ, ବିଭିନ୍ନ ହାସପାତାଳ ଏବଂ ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ରମାନଙ୍କରେ ପ୍ରବର୍ତ୍ତିତ ହେଲାଣି । ତାʼ ସତ୍ତ୍ୱେ ଏ ରୋଗ ଯୋଗୁଁ ରୁଗ୍‌ଣତା ଓ ମୃତ୍ୟୁ ସଂଖ୍ୟା ଯେ ଅଧିକ ହେଉଛି ସେଥିରୁ ପ୍ରମାଣିତ ହେଉଛି ଯେ ଲୋକେ ଏ ବ୍ୟବସ୍ଥାର ପୁରା ଫାଇଦା ଉଠାଉ ନାହାନ୍ତି ।

ଏହାର କାରଣ ଅନେକ । କେଉଁ କାରଣରୁ ଏସବୁ ରୋଗ ଉପୁଜେ, କିପରି ଭାବରେ ଏଗୁଡ଼ିକ ବ୍ୟାପେ ଏବଂ କିଭଳିଭାବେ ଏସବୁର ପ୍ରତିରୋଧ କରାଯାଇପାରେ—ସେ ସଂପର୍କରେ ଅଧିକାଂଶ ଦେଶବାସୀଙ୍କର କୌଣସି ଧାରଣା ନାହିଁ । ତାହାଛଡ଼ା ଏସବୁ ରୋଗର ପ୍ରତିଷେଧକ ବ୍ୟବସ୍ଥା କେଉଁଠାରେ ମିଳିବ ସେ ଖବର ଲୋକଙ୍କୁ ଜଣାନାହିଁ । କିନ୍ତୁ ସବୁଠାରୁ ବଡ଼ କାରଣ ହେଲା ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ଲୋକମାନଙ୍କର ଉଦାସୀନତା ।

ଏ ରୋଗର ସମସ୍ୟା ଗ୍ରାମାଞ୍ଚଳ ଏବଂ ସହରର ବସ୍ତି ଅଞ୍ଚଳରେ ଉତ୍‌କଟ । ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅପେକ୍ଷାକୃତ ଦୁର୍ବଳ ଶ୍ରେଣୀର ଲୋକେ ଏହିସବୁ ଅଞ୍ଚଳରେ ବସବାସ କରିଥାନ୍ତି । ଏସବୁ ରୋଗ ଆଜି ଶ୍ରମିକ ଶ୍ରେଣୀ ଆଗରେ ଏକ ବିଷମ ସମସ୍ୟା ରୂପେ ଦେଖାଦେଇଛି । ଲୋକମାନଙ୍କର ସକ୍ରିୟ ସହଯୋଗ ବିନା ଏ ସମସ୍ୟାର ସମାଧାନ ସମ୍ଭବ ନୁହଁ । ଏକ ବିଧିବଦ୍ଧ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ କରିଥାରେ ଲୋକମାନଙ୍କୁ ଏ ଦିଗରେ ସଚେତନ କରିହେବ ।

ଶିଶୁମାନଙ୍କ ଶରୀରରେ ପ୍ରତିରୋଧକାରୀ ଶକ୍ତି ସୃଷ୍ଟି, ଯଥା ସମୟରେ ଶିଶୁମାନଙ୍କ ଶରୀରରେ ପ୍ରତିରୋଧକାରୀ ଶକ୍ତି ବା ଇମ୍ୟୁନିଟି ସୃଷ୍ଟି କଲେ ତାହାକୁ ଯେ କେବଳ ଅନେକ ପ୍ରକାର ରୋଗର ଆକ୍ରମଣରୁ ବଞ୍ଚାଇ ହେବ ତାହା ନୁହଁ, ତାହାର ସ୍ୱାସ୍ଥ୍ୟ ଭଲ ରହିବ । ଭାରତବର୍ଷରେ ପ୍ରତିବର୍ଷ ଦୁଇ କୋଟି ଶିଶୁ ଜନ୍ମ ଲାଭ କରୁଛନ୍ତି । ସେମାନେ ଯେ କେବଳ ନିଜ ନିଜ ପରିବାର ପାଇଁ ଅମୂଲ୍ୟ ସଂପଦ ତାହା ନୁହଁ ସେମାନେ ପ୍ରତ୍ୟେକ ଜାତିର ସମ୍ବଳ । ସେମାନଙ୍କର ସ୍ୱାସ୍ଥ୍ୟର ଉନ୍ନତି ଘଟାଇଲେ ଆମେ ଦେଶର ସାମାଜିକ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ପଥ ସୁଗମ କଲୁ ବୋଲି ମଣିବାକୁ ପଡ଼ିବ ।

ଶିଶୁମାନଙ୍କ ପାଇଁ ୬ଟି ମାରାତ୍ମକ ରୋଗ ହେଲା ଟିଟାନସ୍, ମିଳିମିଳା ବା ମିଜଲ୍‌ସ, ପର୍ଟୁସିସ୍, ଯକ୍ଷ୍ମା, ପୋଲିଓ,ମାଇଲେଟିସ ଏବଂ ଡିପ୍‌ଥେରିଆ । ବର୍ତ୍ତମାନ ଦେଶର ଶତକଡ଼ା ୧୦ ଭାଗରୁ କମ୍ ଶିଶୁମାନଙ୍କ ଦେହରେ ଏହି ରୋଗଗୁଡ଼ିକର ପ୍ରତିରୋଧକାରୀ ଶକ୍ତି ସୃଷ୍ଟି କରାଯାଉଛି ।

ଫଳରେ ପ୍ରତିବର୍ଷ ଯେ କେବଳ ଲକ୍ଷ ଲକ୍ଷ ଶିଶୁ ଏହି ରୋଗରେ ଆକ୍ରାନ୍ତ ହୋଇ ମରୁଛନ୍ତି ସେତିକି ନୁହଁ ରୋଗାକ୍ରାନ୍ତ

ଅନେକ ଶିଶୁ ଜୀବନବ୍ୟାପୀ ବିକଳାଙ୍ଗ ହେଉଛନ୍ତି । ଏମାନଙ୍କ ମଧ୍ୟରୁ ଭାହାର ମସ୍ତିଷ୍କ ବିକୃତି ଘଟୁଛି ତ କିଏ ପକ୍ଷାଘାତରେ ଛୋଟୁଛି, ଅନେକେ ଅନ୍ଧ କିମ୍ବା କାଲ ପାଲଟୁଛନ୍ତି ।

ଏଭଳି ପରିସ୍ଥିତି ଉପୁଜିବା କଥା ନୁହଁ । କାରଣ ଏ ରୋଗଗୁଡ଼ିକର ପ୍ରତିଷେଧକ ଭ୍ୟାକସିନ୍ ବା ଟୀକା ଆମ ଦେଶରେ ମିଳୁଛି ଏବଂ ବ୍ୟବହୃତ ମଧ୍ୟ ହେଉଛି । ଅସଲ କଥା ଠିକଣା ସମୟରେ ଏହି ଟୀକା ନେବା ଲାଗି ଦେଶବାସୀଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ । ସାଙ୍ଗ ସହଜରେ ପ୍ରତ୍ୟେକ ଶିଶୁ ଯେପରି ଏହି ସୁବିଧା ସୁଯୋଗରୁ ବଂଚିତ ନ ହୁଅନ୍ତି ସେଥିପ୍ରତି ଜନସ୍ୱାସ୍ଥ୍ୟ ସେବାରେ ନିଯୁକ୍ତ କର୍ମୀମାନେ ମଧ୍ୟ ଅଧିକ ଧ୍ୟାନ ଦେବା ଉଚିତ ।

ଶିଶୁ ଜନ୍ମ ହେବା ସଙ୍ଗେ ସଙ୍ଗେ ଡ଼ାକ୍ତରଖାନାରେ ବସନ୍ତ ଏବଂ ବି. ସି. ଜି. ଟୀକା ଦିଆଯାଇଥାଏ । ଡାକ୍ତରଖାନାରେ ଶିଶୁମାନଙ୍କୁ ଯଦି ବସନ୍ତ ଟୀକା ଦିଆଯାଇଥାଏ ତେବେ ପୁନର୍ବାର ଏକ ବର୍ଷ ବୟସ ପରେ ଏହାକୁ ଆଉ ଥରେ ଦିଆଯିବା ଦରକାର । କିନ୍ତୁ ସାଧାରଣତଃ ପୁନର୍ବାର ଟୀକା ଦାନ କାର୍ଯକ୍ରମ ପ୍ରତି ତିନି ବର୍ଷରେ ଥରେ କରଯାଏ । ଯଦି ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଦେଖାଦିଏ ତେବେ ଏ କ୍ଷେତ୍ରରେ ପୂର୍ବର ଟୀକା ଦାନ ସମୟକୁ ନ ଚାହିଁ ଅଲଗରେ ଟୀକା ନେବା ଏକାନ୍ତ ଆବଶ୍ୟକ ।

ଶିଶୁ ଜନ୍ମ ହେବାର ପ୍ରଥମ ବର୍ଷ ମଧ୍ୟରେ ଏମାନଙ୍କୁ ଡିପ୍‌ଥେରିଆ, ପର୍ଟୁସିସ୍, ଟିଟାନସ୍, ପୋଲିଓ ରୋଗରୁ ରକ୍ଷା ପାଇବା ନିମନ୍ତେ "ଟ୍ରିପଲ୍ ଆଂଟିଜେନ୍" ଟୀକା ତିନୋଟି ମାତ୍ରାରେ ୮ରୁ ୧୨ ସପ୍ତାହ ବ୍ୟବଧାନ ମଧ୍ୟରେ ଦିଆଯିବା ଦରକାର । ଏହା ପରେ ପରେ ଡ଼ି. ପି. ଟି. ଟୀକା ଦେଢ଼ ବର୍ଷରୁ ଦୁଇ ବର୍ଷ ବ୍ୟବଧାନରେ ଦିଆଯିବା ଉଚିତ ଏବଂ ଠିକ୍ ସ୍କୁଲରେ ନାମ ଲେଖା ପୂର୍ବରୁ ଅର୍ଥାତ୍ ୫ ବର୍ଷ ବୟସରେ ଆଉ ଥରେ ଟୀକା ଦିଆଯିବା ଉଚିତ । ଏହାଛଡ଼ା ଟାଇଫଏଡ ଏବଂ ପାରା ଟାଇଫଏଡ ରୋଗରୁ ମୁକ୍ତ ହେବା ପାଇଁ ଦୁଇଟି ମାତ୍ରା ସାତରୁ ଦଶଦିନ ବ୍ୟବଧାନ ମଧ୍ୟରେ ଏମାନଙ୍କୁ ଦିଆଯିବା ଦରକାର ।

## ଦେଶବ୍ୟାପୀ କାର୍ଯ୍ୟକ୍ରମ

ଷଷ୍ଠ ଯୋଜନା କାଳ ମଧ୍ୟରେ ବଂଶଗତ ରୋଗକୁ ଟୀକା ଦାନ ମାଧ୍ୟମରେ ଦୂର କରିବା ଲାଗି ଏକ ଦେଶବ୍ୟାପୀ ଜାତୀୟ ଟୀକା ଦାନ ସଂପ୍ରସାରଣ କାର୍ଯ୍ୟକ୍ରମ ଆରମ୍ଭ କରଯାଇଛି । ଏହି ଯୋଜନା ଜରିଆରେ ଟୀକା ଦାନ ସେବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଉପକେନ୍ଦ୍ର ଜରିଆରେ ସମସ୍ତ ଗ୍ରାମାଂଚଳ ଓ ଡାକ୍ତରଖାନା ତଥା ଚିକିତ୍ସାଳୟ ଜରିଆରେ ସହରାଂଚଳରେ ଯୋଗାଇ ଦିଆଯିବ ।

ବସନ୍ତ, ମିଳିମିଳା ଯକ୍ଷ୍ମା, ଡ଼ିପ୍‌ଥେରିଆ ପୋଲିଓ ଆଦି ରୋଗର ଆଶଂକା କୌଣସି ଅଂଚଳରେ ଦେଖାଯିବା ସଙ୍ଗେ ସଙ୍ଗେ ସେ ବିଷୟରେ ଯେପରି ତୁରନ୍ତ ସମ୍ବାଦ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମିଳିପାରିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବା ଆବଶ୍ୟକ । ଏହା ଦ୍ୱାରା ତୁରନ୍ତ ଟୀକା ଦାନ ବ୍ୟବସ୍ଥା କରଯାଇପାରିବ । ଆଉମଧ୍ୟ ସତର୍କ ପର୍ଯବେକ୍ଷଣ ପଦ୍ଧତି ଦ୍ୱାରା ରୋଗ ଉପରି ସହର ମୂଳ ତଥ୍ୟ ଜଣାଯିବା ସଙ୍ଗେ ସଙ୍ଗେ ମୃତ୍ୟୁହାର ତଥା ଏହାର ପ୍ରବଳତାକୁ କିଭଳି କରି ଟୀକା ଦାନ କାର୍ଯକ୍ରମ ସ୍ଥିର ରଖିବା ଦିଗରେ ବିଶେଷ ସହାୟକ ହେବ ।

ଏହି କାର୍ଯକ୍ରମର ପ୍ରଧାନ ଲକ୍ଷ୍ୟ ହେଲା ଡ଼ିପ୍‌ଥେରିଆ, ପର୍ଟୁସିସ୍, ଟିଟାନସ୍, ପୋଲିଓ, ମିଳିମିଳା, ଯକ୍ଷ୍ମା ପ୍ରଭୃତି ମାରାତ୍ମକ ସଂକ୍ରାମକ ରୋଗ ଯେପରି ପ୍ରତ୍ୟେକ ଶିଶୁକୁ ସଂକ୍ରମିତ ନ ହୁଏ, ତାହାର ବ୍ୟବସ୍ଥା କରିବା ।

ଟୀକା ଦାନ ବ୍ୟବସ୍ଥା ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ସଠିକ ବିବରଣୀ ରଖିବା ଏକାନ୍ତ ଆବଶ୍ୟକ । ଏଥିଲାଗି ପ୍ରକୃତ ତଥ୍ୟ ଜାଣିବାକୁ ହେଲେ ଯାହାକୁ ଟୀକା ଦିଆଯାଇଛି ତାର ସମ୍ପୂର୍ଣ୍ଣ ବିବରଣୀ, ଟୀକାର କ୍ରମିକ ନମ୍ବର ଏବଂ ଟୀକା ନେବା ବ୍ୟକ୍ତିର ଦସ୍ତଖତ ରେକର୍ଡ ରଖିବା ଏକାନ୍ତ ଆବଶ୍ୟକ । କେତେକ କ୍ଷେତ୍ରରେ ପ୍ରତି ପରିବାରଙ୍କ ଲାଗି ପୁସ୍ତିକା କିମ୍ବା ରେଜିଷ୍ଟର ବ୍ୟବସ୍ଥା କାର୍ଯ୍ୟକାରୀ କରଯାଇ ଟୀକା ଦାନର ହିସାବ ରଖାଯାଉଥାଏ । ଏହିସବୁ ପୁସ୍ତିକା ବା ରେଜିଷ୍ଟରଗୁଡ଼ିକ କ୍ରମିକ ନମ୍ବର ପୃଷ୍ଠା ହିସାବ କରଯାଇ ହୋଇଥାଏ । ଏହା ଦ୍ୱାରା ଗୋଟିଏ ପରିବାର ପ୍ରକୃତ ଟୀକା ନେଇଛନ୍ତି କି ନାହିଁ ତାହା ଜଣାପଡେ ।

ଅନ୍ୟସବୁ ଅଂଚଳରେ ଶିଶୁ ତଥା ଗର୍ଭବତୀ ମହିଳାମାନଙ୍କ ଲାଗି ସ୍ୱତନ୍ତ୍ର କାର୍ଡ ବ୍ୟବସ୍ଥା କରଯାଇଛି । ଏହି ଧରଣର ଶିଶୁ ସ୍ୱାସ୍ଥ୍ୟ ତଥା ପ୍ରାକ୍ ପ୍ରସବ ସଂଚାଳିୟ କାର୍ଡ ଶିଶୁ କିମ୍ବା ଗର୍ଭବତୀ ମହିଳାମାନଙ୍କୁ ପ୍ରକୃତ ଟୀକା ଦାନ ସମ୍ପର୍କୀୟ ତଥ୍ୟମାନ ଯୋଗାଇ ଦିଏ । ଘରେ ହେଉ କିମ୍ବା ଚିକିତ୍ସାଳୟରେ ହେଉ ଯଦି ଟୀକା ଦିଆଯାଏ ତେବେ ତାହା ଏହି କାର୍ଡରେ ଉଲ୍ଲେଖ କରଯିବା ଦରକାର । ଟ୍ରିପଲ ଟୀକା ଦେବା ମାତ୍ରା ଗୋଟିଏରୁ ଯେପରି ଅଧିକ ନ ହେବ ସେଥିଲାଗି ଏହି କାର୍ଡରେ ପରବର୍ତ୍ତୀ ଟୀକା ଦେବା ତାରିଖ ଦର୍ଶାଇ ଦିଆଯାଇଥାଏ ।

## ରେଙ୍ଗାଲି ବାସଚ୍ୟୁତ ଲୋକଙ୍କ ଥଇଥାନ

ରେଙ୍ଗାଲି ବନ୍ଧ ଯୋଜନା ଯୋଗୁ ବାସଚ୍ୟୁତ ହୋଇଥିବା ପରିବାରଗୁଡ଼ିକର ଥଇଥାନ ପାଇଁ ପାଲ୍‌ଲହଡ଼ା ସବ୍‌ଡିଭିଜନର ସଂରକ୍ଷିତ ଏବଂ ଖେସରା ଜଙ୍ଗଲରୁ ମୋଟ ୪ହଜାର ୪ଶହ ୪୭ ଏକର ଜମି ଚିହ୍ନଟ କରାଯାଇଛି । ଏଥିମଧ୍ୟରୁ ପ୍ରତ୍ୟେକ ପରିବାରକୁ ଚାଷୋପଯୋଗୀ ଜଳସେଚିତ ଜମି ୩ ଏକର ଏବଂ ଅଣଜଳସେଚିତ ଜମି ୬ ଏକର ହିସାବରେ ମୋଟ ୩ ହଜାର ୬ଶହ ୫୦ ଏକର ଜମି ପଟ୍ଟା ଦେବାର ବ୍ୟବସ୍ଥା ହୋଇଛି । ଏହି ଜମି ମଧ୍ୟରୁ ପ୍ରାୟ ୨ହଜାର ୪ଶହ ୫୦ ଏକର ଜମି ସମାକୋଇ ଜଳସେଚନ ଯୋଜନା ଦ୍ୱାରା ଜଳସେଚିତ ହେବ ।

# ରେଶମ ପୋକ

ଶ୍ରୀ ବ. ବ. ରଥ

ରେଶମ ପୋକ ମଣିଷର ଏକ ଉପକାରୀ କୀଟ । ରେଶମ ପୋକ ସାଧାରଣତଃ ୪ ପ୍ରକାର, ଯଥା:—(୧) ମଲବରୀ, (୨) ଟସର, (୩) ଏଣ୍ଡି ଏବଂ (୪) ମୁଗା ରେଶମ ପୋକ । ଏହି ୪ ପ୍ରକାର ରେଶମ ପୋକ ୪ ପ୍ରକାର ରେଶମ ଯଥା:—ମଲବରୀ (ପାଟ), ଟସର (ମଠା) ଏଣ୍ଡି ଏବଂ ମୁଗା ଉତ୍ପନ୍ନ କରିଥାନ୍ତି ।

(୧) ମଲବରୀ ରେଶମପୋକ—ଏହି ପୋକ ପାଳନ ହଜାର ହଜାର ଲୋକଙ୍କୁ କର୍ମ ଯୋଗାଇ ସେମାନଙ୍କ ଆର୍ଥିକ ଅବସ୍ଥା ଉନ୍ନତି କରି ବୈଦେଶିକ ମୁଦ୍ରା ଉପାର୍ଜନ କରିଥାଏ । ଏହାର ବୈଜ୍ଞାନିକ ନାମ ( Bombay Moriphylum Anthrooda Class Insectaorder lepidoptera Family Bombay Cidac. ଏହି ପୋକ ତୁତ ଗଛର ପତ୍ର ଖାଏ । ଏହି ପୋକ ତୁତଗଛ ( mulberry tree ) ର ପତ୍ରଖାଇ କୋଷା ବାନ୍ଧେ । କୋଷାରୁ ସୂତା ବାହାର କରାଯାଇ ଲୁଗା ବୁଣାଯାଏ । ଏହି ପୋକ ପ୍ରଧାନତଃ ମହୀଶୂର, ଜାମ୍ମୁ ଓ କାଶ୍ମୀର ଏବଂ ପଶ୍ଚିମବଙ୍ଗରେ ବହୁଳ ପରିମାଣରେ ପାଳନ କରାଯାଏ । ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଏହି ପୋକ ପାଳନ ସଂପ୍ରସାରଣ କରାଯାଉଅଛି । ଏହି ପୋକ ପାଳନ ହଜାର ହଜାର ଲୋକଙ୍କୁ କର୍ମ ଯୋଗାଇବା ସଙ୍ଗେ ସଙ୍ଗେ ସେମାନଙ୍କର ଆର୍ଥିକ ଅବସ୍ଥା ମଧ୍ୟ ଉନ୍ନତ କରାଇଥାଏ । ମଲବରୀ ରେଶମ ପୋକ ପାଳନରେ ଜାପାନ ପୃଥିବୀରେ ପ୍ରଥମ, ଚୀନ ଦ୍ୱିତୀୟ ଓ ଦକ୍ଷିଣ କୋରିଆ ତୃତୀୟ, ରୁଷିଆ ଚତୁର୍ଥ ଓ ଭାରତ ପଞ୍ଚମ ସ୍ଥାନ ଅଧିକାର କରିଅଛି । ଭାରତବର୍ଷରେ ୩୫ ଲକ୍ଷ ଲୋକ ରେଶମ ଶିଳ୍ପରେ କାର୍ଯ୍ୟ କରନ୍ତି ।

## ମଲବରୀ ରେଶମ ପୋକର ଜୀବନଚକ୍ର

(କ) ଅଣ୍ଡା ଅବସ୍ଥା Egg Stage—ଅଣ୍ଡାଗୁଡ଼ିକ ଡିମ୍ବାକାର ଧଳାରଙ୍ଗର ଅଟେ । ଏହାର ଗୋଟିଏ ଛିଦ୍ର micropyle ଥାଏ । ଏହି ବାଟେ ପୋକ ବାହାରେ ଅଣ୍ଡାଗୁଡ଼ିକ ଫୁଟିବା ପୂର୍ବରୁ ଏହାର ରଙ୍ଗ ନୀଳବର୍ଣ୍ଣ ହୋଇଥାଏ । ଅଣ୍ଡାଗୁଡ଼ିକ ୮—୧୦ ଦିନ ମଧ୍ୟରେ ଫୁଟେ ।

(ଖ) ପୋକ ଅବସ୍ଥା (Larval Stage)—ଅଣ୍ଡାଗୁଡ଼ିକ ଫୁଟି ସାରିଲାପରେ ସେଥିରୁ ଛୋଟ ପୋକ ବାହାରନ୍ତି । ପୋକଗୁଡ଼ିକୁ ମଲବରୀ ପତ୍ର ଛୋଟ ଛୋଟ କରି କାଟି ଖାଇବାକୁ ଦିଆଯାଏ । ଦିନରେ ୪ରୁ ୬ ଥର ପର୍ଯ୍ୟନ୍ତ ପତ୍ର ଖାଇବାକୁ ଦିଆଯାଏ । ପୋକ ଅବସ୍ଥାରେ ଏହା ୪ ଥର କାତି (moulting) ଛାଡ଼େ । ଏହି ସମୟରେ ସେମାନଙ୍କୁ ଖାଇବାକୁ ଦିଆଯାଏ ନାହିଁ । ପୋକ ୫ମ ଅବସ୍ଥାରେ ପହଞ୍ଚିଲେ ପୋଖତ ହୁଏ ଏବଂ କୋଷା ବାନ୍ଧେ । ପୋଖତ ସମୟରେ ଏହାର ରଙ୍ଗ ହଳଦିଆ ହୋଇଯାଏ । ଏହି ପୋକ ଉପରେ କୌଣସି ଲୋମ ନ ଥାଏ । ପୋକଗୁଡ଼ିକର ରଙ୍ଗ ସାଧାରଣତଃ ଧଳା ଅଟେ । ପୋକ ଅବସ୍ଥାରେ ଏମାନେ ବହୁତ ପରିମାଣରେ ତୁତପତ୍ର ଖାଆନ୍ତି । ଏହି ପୋକଗୁଡ଼ିକ ଡାଲାରେ ଘର ଭିତରେ ପାଳନ କରାଯାଏ । ପୋକଗୁଡ଼ିକ ମଧ୍ୟରେ କିଏ ମାଈ ଓ କିଏ ଅଣ୍ଡିରା ସହଜରେ ଜଣା ପଡ଼େ । ବର୍ଷରେ ୬ଥର ପର୍ଯ୍ୟନ୍ତ ଏହି ପୋକ ପାଳନ କରାଯାଏ । ଏହି ପୋକ ୨୫ରୁ ୩୦ ଦିନ ପର୍ଯ୍ୟନ୍ତ ତୁତପତ୍ର ଖାଇ ସାରିଲା ପରେ କୋଷା ବାନ୍ଧେ । ଏହି ପୋକରୁ ଭାଇରସ (Virus) ବ୍ୟାକ୍‌ଟେରିଆ ( Bacteria ) ଫଙ୍ଗସ ( Fungs ) ପେବ୍ରିନ ( Pebrine ) ରୋଗ ମଧ୍ୟ ହୋଇଥାଏ । ଏହି ପୋକର (Chromosorne No. n-28.

(ଗ) ପ୍ୟୁପା ଅବସ୍ଥା (Pupa Stage)—ପୋକଗୁଡ଼ିକ କୋଷା ବାନ୍ଧି ସାରିବା ପରେ ରୂପାନ୍ତରିତ ହୋଇ ପ୍ୟୁପା (Pupo) ଅବସ୍ଥା ହୁଏ । ଏହି ଅବସ୍ଥାରେ ଏମାନେ କିଛି ଖାଆନ୍ତି ନାହିଁ । ଏହାର ରଙ୍ଗ ବାଇଗଣି ପରି ହୋଇଥାଏ । ଏହାର ଅଙ୍ଗ ପ୍ରତ୍ୟଙ୍ଗ ଭଲଭାବରେ ଦେଖାଯାଏନାହିଁ ।

(ଘ) ପ୍ରଜାପତି ବା (moth stage) ପ୍ରଜାପତି ବା Moth ଗୁଡ଼ିକ ସାଧାରଣତଃ ସକାଳେବାହାରନ୍ତି ଏହାପରେ ମାଈ ଓ ଅଣ୍ଡିରା ପ୍ରଜାପତି ସହବାସ ବା (Crossing) କରନ୍ତି । ସହବାସପରେ ମାଈ ପ୍ରଜାପତିକୁ କାଗଜ ଉପରେ ଏକପ୍ରକାର ପ୍ଲାଷ୍ଟିକ ଖୋଳ ମଧ୍ୟରେ

ରଖନ୍ତି । ଏହିଠାରେ ମାଈ ପ୍ରଜାପତି ୨୫୦ ରୁ ୩୦୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ପ୍ରଜାପତିର ରଙ୍ଗ ସାଧାରଣତଃ ଧଳା, ମାଈ ପ୍ରଜାପତିର ପେଟ ବଡ଼, ଆଣ୍ଟିନା ସରୁ ଏବଂ ଅଣ୍ଡିରା ପ୍ରଜାପତିର ପେଟ ସରୁ ଏବଂ ଆଣ୍ଟିନା ଚଉଡା ଅଟେ ।

(ଙ) କୋଷା ଅବସ୍ଥା–ଏହି ପୋକ ୩ ଦିନ ମଧ୍ୟରେ କୋଷା ବାନ୍ଧେ । କୋଷାଗୁଡ଼ିକର ରଙ୍ଗ ସାଧାରଣତଃ ଧଳା ଓ ହଳଦିଆ । କୋଷାକୁ ସୋଢ଼ାରେ ସିଝାଇ ଏଥିରୁ ମେସିନ ସାହାଯ୍ୟରେ ସୂତା ବାହାର କରାଯାଏ । ଗୋଟିଏ ଗୋଟିଏ କୋଷାରୁ ୪୦୦ ରୁ ୧୨୦୦ ମିଟର ପର୍ଯ୍ୟନ୍ତ ସୂତା ବାହାରେ । କୋଷାରୁ ବିଭିନ୍ନ ମୋଟେଇର ସୂତା ବାହାର କରାଯାଇ ସେଥିରୁ ଲୁଗା ବୁଣା ଯାଏ ।

## (୨) ଟସର ପୋକ

ଏହାର ବୈଜ୍ଞାନିକ ନାମ (Antherea mylitta, Phylum Anthro, poda class Insecta order hepidoptrea, Family Satarnidae ଏହି ପୋକ ଶାଳ, ଅସନ ଏବଂ ଅର୍ଜୁନ ଗଛର ପତ୍ର ଖାଇ କୋଷା ବାନ୍ଧେ । କୋଷାରୁ ସୂତା ବାହାର କରାଯାଇ ଲୁଗା ପଟା ବୁଣା ଯାଏ । ଏହି ପୋକ ପ୍ରଧାନତଃ ମଧ୍ୟପ୍ରଦେଶ, ବିହାର ଏବଂ ଓଡିଶାରେ ପାଳନ କରାଯାଏ । ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ଏହି ପୋକ ପାଳନର ସଂପ୍ରସାରଣ କରାଯାଉଅଛି । ଏହି ପୋକ ପାଳନରେ ପୃଥିବୀରେ ଚୀନ ପ୍ରଥମ ସ୍ଥାନ ଓ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଅଛି । ଏହି ପୋକର(Chromosome) ନମ୍ବର —୩୧ । ଏହି ଟସର ବ୍ୟତୀତ ଓକ୍ ଟସର ମଣିପୁର, ହିମାଚଳ ପ୍ରଦେଶ, ଜାମ୍ମୁ-କାଶ୍ମୀରରେ ଉତ୍ପାଦନ ହୁଏ । ଏହି ପୋକ ଓକ୍ ଗଛର ପତ୍ର ଖାଇ କୋଷା ତିଆରି କରେ । ଏହାର ବୈଜ୍ଞାନିକ ନାମ (A. roylei ଏବଂ କ୍ରୋମଜମ (Chromosome) ନମ୍ବର —୩୦

### ଟସର ପୋକର ଜୀବନ ଚକ୍ର

(କ) ଅଣ୍ଡା ଅବସ୍ଥା (Egg Stage)—

ଅଣ୍ଡାଗୁଡ଼ିକ ଗୋଲକାର । ଏହାର ଚାରିପାଖରେ ଦୁଇଟି ଧାର ଥାଏ ଏବଂ ଧାର ଦୁଇଟି ଗୋଟିଏ ଛିଦ୍ର (Micro pyle) ରେ ମିଶି ଥାଆନ୍ତି । ଏ ବାଟ ଦେଇ ଟସର ପୋକ ବାହାରେ । ଅଣ୍ଡାଗୁଡ଼ିକ ସାଧାରଣତଃ ଧଳା, ହଳଦିଆ ଏବଂ ଈଷତ ହଳଦିଆ । ଅଣ୍ଡାଗୁଡ଼ିକ ୮ ରୁ ୧୦ ଦିନ ଭିତରେ ଫୁଟେ ।

(ଖ) ପୋକ ଅବସ୍ଥା (Larval Stage) :–

ଅଣ୍ଡାଗୁଡ଼ିକ ଫୁଟିବା ପରେ ସେଥିରୁ ଛୋଟ ପୋକ ବାହାରେ । ପୋକଗୁଡ଼ିକ ଶାଳ, ଅସନ କିମ୍ବା ଅର୍ଜୁନ ଗଛରେ ଛାଡ଼ି ଦିଆ ଯାଏ । ପୋକଗୁଡ଼ିକ ସେଠାରେ ୩୦–୫୦ ଦିନ ପର୍ଯ୍ୟନ୍ତ ପତ୍ର ଖାଆନ୍ତି ଏବଂ ପୋକ ପୋଖତ ହେଲେ କୋଷା ବାନ୍ଧନ୍ତି । ସେମାନେ କୋଷାଗୁଡ଼ିକ ୩ ଦିନ ଭିତରେ ତିଆରି କରନ୍ତି

ସାଧାରଣତଃ ପତ୍ର ରଙ୍ଗ ପରି । ଟସର ପୋକର ଈଷତ୍ ହଳଦିଆ, ନୀଳରଙ୍ଗର ... ଏହା ବ୍ୟତୀତ ହଳ... ଯାଆନ୍ତି । ଏମାନଙ୍କର ଦେହ ଉପରେ ଧଳା, ... ପୋକ ମଧ୍ୟ ... ଲୋମରେ ଆବୃତ ଥାଇ ସୁନ୍ଦର ଦେଖା ଯାଏ । ... ଲୋମରେ କୌଣସି ପ୍ରକାର ବିଷାକ୍ତ ପଦାର୍ଥ ନ ଥାଏ ... ଏମାନେ ମଣିଷକୁ କାମୁଡ଼ନ୍ତି ନାହିଁ । ପୋକ ଅବସ୍ଥାରେ ... ୪ଥର ଏହା ଉପରୁ କାତି ବା ଖୋଳପା ଛାଡ଼େ । ... ପୋକ ପୋଖତ ହେଲେ ଏହାର ଲମ୍ବା ୫" ଏବଂ ମୋଟେଇ ୧" ପର୍ଯ୍ୟନ୍ତ ହୁଏ । ଟସର ପୋକ କୋଷା ବାନ୍ଧି ସାରିବା ପରେ ରୂପାନ୍ତରିତ ହୋଇ (Pupa) ଅବସ୍ଥାକୁ ଆସି କୋଷା ଭିତରେ ରହେ ।

(ଗ) ପ୍ୟୁପା ଅବସ୍ଥା (Pupa Stage) :–

ଏହି ଅବସ୍ଥାରେ ଏହାର ଦେହର ବିଭିନ୍ନ ଅଙ୍ଗ ସ୍ପଷ୍ଟ ଭାବରେ ଦେଖାଯାଏ ନାହିଁ । (Pupa) ଅବସ୍ଥାରେ କିଏ ମାଈ ପ୍ରଜାପତି ହେବ ଏବଂ କିଏ ଅଣ୍ଡିରା ପ୍ରଜାପତି ହେବ ତାହା ସହଜରେ ଜଣା ପଡ଼େ । ଏହି ଅବସ୍ଥାରେ ଟସର କୋଷାକୁ ବାଂଫ ସାହାଯ୍ୟରେ ଗରମ କରି (Pupa) କୁ ମାରି ଦିଆଯାଏ । ନଚେତ୍ (Pupa) ପ୍ରଜାପତି ହୋଇ ଟସର କୋଷାକୁ କାଟି ବାହାରି ଆସିଲେ ଟସର କୋଷାର ଗୁଣ କମି ଯାଏ । ଯେଉଁ କୋଷାଗୁଡ଼ିକ ବିହନ ଭାବରେ ରଖାଯାଏ, ସେଗୁଡ଼ିକ ଭିତରେ ଥିବା (Pupa) କୁ ମାରି ଦିଆ ଯାଏ ନାହିଁ ।

(ଘ) ପ୍ରଜାପତି ବା ମଥ ଅବସ୍ଥା (Moth Stage):–

Pupa ଗୁଡ଼ିକ ରୂପାନ୍ତରିତ ହୋଇ ପ୍ରଜାପତି ବା ମଥ (Moth) ହୋଇ ଟସର କୋଷା କାଟି ବାହାରକୁ ବାହାରି ଆସନ୍ତି । ପ୍ରଜାପତିଗୁଡ଼ିକ ସାଧାରଣତଃ ସନ୍ଧ୍ୟା ପରେ ବାହାରନ୍ତି । ଏମାନଙ୍କର ଡ଼େଣା ପ୍ରଥମେ ଛୋଟ ଥାଏ । ତା'ପରେ ବଡ଼ ହୋଇ ଯାଏ । ମାଈ ଏବଂ ଅଣ୍ଡିରା ପ୍ରଜାପତି ସହଜରେ ଜଣା ପଡ଼ି ଥାଆନ୍ତି । ମାଈ ପ୍ରଜାପତିର ପେଟ ବଡ଼, ଆଣ୍ଟିନା ସରୁ ଏବଂ ଅଣ୍ଡିରା ପ୍ରଜାପତିର ପେଟ ସରୁ ଏବଂ ଆଣ୍ଟିନା ଚଉଡ଼ା । ଅଣ୍ଡିରା ପ୍ରଜାପତି ମାଈ ପ୍ରଜାପତି ଅପେକ୍ଷା ଖୁବ୍ ଶୀଘ୍ର ଉଡ଼ିପାରେ ମାଈ ପ୍ରଜାପତିର ରଙ୍ଗ ସାଧାରଣତଃ ବାଇଗଣି ରଙ୍ଗ ଅଟେ । ଅଣ୍ଡିରା ପ୍ରଜାପତି ମାଈ ପ୍ରଜାପତି ସଙ୍ଗେ ସହବାସ କରେ । ମାଈ ପ୍ରଜାପତି ୨୫୦ ରୁ ୩୦୦ ପର୍ଯ୍ୟନ୍ତ ଅଣ୍ଡା ୩ଦିନ ମଧ୍ୟରେ ଦିଏ । ଅଣ୍ଡିରା ପ୍ରଜାପତି ମାଈ ପ୍ରଜାପତି ଅପେକ୍ଷା ବେଶି ଦିନ ବଞ୍ଚେ । ଏହି ଅବସ୍ଥାରେ ଏମାନେ କିଛି ଖାଆନ୍ତି ନାହିଁ ଏବଂ ୭-୮ ଦିନ ମଧ୍ୟରେ ମରି ଯାଆନ୍ତି । ମାଈ ପ୍ରଜାପତି ଅଣ୍ଡା ଦେଇ ସାରିଲ ପରେ ସେଗୁଡ଼ିକ ୮ଦିନ ପର୍ଯ୍ୟନ୍ତ ରଖା ଯାଏ । ଅଣ୍ଡାରୁ ଛୋଟ ଟସର ପୋକ ବାହାରି ପୁଣି ଜୀବନ ଚକ୍ର ହୁଏ । ଏହି ପୋକ ପାଳନ ଘର ବାହାରେ ହେଉ ଥିବାରୁ ଏହାକୁ ବହୁତ ଶତ୍ରୁ ଆକ୍ରମଣ କରନ୍ତି । Mulberry ପୋକ ପରି ଏହି ପୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଥାଆନ୍ତି ।

(ଙ) କୋଷା ଅବସ୍ଥା:–

ଟସର କୋଷାର ଆକାର (Mulberry) କୋଷାର ଆକାରଠାରୁ ବଡ଼ । ଏହି କୋଷାର ରଙ୍ଗ ସାଧାରଣତଃ ଧଳା, ହଳଦିଆ ଏବଂ ସାମାନ୍ୟ କଳାରଙ୍ଗର ଅଟେ । ଗୋଟିଏ ଗୋଟିଏ କୋଷାର ଓଜନ ୬ ଗ୍ରାମଠାରୁ ୨୦ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଗୋଟିଏ ଗୋଟିଏ କୋଷାରୁ ୧,୫୦୦ ଠାରୁ ୨,୦୦୦ ମିଟର ପର୍ଯ୍ୟନ୍ତ ସୂତା ବାହାରେ । କୋଷାକୁ ସୋଡ଼ାରେ ସିଝାଇ ମେସିନ ସାହାଯ୍ୟରେ ସୂତା ବାହାର କରାଯାଏ ଏବଂ ସୂତାରୁ ଲୁଗାପଟା ବୁଣା ହୁଏ ।

## (ଘ) ଏଣ୍ଡି ପୋକ

ଏହି ପୋକର ବୈଜ୍ଞାନିକ ନାମ (Attous ricine, **phylum—Arthro poda days Insecta order lepidoptera Family Saturnidae** ଏହି ପୋକ ରେଢ଼ି ବା ଜଡ଼ା ଗଛର ପତ୍ର ଖାଇ କୋଷା ବାନ୍ଧେ । ଏହାର କୋଷାରୁ ମେସିନ ସାହାଯ୍ୟରେ ସୂତା ବାହାର କରାଯାଇ ଲୁଗାପଟା ବୁଣାଯାଏ । ଏହି ପୋକ ପ୍ରଧାନତଃ ଆସାମ, ବିହାର ଏବଂ ଓଡ଼ିଶାରେ ବହୁଳ ପରିମାଣରେ ପାଳନ କରାଯାଏ ।

(କ) ଅଣ୍ଡା ଅବସ୍ଥା: (Egg Stage)—ଅଣ୍ଡାଗୁଡ଼ିକ ଗୋଲାକାର ଏବଂ ଧଳାରଙ୍ଗ । ଅଣ୍ଡା ଗୁଡ଼ିକ ୮–୧୦ ଦିନ ମଧ୍ୟରେ ଫୁଟେ ।

(ଖ) ପୋକ ଅବସ୍ଥା (Larval St age)—ଅଣ୍ଡାଗୁଡ଼ିକ ଫୁଟି ଛୋଟ ଛୋଟ ପୋକ ବାହାରେ । ପୋକ ଗୁଡ଼ିକ ଡାଲାରେ ରଖି ରେଢ଼ିପତ୍ର ଖାଇବାକୁ ଦିଆଯାଏ । ପୋକଗୁଡ଼ିକ ୨୦ରୁ ୩୦ ଦିନ ପର୍ଯ୍ୟନ୍ତ ପତ୍ର ଖାଇ କୋଷା ବାନ୍ଧନ୍ତି । ଏହି ଅବସ୍ଥାରେ ଏମାନଙ୍କଠାରୁ ୪ଥର କାତି ଛାଡ଼େ ଏବଂ କାତି ଛାଡ଼ିବା ସମୟରେ ଏମାନଙ୍କୁ ଖାଇବାକୁ ଦିଆଯାଏ ନାହିଁ । ଦିନରେ ୪ରୁ ୬ଥର ପର୍ଯ୍ୟନ୍ତ ପତ୍ର ଖାଇବାକୁ ଦିଆଯାଏ । ଏହି ପୋକର ରଙ୍ଗ ନୀଳ ଏବଂ ସାମାନ୍ୟ ହଳଦିଆ ଦେଖା ଯାଏ । ଛୋଟ ଅବସ୍ଥାରେ ଏହାର ରଙ୍ଗ ହଳଦିଆ ଦେଖା ଯାଏ । ଏହି ପୋକର (Chromsome) ନମ୍ବର ୩–୧୪ । ବର୍ଷରେ ଏମାନଙ୍କର ୪ରୁ ୬ ଟି ଜୀବନଚକ୍ର ହୁଏ ।

(ଗ) ପ୍ୟୁପା ଅବସ୍ଥା (Pupa Stage) —ପୋକଗୁଡ଼ିକ କୋଷା ବାନ୍ଧି ସାରିବା ପରେ ରୂପାନ୍ତରିତ ହୋଇ (Pupa) ଅବସ୍ଥାରେ ରୁହନ୍ତି । ପ୍ୟୁପାଗୁଡ଼ିକ ସାଧାରଣତଃ ବାଇଗଣି ରଙ୍ଗ ପରି । ଏହି ଅବସ୍ଥାରେ ଏହାର ଅଙ୍ଗପ୍ରତ୍ୟଙ୍ଗ ଭଲଭାବେ ଦେଖା ଯାଏ ନାହିଁ ।

(ଘ) ପ୍ରଜାପତି ଅବସ୍ଥା (Moth Stage) —ପ୍ରଜାପତି ବା (Moth) ଗୁଡ଼ିକ କୋଷା କାଟି ସକାଳେ ବାହାରନ୍ତି । ମାଈ ଏବଂ ଅଣ୍ଡିରା ପ୍ରଜାପତି ମଧ୍ୟରେ ସହବାସ (Crossing) ହୁଏ । ୪ ଘଣ୍ଟା ପରେ ମାଈ ପ୍ରଜାପତିକୁ ଅଲଗା କରାଯାଇ ଖରିକାରେ (ଏକ ପ୍ରକାର ଘାସ ବା କୁଟାରେ ତିଆରି) ରଖାଯାଏ । ଏଥିରେ ମାଈ ପ୍ରଜାପତି ୧୫୦ରୁ ୨୦୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଅଣ୍ଡାଗୁଡ଼ିକ ସଂଗ୍ରହ କରାଯାଇ ଡାଲାରେ ରଖାଯାଏ । ପୋକ ଗୁଡ଼ିକ ୮–୧୦ ଦିନ ମଧ୍ୟରେ ଫୁଟି ପୁଣି ଜୀବନଚକ୍ର ଆରମ୍ଭ ହୁଏ । ଏହି ପ୍ରଜାପତିର ରଙ୍ଗ କଳା ବା କଳା ବାଦାମି ରଙ୍ଗର ଅଟେ । ମାଈ ପ୍ରଜାପତିର ପେଟ ବଡ଼, ଆଣ୍ଟିନା ସରୁ ଏବଂ ଅଣ୍ଡିରା ପ୍ରଜାପତିର ପେଟ ସରୁ ଏବଂ ଆଣ୍ଟିନା ଚଉଡ଼ା ହୋଇଥାଏ ।

(ଙ) କୋଷା ଅବସ୍ଥା—କୋଷାଗୁଡ଼ିକ ଧଳାରଙ୍ଗ ଏବଂ ଲସାଳିଆ ଅଟେ । ଏହି କୋଷାରୁ ସୂତା ଲମ୍ବଭାବରେ ବାହାରେ ନାହିଁ । ତେଣୁ ପ୍ରଜାପତିକୁ କୋଷାରୁ ବାହାରି ଆସିବା ପାଇଁ ଦିଆ ଯାଏ । କୋଷାକୁ ସୋଡ଼ାରେ ସିଝାଇ ସେଥିରୁ ମେସିନ ସାହାଯ୍ୟରେ ସୂତା କଟାଯାଏ । ସୂତାରୁ ଲୁଗାପଟା ବୁଣା ହୁଏ ।

(ଷ) ମୁଗା ପୋକ (Muga worm)

ଏହାର ବୈଜ୍ଞାନିକ ନାମ (**Antheraea assama phylun Anth ropada clens Insecta order tepidoptera Family Saturnidae)** ଏହି ପୋକ ପାଳନ ସମଗ୍ର ପୃଥିବୀରେ କେବଳ ଆସାମର ବ୍ରହ୍ମପୁତ୍ର ନଦୀର ନିକଟବର୍ତ୍ତୀ ଜିଲାମାନଙ୍କରେ ଦେଖିବାକୁ ମିଳେ । ଏହି ପୋକ ସୋମ ଓ ଶୋଲୁ ଗଛର ପତ୍ର ଖାଏ ।

## ମୁଗା ପୋକର ଜୀବନଚକ୍ର

(କ) ଅଣ୍ଡା ଅବସ୍ଥା (Egg Stage)– ଅଣ୍ଡାଗୁଡ଼ିକ ଗୋଲାକାର ଏବଂ ଟିକିଏ ବାଦାମ ରଙ୍ଗର ଦେଖାଯାଏ । ଏହାର ଗୋଟିଏ ଛିଦ୍ର ଥାଏ । ଏହି ବାଟ ଦେଇ ମୁଗା ପୋକ ବାହାରେ ।

(ଖ) ପୋକ ଅବସ୍ଥା (Larval Stage)– ଅଣ୍ଡାଗୁଡ଼ିକ ଫୁଟି ଛୋଟ ଛୋଟ ପୋକ ସେଥିରୁ ବାହାରନ୍ତି । ଛୋଟ ପୋକଗୁଡ଼ିକୁ ସୋମ ଏବଂ ଶୋଲୁ ଗଛରେ ନେଇ ଛାଡ଼ି ଦିଆଯାଏ । ମୁଗା ପୋକଗୁଡ଼ିକ ସୋମ ଓ ଶୋଲୁ ପତ୍ର ଖାଇ ୨୦ରୁ ୫୦ ଦିନ ମଧ୍ୟରେ ମୁଗା କୋଷା ତିଆରି କରନ୍ତି । ଏହି ପୋକର ୪ଥର କାତି (Moulting) ବା ଖୋଳପା ବାହାରେ ଏବଂ ପୋକ ୫ମ ଅବସ୍ଥାରେ ପହଞ୍ଚି ପୋଖତ ହେଲେ କୋଷା ବାନ୍ଧେ । ଏହି ପୋକ ଛୋଟ ଅବସ୍ଥାରେ ହଳଦିଆ ଦେଖାଯାଏ ଏବଂ ଏହାର ଦେହର ଗଣ୍ଠିଗୁଡ଼ିକ ଟିକିଏ କଳାରଙ୍ଗ ପରି ଦେଖାଯାଏ । ମୁଗା ପୋକ ୫ମ ଅବସ୍ଥାରେ ପହଞ୍ଚିଲେ ଏହାର ରଙ୍ଗ ସବୁଜ ଓ ନୀଳ ମିଶା ବର୍ଣ୍ଣ ଦେଖାଯାଏ ଏବଂ ପୋଖତ ଅବସ୍ଥାରେ ପହଞ୍ଚିଲେ ଏହାର ରଙ୍ଗ ଈଷତ୍ ହଳଦିଆ ଦେଖାଯାଏ । ଏହି ପୋକଗୁଡ଼ିକ ପୋଖତ ହୋଇ ସାରିଲା

ପରେ ଗଛ ନଇକୁ ଓହ୍ଲାଇ ଆସନ୍ତି । ସେଗୁଡ଼ିକୁ ସଂଗ୍ରହ କରାଯାଇ ଏକ ପ୍ରକାର ଶୁଖିଲା ପତ୍ର ଥିବା ଡାଳରେ ରଖାଯାଏ । ସେହିଠାରେ ମୁଗା ପୋକ କୋଷା ବାନ୍ଧେ । କୋଷାଗୁଡ଼ିକ ୩।୪ ଦିନ ମଧ୍ୟରେ ତିଆରି ହୋଇଯାଏ । ଏହି ପୋକ ପାଳନ ୧ବର୍ଷରେ ୪ରୁ ୬ ଥର ମରାଯାଏ । ଏହି ପୋକର Chromosome ନମ୍ବର —୧୫ । ଏହି ପୋକକୁ Mulberry ପୋକପରି ବିଭିନ୍ନ ରୋଗ ଆକ୍ରମଣ କରିଥାଏ ।

(ଗ) ପ୍ୟୁପା ଅବସ୍ଥା–Pupa Stage– ମୁଗା ପୋକ କୋଷା ବାନ୍ଧି ସାରିଲାପରେ Pupa ହୋଇ ଏହା ଭିତରେ ରହିଯାଏ । ଏହି ଅବସ୍ଥାରେ ଏହାର ଅଙ୍ଗ ପ୍ରତ୍ୟଙ୍ଗ ଭଲ ଭାବରେ ଦେଖାଯାଏ ନାହିଁ ।

(ଘ) ପ୍ରଜାପତି ବା (Moth) ଅବସ୍ଥା– ପ୍ୟୁପାଗୁଡ଼ିକ ରୂପାନ୍ତରିତ ହୋଇ ମଥ ଅବସ୍ଥାକୁ ଆସନ୍ତି । ପୋକଗୁଡ଼ିକ କୋଷା କାଟି ସାଧାରଣତଃ ସନ୍ଧ୍ୟା ପରେ ବାହାରନ୍ତି । Moth ଗୁଡ଼ିକ ବାହାରିବା ସେମାନଙ୍କ ମଧ୍ୟରେ ସହବାସ ହୁଏ । ତାହା ମାଈ ପ୍ରଜାପତିଗୁଡ଼ିକୁ ନେଇ ଖରିକା (ଏକ ଘାସରେ ତଆରି) ରେ ରଖାଯାଏ । ସେଠାରେ ପ୍ରଜାପତି ୧୫୦ରୁ ୨୫୦ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଅଣ୍ଡା ୮ରୁ ୧୨ ଦିନ ମଧ୍ୟରେ ଫୁଟେ । ଅଣ୍ଡା ଫୁଟି ପୁଣି ଜୀ ଚକ୍ର ଆରମ୍ଭ ହୁଏ । ଅଣ୍ଡିରା ପ୍ରଜାପତିର ରଙ୍ଗ ବାଇଗଣି ରଙ୍ଗପରି ଏବଂ ମାଈ ପ୍ରଜାପତିର ରଙ୍ଗ ବ୍ ବାଦାମ ରଙ୍ଗର ଦେଖାଯାଏ ।

(ଙ) କୋଷା ଅବସ୍ଥା—କୋଷାଗୁଡ଼ିକ ଏଣ୍ଡି କୋ ଠାରୁ ଟିକିଏ ବଡ଼ । ଏହାର ରଙ୍ଗ ଈଷତ୍ ବାଇଗ ଗାଢ଼ ବାଇଗଣ ଏବଂ ଧଳା ରଙ୍ଗ ଅଟେ । କୋ ଗୁଡ଼ିକ ସୋଢ଼ାରେ ସିଝାଇ ସେଥିରୁ ମେସିନ୍ ସାହାଯ୍ୟ ସୂତା ବାହାର କରାଯାଏ । ଗୋଟିଏ ଗୋଟିଏ କୋଷ ହାରାହାରି ୫୦୦ରୁ ୮୦୦ ମିଟର ପର୍ଯ୍ୟନ୍ତ ସୂତା ବାହାରେ ସୂତାରୁ ଲୁଗା ପଟା ବୁଣାଯାଏ ।

ସହକାରୀ ନିର୍ଦ୍ଦେଶକ, ରେଶମ
(ତାଲିମ), ରେଶମ ତାଲିମ କେନ୍ଦ୍ର,
ହରିଚନ୍ଦନପୁର, କେନ୍ଦୁଝର

ଦେଶର ସ୍ୱଳ୍ପ ଆୟକାରୀ, ନିମ୍ନ ଆୟକାରୀ ଏବଂ ଅର୍ଥନୈତିକ ଦୁର୍ବଳ ଶ୍ରେଣୀ ଲୋକମାନଙ୍କପାଇଁ ବାସଗୃହ ଯୋଗାଇଦେବା ସମସ୍ୟା ସମାଧାନ କରିବା ଦିଗରେ ଆମର ଉଦ୍ୟମ ଆଗେଇ ଚାଲିଛି ।

ବ୍ୟକ୍ତିଗତ ଗୃହ ନିର୍ମାଣ ଯୋଜନା ଓ ଗ୍ରାମାଞ୍ଚଳ ଗୃହ ନିର୍ମାଣ ଯୋଜନାର ବିଶଦ ବିବରଣୀ ଶୀଘ୍ର ପ୍ରକାଶ ପାଉଛି । ଏହା ଫଳରେ ସହରରେ ବ୍ୟକ୍ତିବିଶେଷଙ୍କ ନାମରେ ଥିବା ଜମି ଏବଂ ଗ୍ରାମାଞ୍ଚଳମାନଙ୍କରେ ବ୍ୟକ୍ତିବିଶେଷଙ୍କ ଜାଗା ଉପରେ ଗୃହ ନିର୍ମାଣର ସୁଯୋଗ ମିଳିବ ।

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ଏ-୩୦, ଭୌମନଗର
ଭୁବନେଶ୍ୱର

# ଭାରତୀୟ ସାଇକେଲ ଚାଳନାରେ ଓଡ଼ିଶାର ସ୍ଥାନ

**କୁମାରୀ କାଞ୍ଚନ ସାହୁ**

୧୯୪୯ ମସିହା, ଭାରତୀୟ କ୍ରୀଡ଼ା ଜଗତରେ ସାଇକେଲ ଚାଳନାର ଅଭ୍ୟାଗମ । ୧୯୬୫ ମସିହାରେ ଓଡ଼ିଶା ପ୍ରଥମ କରି ଭାଗ ନିଏ ବାଙ୍ଗାଲୋରରେ ଅନୁଷ୍ଠିତ ୧୬ଶ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ, ରାଜ୍ୟ ସେକ୍ରେଟାରୀ ଶ୍ରୀ ରାମ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶାର ଚାରିଜଣ ଖେଳାଳୀ ଭାଗ ନେଇଥିଲେ । ସେତେବେଳେ ଓଡ଼ିଶାରେ ସାଇକେଲ ରେସିଂ କହିଲେ ସାଧା ସାଇକେଲରେସ୍ ବୋଲି ବୁଝୁଥିଲେ । ବାଙ୍ଗାଲୋରଠାରେ ଯେତେବେଳେ ଆମ ଖେଳାଳୀମାନେ ପହଞ୍ଚିଲେ, ସେମାନେ ଇଭେଣ୍ଟରେ ଭାଗ ନେବେ କ'ଣ । କେବଳ ସାଇକେଲକୁ ଦେଖି ରହିଗଲେ । କି ସିତ ! ବଙ୍କା ହେଣ୍ଡଲ, ସରୁଚକା, ବ୍ରେକ ନାହିଁ, ପୁଣି ଗୋଡ଼ ବ୍ରେକ କଲେ ସାଇକେଲ ବ୍ରେକ । ସାଇକେଲର ମଡ଼ଗାଡ଼ ନାହିଁ, ସାଇକେଲ ଓଜନ ମାତ୍ର ୭।୮ କିଲୋଗ୍ରାମ । ଅନ୍ୟ ଖେଳାଳୀଙ୍କ ସାଇକେଲ ଦେଖି ଆମ ଖେଳାଳୀମାନେ ଇଭେଣ୍ଟରେ ଭାଗ ନ ନେବାପାଇଁ ମନସ୍ଥ କଲେ । ଆମ ସେକ୍ରେଟାରୀ ଖେଳାଳୀମାନଙ୍କୁ ବୁଝାଇ କହିଲେ ତୁମେ ଟ୍ରାକ୍ ଇଭେଣ୍ଟରେ ଭାଗ ନେଇ ନପାର କିନ୍ତୁ ରୋଡ଼ ରେସ୍‌ରେ ଭାଗ ନିଅ । ହୁଏତ ଏଇଟା ତୁମର ଗୋଟାଏ ପରୀକ୍ଷା ହେବ । ଆଉ ଥରକୁ ଆମେ ଚେଷ୍ଟା କରିବା ଏହିପରି ସାଇକେଲ ପାଇଁ । ସେକ୍ରେଟାରୀଙ୍କ ଆଶ୍ୱାସନାରେ ଆମ ଖେଳାଳୀମାନେ ଭାଗ ନେଲେ ସତ, କିନ୍ତୁ ସାଧା ସାଇକେଲରେ କୌଣସି ଖେଳାଳୀ ସମ୍ପୂର୍ଣ୍ଣ ରାସ୍ତା ଅତିକ୍ରମ କରିପାରିଲେ ନାହିଁ । ସମସ୍ତେ ଓହ୍ଲାଇ ଟ୍ରକରେ ଫେରି ଆସିଲେ ।

୧୯୬୫ ମସିହା ପରେ ଓଡ଼ିଶାରେ ସାଇକେଲ ଚାଳନାର ଆସ୍ତେ ଆସ୍ତେ ଉନ୍ନତି ଘଟିଲା । ଆସ୍ତେ ଆସ୍ତେ ଓଡ଼ିଶାରେ ଖଣ୍ଡେ ଦୁଇଖଣ୍ଡରୁ ଅଧିକ ସାଇକେଲ ଓଡ଼ିଶା ଖେଳାଳୀଙ୍କ ହାତକୁ ଆସିଲା । ପରେ ପରେ ଓଡ଼ିଶା ରାଜ୍ୟ ସାଇକେଲ ଆସୋସିଏସନ ତରଫରୁ ଖେଳାଳୀଙ୍କ ସୁଯୋଜନ ପାଇଁ ତିନିଖଣ୍ଡ ସାଇକେଲ ଯୋଗାଇ ଦିଆଗଲା । ୧୯୬୬ ମସିହାରେ ଓଡ଼ିଶାର ଖେଳାଳୀମାନଙ୍କ ମଧ୍ୟରେ, ପୁରୁଷ ବିଭାଗରେ ଜୀବନାନନ୍ଦ ଷଡ଼ଙ୍ଗୀ, କେ. ମହାନ୍ତି, ଚନ୍ଦ୍ରଶେଖର ଜେନା, ଧନୁ ମହାନ୍ତି ପ୍ରଭୃତିଙ୍କର ବିଜୟ ଅତି ଗୌରବମୟ । ପ୍ରଥମ କରି ଭାରତୀୟ ସାଇକେଲ ଚାଳନାରେ ସେମାନେ ଚମକ ସୃଷ୍ଟିକଲେ । କିନ୍ତୁ ବଡ଼ ଦୁଃଖର ବିଷୟ ଓଡ଼ିଶାର ବିଶିଷ୍ଟ ଖେଳାଳୀ ଜୀବନାନନ୍ଦ ଷଡ଼ଙ୍ଗୀଙ୍କର ୧୯୬୭ ମସିହାରେ ଆକସ୍ମିକ ମୃତ୍ୟୁ ଘଟିଲା । ସେ ଭାରତର ଜଣେ ସୁନାମଧନ୍ୟ ସାଇକେଲ ଚାଳକରୂପେ ବିବେଚିତ ହୋଇଥିଲେ । ୧୯୭୨ ମସିହାରେ ପ୍ରଥମ କରି ଓଡ଼ିଶାର ମହିଳାମାନେ ଯୋଗଦେଲେ ଜାତୀୟ ସାଇକେଲ ଚାଳନାରେ । ମିନତି ମହାପାତ୍ର ଓ ଅଳକା ମିତ୍ର । ସେହିବର୍ଷ ହାଇଦ୍ରାବାଦଠାରେ ଜାତୀୟ ପ୍ରତିଯୋଗିତା ହେଉଥାଏ । ୩୦ ଜଣ ସାଇକେଲ ଚାଳିକାଙ୍କ ପରେ ମିନତୀଙ୍କ ନମ୍ବର ଥାଏ । ୧୦୦୦ ମି: ଟାଇମ ଟ୍ରାୟଲ । କିଏ ଜାଣିଥିଲା ମିନତୀ ସ୍ୱର୍ଣ୍ଣପଦକ ବିଜୟୀ ହେବେ ବୋଲି । ସେଥିରେ ଅଳକା ତୃତୀୟ ସ୍ଥାନ ଅଧିକାର କରିଥିଲେ । କେବଳ ଯେ ମିନତି ୧୦୦୦ ମି: ଟାଇମ ଟ୍ରାୟଲରେ ବିଜୟୀ ହେଲେ ତା' ନୁହେଁ, ତିନୋଟି ଯାକ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ପାଇ ନିଜେ ଚମ୍ପିୟନ ହେବା ସଙ୍ଗେ ସଙ୍ଗେ, ଓଡ଼ିଶା ମହିଳା ଟିମ ଚମ୍ପିୟନ ରୂପେ ଗୌରବ ଅର୍ଜନ କରି ପାରିଥିଲେ । ସେହିବର୍ଷ ଓଡ଼ିଶାର ଅନ୍ୟତମ ସାଇକେଲ ଚାଳକ ଏ. ଆର. ବାସୁଦେବନ ରଞ୍ଜିଭିତ୍ତାଇ ପରସୁଟରେ ସ୍ୱର୍ଣ୍ଣପଦକ ହାସଲ କଲେ । ଲମ୍ବୋଦର ଷଡ଼ଙ୍ଗୀ ଏବଂ ଏସ. ଆର. ସିଂହ ରୌପ୍ୟ ପଦକ ଲାଭ କରିବା ସଙ୍ଗେ ସଙ୍ଗେ ସୁଭାଷଚନ୍ଦ୍ର ଦାସ ଜୁନିୟର ଚମ୍ପିଆନସିପ୍ ନେଲେ । ବାସୁଦେବନଙ୍କର ସ୍ୱର୍ଣ୍ଣପଦକ ବିଜୟ ପରେ ୧୯୭୪ ରେ ତାଙ୍କୁ ସିଲେକ୍‌ସନ ମିଳିଲା ତେହେରାନଠାରେ ହେଉଥିବା ଏସିଆନ ଗେମ୍‌ପାଇଁ । ୧୯୭୪ ରେ ସେ ତେହେରାନ ଏସିଆନ ଗେମରେ ଅଂଶ ଗ୍ରହଣ କରି ୬ଷ୍ଠ ସ୍ଥାନ ଅଧିକାର କରିଥିଲେ । ୧୯୭୨ ଠାରୁ ଆଜି ପର୍ଯ୍ୟନ୍ତ ମହିଳା ବିଭାଗରେ ମିନତି ଚମ୍ପିୟନସିପ୍ ବିଜୟିନୀ ହେବା ସଙ୍ଗେ ସଙ୍ଗେ ଓଡ଼ିଶାର ଅନ୍ୟତମ ସାଇକେଲ ଚାଳିକା ସୁଶୀଳା ମଲ୍ଲିକ, ଆରତି ପତି, ଅଲ୍ପନା ବୋଷ ଏବଂ ପ୍ରଦୀପ କାଉରଙ୍କ ସହଯୋଗରେ ଓଡ଼ିଶା ଟିମ୍ ମହିଳା ଚମ୍ପିୟନସିପ୍ ହାସଲ କରି ଆସୁଛନ୍ତି । ଓଡ଼ିଶାର ଅନ୍ୟାନ୍ୟ ନୂତନ ସାଇକେଲ ଚାଳକ ନରସିଂହ ଚରଣ ସାହୁ, ଶରତ ଚନ୍ଦ୍ର ଦାସ ଏବଂ ରାମକୃଷ୍ଣ ଦାସ ସ୍ୱର୍ଣ୍ଣ, ରୌପ୍ୟ, ବ୍ରୋଞ୍ଜ ପଦକ ହାସଲ କରି ପ୍ରତିବର୍ଷ ସର୍ବଭାରତୀୟ ସ୍ତରରେ ଓଡ଼ିଶା ଜୁନିୟର ବିଜୟୀର ଗୌରବ ପ୍ରଦାନ କରି ଆସୁଛନ୍ତି । ଭାବନ୍ତୁ, ସେଦିନର ଓଡ଼ିଶା ସାଇକେଲ ଖେଳାଳୀ ଓ ଆଜିର ସାଇକେଲ ଖେଳାଳୀ । ଭାରତରେ ସାଇକେଲ ଚାଳନାରେ ଓଡ଼ିଶାର ଖେଳାଳୀମାନଙ୍କ ସ୍ଥାନ କେତେ ଉଚ୍ଚରେ । ଆଉ ଭାରତୀୟ ସାଇକେଲ ଚାଳନାରେ ଓଡ଼ିଶାର ସ୍ଥାନ ।

ବଡ଼ ଦୁଃଖର ବିଷୟ ଓଡ଼ିଶାରେ ସାଇକେଲ ଚାଳନାର ମାନ ଏତେ ଉଚ୍ଚରେ ଥିଲେ ମଧ୍ୟ ଓଡ଼ିଶା ରାଜ୍ୟ ସାଇକ୍ଲିଙ୍ଗ ଆସୋସିଏସନ ତରଫରୁ ବର୍ତ୍ତମାନ କୌଣସି ସାହାଯ୍ୟ କରାଯାଇ ପାରୁନାହିଁ । ଅନ୍ୟ ରାଜ୍ୟମାନଙ୍କରେ ଦେଖାଯାଏ ବିଜୟୀ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାର ସାଇକେଲ, ସାଇକେଲପାର୍ଟସ୍ ଏବଂ ସାଇକେଲ ମେଣ୍ଟେନାନସ୍ ପାଇଁ ଆର୍ଥିକ ସାହାଯ୍ୟ ପ୍ରଭୃତି ଯୋଗାଇ ଦେଇଥାନ୍ତି । ଏତଦ୍‌ବ୍ୟତୀତ ସରକାର ବିଭିନ୍ନ ପୁରସ୍କାର ଯୋଜନା ମାଧ୍ୟମରେ ମଧ୍ୟ ସାଇକେଲ ଚାଳକଙ୍କୁ ଉତ୍ସାହିତ କରିଥାନ୍ତି । ଏଥିପ୍ରତି ଓଡ଼ିଶା ସରକାର ତଥା ଓଡ଼ିଶା ରାଜ୍ୟ ସାଇକ୍ଲିଙ୍ଗ ଆସୋସିଏସନ ଯଦି ଦୃଷ୍ଟି ଦିଅନ୍ତି, ତେବେ ଓଡ଼ିଶାର ଖେଳାଳୀମାନେ ଭାରତ ତଥା ଭାରତ ବାହାରେ ଦିନେ ସର୍ବୋତ୍କୃଷ୍ଟ ବିବେଚିତ ହେବେ ଏ କଥା ନିଃସନ୍ଦେହରେ କୁହାଯାଇପାରେ ।

## ରେସିଂ ସାଇକେଲ

'ରେସିଂ ସାଇକେଲ' କ'ଣ ଓ ଏହା କିପରି ବ୍ୟବହାର କରାଯାଏ ଏହି ବିଷୟରେ ଅନେକ ଜାଣିନଥିବେ । ଦୁଇଟି ସବୁଚକାରୁ ଫ୍ରେମ ଓ ଫ୍ରର୍କ, ଚକା ହେଣ୍ଡେଲ, ଚେନ ଗିଅର, ଫିକ୍ସ ହୁଇଲ, ଫ୍ରିହୁଇଲ, ପ୍ୟାଡ଼ଲ ଲୋଟ ବକ୍ସସିଟ୍, ଟୋବେଲଟ୍ ଟୋକ୍ଲିପ୍, ବ୍ରେକର ସମଷ୍ଟିରେ ରେସିଂ ସାଇକେଲ ତିଆରି । ଏହାର ଓଜନ ୭ କେଜିରୁ ୮ କେଜି ମଧ୍ୟରେ ।

## ରେସିଂ ସାଇକେଲ ଚକା

ଏହାର ସାଇଜ ୨୭"୧"୧/୪" ଇଞ୍ଚ । ଏଥିରେ ୪୦/୩୨, ୩୬/୩୬, ଓ ୨୮/୨୮, ଟି ସ୍ପୋକ୍ ବ୍ୟବହାର କରାଯାଏ ଏହା ଦୁଇ ପ୍ରକାର, ଟାୟାର ରିମ୍ ଏବଂ ଟିଉବ୍ଲର ରିମ୍ । ଟାୟାର ରିମ୍ ଦୁଇଟିର ଓଜନ ୨ କେ.୨୫୦ ଗ୍ରାମ ଏବଂ ଟିଉବ୍ଲର ରିମ୍ ଦୁଇଟିର ଓଜନ ୨ କେଜି । ଟାୟାର ରିମ୍ର ଚଉଡ଼ା ୧" ଏବଂ ଟିଉବ୍ଲର ରିମ୍ର ଚଉଡ଼ା ୦'୮" । ଟାୟାର ରିମ୍ରେ ୨୭'୧' ୧/୪ ର ନାଇଲନ୍ କଡ଼ର ଟାୟାର ବ୍ୟବହାର କରଯାଏ । ଟିଉବ୍ଲର ରିମ୍ରେ ୨୭. ୧. ୧-୪ ର ଏକପ୍ରକାର ପତଳା ଟିଉବ୍ ବ୍ୟବହାର କରାଯାଏ । ଏହାକୁ ଟିଉବ୍ଲର ରିମ୍ରେ ଡେନ୍ଡ୍ରାଇଡ଼ ପେଷ୍ଟ ସାହାଯ୍ୟରେ ଲଗାଯାଏ । ଟାୟାର ରିମ୍ରେ ବ୍ୟବହାର କରଯାଉଥିବା ଟିଉବ୍ ସାଧାରଣ ଟିଉବ୍ ପରି । କିନ୍ତୁ ଏହାର ଚଉଡ଼ା ୧", ଓ ସାଇଜ ୨୭" ୧' ୧"୪ ସାଧାରଣତଃ ଖେଳାଳୀମାନେ ଟିଉବ୍ଲର ରିମ୍ ବ୍ୟବହାର କରିଥାନ୍ତି । କାରଣ ସ୍ପିଡ଼ର ଗତି ଅଧିକ ହେବା ସଙ୍ଗେ ସଙ୍ଗେ ସାଇକେଲର ଓଜନ ମଧ୍ୟ କମିଯାଏ । ପ୍ରତ୍ୟେକ ଖେଳାଳୀଙ୍କ ପାଇଁ କମଓଜନର ସାଇକେଲ ଉପଯୁକ୍ତ ।

## ଫ୍ରେମ ଓ ଫ୍ରର୍କ

ଏହା ସାଧାରଣ ସାଇକେଲଠାରୁ ଖୁବ୍ କମ ଓଜନ । ଏହାର ସାଇଜ ୨୧, ୨୦ ୧/୨ ଓ ୨୩ ଇଞ୍ଚ । ଏହାର ଗଢ଼ଣ ସାଧାରଣ ସାଇକେଲଠାରୁ ଅନେକ ଅଲଗା । ପଛ ପଟ ଏକ୍ସିଲରେ ଲାଗିବା ପାଇଁ ଚକା ହୋଇ ତିଆରି ହୋଇଥାଏ । ଫର୍କଟି ସାଧାରଣ ସାଇକେଲଠାରୁ ଛୋଟ, ଓଜନ କମ୍, ତିଆରି ଅଲଗା । ଫର୍କରେ ବ୍ରେକ ଲଗାଯାଇ ବ୍ୟବହାର କରଯାଏ ।

## ହେଣ୍ଡେଲ

ହେଣ୍ଡେଲଟି ସାଧାରଣ ସାଇକେଲ ହେଣ୍ଡେଲଠାରୁ ଅନେକ ଫରକ । ଏହା ଚଙ୍କାହୋଇ ତିଆରି ହୋଇଥାଏ । ଫର୍କ ଏକସ୍‌ଟେନସନରେ ଟନକୁ ଥାଏ । ଏହା ଚଙ୍କା ହେବା ଦ୍ୱାରା ଖେଳାଳୀ ତଳକୁନଇଁ ହେଣ୍ଡେଲ ଧରି ସାଇକେଲ ଚାଳନା କରିବା ଦ୍ୱାରା ସାଇକେଲର ଗତି ଦ୍ରୁତତର ହୁଏ ।

## ଚେନ୍

ଏହା ଦେଖିବାକୁ ସାଧାରଣ ଚେନ୍ ପରି । କିନ୍ତୁ ବାହାରୁ ଆସୁଥିବା ଚେନ୍‌ର ଚଉଡ଼ା ସାଧାରଣ ଚେନ୍ ଠାରୁ କମ୍ । ଅଧିକାଂଶ ସାଧାରଣ ଚେନ୍ ବ୍ୟବହାର କରିଥାନ୍ତି । କିନ୍ତୁ ଏହା ସାଇକେଲ୍ ପାଇଁ ଉପଯୁକ୍ତ ନୁହେଁ ।

## ଗିଅର

ସାଧାରଣ ଗିଅର ଏବଂ ରେସିଂ ସାଇକେଲ ଗିଅର ଅନେକ ଅଲଗା । ରେସିଂ ସାଇକେଲ ଗିଅର ହେଣ୍ଡଲିୟମ ପରି ଏକ ହାଲୁକା ଧାତୁରେ ତିଆରି । ସାଧାରଣ ଗିଅର ଠାରୁ ଏହା ଓଜନରେ ଖୁବ୍ କମ । ସାଧାରଣତଃ ଗିଅରକୁ ବିବିଏକସ୍‌ଲିରେ ଫିଟିଙ୍ଗ କଲାବେଳେ, କ୍ୱାଟର ପିନ୍ ଦେଇ ହମରରେ ପିଟି ଫିଟ୍ କରଯାଏ । ରେସିଙ୍ଗ ସାଇକେଲର ଗିଅରକୁ କୌଣସି ହାମରରେ ପିଟାଯାଏ ନାହିଁ ଏହାକୁ କେବଳ ବିବିଏକ୍ସିଲିରେ ଫିଟ୍‌କରଯାଇ, ନଟ୍ ଟାଇଟ୍‌କରଯାଏ । ଏହା ଖୋଲିବା ପାଇଁ ଖୁବ୍ କମ୍ ସମୟ ଏବଂ ଫିଟ୍ କରିବା ମଧ୍ୟ ଖୁବ୍ କମ୍ ସମୟ । ବେଶୀ ପରିମାଣରେ ଏହି ଗିଅର ନ ମିଳିବା ହେତୁ, ଅଡ଼ିନାରି ଗିଅର ବ୍ୟବହାର କରଯାଏ । ଏହା ଖେଳାଳୀଙ୍କ ପାଇଁ ଉପଯୁକ୍ତ ନୁହେଁ । ଉପଯୁକ୍ତ ଗିଅରର ବାର ସାଇଜ ୭" ଏବଂ ୭'୧/୨" ଇଞ୍ଚ । ଏହାର ପରିଧି ବିଭିନ୍ନ ସାଇଜରେ ଥାଏ । ନିଜର ଶକ୍ତି ଅନୁଯାୟୀ ୪୦ ଠାରୁ ୬୦ ଦାନ୍ତ ବିଶିଷ୍ଟ ଗିଅର ବ୍ୟବହାର କରଯାଏ ।

ସାଇକେଲର ଗତିକୁ ବଢ଼ାଇବା ପାଇଁ ନିଜର ଶକ୍ତି ଅନୁସାରେ ଗିଅର ନିର୍ଣ୍ଣୟ କରି ବ୍ୟବହାର କରଯାଏ ।

## ଗିଅର ବ୍ୟବହାର

୧– ଉଚ୍ଚତର ଗିଅର ବ୍ୟବହାର କରିବାକୁ ହେଲେ ଅଧିକ ଶକ୍ତି ଖଟାଇବାକୁ ପଡ଼େ ଏପରିକି ପ୍ରତିଯୋଗିତାରେ ଅନ୍ୟ କୌଣସି ପ୍ରତି ନଜର ଦେବାକୁ ପଡ଼େ ନାହିଁ ।

୨–କମ୍ ଗିଅର ଅପେକ୍ଷା ଉଚ୍ଚ ଗିଅର ଖୁବ୍ ଦ୍ରୁତଗାମୀ ।

୩–ପ୍ରତ୍ୟେକ ଦିନ ଉଚ୍ଚଗିଅର ଅଭ୍ୟାସ କଲେ ଚଢ଼ାଳୀର ଶକ୍ତି ଓ ସ... ବୃଦ୍ଧି ହେବା ସଂଗେ ସଂଗେ ପ୍ରତିଯୋ... ପୂର୍ଣ୍ଣ ଦକ୍ଷତା ହାସଲ କରେ ।

୪–କମ୍ ଗିଅରରେ ଅଭ୍ୟାସ କଲେ ... ସ୍ୱଳ୍ପ ଶକ୍ତି ଖଟାଇବାକୁ ପଡ଼େ...

୫–ମଧ୍ୟମ ଧରଣର ଗିଅର ବ୍ୟବ... ସର୍ବୋତ୍କୃଷ୍ଟ ।

## ଫିକ୍ସ ହୁଇଲ ଓ ଫ୍ରି ହୁଇ...

ଏହା ପଛଚକାର ହବ୍‌ରେ ଲଗାଯା... ବ୍ୟବହାର କରଯାଏ । ଫିକ୍ସ ହୁଇ... ସାଧାରଣତଃ ୧୨ରୁ ୨୦ ଦାନ୍ତ ବିଶି... ପର୍ଯ୍ୟନ୍ତ ମିଳିଥାଏ । ଏହାଦ୍ୱାରା ସାଇକେଲ... ମଧ୍ୟ ବ୍ରେକ କରଯାଇପାରେ । ସାଧାରଣତ... ୧୬, ୧୮, ୨୧ ଦାନ୍ତ ବିଶିଷ୍ଟ ଫ୍ରି ହୁଇ... ମିଳିଥାଏ । ଏହା ମଧ୍ୟ ହବ୍‌ରେ ଲଗାଯାଇ ବ୍ୟବହାର କରଯାଏ । କେବଳ ରୋଡ଼... ରେସିଂ ସମୟରେ ଖେଳାଳୀମାନେ ଏହା... ବ୍ୟବହାର କରିଥାଆନ୍ତି ।

## ପ୍ୟାଡେଲ

ପ୍ୟାଡେଲ ଦୁଇଟି ଖୁବ୍ ହାଲୁକା । ଏହା ଆଲ୍‌ମୁନିୟମ୍‌ରେ ତିଆରି ।

## ସିଟ୍

ଏହା ଖୁବ୍ ଛୋଟ, ଆଗ ଅଡ଼କୁ ସରୁ ଖୁବ୍ କମ୍ ଓଜନ । ଏହାର କଭର ଚମଡ଼ା ଏବଂ ପ୍ଲାଷ୍ଟିକ୍‌ରେ ତିଆରି ହୋଇଥାଏ ।

## ଟୋକ୍ ପ୍–ଟୋ ବେଲଟ୍

ପ୍ୟାଡେଲର ଆଗପାଖରେ ଟୋ କ୍ଲିପ୍‌କୁ ଫିଟିଙ୍ଗ କରଯାଇଥାଏ । ଏହା ଷ୍ଟିଲରେ ତିଆରି । ପ୍ୟାଡେଲର ପଛପାଖରେ ବେଲଟ୍ ଲଗାଯାଇ, ଟୋ କ୍ଲିପର ଭିତର ଦେଇ ବେଲଟ୍ ଯାଇଥାଏ । ଏହା ଭିତରେ ଖେଳାଳୀ ଗୋଡ଼ ରଖି ଟାଇଟ କରେ । ତେଣୁ ପ୍ରତିଯୋଗିତା ସମୟରେ ଖେଳାଳୀର ଗୋଡ଼ ଖସିଯାଏ ନାହିଁ ।

## ବ୍ରେକ

ଏହା ସାଧାରଣ ବ୍ରେକ ଅପେକ୍ଷା ଅନେକ ଅଲଗା ଏବଂ ହାଲୁକା, ଏଥିରେ ସ୍କୁଟର କ୍ଲଚ ତାର ପରି ଏକ ପ୍ରକାର ତାର ବ୍ୟବହାର କରଯାଏ । ଏହା କେବଳ ରୋଡ଼ରେସିଂ ବେଳେ ସାଇକେଲରେ ବ୍ୟବହାର କରଯାଏ ।

### ରୋଡ଼ରେସିଂ

ରୋଡ଼ରେସିଂ ସମ୍ବନ୍ଧରେ ସବିଶେଷ ଆଲୋଚନା କରିବା ପୂର୍ବରୁ ବାଇସାଇକେଲର ବୃତ୍ତାନ୍ତ ବିଷୟରେ ଆଲୋଚନା କରିବା ଅତ୍ୟନ୍ତ ଆବଶ୍ୟକ । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହି ବାଇସାଇକେଲ କେବଳ ପୁରୁଷମାନଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା । ୧୮୩୯ରେ ସ୍କଟଲାଣ୍ଡରେ ପ୍ରଥମେ ଏହାର ସୁଗ୍ଭଳନା ନିମନ୍ତେ ପଛଚକାରେ କେତେକ ଯାନ୍ତ୍ରିକ ପରିବର୍ତ୍ତନ କରିଥିଲେ ଏବଂ ପରେ ପରେ ଜଣେ ଫରାସୀଙ୍କ ଦ୍ୱାରା ଏହାକୁ ଅଧିକ ଉନ୍ନତ କରାଯାଇଥିଲା । ଏହାପରେ ୧୮୮୫ରେ 'ରୋଭର' ନାମକ ଏକ "ନିରାପଦ ବାଇସାଇକେଲ" ଆବିଷ୍କୃତ ହୋଇଥିଲା । ପରେ ପରେ ୧୮୮୮ରେ ଜେ.ବି. ଡନ୍‌ଲପ ସାଇକେଲର ଟାୟାର ଉଦ୍ଭାବନ କଲେ । ପରବର୍ତ୍ତୀ ଉନ୍ନତିମାନ ଆଜିର ଏହି ବହୁଗିୟର ବିଶିଷ୍ଟ ବାଇସାଇକେଲ ନାମରେ ପରିଚିତ ।

ବାଇସାଇକେଲ ଆଜି ସମସ୍ତେ ବ୍ୟବହାର କରୁଛନ୍ତି । ଏହା ଆମର ଦୈନନ୍ଦିନ ଜୀବନ ଯାତ୍ରାର ସାଥୀ । ସହର ବଜାରରେ ଏହା ଯେପରି ବ୍ୟବହୃତ ହେଉଛି ଗାଁ ଗହଳରେ ମଧ୍ୟ ଏହା ତଦ୍ରୂପ ଭାବରେ ବ୍ୟବହୃତ ହେଉଛି । କିନ୍ତୁ ସାଇକେଲ ଗ୍ଭଳନା କେତେକ ଗୁରୁତ୍ୱପୂର୍ଣ୍ଣ ଦକ୍ଷତା, ଢଙ୍ଗ ଓ କୌଶଳ ଦ୍ୱାରା ସମ୍ଭବ ହେଉଛି । ଏହା ଉଦ୍ଦୀପନାଦାୟକ । ଏହା ମଧ୍ୟ ଗତି, ଶକ୍ତି ଓ ଧାରାବାହିକ ଅଭ୍ୟାସ ଉପରେ ପ୍ରତିଷ୍ଠିତ । ସବୁଠାରୁ ଆନନ୍ଦଦାୟକ ଓ ଚିତ୍ତାକର୍ଷକ ଖେଳମାନଙ୍କ ମଧ୍ୟରେ ସାଇକେଲ ଗ୍ଭଳନା ଅନ୍ୟତମ । ପ୍ରତିଯୋଗୀମାନେ ଏଥିରେ ଏକ ସମୟରେ ଭାଗ ନେଇଥିଲେ ମଧ୍ୟ ଏହାର ଶେଷ ଟାଇମ୍‌ଟ୍ରାୟଲଠାରୁ ଭିନ୍ନ । ଯଦିଓ ଗ୍ଭଳନା ପାଇଁ ସମୟ ନିର୍ଦ୍ଧାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ, ଏହି ଗ୍ଭଳନାରେ ସମୟର ମୁଖ୍ୟ ଭୂମିକା ନାହିଁ । ଶେଷ ସୀମାରେଖା ଅତିକ୍ରମ କରିବାପାଇଁ ବିଜେତା ହେଉଛି ପ୍ରଥମ ଗ୍ଭଳକ । ଟାଇମ-ଟ୍ରାୟଲ ପ୍ରତିଯୋଗିତାରେ ଦେଖା ଦେଉଥିବା ସମସ୍ୟା ଅପେକ୍ଷା ଏହି ପ୍ରତିଯୋଗିତା ଅଧିକ ସମସ୍ୟାବହୁଳ । କାରଣ ପ୍ରତିଯୋଗୀକୁ ଅସୁବିଧାଜନକ ମୋଡ଼, ଅଙ୍କାବଙ୍କା ରାସ୍ତା, ପୋଲ, ଗଡ଼ାଣି, ଛକ, ଲେବଲ୍‌କ୍ରସିଂ ପ୍ରଭୃତି ସଙ୍ଗେ ସଙ୍ଗେ ରାସ୍ତାରେ ଯାଉଥିବା ଅନ୍ୟ ଯାନବାହନ ପ୍ରଭୃତିର ଗ୍ଭଳକକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ । ତେଣୁ ପଦଯାତ୍ରୀ ପୋଲିସ ସଙ୍କେତ ଏବଂ ଟ୍ରାଫିକ ସଙ୍କେତ ଉପରେ ଗ୍ଭଳକକୁ ଲକ୍ଷ୍ୟ ରଖିବାକୁ ପଡ଼ିଥାଏ । ଗ୍ଭଳକ ଏବଂ ପଛରେ ଆସୁଥିବା ଗାଡ଼ି ମଧ୍ୟରେ ତାକୁ ପ୍ରଚୁର ବ୍ୟବଧାନ ରଖିବାକୁ ପଡ଼ିଥାଏ ଏବଂ ସମୟ ସମୟରେ ପଛରେ ଆସୁଥିବା ଗାଡ଼ିକୁ ଆଗକୁ ଯିବାକୁ ଦେବାପାଇଁ ତାହାର ଡାହାଣ ହାତ ପ୍ରସାରିତ କରିବାକୁ ପଡ଼ିଥାଏ । ଅନ୍ୟ ସେହି ପ୍ରତିଯୋଗୀ ଗ୍ଭଳକ ପଛରେ ଆସୁଥିବା ଗାଡ଼ି ପାଖରେ ଥାଏ ତାହାକୁ ଆଗକୁ ଯିବାପାଇଁ ବାଧା ଦେବା ଉଚିତ ନୁହେଁ । ମଦମତ୍ତ ଅବସ୍ଥାରେ ଅଥବା ନିଶାଦ୍ରବ୍ୟ ସେବନ କରି ସାଇକେଲ ଗ୍ଭଳନା କରିବା ମଧ୍ୟ ଅନୁମୋଦିତ ନୁହେଁ । ଗ୍ଭଳନାରେ ଅଂଶଗ୍ରହଣ କରିବା ପାଇଁ ଅଗ୍ରସର ହେବା ପୂର୍ବରୁ ଗ୍ଭଳକ ମଧ୍ୟ ରାସ୍ତାଜ୍ଞାନ ଏବଂ ଗତି ବିଷୟ ସମ୍ବନ୍ଧରେ ଶିକ୍ଷା କରିବା ପ୍ରୟୋଜନ । ଏହି ବିରଳ ସମସ୍ୟା କେବେ କେବେ ସୁଦକ୍ଷ ଗ୍ଭଳକକୁ ମଧ୍ୟ ପ୍ରଧାନ ଦଳରୁ ବିଛିନ୍ନ କରିଥାଏ । ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଶେଷ ଏକଦୁଇ କିଲୋମିଟର ରାସ୍ତା ଅତିକ୍ରମ କରିବାପାଇଁ ସାଇକେଲର ଗତି ଅତି ଦ୍ରୁତ କରିଦେଇଥାଏ । ବହୁତ ଗ୍ଭଳକ ତାଙ୍କର ପାଖାପାଖି ଥାଆନ୍ତି । ଦୂରରେ ଦେଖାଯାଉଥିବା ଅନ୍ୟ ଗ୍ଭଳକକୁ ଧରିବାପାଇଁ ସାଇକେଲ ଗ୍ଭଳକର ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ସମୟ ସମୟରେ ନିଶ୍ଚୟଭାବେ ବୃଦ୍ଧି ପାଏ । ଅନ୍ୟ ଗ୍ଭଳକ ଅପେକ୍ଷା ଉଲଗ୍ଭଳନା ପାଇଁ ତାଙ୍କମନରେ ସ୍ୱାଭାବିକ ଆଗ୍ରହ ଆସେ । ଦୁଃସାହସିକ ହେବାକୁ ସେ ଆନନ୍ଦ ପାଏ ।

ଗ୍ଭଳକ ପାଇଁ ଶରୀରଭାର ଗୋଟାଏ ପ୍ରଧାନ ବିଷୟ, ପବନର ଅନୁକୂଳ ଗତିରେ ସାଇକେଲ ଚଳାଇବାକୁ ହେଲେ ଅଧିକ ସମୟ ଓ ଶକ୍ତି ଦରକାର ହୁଏ । ସାଇକେଲ୍‌ର ବେଗ୍ ବଢ଼ାଇବାକୁ ହେଲେ ପ୍ରଥମେ ପେଡ଼େଲ୍‌ଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼େ । ବଳବାନ ଓ ସୁସ୍ଥସବଳ ସାଇକେଲ ଗ୍ଭଳକ ଖେଳ ଅଧା ପରେ ସମ୍ପୂର୍ଣ୍ଣ ଶକ୍ତି ଖଟାଇ ଅନ୍ୟ ଖେଳାଳୀଙ୍କ ସହିତ ମିଶିବା କଷ୍ଟକର ହୋଇପଡ଼େ । ଉତ୍ତମ ରୂପେ ଏହି ଖେଳର ନିୟମ ପାଳନ କରିବାକୁ ହେଲେ ଦୃଢ଼ବଦ୍ଧ ଭାବରେ ନିୟମିତ ଅଭ୍ୟାସ କରି ମାଂସପେଶୀକୁ ସୁଦୃଢ଼ କରିବାକୁ ହେବ । ଖେଳ ସମୟରେ କୌଣସି ଅସୁବିଧାକୁ ସହଜରେ ଅତିକ୍ରମ କରିବାପାଇଁ ପ୍ରସ୍ତୁତ ରହିବାକୁ ହେବ । ପ୍ରତିଯୋଗୀମାନଙ୍କୁ ସବୁ ବିଷୟରେ ଦକ୍ଷତା ହାସଲ କରିବା ପାଇଁ ପ୍ରତ୍ୟେକ ଦିନ ସମୟ ଦେବାକୁ ହେବ । ସୁଷମ ଖାଦ୍ୟ ଓ ସୁନିଦ୍ରା ଖେଳାଳୀଙ୍କ ପକ୍ଷେ ଏକାନ୍ତ ଆବଶ୍ୟକ । ଏହି ଖେଳରେ ଭଲ ଟାଇମିଙ୍ଗ କରିବାକୁ ହେଲେ ଶୀତକାଳୀନ ଅଭ୍ୟାସ ଲାଭଜନକ । ସଙ୍ଗଠକଙ୍କ ଦ୍ୱାରା ସମୟ ଓ ଦିନ ନିର୍ଦ୍ଧାରିତ ହେଲେ ଖେଳାଳୀ ନିଜର ଦକ୍ଷତା ଅଧିକ ବଢ଼ାଇ ପାରେ । ରୋଡ଼ରେସିଂ ପାଇଁ ଚଳାଇବା କୌଶଳ ଓ ଶାରୀରିକ ଦକ୍ଷତା ଏକାନ୍ତ ପ୍ରୟୋଜନ । ଏଥିରେ ସାଇକେଲ ଗ୍ଭଳନାର ପୁରାତନ ଓ ଆଧୁନିକ ପଦ୍ଧତିକୁ ଅନୁସରଣ କରିବାକୁ ହୁଏ ।

ୟୁରୋପୀୟ ଦେଶମାନଙ୍କ ପରି ଆମ ଦେଶରେ ସାଇକେଲ ଖେଳ ଏ ପର୍ଯ୍ୟନ୍ତ ଲୋକପ୍ରିୟ ହୋଇ ପାରିନାହିଁ । ଏଣୁ ହାଲୁକା ରେସିଙ୍ଗ ସାଇକେଲ ଭାରତର ବିଭିନ୍ନ ସ୍ଥାନରେ ଉତ୍ପାଦନ ହେବା ଦରକାର ପଡୁଛି । ତେବେ ନୂତନ ଉତ୍ସାହୀ ଖେଳାଳୀମାନେ ଅଳ୍ପ କେତେ ବର୍ଷ ପରେ ଉନ୍ନତି କରିବେ ଏବଂ ଆମ ଦେଶର ଖେଳାଳୀମାନେ ରାଜ୍ୟ ଓ ଆନ୍ତର୍ଜାତୀୟ ସ୍ତରରେ ଦିନେ ସୁନାମ ଅର୍ଜନ କରିପାରିବେ ।

## ଓଡ଼ିଶା ତଥା ଭାରତର ବିଶିଷ୍ଟ ସାଇକେଲ ଗ୍ଭଳକ ଓ ଗ୍ଭଳିକା

### ପରିଚୟ

## ମିନତି ମହାପାତ୍ର

ଓଡ଼ିଶା ତଥା ଭାରତର ବିଶିଷ୍ଟ ସାଇକେଲ ଗ୍ଭଳିକା ମିନତି ମହାପାତ୍ରଙ୍କ ଜନ୍ମ ପୁରୀ ଜିଲ୍ଲାର ଚାରିଛତି ଗ୍ରାମରେ ୧୯୫୭ ମସିହାରେ । ପିଲାବେଳୁ କ୍ରୀଡ଼ା ପ୍ରତି ମନବଳେ । ସ୍କୁଲ ଜୀବନରେ ୧୯୭୦ ରେ ସେ ତାଙ୍କର ପ୍ରିୟ କ୍ରୀଡ଼ା ସାଇକେଲ ଗ୍ଭଳନାକୁ ଆଦରି ନିଅନ୍ତି ଏବଂ ଗୁରୁ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଜେନାଙ୍କ ନେତୃତ୍ୱରେ ସେ ସାଇକେଲ ଗ୍ଭଳନା ଆରମ୍ଭ କରନ୍ତି । ସେହିବର୍ଷ କଟକଠାରେ ହୋଇଥିବା ନେସ୍‌ନାଲ ସାଇକେଲ ଗ୍ଭଳନାରେ ୧,୦୦୦ ମି: ମାସଡ ଷ୍ଟାଟରେ ରୌପ୍ୟ ପଦକ ହାସଲ କରନ୍ତି । ୧୯୭୨ ହାଇଦ୍ରାବାଦ ନେସ୍‌ନାଲରେ ତିନୋଟି ଯାକ ଇଭେଣ୍ଟରେ ମହିଳା ବିଭାଗରେ ଚମ୍ପିୟନସିପ୍ ହାସଲ କରିବା ସଙ୍ଗେ ସଙ୍ଗେ ୧,୦୦୦ ମି: ଟାଇମ ଟ୍ରାୟଲରେ ନୂତନ ରେକର୍ଡ ସୃଷ୍ଟି କରନ୍ତି ।

୧୯୭୩ ଜବଲପୁରରେ, ଦ୍ୱିତୀୟଥର ଚମ୍ପିୟନସିପ୍ ହାସଲ କରିବା ସଙ୍ଗେ ସଙ୍ଗେ ତାଙ୍କର ନିଜ ରେକର୍ଡ ୧,୦୦୦ ମି: ଟାଇମ ଟ୍ରାୟଲ ରେକର୍ଡକୁ ଭଙ୍ଗ କରି ନୂତନ ରେକର୍ଡ ସୃଷ୍ଟି କରନ୍ତି । ସେହିବର୍ଷ ସି: ପି: ଏମ: ମିଟ୍‌ରେ ବେଙ୍ଗାଲୋରଠାରେ ୨,୦୦୦ ମି: ମାସର୍ଡ ଷ୍ଟାଟରେ ସ୍ୱର୍ଣ୍ଣପଦକ ହାସଲ କରନ୍ତି । ସେହିବର୍ଷ ମଧ୍ୟ ଶ୍ରୀଲଙ୍କାଟିମ୍ ସି: ପି: ଏମ ରେ ସେ ଭାଗ ନେଇଥିଲେ ।

୧୯୭୪ ରାଇ (ହରିୟାନା) ରେ ତୃତୀୟ ଥର ପାଇଁ ସେ ସର୍ବଶ୍ରେଷ୍ଠ ମହିଳା ସାଇକେଲ ଗ୍ଭଳିକା ରୂପେ ବିବେଚିତ ହୁଅନ୍ତି ।

୧୯୭୫ ତ୍ରିଭେନ୍ଦ୍ରମରେ ଚତୁର୍ଥ ଥର ପାଇଁ ଚମ୍ପିୟନସିପ୍ ହାସଲ ଏବଂ ୨,୦୦୦ ମିଟର ଇଣ୍ଡିଭିଜୁଆଲ ପରସୁଟରେ ନୂତନ ରେକର୍ଡ ।

୧୯୭୬ ପାଟିଆଲାଠାରେ ସେ ଚମ୍ପିୟନ-ସିପ୍‌ରୁ ବଞ୍ଚିତ ହୁଅନ୍ତି, କିନ୍ତୁ ୧,୦୦୦ ମିଟର ଟାଇମ ଟ୍ରାୟଲରେ ସୃଷ୍ଟି କରନ୍ତି ନୂତନ ରେକର୍ଡ ।

୧୯୭୭ ପ୍ରଥମ ଇଣ୍ଟର ଷ୍ଟେଟ ସାଇକେଲ ଚାଳନା ପାଟିଆଲ, ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ମହିଳା ସାଇକେଲ ଚାଳିକା ରୂପେ ବିବେଚିତ ହେବା ସଙ୍ଗେ ସଙ୍ଗେ ସ୍ପ୍ରୋଟି ନୂତନ ରେକର୍ଡ ସୃଷ୍ଟି କରନ୍ତି । ୫ମ ଥର ପାଇଁ ଚମ୍ପିୟନସିପ୍ । ତାଙ୍କର ସ୍ପ୍ରୋଟିଯାକ ରେକର୍ଡ, ୧,୦୦୦ ମିଟର ଟାଇମ ଟ୍ରାୟଲ ୧ମି: ୩୧'୫ ସେକେଣ୍ଡ । ୧,୦୦୦ ମି: ମାର୍ଚ୍ଚଷ୍ଟାର୍ଟ ୧ମି: ୮୧୧'୮ ୨,୦୦୦ ମି: ଇଣ୍ଡି-ଭିଜୁଆଲ ପରସୁଟ୍ ୩ମି: ୧୫'୫ ସେକେଣ୍ଡ । ୨୫ କି: ମି: ରୋଡ଼ରେସ୍ ୪୮ ମି: ୪୭'୮ ସେକେଣ୍ଡ ।

୧୯୭୮ରେ କଲିକତାର ୪୦ କି: ମି: ରୋଡ଼ ରେସିଂରେ ପ୍ରଥମ ସ୍ଥାନ ଅଧିକାର କରି ସର୍ବଶ୍ରେଷ୍ଠ 'ରୋଡ଼ରାଇଡ଼ର' ରୂପେ ବିବେଚିତ । ସେହିବର୍ଷ ତ୍ରିଭେନ୍ଦ୍ରମ ନେସ୍‌ନାଲ ସାଇକେଲ ଚାଳନାରେ ସେ ୬ଷ୍ଠ ଥର ପାଇଁ ସର୍ବଭାରତୀୟ ସ୍ତରରେ ସର୍ବଶ୍ରେଷ୍ଠ ମହିଳା ସାଇକେଲ ଚାଳିକା ରୂପେ ବିବେଚିତ ହୁଅନ୍ତି ।

୧୯୭୫ ମସିହାରେ ରାଉରକେଲ୍ଲ ଷ୍ଟିଲ ପ୍ଲାଣ୍ଟର ଜେନେରାଲ ମ୍ୟାନେଜର ଡ଼ି. ପି. ଏଲ. ଅଗ୍ରୱାଲ ତାଙ୍କୁ 'କୁମାର ମଙ୍ଗଲମ୍ ସ୍ପୋର୍ଟସ୍-ମ୍ୟାନ ଆବାର୍ଡ'' ପ୍ରଦାନ କରିଥିଲେ ।

କୁମାରୀ ମିନତି ବର୍ତ୍ତମାନ ରାଉରକେଲ୍ଲ ଷ୍ଟିଲପ୍ଲାଣ୍ଟର ସ୍ପୋର୍ଟସ୍ ସେଲ୍‌ରେ କାର୍ଯ୍ୟରତା ।

ବି. କେ. ନଂ ୧, ରୁମ୍ ନଂ ୬
ଗୋଲଘର ରାଉରକେଲ୍ଲ
୭୬୯୦୦୨

## ନରସିଂହ ଚରଣ ସାହୁ

କ୍ରୀଡ଼ାକାର ନରସିଂହ ଚରଣ ସାହୁଙ୍କର ଜନ୍ମ କଟକ ଜିଲ୍ଲାର କଣ୍ଡଣଅଣ୍ଡା ଗ୍ରାମରେ ୧୯୫୭ ମସିହାରେ । କ୍ରୀଡ଼ା ପ୍ରତି ମନବଢ଼େ ସ୍କୁଲ ଜୀବନରେ । ୧୯୭୪ ମସିହାରେ ସେ ତାଙ୍କର ପ୍ରିୟ କ୍ରୀଡ଼ା ସାଇକେଲ ଚାଳନାରେ ମନୋନିବେଶ କରନ୍ତି । ଗୁରୁ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଜେନାଙ୍କ ନେତୃ-ତ୍ୱରେ ସେ ସାଇକେଲ ଚାଳନା ଆରମ୍ଭ କରନ୍ତି । ସେହିବର୍ଷ ସେ ଜୁନିଅରରେ ଯୋଗ ଦେଇ ତ୍ରିଭେନ୍ଦ୍ରମଠାରେ–ନେସନାଲ ସାଇକେଲ ଚାଳନାରେ ରୌପ୍ୟ ପଦକ ଲାଭ କରି, ରାଉରକେଲ ଷ୍ଟିଲ ପ୍ଲାଣ୍ଟ ତରଫରୁ ଜେନେରାଲ ମ୍ୟାନେଜର ଡ଼ି. ପି: ଏଲ: ଅଗ୍ରୱାଲଙ୍କଠାରୁ "କୁମାରମଙ୍ଗଳମ୍ ସ୍ପୋର୍ଟସ୍-ମ୍ୟାନ ଆବାର୍ଡ'' ପାଆନ୍ତି । ୧୯୭୬ ମସିହା ୧୩ଶ ଜୁନିଅର ନେସ୍‌ନାଲରେ ସେ ହାଇଦ୍ରାବାଦଠାରେ ଜୁନିଅର ଚମ୍ପିୟନସିପ୍ ହାସଲ କରନ୍ତି । ୧୯୭୭ ମସିହା ପାଟିଆଲାଠାରେ ପ୍ରଥମ ଇଣ୍ଟର ଷ୍ଟେଟ ସାଇକେଲ ଚାଳନାରେ ୧୦୦ କି: ମି: ଟିମ୍ ଟ୍ରାୟଲ ରୋଡ଼ରେସରେ ସେ ବ୍ରୋଞ୍ଜ ପଦକ ଲାଭ କରନ୍ତି । ୧୯୭୮ ମସିହାରେ କଲିକତାଠାରେ ହେଉଥିବା ସର୍ବଭାରତୀୟ ଆମନ୍ତ୍ରଣ ୧୮୦ କି: ମି: ରୋଡ଼ରେସରେ ଭାଗନେଇ ସେ ଦ୍ୱିତୀୟ ସ୍ଥାନ ଅଧିକାର କରନ୍ତି । ସେ ନେସ୍‌ନାଲ ସାଇକେଲ ଚାଳନାରେ ଯୋଗ ଦେବା ସଙ୍ଗେ ସଙ୍ଗେ, ସର୍ବ ଭାରତୀୟ ଷ୍ଟିଲ ପ୍ଲାଣ୍ଟ ସାଇକେଲ ଚାଳନାରେ ୧୯୭୫ ମସିହାଠାରୁ ଯୋଗଦେଇ ଆସୁଛନ୍ତି । ସେହିବର୍ଷ ବୋକାରୋଠାରେ ଅନୁଷ୍ଠିତ ୧୪ଶ ଷ୍ଟିଲ ପ୍ଲାଣ୍ଟ ସାଇକେଲ ଚାଳନାରେ ସେ ସ୍ପ୍ରିଣ୍ଟରେ ରୌପ୍ୟପଦକ, ୧୯୭୬ ମସିହା ଜାମସେଦପୁରଠାରେ ୧୫ଶ ଷ୍ଟିଲ ପ୍ଲାଣ୍ଟ ମିଟ୍‌ରେ ସ୍ପ୍ରିଣ୍ଟରେ ରୌପ୍ୟ ପଦକ, ଏବଂ ୧୯୭୭-୭୮ ଭିଲାଇଠାରେ ଅନୁଷ୍ଠିତ ୧୬ଶ ଷ୍ଟିଲ ପ୍ଲାଣ୍ଟ ମିଟ୍‌ରେ ସେ ସର୍ବଭାର... ସ୍ତରରେ ଇଣ୍ଡିଭିଜୁଆଲ ପରସୁଟ୍‌ରେ ଭା... ବିଶିଷ୍ଟ ସାଇକେଲ ଚାଳକ ଅମରସି... ୧୨ ବର୍ଷର ପୁରାତନ ରେକର୍ଡ ଭଙ୍ଗ କରି... ନୂତନ ରେକର୍ଡ ସୃଷ୍ଟି କରିଛନ୍ତି । ନର... ଚରଣ ସାହୁ ଓଡ଼ିଶା ତଥା ଭାରତର ... ସାଇକେଲ ଚାଳକ ରୂପେ ଗତିଶ... ଏସିଆନ୍ ଗେମ୍ କୋଚିଂ କ୍ୟାମ୍ପ ପାଇଁ... ଓଡ଼ିଶାରୁ ସିଲେକ୍‌ସନ୍ ପାଇଥିଲେ, ରା... କେଲ ଷ୍ଟିଲ ପ୍ଲାଣ୍ଟର ସ୍ପୋର୍ଟ ସେଲ୍‌ରେ ବର୍ତ୍ତମାନ କାର୍ଯ୍ୟରତ ।

## ରାମକୃଷ୍ଣ ଦାସ

ରାମ କୃଷ୍ଣ ଦାସଙ୍କ ଜନ୍ମ ମୟୂର... ଜିଲ୍ଲାର ବାରିପଦାଠାରେ ୧୯୫୫ ମସିହାରେ... ସ୍କୁଲ ଜୀବନରେ ସେ ଜଣେ ଭଲ ଖେଳା... ଥିଲେ । କିନ୍ତୁ ସେ ସାଇକେଲ ଚାଳନା... ନିଜର ପ୍ରିୟ କ୍ରୀଡ଼ା ରୂପେ ବାଛିନେଲେ ... ଗୁରୁ ଶ୍ରୀ ଚନ୍ଦ୍ରଶେଖର ଜେନାଙ୍କ ନେତୃତ୍ୱ... ୧୯୭୪ ମସିହାରେ ସାଇକେଲ ଚାଳନା ଆ... କଲେ । ରାଜ୍ୟ ସାଇକେଲ ଚାଳ... ପ୍ରତିଯୋଗିତାରେ ସେ ରୌପ୍ୟ ଏବଂ ବ୍ରୋ... ପଦକ ହାସଲ କରନ୍ତି । ୧୯୭୭ ଇଣ... ଷ୍ଟେଟ ସାଇକେଲ ଚାଳନା ପାଟିଆଲାଠା... ୧୦୦ କି: ମି: ରୋଡ଼ ଟିମ ଟ୍ରାୟଲରେ ... ବ୍ରୋଞ୍ଜ ପଦକ ଲାଭ କରି, ରାଉରକେ... ଷ୍ଟିଲପ୍ଲାଣ୍ଟର ମ୍ୟାନେଜିଙ୍ଗ ଡ଼ାଇରେକ୍ଟ... ଡ଼. ଦତ୍ତାରଙ୍କଠାରୁ "କୁମାର ମଙ୍ଗଳ... ସ୍ପୋର୍ଟସମ୍ୟାନ ଆବାର୍ଡ'' ପାଇଛନ୍ତି ... ଶ୍ରୀ ଦାସ ଓଡ଼ିଶା ତଥା ଭାରତର ଜଣେ... ବିଶିଷ୍ଟ ସାଇକେଲ ଚାଳକ ରୂପେ ଗ... ଉଠୁଛନ୍ତି । ଏସିଆନ୍ ଗେମ୍ କୋଚିଂ... କ୍ୟାମ୍ପ ପାଇଁ ଓଡ଼ିଶାରୁ ତାଙ୍କୁ ସିଲେକ୍‌ସ... ମିଳିଥିଲା, ଶ୍ରୀ ଦାସ ରାଉରକେଲା ଓ. ଏମ. ସି... ରେ ବର୍ତ୍ତମାନ କର୍ମରତ ।

# ସୃଜନାତ୍ମକ ସାମ୍ବାଦିକତା ଓ ସାହିତ୍ୟ

ଶ୍ରୀ ଭଗବାନ ନାୟକ ବର୍ମା

ଗଳ୍ପ, ଉପନ୍ୟାସ, ନାଟକ, କବିତା, ଭ୍ରମଣ କାହାଣୀ, ପ୍ରବନ୍ଧ ଓ ଶିଶୁ ସାହିତ୍ୟ ଇତ୍ୟାଦି ଭଳି ସାମ୍ବାଦିକତା ମଧ୍ୟ ସାମଗ୍ରିକ ସାହିତ୍ୟର ଏକ ବଳିଷ୍ଠ ବିଭାବ । ଏହାର ସପକ୍ଷରେ ଆଉ କୌଣସି ଯୁକ୍ତି ପ୍ରତିଯୁକ୍ତିର ଅବତାରଣା ନିଷ୍ପ୍ରୟୋଜନ । Journalism ସାଧାରଣତଃ ସମ୍ବାଦ ସାହିତ୍ୟ ରୂପେ ଅଭିହିତ ହୋଇ ଆସିଛି । ବିଶେଷ କରି Neo-Journalism ବା ନବ୍ୟ ସାମ୍ବାଦିକତାର ପ୍ରଚଳନ ପରେ ଏହାର ସାହିତ୍ୟିକ ଆବେଦନ ସଂପର୍କରେ ଆଉ କୌଣସି ବାଦ-ବିସମ୍ବାଦ ନାହିଁ । ଗଳ୍ପ, ଉପନ୍ୟାସ, କବିତା, ନାଟକ ପରି ସାମ୍ବାଦିକତା ଯେ ଏକ ସୃଜନଶୀଳ କଳା ହୋଇପାରେ, ତାହା ନବ୍ୟ ସାମ୍ବାଦିକତାରୁ ପ୍ରମାଣିତ ହୋଇ ସାରିଛି । ତା'ଛଡ଼ା, ସାମ୍ବାଦିକତା ଏକ ସୃଜନ କଳା ରୂପେ ଗୃହୀତ ନ ହେଲେ ମଧ୍ୟ ଏହା ସାହିତ୍ୟର ଅଙ୍ଗୀଭୂତ ହେବାରେ କୌଣସି ବାଧା ନାହିଁ । ପ୍ରବନ୍ଧ, ସମାଲୋଚନା ଆଦି ସୃଜନ-କଳା ନ ହୋଇ ମଧ୍ୟ ସାହିତ୍ୟର ଗୋଟିଏ ଗୋଟିଏ ବଳିଷ୍ଠ ବିଭାବ ରୂପେ ସୁସ୍ୱୀକୃତ ହୋଇଛି ।

ମୋଟ ଉପରେ ସାହିତ୍ୟର ଅନ୍ୟାନ୍ୟ ବିଭାବ ପରି ସାମ୍ବାଦିକତାର ମଧ୍ୟ ଏକ ସ୍ୱାତନ୍ତ୍ର୍ୟ ରହିଛି । ମାତ୍ର ଏହି ବିଭାବଟି ଭାରତରେ, ବିଶେଷକରି ଆମ ଓଡ଼ିଶାରେ ଯଥେଷ୍ଟ ଉନ୍ନତି ଓ ବଳିଷ୍ଠତା ଆହରଣ କରି ପାରିନାହିଁ । ସେ ସମ୍ପର୍କରେ ଟିକିଏ ପରେ ଆଲୋଚନା କରିବା ।

ସାମ୍ବାଦିକତାକୁ ଅଧିକରୁ ଅଧିକ କଳାତ୍ମକ ତଥା ବିଜ୍ଞାନସମ୍ମତ କରିବା ପାଇଁ ସର୍ବତ୍ର ନାନା ଭାବେ ଉଦ୍ୟମ ହୋଇ ଆସିଛି ଏବଂ ଏ କ୍ଷେତ୍ରରେ ନାନାବିଧ ପରୀକ୍ଷା ନିରୀକ୍ଷା ମଧ୍ୟ ଚାଲିଛି । ବୈଜ୍ଞାନିକ ସାମ୍ବାଦିକତା, ବାସ୍ତବବାଦୀ ସାମ୍ବାଦିକତା, ଅନୁସନ୍ଧାନ ମୂଳକ ସାମ୍ବାଦିକତା, ସୃଜନଶୀଳ ସାମ୍ବାଦିକତା ଏବଂ ରୂପକାତ୍ମକ ସାମ୍ବାଦିକତା (feature-writing) ଇତ୍ୟାଦି ଏ କ୍ଷେତ୍ରରେ ବିଶେଷ ଉଲ୍ଲେଖଯୋଗ୍ୟ । ଫିଚର ରାଇଟିଂକୁ ସଂପ୍ରତି Non-fiction Novel ଆଖ୍ୟା ଦିଆଗଲଣି । ଏହି ପ୍ରକାର ସାମ୍ବାଦିକତା ବର୍ତ୍ତମାନ ସମଗ୍ର ପୃଥିବୀରେ ଅତ୍ୟନ୍ତ ଲୋକପ୍ରିୟ ହୋଇଛି । ଗଳ୍ପ, ଉପନ୍ୟାସ, ନାଟକ ଇତ୍ୟାଦିରେ ଯେପରି ନାଟକୀୟ ଘଟଣା-ବିନ୍ୟାସ, ଆଭ୍ୟନ୍ତରୀୟ ସ୍ୱଗତୋକ୍ତି, ଫ୍ଲାସ୍‌ବ୍ୟାକ୍, ସଂଳାପ, ଷ୍ଟ୍ରିମ ଅଫ୍ କନ୍‌ସେସ୍‌ନେସ ଓ କାହାଣୀ-ବିନ୍ୟାସର କୌଶଳ ପ୍ରୟୋଗ କରାଯାଇଥାଏ, ଫିଚର-ରାଇଟିଂରେ ଏବଂ ନବ୍ୟ ସାମ୍ବାଦିକତାର ଆନ୍ୟାନ୍ୟ ବିଭାବରେ ମଧ୍ୟ ସେହି ପ୍ରକାର କୌଶଳ ପ୍ରୟୋଗ କରାଯାଇ ଏହାକୁ ଅତ୍ୟନ୍ତ ଉପଭୋଗ୍ୟ କରାଯାଇ ପାରୁଛି ।

ଆମ ଭାରତ ବର୍ଷରେ, ବଙ୍ଗଳା ଭାଷାରେ ଏ ପ୍ରକାର ନବ୍ୟ ସାମ୍ବାଦିକତାର କିଛି କିଛି ପ୍ରୟୋଗ ଦେଖିବାକୁ ମିଳେ । ଓଡ଼ିଶାରେ ଏ ପର୍ଯ୍ୟନ୍ତ ତାର ସୂତ୍ରପାତ ହୋଇ ନାହିଁ । ତାହାର ମୁଖ୍ୟ କାରଣ-ଗୁଡ଼ିକ ହେଲା ଯେଉଁମାନେ ସମ୍ବାଦପତ୍ର ଓ ପତ୍ର ପତ୍ରିକା ସମୂହର ସଂପାଦନା ତଥା ପରିଚାଳନା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କର ଦୃଷ୍ଟିଭଙ୍ଗୀ ଏବେ ବି ପୁରୁଣା-କାଳିଆ ହୋଇ ରହିଛି । କୌଣସି ପ୍ରକାର ପରିବର୍ତ୍ତନକୁ ସେମାନେ ପ୍ରଶ୍ରୟ ଦେବାକୁ ଚାହାନ୍ତି ନାହିଁ । କାରଣ ସେମାନେ Status-quo ବା ସ୍ଥିତାବସ୍ଥାରେ ବିଶ୍ୱାସୀ । ଦ୍ୱିତୀୟତଃ ଆମ ଓଡ଼ିଶାର ସମ୍ବାଦପତ୍ର ପାଠକମାନଙ୍କ ମଧ୍ୟରେ ବି ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ସୁମାର୍ଜିତ ରୁଚିବୋଧର ଘୋର ଅଭାବ ରହିଛି । ସେଥିଯୋଗୁଁ ସୃଜନଶୀଳ ସାମ୍ବାଦିକତା ଏଠାରେ ନିରୁତ୍ସାହିତ ହେଉଛି ଏବଂ କାମଳ ସାମ୍ବାଦିକତା ଏବଂ କୁତ୍ସାଧର୍ମୀ ଶସ୍ତା ସାମ୍ବାଦିକତାର ଯଥେଷ୍ଟ ପ୍ରସାର ଘଟି ପାରୁଛି । ତୃତୀୟତଃ ଯେଉଁମାନେ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେମାନେ ଏହାକୁ କେବଳ ଏକ ବୃତ୍ତିଭାବେ ଗ୍ରହଣକରି ନେଇ "ପେଟପୋଷା ନାହିଁ ଦୋଷ" ନୀତିରେ କେବଳ ସମ୍ବାଦପତ୍ର କର୍ମକର୍ତ୍ତାମାନଙ୍କ ମନ ଜଗି ନିଜ ନିଜର କର୍ତ୍ତବ୍ୟ ତୁଲାଉଛନ୍ତି । ବିଭିନ୍ନ ଦେଶରେ ଓ ଅନ୍ୟାନ୍ୟ ଭାଷାରେ ସାମ୍ବାଦିକତା କ୍ଷେତ୍ରରେ ଯେଉଁସବୁ ଅଗ୍ରଗତି ଘଟୁଛି ବା ଯେଉଁ ପ୍ରକାର ପରୀକ୍ଷା-ନିରୀକ୍ଷା ସବୁ ଚାଲିଛି, ସେମାନେ ତାର ଖବର ସୁଦ୍ଧା ରଖୁ ନାହାନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସତ୍ୟ, ନିଷ୍ଠା ଓ ନିର୍ଭୀକତା ଉପରେ ଭିତ୍ତି କରି ସାମ୍ବାଦିକତା ଗଢ଼ି ଉଠୁ ବୋଲି ସବରାତର ଆମର ରାଜନୈତିକ ନେତାମାନଙ୍କ ଠାରୁ ଆରମ୍ଭ କରି ପ୍ରବୀଣ ଚିନ୍ତାନାୟକ, ସାମ୍ବାଦିକ ଓ ବିଶେଷଜ୍ଞମାନେ ସଭା ସମିତିମାନଙ୍କରେ ଉଦବୋଧନ ଦେଇ ଆସୁଛନ୍ତି । କିନ୍ତୁ ସାମ୍ବାଦିକତାକୁ ଏକ ସୃଜନଶୀଳ କଳାରେ ପରିଣତ କରିବା ପାଇଁ କେହି କେବେ ଉଦ୍‌ବୋଧନ ଦେଉ ନାହାନ୍ତି କି ସେଥିଲାଗି କୌଣସି ବିଧିବଦ୍ଧ ପ୍ରୟାସ ମଧ୍ୟ ହେଉନାହିଁ । ସୁତରାଂ ଏ ପ୍ରକାର ପ୍ରତିକୂଳ ପାଣିପାଗରେ ନବ୍ୟ ସାମ୍ବାଦିକତା ଆମର ଏଠି ଉଧେଇ ପାରିବ ବା କେମିତି ?

କିନ୍ତୁ ମୋର ବ୍ୟକ୍ତିଗତ ବିଶ୍ୱାସ, ଏ ଅବସ୍ଥା ଆଉ ବେଶି ଦିନ ରହି ପାରିବ ନାହିଁ । ସମୟର ଆହ୍ୱାନକୁ ଖୁବ୍ ବେଶିଦିନ ଏଡ଼ି ଦିଆଯାଇ ନ ପାରେ । ଅନ୍ତତଃ ଆଗାମୀ ଅଶୀ-ଦଶକ ମଧ୍ୟରେ ଆମ ଓଡ଼ିଆ ଭାଷାରେ ନବ୍ୟ ସାମ୍ବାଦିକତା ବା ସୃଜନଶୀଳ ସାମ୍ବାଦିକତାର ସୂତ୍ରପାତ ହୋଇଯିବ ବୋଲି ମୁଁ ଆଶା କରୁଛି ।

ଏହି ପ୍ରସଙ୍ଗରେ ସାହିତ୍ୟର ଉନ୍ମେଷ-ବିକାଶରେ ସମ୍ବାଦପତ୍ରର ଭୂମିକା ନେଇ ସମ୍ୟକ ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି । ସାହିତ୍ୟ ଓ ସାମ୍ବାଦିକତା ଯେତେ ନିକଟତର ହୋଇ ଆସୁଛି, ପରସ୍ପରର ସମ୍ପର୍କ ମଧ୍ୟ ସେତିକି ପରିପୂରକ ହେଉଛି । ସାହିତ୍ୟର ଗୁଣାତ୍ମକ ଅଭିବୃଦ୍ଧି ସାଧନରେ ହେଉ କି ନ ହେଉ, ସାମ୍ପ୍ରତିକ ସାହିତ୍ୟକୁ ସମାଜ ଭିତ୍ତିକ ଓ ଲୋକପ୍ରିୟ କରାଇବାରେ ସମ୍ବାଦପତ୍ର ବରାବର ଏକ ନିର୍ଦ୍ଦିଷ୍ଟ ଭୂମିକା ତୁଲାଇ ଆସିଛି । ସେହି ଦୃଷ୍ଟିରୁ ହିଁ ଦେଶୀ-ବିଦେଶୀ

ସବୁ ସମ୍ବାଦପତ୍ରରେ ସାପ୍ତାହିକ ସାହିତ୍ୟ ବିଭାଗ ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇ ଆସିଛି । କିନ୍ତୁ ଦୁଃଖର କଥା ଆମ ଓଡ଼ିଶାର ସମ୍ବାଦପତ୍ରଗୁଡ଼ିକ ଏ ପର୍ଯ୍ୟନ୍ତ ଏହାର ତାତ୍ପର୍ଯ୍ୟ ଓ ଗୁରୁତ୍ୱ ଯଥାର୍ଥ ଭାବେ ହୃଦୟଙ୍ଗମ କରି ପାରି ନ ଥିବା ପରି ମନେ ହୁଏ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଗତବର୍ଷ ଶ୍ରୀରାମ ଚନ୍ଦ୍ର ଭବନରେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବକାଶରେ ସାହିତ୍ୟର ପ୍ରସାର ଓ ବିକାଶ କ୍ଷେତ୍ରରେ ସମ୍ବାଦପତ୍ରର ଭୂମିକା ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା । ବହୁ ବିକ୍ରିତ ଓଡ଼ିଶାର ସବୁ ସମ୍ବାଦପତ୍ର ନିୟମିତ ଭାବେ ସାପ୍ତାହିକ ସାହିତ୍ୟ ବିଭାଗ ପ୍ରକାଶ କରନ୍ତୁ ବୋଲି ଆହ୍ୱାନ ଦେଇଥିଲେ ଏବଂ ଏହି ମର୍ମରେ ଏକ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ସଂକ୍ରାନ୍ତ ଏକ ସ୍ମାରକ ପତ୍ରରେ ବହୁ ବିଶିଷ୍ଟ ସାହିତ୍ୟିକ ଓ ନେତୃ ସ୍ଥାନୀୟ ବ୍ୟକ୍ତି ସ୍ୱାକ୍ଷର ଦେଇଥିଲେ । ମାତ୍ର ତାହା ଆମର ସମ୍ବାଦପତ୍ରଗୁଡ଼ିକ ଉପରେ ବିଶେଷ କିଛି ପ୍ରଭାବ ପକାଇଥିବା ପରି ମନେ ହେଉ ନାହିଁ । ତେବେ ମୋର ବ୍ୟକ୍ତିଗତ ବିଶ୍ୱାସ, ସମ୍ବାଦପତ୍ରମାନେ ଆଉ ସାହିତ୍ୟକୁ ବେଶିକାଳ ଅବହେଳା ପ୍ରଦର୍ଶନ କରି ପାରିବେ ନାହିଁ । ଆଗାମୀ ଦଶକରେ ଏ ସଂକ୍ରାନ୍ତ ସଚେତନତା ଅଧିକ ବୃଦ୍ଧି ପାଇବ ବୋଲି ମୋର ବିଶ୍ୱାସ ।

ଏହି ପ୍ରସଙ୍ଗରେ ଆଉ ଏକ ବିଷୟ ପ୍ରତି ମୁଁ ଆମର ସାମ୍ବାଦିକ, ଲେଖକ ଓ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଇଚ୍ଛା କରୁଛି । ସମ୍ବାଦ ପରିବେଷଣ ଶୈଳୀରେ ଅନ୍ୟାନ୍ୟ ଭାଷାର ସମ୍ବାଦପତ୍ରଗୁଡ଼ିକରେ ପ୍ରଭୂତ ପରିବର୍ତ୍ତନ ଓ ମାର୍ଜିତ ମୂଲ୍ୟବୋଧ ଦେଖା ଦେଇଥିଲେ ମଧ୍ୟ ଆମ ଓଡ଼ିଆ ସମ୍ବାଦପତ୍ରଗୁଡ଼ିକର ଭାଷା ଓ ଶୈଳୀ ଏବେ ବି ଅତ୍ୟନ୍ତ ପୁରୁଣାକାଳିଆ ହୋଇ ରହିଛି । କେତେକ ସାମ୍ବାଦିକ ସମ୍ବାଦ ପରିବେଷଣର ଶୈଳୀ ଓ ଭାଷାକୁ ଅଧିକ ମାର୍ଜିତ ଓ ରୁଚି ସଂପନ୍ନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ, ଅନ୍ୟମାନଙ୍କ ପ୍ରତିରୋଧ ଫଳରେ ତାହା ସମ୍ଭବ ହୋଇ ପାରୁ ନାହିଁ । ସେମାନଙ୍କ ମତରେ, ସମ୍ବାଦପତ୍ରର ଭାଷା କୁଆଡ଼େ ଗାଁ ଗହଳର ସଂଖ୍ୟାଧିକ ନିରକ୍ଷର ଜନସାଧାରଣଙ୍କ ପକ୍ଷରେ ଏକାନ୍ତ ବୋଧଗମ୍ୟ ହେବା ଉଚିତ୍ । କିନ୍ତୁ ପ୍ରକୃତ କ୍ଷେତ୍ରରେ ଗାଁ ଗହଳର ଅଧିକାଂଶ ଲୋକେ ସମ୍ବାଦପତ୍ର ପଢ଼ନ୍ତି ନାହିଁ କି ସେଥିପ୍ରତି ସେମାନଙ୍କର ଆଗ୍ରହ ମଧ୍ୟ ନାହିଁ । ଯେଉଁମାନେ ପ୍ରକୃତରେ ସମ୍ବାଦପତ୍ର ପଢ଼ନ୍ତି, ସେମାନଙ୍କ ମଧ୍ୟରେ ଏକ ମାର୍ଜିତ ରୁଚିବୋଧ ଓ ମୂଲ୍ୟବୋଧ ସୃଷ୍ଟି କରିବା ଲାଗି ସମ୍ବାଦପତ୍ରଗୁଡ଼ିକ ବରଂ ଅଧିକରୁ ଅଧିକ ଆଧୁନିକ ଶୈଳୀ ଓ ଯୁଗୋପଯୋଗୀ ଭାଷା ବ୍ୟବହାର କରିବା ଉଚିତ୍ । ତଦ୍ୱାରା ସମ୍ବାଦ ପତ୍ରର ମାନ ମର୍ଯ୍ୟାଦା ବୃଦ୍ଧି ପାଇବା ସାଙ୍ଗକୁ ସାମ୍ବାଦିକତା ଓ ସାହିତ୍ୟ ସୃଷ୍ଟି ମଧ୍ୟରେ ସଂପର୍କ ମଧ୍ୟ ନିବିଡ଼ତର ହୋଇ ପାରିବ ।

ଏହା ବ୍ୟତୀତ, ଆମର ସମ୍ବାଦପତ୍ରଗୁଡ଼ିକରେ ବିଭିନ୍ନ ବିଷୟରେ 'ସ୍ତମ୍ଭ' ସୃଷ୍ଟି କରାଯାଇ ଫିଚର-ରାଇଟିଂକୁ ଉତ୍ସାହିତ କରାଯିବାର ଏକ ସଚେତନ ପ୍ରୟାସ ହେବା ବାଞ୍ଛନୀୟ । ଏହି ସବୁ 'ସ୍ତମ୍ଭ'ରେ ବିଶେଷ ବିଶେଷ ଶୈଳୀରେ ଓ ବିଭିନ୍ନ ବିଷୟରେ ଲେଖିବା ପାଇଁ ଲେଖକମାନଙ୍କର ସାହାଯ୍ୟ ନିଆଯିବା ଉଚିତ୍ । ଲେଖକମାନେ ମଧ୍ୟ ଗଳ୍ପ, କବିତା, ନାଟକ, ଉପନ୍ୟାସ ଲେଖିଲା ଭଳି ଫିଚର-ରାଇଟିଂ ବା ସୃଜନଶୀଳ ସାମ୍ବାଦିକତା ପ୍ରତି ଯଥେଷ୍ଟ ଆଗ୍ରହ ପ୍ରଦର୍ଶନ କରିବା ଉଚିତ୍ । ଏହା ଦ୍ୱାରା ଆମ ଓଡ଼ିଆ ସାହିତ୍ୟ ଓ ସାମ୍ବାଦିକତା ଅଧିକ ବୈଚିତ୍ର୍ୟ ମଣ୍ଡିତ ହେବା ସଙ୍ଗେ ସଙ୍ଗେ ପାଠକ ସଂଖ୍ୟାର ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ସହାୟତା ମିଳିପାରିବ । ଅନ୍ତତଃ ଆଗାମୀ ଦଶକରେ ଏହି ସବୁ ଦିଗ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯିବ ବୋଲି ମୋର ଆଶା ଓ ବିଶ୍ୱାସ ।

ସହକାରୀ ସଂପାଦକ, ଦୈନିକ 'ଧରିତ୍ରୀ'
ଭୁବନେଶ୍ୱର-୭୫୧୦୧୦ ।

## ମାଦ୍ରାଜ ପ୍ରଦର୍ଶନୀରେ ଓଡ଼ିଶା ମଣ୍ଡପ ଶ୍ରେଷ୍ଠ ବିବେଚିତ

ମାଦ୍ରାଜ ଠାରେ ଅନୁଷ୍ଠିତ ହୋଇଥିବା ପର୍ଯ୍ୟଟନ ଶିଳ୍ପ ମେଳାରେ ଓଡ଼ିଶା ମଣ୍ଡପ ତାହାର ସାଜସଜ୍ଜା ଓ ପ୍ରଦର୍ଶନ ପରିପାଟୀ ଯୋଗୁଁ ଶ୍ରେଷ୍ଠ ବିବେଚିତ ହୋଇଛି ।

ଏହି ପର୍ଯ୍ୟଟନ ଶିଳ୍ପ ମେଳା ୧୯୮୯ ମସିହା ଜାନୁଆରୀ ମାସରେ ମାଦ୍ରାଜଠାରେ ଆରମ୍ଭ ହୋଇଥିଲା ଓ ତାହା ଦୁଇମାସ ଧରି ଚାଲିଥିଲା । ଉକ୍ତ ପର୍ଯ୍ୟଟନ ଶିଳ୍ପ ମେଳାରେ କର୍ଣ୍ଣାଟକ ହସ୍ତ ଶିଳ୍ପ କର୍ପୋରେସନ ସମେତ ପଶ୍ଚିମବଙ୍ଗ, ମେଘାଳୟ, ଉତ୍ତର ପ୍ରଦେଶ ଓ ହିମାଚଳ ପ୍ରଦେଶ ପ୍ରଭୃତି ଅନ୍ୟାନ୍ୟ ରାଜ୍ୟ ସରକାରମାନେ ଅଂଶ ଗ୍ରହଣ କରିଥିଲେ । ଦୁଇ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଓଡ଼ିଶା ମଣ୍ଡପରେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସମେତ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଫଟୋଚିତ୍ର ଓ ଆଲୋକ ଚିତ୍ର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ପ୍ରଦର୍ଶନୀ ମଣ୍ଡପର ପ୍ରବେଶ ଦ୍ୱାରଟି ରତ୍ନଗିରି ବୌଦ୍ଧ ବିହାର ଫାଟକ ସଦୃଶ ହୋଇଥିବା ଦୃଷ୍ଟିରୁ ଓ ସେଥିରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିବା ହେତୁ ତାହା ବିଶେଷ ଆକର୍ଷଣୀୟ ହୋଇଥିଲା ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗର

# କାର୍ଯ୍ୟକ୍ରମ

କେବଳ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା କାହିଁକି, ଯେ କୌଣସି ଶାସନ ବ୍ୟବସ୍ଥା ପକ୍ଷରେ ପ୍ରଚାରକାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ । କାରଣ, ସରକାରୀ ନୀତି, କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ କାର୍ଯ୍ୟକଳାପ ଏହି ପ୍ରଚାର ମାଧ୍ୟମରେ ହିଁ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରାଯାଇଥାଏ । ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଜନସାଧାରଣଙ୍କ ସହିତ ଘନିଷ୍ଠ ଯୋଗସୂତ୍ର ରକ୍ଷାକରିବା ଏକାନ୍ତ ପ୍ରୟୋଜନ । ଜନସାଧାରଣ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମର ଗୁରୁତ୍ୱ ଉପଲବ୍ଧି କରି ସେ ସବୁର ସଫଳ ରୂପାୟନ ଦିଗରେ ପୂର୍ଣ୍ଣ ସହଯୋଗ ନ କଲେ ଉଦ୍ଦିଷ୍ଟ ଲକ୍ଷ୍ୟ ହାସଲ ହୋଇପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସମ୍ପାଦିତ ବହୁବିଧ କାର୍ଯ୍ୟକଳାପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ପ୍ରଚାର କାର୍ଯ୍ୟରେ ସୁଚିନ୍ତିତ ଯୋଜନା ସାଙ୍ଗକୁ ଗଣ-ମାଧ୍ୟମଗୁଡ଼ିକ ଜରିଆରେ ଜନସାଧାରଣଙ୍କ ନିକଟରେ ସମସ୍ତ ତଥ୍ୟର ସୁଚତୁର ପରିବେଷଣ ଆବଶ୍ୟକ ହୋଇଥାଏ ।

ଆମ ରାଜ୍ୟର ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ସମସ୍ୟାର ସମାଧାନ ଦିଗରେ ଜନ ସହଯୋଗ ଯେପରି ମିଳିବ ସେ ଦିଗରେ ଗୋଷ୍ଠୀ ଆଲୋଚନା, ଆଲୋଚନାଚକ୍ର, ପ୍ରଦର୍ଶନୀ, ପ୍ରଚାର ପୁସ୍ତିକା, ସମ୍ବାଦପତ୍ରରେ ସମ୍ବାଦ ପରିବେଷଣ, ବିଜ୍ଞାପନ ଏବଂ ଶ୍ରବଣ ଓ ଦର୍ଶନ ମାଧ୍ୟମରେ ପ୍ରଚାର ଆଦି ବହୁବିଧ କାର୍ଯ୍ୟ କରାଯାଉଛି ।

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ସ୍ୱରାଷ୍ଟ୍ର ବିଭାଗଠାରୁ ପୃଥକ୍ କରାଯାଇ ୧୯୭୮ ଜୁଲାଇ ମାସ ଠାରୁ ଏକ ସ୍ୱତନ୍ତ୍ର ବିଭାଗରେ ପରିଣତ କରାଯାଇଛି । ଏହି ବିଭାଗ ଅଧୀନରେ ୧୪ ଟି ଜିଲ୍ଲାସ୍ତରୀୟ ଅଫିସ, ଦୁଇଟି ପଲ୍ଲୀ ଶୋଭାମଣ୍ଡଳୀ ଅଫିସ, ୫୬ ଟି ସବ୍-ଡିଭିଜନସ୍ତରୀୟ ଅଫିସ ଏବଂ ୨୪ ଟି ସୂଚନା କେନ୍ଦ୍ର ରହିଛି । ଏହା ବ୍ୟତୀତ ଜଣେ ପ୍ରେସ ଇନ୍‌ଫରମେସନ ଅଫିସରଙ୍କ ତତ୍ତ୍ୱାବଧାନରେ ୭ ଜଣ ସୂଚନା ଅଧିକାରୀଙ୍କୁ ନେଇ ଗୋଟିଏ ପ୍ରେସ ସୂଚନା ଶାଖା କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ସୂଚନା ଅଧିକାରୀ ଦୁଇ ତିନୋଟି ବିଭାଗ ଦାୟିତ୍ୱରେ ଅବସ୍ଥାପିତ ହୋଇଛନ୍ତି । ପ୍ରେସ ଇନଫରମେସନ ଅଫିସରଙ୍କ ତତ୍ତ୍ୱାବଧାନରେ ପ୍ରେସ କ୍ଲିପିଂ ଯୋଗାଇବା କାର୍ଯ୍ୟ ସମ୍ପାଦିତ ହେବା ସଙ୍ଗେ ସଙ୍ଗେ ସାମ୍ବାଦିକମାନଙ୍କ ସୁବିଧାପାଇଁ ଗୋଟିଏ ପ୍ରେସ ପ୍ରକୋଷ୍ଠ ମଧ୍ୟ ପରିଚାଳିତ ହେଉଛି ।

## ପ୍ରକାଶନ

ଏହି ବିଭାଗ ପକ୍ଷରୁ ପ୍ରକାଶିତ ମାସିକ ଓଡ଼ିଆ ପତ୍ରିକା 'ଉତ୍କଳ ପ୍ରସଙ୍ଗ' ଏବଂ ଇଂରାଜୀ ପତ୍ରିକା 'ଓଡ଼ିଶା ରିଭ୍ୟୁ' ହେଉଛି ରାଜ୍ୟ ସରକାରଙ୍କ ମୁଖପତ୍ର । ଏହି ପତ୍ରିକା ଦ୍ୱୟରେ ପ୍ରକାଶ ପାଉଥିବା ବିଭିନ୍ନ ତଥ୍ୟ ଓ ବିବରଣୀ, ଉନ୍ନୟନ କାର୍ଯ୍ୟକଳାପର ଆଲୋକଚିତ୍ର ଏବଂ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ରାଜ୍ୟର ବିଶିଷ୍ଟ ଲେଖକମାନଙ୍କ ଦ୍ୱାରା ଲିଖିତ-ପ୍ରବନ୍ଧ ଆଦି ପାଠକମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇଛି । ବର୍ତ୍ତମାନ ଉତ୍କଳ ପ୍ରସଙ୍ଗ ୧୫,୦୦୦ ଏବଂ ଓଡ଼ିଶା ରିଭ୍ୟୁ ୨,୦୦୦ ଛପା ଯାଉଛି । ଏହି ପତ୍ରିକା ବିକ୍ରିରୁ ରାଜସ୍ୱ ମଧ୍ୟ ମିଳିପାରୁଛି ।

ଏହି ମାସିକ ପତ୍ରିକା ବାହାରେ ମସ୍ତିଷ୍କ-ଜ୍ୱରର ପ୍ରତିକାର, ପ୍ରୌଢ଼ଶିକ୍ଷାର ପ୍ରସାର, ଅସ୍ପୃଶ୍ୟତା ଦୂରୀକରଣ, ମାଦକଦ୍ରବ୍ୟ ସେବନର ଅପକାରିତା, ଗ୍ରାମ୍ୟ-ଭିତ୍ତିକ ଉନ୍ନୟନ କାର୍ଯ୍ୟକଳାପର ଗୁରୁତ୍ୱ, ବିଭିନ୍ନ ବିକାଶ କ୍ଷେତ୍ରରେ ସାଫଲ୍ୟ ଆଦି ବିଭିନ୍ନ ବିଷୟ ତଥା ସମସ୍ୟା ସମ୍ପର୍କରେ ଜନସାଧାରଣଙ୍କୁ ଅବହିତ ଓ ସଚେତନ କରିବାପାଇଁ ଏହି ବିଭାଗ ତରଫରୁ ବହୁ ସଂଖ୍ୟକ ପ୍ରଚାରପତ୍ର, ପାଚୀରପତ୍ର, ପୁସ୍ତିକା ଓ ଷ୍ଟିକର ଆଦି ପ୍ରକାଶ କରାଯାଇ ବଣ୍ଟାଯାଉଛି ।

## ସୂଚନାକେନ୍ଦ୍ର

ସମସ୍ତ ଜ୍ଞାନ ଆହରଣର ମୂଳରେ ରହିଛି ଶିକ୍ଷା ଏବଂ ଏହି ଶିକ୍ଷା ହିଁ ହେଉଛି ସଭ୍ୟ ଓ ଶକ୍ତିଶାଳୀ ରାଷ୍ଟ୍ରର ମୂଳଭିତ୍ତି । ଜନସାଧାରଣଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ଘଟାଇବା ସଙ୍ଗେ ସଙ୍ଗେ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ବିକାଶ ସମ୍ପର୍କରେ ସେମାନଙ୍କୁ ଅବହିତ କରିବା ଉଦ୍ଦେଶ୍ୟରେ ଏହି ବିଭାଗ ତରଫରୁ ୨୨ଟି ସୂଚନାକେନ୍ଦ୍ର ତଥା ପାଠାଗାର ଖୋଲା ଯାଇଛି । ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ସମେତ ପ୍ରଧାନ ପ୍ରଧାନ ସ୍ଥାନରେ ଏହି ସୂଚନାକେନ୍ଦ୍ର ରହିଛି । ଚଳିତ ବର୍ଷ ପାରାଦୀପ ଏବଂ ତାଳଚେରଠାରେ ଆଉ ୨ଟି ଏଭଳି ସୂଚନାକେନ୍ଦ୍ର ଖୋଲାଯାଇଛି । ଏହି ସୂଚନାକେନ୍ଦ୍ରମାନଙ୍କରେ ପୁସ୍ତକାଗାରର ସୁବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ପାଠକମାନଙ୍କ ପାଇଁ ବିଭିନ୍ନ ସମ୍ବାଦପତ୍ର ଓ ପତ୍ର ପତ୍ରିକା ଯୋଗାଇ ଦିଆଯାଉଛି । ଭୁବନେଶ୍ୱରସ୍ଥିତ 'ସୂଚନା ଭବନ' ନାମରେ ପରିଚିତ ରାଜ୍ୟ ସୂଚନା କେନ୍ଦ୍ରଟି ଏକ ପ୍ରାଧାନ୍ୟ ପୂର୍ଣ୍ଣ ସ୍ଥାନରେ ପରିଣତ ହୋଇଛି । ଏଠାରେ ଏକ ପୁସ୍ତକାଗାର ଓ ପ୍ରଦର୍ଶନୀ କକ୍ଷ ସମେତ ଏକ ଶୀତତାପ ନିୟନ୍ତ୍ରିତ ପ୍ରେକ୍ଷାଳୟ ରହିଛି ।

## ଚଳଚ୍ଚିତ୍ର

ଏହି ବିଭାଗର ଚଳଚ୍ଚିତ୍ର ଶାଖା ଚକ୍ଷୁ-କର୍ଣ୍ଣ-ମାଧ୍ୟମ—ପ୍ରଚାର କାର୍ଯ୍ୟ (ଅଡ଼ିଓ ଭିଜୁଆଲ୍ ପବ୍ଲିସିଟି) ପ୍ରତି ବିଶେଷ ସହାୟକ ହୋଇ ପାରିଛି । ଏହି ଚଳଚ୍ଚିତ୍ର ଶାଖା ଜରିଆରେ ବାର୍ଷିକ ୪ଟି ସମାଚାର ଚଳଚ୍ଚିତ୍ର ଏବଂ ୪ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଆଲୋଚ୍ୟ ବର୍ଷ ପ୍ରଚାର ନିମନ୍ତେ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଉପରେ ଆଧାରିତ ୪ଟି ସମାଚାର ଏବଂ ୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି ।

## ଆଲୋକଚିତ୍ର

ଗଣ ଯୋଗାଯୋଗ କ୍ଷେତ୍ରରେ ଚିତ୍ରେ ସମ୍ବାଦ ବା ସମାଚାର ଚିତ୍ରର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି । ଏହି ବିଭାଗ ଅଧୀନରେ ଏକ ପୂର୍ଣ୍ଣାଙ୍ଗ ଆଲୋକ ଚିତ୍ର ଶାଖା ରହିବା ସଙ୍ଗେ ସଙ୍ଗେ ଏ ଦିଗରେ ଜନସାଧାରଣ ତଥା ସମ୍ବାଦପତ୍ରମାନଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଏହି ଶାଖାରେ ଆବଶ୍ୟକୀୟ ଯନ୍ତ୍ରପାତି ଏବଂ ଉପକରଣର ବ୍ୟବସ୍ଥା କରାଯାଇଛି ।

## ବିଜ୍ଞାପନ

ସମ୍ବାଦପତ୍ରମାନଙ୍କରେ ବିଜ୍ଞାପନ ପ୍ରକାଶନ କାର୍ଯ୍ୟକୁ କେନ୍ଦ୍ରୀଭୂତ କରାଯାଇ ତାହାର ଉପଯୁକ୍ତ ପ୍ରକାଶନ ଦାୟିତ୍ୱ ଏହି ବିଭାଗ ଉପରେ ନ୍ୟସ୍ତ କରାଯାଇଛି ।

ବିଜ୍ଞାପନ, ପୋଷ୍ଟର ଓ ନୋଟିସ ଇତ୍ୟାଦିକୁ ଏହି ବିଭାଗରେ ଯାଞ୍ଚ କରାଯାଇ ସମ୍ବାଦପତ୍ରରେ ପ୍ରକାଶନ ନିମନ୍ତେ ପଠାଯାଉଛି । ଏହା ବ୍ୟତୀତ ବିଭିନ୍ନ ସରକାରୀ ନୀତି, କାର୍ଯ୍ୟକ୍ରମ ତଥା ବିକାଶ କ୍ଷେତ୍ରରେ ଯେଉଁସବୁ ସାଫଲ୍ୟ ଅର୍ଜନ କରାଯାଉଛି ସେସବୁକୁ ପ୍ରଚାରମୂଳକ ବିଜ୍ଞାପନ ଜରିଆରେ ବ୍ୟାପକ ପ୍ରଚାର କରାଯାଉଛି ।

ଆଲୋଚ୍ୟ ବର୍ଷ ୬୯୮୦ ବିଜ୍ଞାପନ (କ୍ଲାସିଫାଏଡ୍) ଏବଂ ୨୬୧ଟି ପ୍ରଚାରମୂଳକ ବିଜ୍ଞାପନ (ଡିସପ୍ଲେ) ଉଭୟ ରାଜ୍ୟ ତଥା ରାଜ୍ୟ ବାହାରର ସମ୍ବାଦପତ୍ର ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । ରାଜ୍ୟ ସରକାରଙ୍କ ନୀତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟକଳାପ ସଂପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ୧୪୫୨ଟି ପ୍ରେସନୋଟ ଓ ସମ୍ବାଦ ବିଭିନ୍ନ ଖବରକାଗଜ ଏବଂ ରେଡ଼ିଓକୁ ଯୋଗାଇ ଦିଆଯାଇଥିଲା ।

## ପ୍ରଦର୍ଶନୀ

ଏହି ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ ମଧ୍ୟରେ ପ୍ରଦର୍ଶନୀ ହେଉଛି ଅନ୍ୟତମ । ଆଲୋଚ୍ୟ ବର୍ଷ ନୂଆ ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ କ୍ଷୁଦ୍ର ଶିଳ୍ପ ମେଳାରେ ଏହି ବିଭାଗ ତରଫରୁ ନିର୍ମିତ ପ୍ରଦର୍ଶନୀ ମଣ୍ଡପ ସବୁ ସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିଲା । ମାଡ୍ରାଜଠାରେ ଅନୁଷ୍ଠିତ ପର୍ଯ୍ୟଟନ ମେଳାରେ ମଧ୍ୟ ଏକ ପ୍ରଦର୍ଶନୀ ମଣ୍ଡପ ଖୋଲା ଯାଇଥିଲା । ରାଜ୍ୟର ବିଭିନ୍ନ ଯାତ୍ରା ଓ ମେଳା ସମେତ ଜନ ସମାବେଶ ସ୍ଥାନମାନଙ୍କରେ କୃଷି, ଶିଳ୍ପ, ପରିବାର କଲ୍ୟାଣ ଇତ୍ୟାଦି ସମ୍ପର୍କରେ ଛୋଟ ଛୋଟ ପ୍ରଦର୍ଶନୀର ବି ଆୟୋଜନ କରାଯାଇଥିଲା ।

## ଗୋଷ୍ଠୀ ଆଲୋଚନା

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କର୍ମକର୍ତ୍ତାଗଣ ଗ୍ରାମାଞ୍ଚଳକୁ ନିୟମିତ ଗସ୍ତରେ ଯାଇ ଗୋଷ୍ଠୀ ଆଲୋଚନା ଓ ସିନେମା ପ୍ରଦର୍ଶନ ଜରିଆରେ ସରକାରଙ୍କ ବିଭିନ୍ନ ନୀତି, କାର୍ଯ୍ୟକ୍ରମ ତଥା ବିକାଶ କ୍ଷେତ୍ରରେ ଯେଉଁସବୁ ସଫଳତା ହାସଲ କରାଯାଉଛି ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଉଛନ୍ତି । ଆଲୋଚ୍ୟ ବର୍ଷ ଏହି ବିଭାଗ ଦ୍ୱାରା ୨୬୦୭ ଥର ସିନେମା ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ୨୩୫୨ଟି ଗୋଷ୍ଠୀ ଆଲୋଚନା କରାଯାଇଥିଲା ।

## ପଲ୍ଲୀଶ୍ରୋତା ମଣ୍ଡଳୀ

ସମଗ୍ର ରାଜ୍ୟରେ ବର୍ତ୍ତମାନ ୧୮୧୫ଟି ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକାରୀ ହେଉଛି । ଏହି ଶ୍ରୋତା ମଣ୍ଡଳୀରେ ସଭ୍ୟମାନେ କୃଷି, ପରିବାର କଲ୍ୟାଣ ଏବଂ ଗ୍ରାମ୍ୟ ବିକାଶ ସଂକ୍ରାନ୍ତ ସମସ୍ତ ବେତାର ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଆକାଶବାଣୀର ପଲ୍ଲୀଶ୍ରୋତା ମଣ୍ଡଳୀ କାର୍ଯ୍ୟକ୍ରମରେ ଏହି ସଭ୍ୟମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦିଆଯିବା ସଙ୍ଗେ ସଙ୍ଗେ ବିଭିନ୍ନ ବିଷୟରେ ସୃଷ୍ଟି ହୋଇଥିବା ସେମାନଙ୍କର ସନ୍ଦେହ ଦୂର କରାଯାଇଥାଏ । ଜିଲ୍ଲାମାନଙ୍କରେ ଅନୁଷ୍ଠିତ ବାର୍ଷିକ ପଲ୍ଲୀଶ୍ରୋତା ମଣ୍ଡଳୀ ଆଲୋଚନା ଚକ୍ରରେ ଗଣଯୋଗାଯୋଗ ମାଧ୍ୟମର ଆୟୋଜନ କରାଯାଇଥାଏ । ଏହି ବିଭାଗ ତରଫରୁ ବର୍ତ୍ତମାନ ୯୯୭୨ଟି ରେଡ଼ିଓ ଗ୍ରାମ ପଞ୍ଚାୟତ, ସ୍କୁଲ, ଯୁବକ ସଂଘ ଏବଂ ଗାଁ ଗହଳରେ ଅବସ୍ଥିତ ବିଭିନ୍ନ ଅନୁଷ୍ଠାନକୁ ଯୋଗାଇ ଦିଆଯାଉଛି । ମାଗଣାରେ ଏହି ରେଡ଼ିଓଗୁଡ଼ିକର ମରାମତି କରାଯିବାର ବ୍ୟବସ୍ଥା କରାଯାଇଛି । ଏସବୁ ରେଡ଼ିଓ ନିମନ୍ତେ ଆବଶ୍ୟକ ପଡୁଥିବା ଯନ୍ତ୍ରାଂଶ ଓ ବ୍ୟାଟେରୀ କୌଣସି ଲାଭ ନିଆନଯାଇ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଉଛି । ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମ ଅନୁଯାୟୀ ବିଜୁଳି ଯୋଗାଇ ଦିଆଯାଇଥିବା ଗ୍ରାମକୁ ବ୍ୟାଟେରୀ ରେଡ଼ିଓ ପରିବର୍ତ୍ତେ ବିଦ୍ୟୁତ୍-ଚାଳିତ ରେଡ଼ିଓ ଯୋଗାଇ ଦିଆଯାଉଛି ।

## ସଙ୍ଗୀତ ଓ ନାଟକ

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଗ୍ରାମାଞ୍ଚଳର ଲୋକମାନଙ୍କୁ ଅବହିତ କରିବା ଦିଗରେ ସଙ୍ଗୀତ ଓ ନାଟକ ହେଉଛି ଉଲ୍ଲେଖନୀୟ ପାରମ୍ପରିକ ଲୋକ-ମାଧ୍ୟମ । ଏହା ଫଳରେ ମଧ୍ୟ ସ୍ଥାନୀୟ କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଯଥା-ପାଲା, ଦାସକାଠିଆ ଓ ନାଚ ଆଦି ପରିବେଷଣ କରି କିଛି ପାରିଶ୍ରମିକ ଉପାର୍ଜନ କରିଥାନ୍ତି । ସାଧାରଣତଃ ସ୍ୱାଧୀନତା-ଦିବସ, ଜନରାଜ୍ୟ ଦିବସ, ଉତ୍କଳ ଦିବସ ଇତ୍ୟାଦି ଉତ୍ସବ ପାଳନ ଅବସରରେ ଏହିଭଳି ସଙ୍ଗୀତ ଓ ନୃତ୍ୟର ଆୟୋଜନ କରାଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ପ୍ରଚାର ମାଧ୍ୟମର ସଦୁପଯୋଗ କରାଯାଇ ବ୍ୟାପକ ପ୍ରଚାରକାର୍ଯ୍ୟ କରାଯାଇଥାଏ ।

## ଉତ୍ସବ ପାଳନ

ଏହି ବିଭାଗ ଜରିଆରେ ରାଜ୍ୟ ସମେତ ସମସ୍ତ ଜିଲ୍ଲା ଓ ସବ୍‌ଡିଭିଜନାଲ ସ୍ତରରେ ସ୍ୱାଧୀନତା ଦିବସ, ଜନରାଜ୍ୟ ଦିବସ, ଉତ୍କଳ ଦିବସ ଭଳି ବିଭିନ୍ନ ଉତ୍ସବ ଯଥାରୀତି ପାଳିତ ହେଉଛି ।

## ଯୁଦ୍ଧ ଫେରନ୍ତା ବ୍ୟକ୍ତି ଓ ସେମାନଙ୍କ ପିଲାମାନଙ୍କର ମେଡ଼ିକାଲ/ଡେଣ୍ଟାଲ କଲେଜରେ ନାମ ଲେଖା

ଯୁଦ୍ଧ ଫେରନ୍ତା ବ୍ୟକ୍ତି ଓ ସେମାନଙ୍କ ପିଲାମାନଙ୍କର ମେଡ଼ିକାଲ/ଡେଣ୍ଟାଲ କଲେଜରେ ନାମ ଲେଖାଇବା ପାଇଁ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରାଳୟ ୩୦ଟି ସ୍ଥାନ ସଂରକ୍ଷିତ ରଖିଛନ୍ତି । ଯେଉଁମାନେ ଶତକଡ଼ା ୫୦ ଭାଗ ନମ୍ବର ରଖିଥିବେ, ସେହିମାନେ କେବଳ ଏଥିପାଇଁ ଦରଖାସ୍ତ ଫର୍ମରେ ଆବେଦନ କରି ପାରିବେ । ଏ ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ଦରଖାସ୍ତ ଫର୍ମ, ସେକ୍ରେଟାରୀ, ଜିଲ୍ଲା ସୈନିକ ବୋର୍ଡ, କଟକ, ଗଞ୍ଜାମ ଓ ଢେଙ୍କାନାଳଙ୍କ ଅଫିସରୁ କିମ୍ବା ସେକ୍ରେଟାରୀ, ରାଜ୍ୟ ସୈନିକ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କଠାରୁ ମିଳିପାରିବ ।

ନାମ ଲେଖାଇବାକୁ ଇଚ୍ଛୁକ ଯୁଦ୍ଧ ଫେରନ୍ତା ବ୍ୟକ୍ତି କିମ୍ବା ସେମାନଙ୍କ ପିଲାମାନେ ତା ୩୧-୫-୧୯୭୯ରିଖ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବେଦନ କରି ଉପରୋକ୍ତ ଅଫିସ୍ ଠିକଣାରେ ପଠାଇବାକୁ ଅନୁରୋଧ କରାଯାଉଛି । ପ୍ରକାଶ ଥାଉକି ନିର୍ଦ୍ଧାରିତ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

# ଶ୍ରମ ଦପ୍ତରର କାର୍ଯ୍ୟକଳାପ

ରାଜ୍ୟ ଶ୍ରମ ଦପ୍ତରର ମୁଖ୍ୟ ଦାୟିତ୍ୱ ହେଲା ଏକ ପକ୍ଷରେ ବିଭିନ୍ନ ଶ୍ରମ ଆଇନ କାନୁନର ପରିପାଳନା ଓ ପ୍ରୟୋଗିକରଣ ଏବଂ ଅନ୍ୟ ପକ୍ଷରେ ଶିଳ୍ପ କ୍ଷେତ୍ରରେ ଶାନ୍ତିର ଆନୟନ ଓ ପ୍ରତିଷ୍ଠା । ୧୯୭୮ ମସିହାରେ ଏହି ଦପ୍ତର ଶିଳ୍ପ ଶାନ୍ତି ପ୍ରତିଷ୍ଠା କରିବାରେ ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି. ଯାହା ଫଳରେ କି ପୂର୍ବ ବର୍ଷର ଶତକଡ଼ା ୩୨.୫ ଶିଳ୍ପ ବିବାଦ ନିଷ୍ପତ୍ତି ତୁଳନାରେ ୧୯୭୮ ମସିହାରେ ଶତକଡ଼ା ୪୪.୫ ଶିଳ୍ପ ବିବାଦ ନିଷ୍ପତ୍ତି କରିବାରେ ସମର୍ଥ ହୋଇଛି ।

ବର୍ତ୍ତମାନ ସମଗ୍ର ରାଜ୍ୟକୁ ୪ଟି ଶ୍ରମ ଅଞ୍ଚଳରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା କଟକ, ସମ୍ବଲପୁର, ରାଉରକେଲା ଓ ଜୟପୁର । ଦିନକୁ ଦିନ ବିଭିନ୍ନ ଶ୍ରମ ଆଇନ କାନୁନର ପରିପାଳନା ଓ ବିଶେଷକରି ଗ୍ରାମିଣ ଦୁଃସ୍ଥ ଏବଂ ଦୁର୍ବଳ ଶ୍ରମିକ ଶ୍ରେଣୀ ଯେଉଁମାନେକି ଏ ପର୍ଯ୍ୟନ୍ତ ସାରା ରାଜ୍ୟରେ ବିଚ୍ଛିନ୍ନ ହୋଇ ଅସଙ୍ଗଠିତ ଅବସ୍ଥାରେ ରହିଛନ୍ତି ଓ ତୁଣ୍ଡ ଝାଳ ମୁଣ୍ଡରେ ମାରୁଛନ୍ତି ସେହିମାନଙ୍କ ସମସ୍ତ ସ୍ୱାର୍ଥରକ୍ଷା ପାଇଁ ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ୨ଟି ଆଞ୍ଚଳିକ ଶ୍ରମ କାର୍ଯ୍ୟାଳୟ ଖୋଲାଯିବାର ପ୍ରସ୍ତାବ ରହିଛି ।

' ସର୍ବନିମ୍ନ ମଜୁରୀ ପରାମର୍ଶ ବୋର୍ଡର ସୁପାରିଶ ଅନୁଯାୟୀ ରାଜ୍ୟ ସରକାର ବିଭିନ୍ନ ତଫସିଲଭୁକ୍ତ ନିଯୁକ୍ତିମାନଙ୍କରେ ଯଥା : କୃଷି, ବାଉଁଶ ଜଙ୍ଗଲ ପ୍ରତିଷ୍ଠାନ, କାଠ ବ୍ୟବସାୟ, କାଠ କଟାଇ ଓ କାଠ ଚିରାଇକୁ ମିଶାଇ, ଧୂଆଁପତ୍ର ବିଡ଼ି ଓ ଗୁଡ଼ାଖୁ ତିଆରିକୁ ମିଶାଇ, କେନ୍ଦୁପତ୍ର ମଦଭାଟି ଲୁଣ ପ୍ରସ୍ତୁତିକରଣ ସଂସ୍ଥା, ଛାପାଖାନା, ପଥରଭଙ୍ଗା ଓ ପଥର ଛେଚା, ରାସ୍ତା ଓ କୋଠା ବାଡ଼ି ନିର୍ମାଣ, ସରକାରୀ ଓ ବେସରକାରୀ ପରିବହନ, ଜଳବନ୍ଧ ଓ ଜଳସେଚନ ଯୋଜନା ପ୍ରଭୃତିର ସର୍ବନିମ୍ନ ମଜୁରୀହାର ଆଇନକୁ ଗ୍ରାମିଣ ସଂସ୍ଥାମାନଙ୍କରେ ଉପଯୁକ୍ତଭାବେ ପରିଚାଳନା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ଏ ସମସ୍ତ କାର୍ଯ୍ୟକ୍ରମ ଛଡ଼ା ଏହା ବିଶେଷଭାବେ ଅନୁଭୂତ ହେଉଛି ଯେ ଏହି ରାଜ୍ୟରେ ବହୁଭାଗ ଶ୍ରମିକ ସେମାନଙ୍କର ସୁଖ, ସୁବିଧା, ଦାବୀ, ଦାୟିତ୍ୱ ସମ୍ପର୍କରେ ଆଦୌ ଅବହିତ ନୁହନ୍ତି । ତେଣୁ ରାଜ୍ୟର ଉପଜାତି ଓ ତଫସିଲଭୁକ୍ତ ଜାତି ଯେଉଁମାନେ କି ରାଜ୍ୟର ଗ୍ରାମାଞ୍ଚଳମାନଙ୍କରେ ବହୁଳଭାବରେ ବସବାସ କରୁଛନ୍ତି ସେମାନଙ୍କ ପାଇଁ ଶ୍ରମ ଆଲୋଚନା ଚକ୍ର ଓ ତାଲିମ କେନ୍ଦ୍ର-ମାନ ଆୟୋଜନ କରିବାର ବିଶେଷ ବ୍ୟବସ୍ଥା ହେଉଛି । ଏହାଫଳରେ ଦରିଦ୍ର ଅଶିକ୍ଷିତ ଆଦିବାସୀ ଶ୍ରମିକମାନେ ସଙ୍ଗଠିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଦାବୀ ଓ ଦାୟିତ୍ୱ ସମ୍ପର୍କରେ ଅବହିତ ହେବେ ଏବଂ ଶିଳ୍ପ ଓ ବ୍ୟବସାୟ କ୍ଷେତ୍ରରେ ବିବେକଶୂନ୍ୟ ଓ ଅତ୍ୟାଚାରୀ ମାଲିକମାନଙ୍କର ଶୋଷଣ ଦାଉରୁ ନିଜକୁ ରକ୍ଷା କରିବା ପାଇଁ ସମର୍ଥ ହେବେ । ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଚଳିତ ଆର୍ଥିକ ବର୍ଷରେ ୧୯୫୬ ମସିହାରେ ଓଡ଼ିଶା ଦୋକାନ ବାଣିଜ୍ୟ ଆଇନର ସୁଚାରୁ ପରିଚାଳନା ପାଇଁ ଅଧିକା କର୍ମଚାରୀ ନିଯୁକ୍ତିର ଏକ ଯୋଜନା ପ୍ରସ୍ତୁତିକରଣ ଲକ୍ଷ୍ୟ ରହିଛି । ଏହା ଫଳରେ ଏହି ଆଇନର ପରିଚାଳନା ସମେତ ଅନ୍ୟାନ୍ୟ ଶ୍ରମ ଆଇନଗୁଡ଼ିକ ମଧ୍ୟ ବିଭିନ୍ନ ଅଞ୍ଚଳରେ ଶିଳ୍ପ ବାଣିଜ୍ୟ ପ୍ରତିଷ୍ଠାନ କ୍ଷେତ୍ରରେ ପରି-ଚାଳନା କରିପାରିବେ ।

ଶିଳ୍ପରେ ଶ୍ରମିକ ସହଯୋଗ ଯୋଜନା ଅନୁଯାୟୀ ଏହି କାର୍ଯ୍ୟକାଳ ମଧ୍ୟରେ ୧୩ଟି ସରକାରୀ ସଂସ୍ଥା, ୩ଟି ପରିବହନ ସଂସ୍ଥା, ୨ଟି ବିଦ୍ୟୁତ୍‌ସଂସ୍ଥା, ୩ଟି ସମବାୟ ସଂସ୍ଥା ଏବଂ ଅନ୍ୟାନ୍ୟ ୨୦ଟି ବେସରକାରୀ ସଂସ୍ଥାରେ ବିପଣୀ ପରିଷଦ ଓ ଯୁଗ୍ମ ପରିଷଦ ଜରିଆରେ କାର୍ଯ୍ୟକାରୀ ହୋଇପାରିଛି ।

ଯେଉଁ ଦାଦନ ଶ୍ରମିକମାନେ ଗୋତି ପ୍ରଥାର ଅନ୍ତର୍ଭୁକ୍ତ ହୋଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବାହାର ରାଜ୍ୟକୁ ଚାଲାଣ ହୋଇ ଯାଉଛନ୍ତି ସେମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଶୋଷଣର ସୀମା କଥାରେ କୁହାଯାଇ ପାରିବ ନାହିଁ । ୧୯୭୮ ମସିହାର କାର୍ଯ୍ୟକାଳ ମଧ୍ୟରେ ଏହି ଗୋତିପ୍ରଥା ଶ୍ରମିକମାନଙ୍କର ଦୁଃଖ ନିରାକରଣ ପାଇଁ ଯଦିଓ କିଛି ବ୍ୟବସ୍ଥା କରାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ । ସେ ଦିଗରେ ଆଉ ବହୁତ କିଛି କରିବାର ଅଛି । ଏହି ଦପ୍ତରର ଦୃଷ୍ଟିକୁ ଆସିଛି ଯେ ବହୁଳ ଶ୍ରମିକ ବିଶେଷ କରି ବାଲୁଗାଁ ତଥା ପୁରୀ ଓ ଗଞ୍ଜାମ ଜିଲ୍ଲାର ସଂଲଗ୍ନ

ସ୍ଥାନମାନଙ୍କରୁ ଅନ୍ୟାନ୍ୟ ରାଜ୍ୟକୁ ଚାଲାଣ ହେଉଛନ୍ତି । ତେଣୁ ନୂଆ କରି ଗୋଟିଏ ଶ୍ରମ ଅଫିସ ଏହି ବର୍ଷରେ ବାଲୁଗାଁରେ ସ୍ଥାପିତ ହୋଇଛି ଏବଂ ଜଣେ ସହକାରୀ ଶ୍ରମ ଅଫିସର ସ୍ୱତନ୍ତ୍ରଭାବେ ସେଠାରେ ନିଯୁକ୍ତି ପାଇ ଅବସ୍ଥାପିତ ହୋଇଛନ୍ତି । ଗଞ୍ଜାମ ଓ ପୁରୀ ଜିଲ୍ଲାରେ ବିଭିନ୍ନ ସ୍ଥାନମାନଙ୍କରେ ଦାଦନ ଶ୍ରମିକମାନଙ୍କର ନିଯୁକ୍ତି ତଥା ନିଯୁକ୍ତି ସଂକ୍ରାନ୍ତିୟ ସମସ୍ୟାମାନଙ୍କର ପୂର୍ଣ୍ଣ ତଦାରଖ କରିବା ହେଉଛି ତାଙ୍କ ମୁଖ୍ୟ ଦାୟିତ୍ୱ । ଏହା ଛଡ଼ା ଦାଦନ ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ବିଭିନ୍ନ କ୍ଷେତ୍ରରେ ସର୍ବୋପରି ରାଜ୍ୟ ବିଧାନ ସଭା ଓ ଲୋକ ସଭାରେ ଆଲୋଚନାମାନ କରାଯାଉଛି । ଏ ମଧ୍ୟରେ ଓଡ଼ିଶାର ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗତ ୨୬।୧୦।୭୮ ତାରିଖରେ ଏକ ଉଚ୍ଚ କ୍ଷମତାପନ୍ନ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକରେ କି ଦାଦନ ଶ୍ରମିକଙ୍କର ଶୋଷଣ ଏବଂ ଏଥିରୁ ତାଙ୍କୁ ରକ୍ଷା କରିବାପାଇଁ ସମୁଚିତ ପନ୍ଥା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ତଦନୁଯାୟୀ ଏକ ସ୍ୱତନ୍ତ୍ର ଅନୁସନ୍ଧାନ ଦପ୍ତର ରାଜ୍ୟ ସରକାରଙ୍କ ଦ୍ୱାରା ଜାମ୍ମୁ ଓ କାଶ୍ମୀର, ପଞ୍ଜାବ, ହରିଆନା, ହିମାଚଳ ପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶ ପ୍ରଭୃତି ରାଜ୍ୟମାନଙ୍କରେ ସ୍ଥାପନ କରିବା ପ୍ରସ୍ତାବିତ ହୋଇଛି । ତେଣୁ ଏଥିପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ଓଡ଼ିଆ ଅଭିଜ୍ଞ ଅଫିସରମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ମଧ୍ୟ ପ୍ରସ୍ତାବିତ ହୋଇଛି । ଏହି ଅଧିକା ଦାୟିତ୍ୱସମ୍ପନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ ଓ ସଫଳକାମ କରିବା ପାଇଁ ରାଜ୍ୟ ଶ୍ରମ ଦପ୍ତରର ମୁଖ୍ୟ କାର୍ଯ୍ୟାଳୟରେ ମଧ୍ୟ ଅଧିକ ଅଫିସର ନିଯୁକ୍ତି କରିବା ବ୍ୟବସ୍ଥା ଚିନ୍ତା କରାଯାଉଛି ।

୧୯୭୮ ମସିହାର କାର୍ଯ୍ୟକାଳ ମଧ୍ୟରେ ଏହି ଶ୍ରମ ଦପ୍ତରଦ୍ୱାରା ୨ଟି ରାଜ୍ୟ ଶ୍ରମ ପରାମର୍ଶଦାତା ବୋର୍ଡ ବୈଠକ (State Labour Advisory Board) ୨ଟି ରାଜ୍ୟ ମୂଲ୍ୟ ନିର୍ଣ୍ଣୟ ଓ କାର୍ଯ୍ୟ ପରିଣତ ସମିତି (State Implementation & Evaluation Committee) ୩ଟି ପୁନଃ ପାଠ୍ୟକ୍ରମ (Refreshers Course) ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟର ଦ୍ରୁତ ଶିଳ୍ପ ବିକାଶ ଓ ତତ୍‌ଜନିତ ଅଙ୍ଗାଙ୍ଗୀ ଭାବେ ସଂପୃକ୍ତଥିବା ଶ୍ରମିକ ସମସ୍ୟାର ସୁଚାରୁ ସମାଧାନ ପାଇଁ ଏହି ଦପ୍ତରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ତ୍ୱରାନ୍ୱିତ ଓ କାର୍ଯ୍ୟଦକ୍ଷ କରିବାପାଇଁ ଅଧିକା ଅଫିସରଙ୍କର ନିଯୁକ୍ତି ଯେ ଏକାନ୍ତ ଅପରିହାର୍ଯ୍ୟ ତାହା ଏ କ୍ଷେତ୍ରରେ ସମିଚୀନ ଓ ସ୍ମରଣୀୟ ।

## ଆସନ୍ତା ବର୍ଷ ୩୦ ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ

ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅସଂପୂର୍ଣ୍ଣ ଥିବା ୩୦ଟି ମଧ୍ୟମ ଜଳସେଚନ ଯୋଜନା କାର୍ଯ୍ୟକାରୀ ହେବ । ଏଥିପାଇଁ ୧୮ କୋଟି ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି ।

ଜଳସେଚନ କ୍ଷେତ୍ରରେ ଆଞ୍ଚଳିକ ବୈଷମ୍ୟ ଦୂର କରିବା ପାଇଁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନାଗୁଡ଼ିକ ମଧ୍ୟରୁ ଢେଙ୍କାନାଳରେ ରମିଆଳ, ଦଦରା ଘାଟି ଓ ଆଉଁଳି; ବଲାଙ୍ଗିରରେ ଅପର ସୁକତେଲ, ଅଙ୍ଗ ଓ ହରିହର ଜୋର ; ପୁରୀରେ ଡାହୁକା ଓ କୁଆଁରିଆ ; କଳାହାଣ୍ଡିରେ ସୁନ୍ଦର ଓ ସାଇପଲା ; ମୟୂରଭଞ୍ଜରେ କାଳୋ, ଖଡ଼କେଇ, ନେଣ୍ଟା, ସୁନେଇ ଓ ବନଦିଆଁ ଆଧୁନିକୀକରଣ ଯୋଜନା ; କେନ୍ଦୁଝରରେ ରେମାଳ ଓ କାନଝାରୀ ; ଗଞ୍ଜାମରେ ରାମନଦୀ, ଋଷିକୁଲ୍ୟା ଜଳସେଚନ ଯୋଜନାର ଆଧୁନିକୀକରଣ, ଦହ, ହରଭଙ୍ଗୀ ଓ ବାଘୁଆ ଦ୍ୱିତୀୟ ପର୍ଯ୍ୟାୟ ; ଫୁଲବାଣୀରେ ପଲାସାଲକି ଓ ବଣା ପିପଲି ; ସମ୍ବଲପୁରରେ ଝୁମର ବାହାଲ, ଗୋହିରା, ହୀରାକୁଦ ବନ୍ଧ ଯୋଜନାର ସଂପ୍ରସାରଣ ଓ ଝାଡ଼ବନ୍ଧ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ସରଫଗଡ଼ ଓ ତଳସରା ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକ ଅନ୍ତର୍ଭୁକ୍ତ ।

# ସାମ୍ବାଦିକ-କର୍ମଶାଳା : ଏକ ନୂତନ ଦିଗ୍‌ଦର୍ଶନ

ଶ୍ରୀ ଗୁରୁକଲ୍ୟାଣ ମହାପାତ୍ର

୧୯୭୯ ଫେବୃଆରୀ ୭ ତାରିଖଠାରୁ ପି. ଆଇ. ଆଇ. (ପ୍ରେସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ) ଏବଂ ସାପ୍ତାହିକ ପ୍ରଗତିବାଦୀର ମିଳିତ ଉଦ୍ୟମରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରସ୍ଥ ଭାରତୀୟ ବିଦ୍ୟା ଭବନ ଗୃହରେ ଦଶ-ଦିନିଆ ସାମ୍ବାଦିକ କର୍ମଶାଳାର ଉଦ୍‌ଘାଟନ ଉତ୍ସବ ରାଜ୍ୟ ମୁଖ୍ୟମନ୍ତ୍ରୀ **ଶ୍ରୀ** ନୀଳମଣି ରାଉତରାୟଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶାର ବିଭିନ୍ନ ସମ୍ବାଦପତ୍ର ତଥା ପତ୍ରପତ୍ରିକାମାନଙ୍କରେ ସହକାରୀ ସଂପାଦକ ବା ସାମ୍ବାଦିକ ଭାବରେ କାର୍ଯ୍ୟ କରୁଥିବା ଯୁବକମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର, ପ୍ରଗତିବାଦୀର ମୁଖ୍ୟ ସଂପାଦକ ଶ୍ରୀ ପ୍ରଦ୍ୟୁମ୍ନ ବଳ, ଏମ୍. ପି., ପ୍ରଗତିବାଦୀର ସଂପାଦକ ଶ୍ରୀ ରବି ଦାସ, ଡ଼ଃ ଭାବଗ୍ରାହି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ଓ ରାଜ୍ୟ ବିଧାନ ସଭାର ଉପ-ବାଚସ୍ପତି ଶ୍ରୀ ସୁରେନ୍ଦ୍ର ନାଥ ନାୟକ ସେହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ।

ଏହି ସାମ୍ବାଦିକ କର୍ମଶାଳାକୁ କର୍ମମୁଖର ତଥା ସର୍ବାଙ୍ଗ ସୁନ୍ଦର କରିବା ନିମନ୍ତେ ପ୍ରଗତିବାଦୀର ମୁଖ୍ୟ ସଂପାଦକ ଶ୍ରୀ ପ୍ରଦ୍ୟୁମ୍ନ ବଳ, ଶ୍ରୀ ରବି ଦାସ (ସଂପାଦକ) ଓ ଶ୍ରୀ ଶାନ୍ତିରଞ୍ଜନ ବେହେରାଙ୍କ ଆନ୍ତରିକ ଉଦ୍ୟମ ତଥା ଅକ୍ଲାନ୍ତ ପରିଶ୍ରମ ବାସ୍ତବିକ ଉଲ୍ଲେଖନୀୟ । ସଂପ୍ରତି ଏହି କର୍ମଶାଳାର ନର୍ଦ୍ଦେଶନା ଦାୟିତ୍ୱରେ ପ୍ରେସଇନ୍‌ଷ୍ଟିଚ୍ୟୁଟର ସଦସ୍ୟ ଶ୍ରୀ କେ. ଭୁପାଲ କାର୍ଯ୍ୟ କରୁଛନ୍ତି । ଏହାର ପରିଚାଳନା ଦାୟିତ୍ୱରେ ଯୁବ ସାମ୍ବାଦିକ ଶ୍ରୀ ଶାନ୍ତିରଞ୍ଜନ ବେହେରା ରହିଥିଲେ ।

ଦୈନିକ ସମ୍ବାଦପତ୍ରମାନଙ୍କ ମଧ୍ୟରୁ ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ସ୍ୱରାଜ୍ୟ, ଧରିତ୍ରୀ, ରାଷ୍ଟ୍ରଦୂତ, ଯୁଗ-ବାର୍ତ୍ତା ଓ ନିଉଜ୍ ଅଫ୍ ଦି ଓ୍ୱାର୍ଲ୍ଡ ଏବଂ ସାପ୍ତାହିକ ପତ୍ରିକା-ମାନଙ୍କ ମଧ୍ୟରୁ ପ୍ରଗତିବାଦୀର ପ୍ରତିନିଧିମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ଦୁଇ ଜଣ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ମାସିକ ପତ୍ରିକାମାନଙ୍କ ମଧ୍ୟରୁ ଡ଼ଗର, କୁରୁକ୍ଷେତ୍ର ଓ ଚଳଚ୍ଚିତ୍ର ଜଗତର ପ୍ରତିନିଧିମାନେ ଏଥିରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଅଂଶ ଗ୍ରହଣ-କାରୀଙ୍କର ସଂଖ୍ୟା ଥିଲା ୨୫ ।

ଦୈନିକ ସକାଳ ୯ ଟା ଠାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଏ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ପ୍ରତିନିଧି-ମାନଙ୍କୁ ସମ୍ବାଦପତ୍ରର ତାତ୍ତ୍ୱିକ ବିଭାବ ସମ୍ବନ୍ଧରେ ତାଲିମ୍ ଦିଆ ଯାଇଥିଲା । ରିପୋର୍ଟିଂ କରିବା, ସହ ସଂପାଦକ ଓ ବାର୍ତ୍ତା ସଂପାଦକ ଭାବରେ କାର୍ଯ୍ୟ କରିବାର ବିଭିନ୍ନ ପ୍ରଣାଳୀ-ଗୁଡ଼ିକ ମଧ୍ୟ ଉତ୍ତମ ଭାବରେ ବୁଝାଇ ଦିଆ ଯାଇଥିଲା ।

ଏତଦ୍‌ବ୍ୟତୀତ ବହୁବିଧ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ସମୟରେ ପି. ଆଇ. ଆଇର ନିର୍ଦ୍ଦେଶକ ସାଂବାଦିକ ଶ୍ରୀ ଚଞ୍ଚଳ ସରକାର, ବିଦୁର ହିନ୍ଦୀ ପତ୍ରିକାର ସଂପାଦକ ଶ୍ରୀ କେ. ଭୁପାଲ୍, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ବିଭାଗ ମୁଖ୍ୟ ଶ୍ରୀ ଚିନ୍ତାମଣି ମହାପାତ୍ର, ମାଡ୍ରାସର ଷ୍ଟେଟସ୍‌ମ୍ୟାନ ପ୍ରତିନିଧି ଶ୍ରୀ ଏସ୍. ରଜାପ୍ପା, ମାଡ୍ରାସର ଟାଇମ୍‌ସ ଅଫ୍ ଇଣ୍ଡିଆ ପ୍ରତିନିଧି ଶ୍ରୀ ପ୍ରସାଦ ରାଓ, ଡ଼କ୍ଟର ଭାବଗ୍ରାହି ମିଶ୍ର ପ୍ରମୁଖ ବିଶିଷ୍ଟ ସାମ୍ବାଦିକ ଓ ଶିକ୍ଷାବିତ୍‌ମାନେ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ଆମ ସମ୍ବାଦପତ୍ରଗୁଡ଼ିକର ସମସ୍ୟା ଓ ସମାଧାନ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ ।

ଏହି ଯୁବ ସାମ୍ବାଦିକମାନଙ୍କୁ ସାମ୍ବାଦିକତାର ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ନିମନ୍ତେ ରାଜଧାନୀସ୍ଥ ରିଜିଓନାଲ ରିସର୍ଚ୍ଚ ଲାବୋରେଟୋରୀ, ନନ୍ଦନ କାନନ, ଗ୍ରାମ୍ୟ ଉନ୍ନୟନ ଯୋଜନା ଅନ୍ତର୍ଭୁକ୍ତ ପଟିଆ, ରଘୁନାଥପୁର, ରିଞ୍ଜଣା ପଦ୍-

କେଶରପୁର ଗ୍ରାମ ସମୂହ ଓ ସିମଳା ପାଟଣା, ବିଶ୍ୱନାଥପୁର, ଚୁଡ଼ିମହଲ, ବାଲି ପାଟଣା, ଶିଶିପୁର, ଖଇରିପୁର, ଭାଳର ସାହି ପ୍ରଭୃତି ଗ୍ରାମମାନଙ୍କର ପାଠାଗାର, ବିଦ୍ୟାଳୟ, ମହିଳା ସମିତି, ଯୁବକ ସଂଘ ଓ ଖେଳ ଜମି ପ୍ରଭୃତିକୁ ପରିଦର୍ଶନ ଓ ରିପୋର୍ଟିଂ ପାଇଁ ନିଆ ଯାଇଥିଲା । ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକର ସଦାଶିବପୁର ଗ୍ରାମର କୋ-ଅପରେଟିଭ୍ ଫାର୍ମ, ଓଡ଼ିଶା ରାଜ୍ୟ ବିଧାନ ସଭା, ରାଜ୍ୟ ଫ୍ରେସ୍ ୱାଟର ଇନ୍ଷ୍ଟିଚ୍ୟୁଟ ପ୍ରଭୃତି ସ୍ଥାନକୁ ଏହି ଯୁବ ସାମ୍ବାଦିକମାନେ ଯାଇ ମଧ୍ୟ ରିପୋର୍ଟିଂ କରିଥିଲେ । ଏହା ବ୍ୟତୀତ ସେମାନେ ମଧ୍ୟ କୋଣାର୍କ ପରିଦର୍ଶନରେ ଯାଇଥିଲେ । ପରିଦର୍ଶନ ଦ୍ୱାରା ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ପରେ ଏହି ଯୁବ ସାମ୍ବାଦିକମାନେ ସେ ସବୁ ସ୍ଥାନ, ଗ୍ରାମ ଓ ଅନୁଷ୍ଠାନମାନଙ୍କ ଉପରେ ପୁଙ୍ଖାନୁପୁଙ୍ଖ ବିବରଣୀ ସହ ନିବନ୍ଧ ବା ଫିଚର ମଧ୍ୟ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଥିଲେ । ଏହି ସବୁ ଅନୁଷ୍ଠାନଗୁଡ଼ିକର ଉଚ୍ଚ ପଦସ୍ଥ କର୍ମକର୍ତ୍ତାମାନଙ୍କ ମଧ୍ୟରୁ ରିଜିଓନାଲ ରିସର୍ଚ୍ଚ ଲବୋରେଟୋରୀ ନିର୍ଦ୍ଦେଶକ, ରାଜ୍ୟ ବିଧାନ ସଭାର ଉପ ବାଚସ୍ପତି, ନନ୍ଦନକାନନର ଚିଫ୍ କଞ୍ଜରଭେଟର, ଫ୍ରେସ୍ୱାଟର୍ ଇନ୍ଷ୍ଟିଚ୍ୟୁଟର ଅଧ୍ୟକ୍ଷ, ଭୁବନେଶ୍ୱର ସବ୍ ଡିଭିଜନର ଏସ୍. ଡି. ଓ. ଏବଂ ଭୁବନେଶ୍ୱର ବ୍ଲକର ବି. ଡି. ଓ ଚଉଦ୍ୱାର କଳିଙ୍ଗ ଟ୍ୟୁବ୍ସର ମ୍ୟାନେଜର, ଇଫ୍କୋର ପବ୍ଲିକ ରିଲେସନ ଅଫିସର, ବାଲିପାଟଣା ବ୍ଲକର ବି. ଡି. ଓ. ତଥା ବିଭିନ୍ନ ଗ୍ରାମବାସୀ ଓ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାମାନେ ବିଭିନ୍ନ ଭାବରେ ସାହାଯ୍ୟ ଓ ସହଯୋଗ କରିଥିଲେ ।

ରାଜ୍ୟ ସୂଚନା ଭବନଠାରେ ଗତ ଫେବୃଆରୀ ୧୬ରେ ଏହି ଦଶ ଦିନିଆ ସାମ୍ବାଦିକ କର୍ମଶାଳାର ଉଦ୍ୟାପନ ଉତ୍ସବ ମହା ସମାରୋହରେ ପାଳିତ ହୋଇଥିଲା । ଏ ଉତ୍ସବରେ ଭାରତୀୟ ବିଦ୍ୟା ଭବନ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ଶ୍ରୀ ବନମାଳୀ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । 'ସମାଜ'ର ସଂପାଦକ ଡ଼ଃ ରାଧାନାଥ ରଥ ବିଶିଷ୍ଟ ଅତିଥି ଭାବରେ ଏହାର ଉଦ୍ଯାପନ ଉତ୍ସବରେ ଯୋଗ ଦେଇ ଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂ ମୁଖ୍ୟ ଅତିଥି ଭାବରେ ଯୁବ ସାମ୍ବାଦିକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଓଡ଼ିଶା ବିଧାନ ସଭାର ଉପବାଚସ୍ପତି ଶ୍ରୀ ସୁରେନ୍ଦ୍ର ନାଥ ନାୟକ ଅଭ୍ୟର୍ଥନା ସମିତିର ଚେୟାରମେନ ଭାବରେ ମଧ୍ୟ ସଂବାଦପତ୍ରର ସଂପାଦକ ତଥା ଯୁବ ସାମ୍ବାଦିକମାନଙ୍କୁ ନିର୍ଭିକ ହେବାପାଇଁ ଅନୁରୋଧ କରିଥିଲେ । ଡ଼ଃ ରାଧାନାଥ ରଥ ଯୁବ ସାମ୍ବାଦିକମାନଙ୍କୁ ଗ୍ରାମାଞ୍ଚଳକୁ ଯାଇ ଗ୍ରାମ ସଂବାଦ ପରିବେଷଣ କରିବା ପାଇଁ ତାଙ୍କ ଭାଷଣ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ । ତାଙ୍କ ମତରେ ସାମ୍ବାଦିକମାନେ କେବଳ ସହରାଞ୍ଚଳ ସମ୍ବାଦ ପରିବେଷଣ କରୁଥିବାରୁ ଗ୍ରାମ ବହୁଳ ଭାରତ ବର୍ଷର ଗ୍ରାମାଞ୍ଚଳ ସମସ୍ୟାଗୁଡ଼ିକ ସମ୍ବାଦପତ୍ରମାନଙ୍କରେ ସ୍ଥାନ ପାଇ ପାରୁ ନାହିଁ । ପ୍ରଗତିବାଦୀର ସଂପାଦକ ଶ୍ରୀ ରବି ଦାସ ଏ ସାମ୍ବାଦିକ କର୍ମଶାଳାକୁ ସାଫଲ୍ୟମଣ୍ଡିତ କରିଥିବା ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ପ୍ରଦ୍ୟୁମ୍ନ ବଳ ମଧ୍ୟ ନିର୍ଭୀକ ତଥା ସନ୍ଧାନ ମୂଳକ ସମ୍ବାଦ ପରିବେଷଣ କରିବାକୁ ସେହି ଉଦ୍‌ଯାପନ ସଭାରେ ଯୁବ ସାମ୍ବାଦିକମାନଙ୍କୁ ଶପଥ ନେବାକୁ ପରାମର୍ଶ ଦେଇଥିଲେ । ଏହି କର୍ମ ଶାଳାର ନିର୍ଦ୍ଦେଶକ ଶ୍ରୀ କେ. ଭୂପାଲ ତାଙ୍କ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟମାନଙ୍କରେ ସାମ୍ବାଦିକତା ପାଠ୍ୟକ୍ରମ ରଖାଯାଇ ଛାତ୍ରମାନଙ୍କୁ ତାଲିମ ଦେଲେ ଭବିଷ୍ୟତରେ ଓଡ଼ିଶାର ଯୁବକମାନେ ସଫଳ ସାମ୍ବାଦିକ ହୋଇ ପାରିବେ ବୋଲି କହିଥିଲେ । ପରିଶେଷରେ ଶ୍ରୀ ବନମାଳୀ ପଟ୍ଟନାୟକ ତାଙ୍କ ଅଭିଭାଷଣରେ ଖେଦୋକ୍ତି ପ୍ରକାଶ କରି କହିଥିଲେ ଯେ ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ସମ୍ବାଦ ପତ୍ରର ଦୁଇଟି ସଂସ୍କରଣ (ସକାଳ ଓ ସନ୍ଧ୍ୟା) ହେଉଥିବା ବେଳେ ଆମ ଓଡ଼ିଶାରେ ତାହା ସମ୍ଭବ ହୋଇ ପାରିନାହିଁ । କଟକ, ଭୁବନେଶ୍ୱର, ପୁରୀ, ବାଲେଶ୍ୱର ପ୍ରଭୃତି ରାଜଧାନୀ ସନ୍ନିକଟ ଅଞ୍ଚଳଗୁଡ଼ିକ ଛାଡ଼ିଦେଲେ ଓଡ଼ିଶାର ବହୁ ଅଞ୍ଚଳରେ ଓଡ଼ିଆ ସମ୍ବାଦପତ୍ର ଗୋଟିଏ ଦିନ ଡ଼େରିରେ ପହଞ୍ଚୁଛି । ଏହିପରି ଭାବରେ ସେ କେତେଗୋଟି ସମସ୍ୟାର ଆଲୋଚନା କରିଥିଲେ, ତା ପରେ ସଭା ସଂଗ ହୋଇଥିଲା ।

କାନ୍ତ କୁଟୀର, ଡ଼ି/୪, ଲେବର କଲୋନୀ ଖାରବେଳ
ନଗର, ଭୁବନେଶ୍ୱର–୧



# ମାନ୍ଦ୍ରାଜଠାରେ ପର୍ଯ୍ୟଟନ ମେଳା

**ଶ୍ରୀ ପ୍ରକାଶ ଚନ୍ଦ୍ର ପାଢ଼ୀ**

ଦକ୍ଷିଣ ଭାରତର ସର୍ବ ବୃହତ୍ ନଗରୀ ମାନ୍ଦ୍ରାଜଠାରେ ନିଖିଳ ଭାରତ ପର୍ଯ୍ୟଟନ ମେଳା ଦୀର୍ଘ ଦୁଇ ମାସ ଧରି ଅନୁଷ୍ଠିତ ହୋଇଥିଲା । ମାନ୍ଦ୍ରାଜଠାରେ ପ୍ରବଳ ବର୍ଷା ଡ଼ିସେମ୍ବର ମାସ ଶେଷ ସପ୍ତାହରେ ଶେଷ ହେବା ପରେ ଏହି ପ୍ରଦର୍ଶନୀ ୧୯୭୯ ଜାନୁଆରୀ ସାତ ତାରିଖରୁ ଉଦ୍‌ଘାଟିତ ହୋଇ ମାର୍ଚ୍ଚ ମାସ ୧୧ ତାରିଖରେ ଉଦ୍‌ଯାପିତ ହୋଇଥିଲା । ବଙ୍ଗୋପସାଗର ବେଳାଭୂମି ସଂଲଗ୍ନ କୁମ୍ ନଦୀର ଦ୍ୱୀପ ମଧ୍ୟରେ ଏହି ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ନଅ ଗୋଟି ରାଜ୍ୟ ଅଂଶ ଗ୍ରହଣ କରି ପର୍ଯ୍ୟଟନ ଓ ବାଣିଜ୍ୟ ବ୍ୟବସାୟଗତ ପ୍ରଦର୍ଶନୀ ମଣ୍ଡପ ଖୋଲିଥିଲେ । ଓଡ଼ିଶା, ବଙ୍ଗଳା, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ମେଘାଳୟ, ହିମାଚଳ ପ୍ରଦେଶ, ତାମିଲନାଡୁ, ଆନ୍ଧ୍ର ଓ କେରଳ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକର ମଧ୍ୟ ବ୍ୟବସାୟ ବାଣିଜ୍ୟ ମଣ୍ଡପ ଖୋଲି ନିଜର ଶିଳ୍ପ ଓ ସଂସ୍କୃତିର ପରାକାଷ୍ଠା ସଂପର୍କରେ ଜନସାଧାରଣଙ୍କୁ ଅବହିତ କରିଥିଲେ । ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ମାନ୍ଦ୍ରାଜ ମେଳାରେ ପର୍ଯ୍ୟଟନ ଶିବିର ଏକ ଆକର୍ଷଣୀୟ ମଣ୍ଡପ ଖୋଲିଥିଲେ । ସେଥିରେ ପର୍ଯ୍ୟଟନ ଶିବିର ବିକାଶ ସମେତ ଓଡ଼ିଶାର କଳା, ସଂସ୍କୃତି, ସ୍ଥାପତ୍ୟ ଓ ଜନ ଜୀବନ ସଂପର୍କରେ ବହୁ ଆକର୍ଷଣୀୟ ତଥ୍ୟ ଉପସ୍ଥାପିତ କରାଯାଇଥିଲା । ଏହି ପ୍ରଦର୍ଶନୀ ଦେଖିବାପାଇଁ ଦର୍ଶକ ଭିଡ଼ ଲାଗି ରହିଥିଲା । ପର୍ଯ୍ୟଟନ ମେଳା ଶେଷ ହେବା ପୂର୍ବରୁ ବିଚାରକ ମଣ୍ଡଳୀ ଓଡ଼ିଶା ମଣ୍ଡପକୁ ସର୍ବ ଶ୍ରେଷ୍ଠ ବିଚାର କରି ପୁରସ୍କାର ପ୍ରଦାନ କରିଥିଲେ । ତାମିଲ୍‌ନାଡୁରେ ପର୍ଯ୍ୟଟନ ବିଭାଗକୁ ସୁସଂଗଠିତ କରିବା ପାଇଁ ଭାରତ ସରକାର ତାମିଲ୍‌ନାଡୁ ସରକାରଙ୍କୁ ବିଶେଷ ଉତ୍ସାହିତ କରିଥିଲେ । ତାମିଲ୍‌ନାଡୁର ଏହି ମେଳାରେ ଓଡ଼ିଶା ପର୍ଯ୍ୟଟନ ଶିବିର ବିଷୟବସ୍ତୁ ଓ ଓଡ଼ିଶା ରାଜ୍ୟର ଶିଳ୍ପ, କଳା, ସଂସ୍କୃତି ଓ ସ୍ଥାପତ୍ୟ ସର୍ବୋତ୍କୃଷ୍ଟ ବିବେଚିତ ହେବା ବାସ୍ତବିକ ଓଡ଼ିଶା ପକ୍ଷରେ କମ୍ ଗୌରବର ବିଷୟ ନୁହେଁ । ମଣ୍ଡପର ଦ୍ୱାର ଦେଶରେ ରତ୍ନଗିରି ଦ୍ୱାରର ସ୍ଥାପତ୍ୟ, ସାମନା କାନ୍ଥରେ ପୁରୀ, କୋଣାର୍କ ଓ ଭୁବନେଶ୍ୱର ମନ୍ଦିରଗୁଡ଼ିକର ଦୃଶ୍ୟ, ଓଡ଼ିଶାର ବେଳାଭୂମି, ଚିଲିକା ହ୍ରଦ, ନନ୍ଦନ କାନନ ପ୍ରଭୃତିର ଦୃଶ୍ୟ ସମସ୍ତଙ୍କୁ ମୁଗ୍ଧ କରିଥିଲା । ଚଳିତ ବର୍ଷ ଓଡ଼ିଶା ପ୍ରଗତି ପଥରେ ଆଗେଇବା ଦିଗରେ ଏହା ଏକ ଶୁଭ ପଦକ୍ଷେପ ।

ସୂଚନା ଓ ଲୋକ ସଂପର୍କ ବିଭାଗ

---

## ୫ ଲକ୍ଷ ୯୨ ହଜାର ହେକ୍ଟର ଜମିରେ ତୈଳବୀଜ ଚାଷ

ଦେଶବ୍ୟାପୀ ଖାଇବା ତେଲର ଅଭାବ ଦେଖା ଦେଇଥିବା ଦୃଷ୍ଟିରୁ ରାଜ୍ୟ ସରକାର ଏକ ବ୍ୟାପକ ଅଞ୍ଚଳରେ ତୈଳବୀଜ ଚାଷ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହି ଅନୁଯାୟୀ ଚଳିତ ବର୍ଷ ୫ଲକ୍ଷ ୯୨ ହଜାର ୩୬୧ ହେକ୍ଟର ଜମିରେ ବିଭିନ୍ନ କିସମ ତୈଳବୀଜ ଚାଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ।

ଜଳସେଚିତ ଅଞ୍ଚଳମାନଙ୍କରେ ଦୁଇଟି ଧାନ ଫସଲ ଉଠାଇବାର ମଧ୍ୟବର୍ତ୍ତୀ ସମୟରେ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନ ଫସଲ ପରେ ଜମିରେ ଭଲ ବତର ରହୁଥିବା ଅବସ୍ଥାରେ ସୋରିଷ, ରାଶି, ଚିନାବାଦାମ, ଜଡ଼ା ଆଦି ତୈଳବୀଜ ଚାଷ କରିବାକୁ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଏଥିପାଇଁ କ୍ଷୁଦ୍ର, ନାମମାତ୍ର ଏବଂ ଆଦିବାସୀ ଚାଷୀମାନଙ୍କୁ ରିହାତି ମୂଲ୍ୟରେ ବିହନ, ସାର, କୀଟନାଶକ ଔଷଧ ଏବଂ କୃଷି ଯନ୍ତ୍ରପାତି ଆଦି ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ଫଳରେ ଏ ବର୍ଷ ୭ ଲକ୍ଷ ୯୨ ହଜାର ଟନ୍ ତୈଳବୀଜ ଉତ୍ପାଦିତ ହେବା ଆଶା କରାଯାଉଛି ।

*With Best Compliments From :*

**HINDUSTAN AERONAUTICS LIMITED**

(KORAPUT DIVISION)

POST: SUNABEDA-763002

DIST: KORAPUT (ORISSA)

# ଜିଲ୍ଲା ପରିକ୍ରମା

## ପ୍ରଗତି ପଥେ 'ପାଦ୍ରି ପଡ଼ା'

ଫୁଲବାଣୀ ଜିଲ୍ଲା ଅନ୍ତର୍ଗତ 'ପାଦ୍ରିପଡ଼ା' ଶହେଟି ପରିବାରକୁ ନେଇ ଛୋଟିଆ ଗାଁ ଟିଏ । 'ପାଦ୍ରି' ଶବ୍ଦର ଅର୍ଥ ହେଉଛି ପାହାଡ଼ ମଧ୍ୟରେ ଅବସ୍ଥିତ ଏକ ଉପତ୍ୟକା ଏବଂ 'ପଡ଼ା'ର ଅର୍ଥ ଛୋଟିଆ ଗାଁ । ଏକଦା ଏହି ଗାଁର ଅଧିକାଂଶ ଆଦିବାସୀ କନ୍ଧ ଅଧିବାସୀମାନେ ମଦ୍ୟପାନରେ ଅଭ୍ୟସ୍ତ ଥିଲେ । ଗ୍ରାମବାସୀମାନଙ୍କ ଦ୍ୱାରା ହାସଲ କରାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ବିଗତ ୪-୫ ବର୍ଷ ହେଲା ସେମାନେ ସ୍ୱତଃପ୍ରବୃତ୍ତଭାବେ ମଦ୍ୟ ପାନ ତ୍ୟାଗ କରି ସାରିଲେଣି । ଏହି ଆଦିବାସୀମାନଙ୍କ ସହିତ ଆଲୋଚନାରୁ ଜଣା ଯାଇଛି ଯେ ଦୀର୍ଘଦିନ ଧରି ମଦ୍ୟ ପାନ କରିବା ଫଳରେ ସେମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିପାରି ନ ଥିବା ସଙ୍ଗେ ସଙ୍ଗେ ଅସାଧୁ ବ୍ୟବସାୟୀମାନଙ୍କ କ୍ରମାଗତ ଶୋଷଣର ଶୀକାର ମଧ୍ୟ ହୋଇଛନ୍ତି । ସେମାନେ ଆନନ୍ଦର ସହିତ ଏ କଥା ମଧ୍ୟ ସ୍ୱୀକାର କରିଛନ୍ତି ଯେ ଏହି କୁଅଭ୍ୟାସ ମଦ୍ୟ ପାନ ପରିହାର କରିବାଦ୍ୱାରା ସେମାନେ ସଂପ୍ରତି ପୂର୍ବାପେକ୍ଷା ଉନ୍ନତି କରିଛନ୍ତି ।

ଏହି ଆଦିବାସୀମାନେ ମଦ୍ୟ ପାନ ଓ ନିଶାଦ୍ରବ୍ୟ ସେବନରୁ ନିବୃତ୍ତ ହୋଇ କ୍ଷୁଦ୍ର ସଞ୍ଚୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଛନ୍ତି । ଗ୍ରାମର ୯୯ ଟି ପରିବାର ମଧ୍ୟରୁ ୮୬ ଟି ପରିବାର ପାସ୍ ବୁକ୍ ଖୋଲିଛନ୍ତି ଏବଂ ଅନ୍ୟମାନେ ଖୁବ୍ ଶୀଘ୍ର ପାସ୍ ବୁକ୍ ଖୋଲିବେ । ସେମାନେ ମଦ୍ୟ ପରିବର୍ତ୍ତେ 'ଚା' ପାନକୁ ପର୍ବ ପର୍ବାଣୀ ଅବସରର ଚଳଣି ପ୍ରଥା ତଥା ଶୁଭାଗମନର ସ୍ମାରକୀ ସ୍ୱରୂପ ପ୍ରଚଳନ କରାଇଛନ୍ତି ।

ଗ୍ରାମବାସୀମାନେ ମଦ୍ୟ କବଳରୁ ରକ୍ଷା ପାଇ ନିଜେ ନିଜ ଗ୍ରାମର ବିକାଶମୂଳକ କାର୍ଯ୍ୟକ୍ରମରେ ସକ୍ରିୟଭାବେ ଜଡ଼ିତ ରହୁଛନ୍ତି । କାମ ବିନିମୟରେ ଶସ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ସେମାନେ ପାହାଡ଼ ସଫା କରି ଜିପ୍ ଯାତାୟତ କରି ପାରିବା ଭଳି ପ୍ରାୟ ଦୁଇ କିଲୋମିଟର ରାସ୍ତାଟିଏ ନିର୍ମାଣ କରିଛନ୍ତି । ଏହି ରାସ୍ତାର ଦୂରତା ଅଳ୍ପ ବୋଲି କିଛି ଯାଏ ଆସେ ନାହିଁ । କଠିନ ପରିଶ୍ରମ ସତ୍ତ୍ୱେ ଏହି ନୂତନ ଲକ୍ଷ୍ୟ ହାସଲ କରିବା ଦିଗରେ ସେମାନଙ୍କର ଯେଉଁ ଅଦମ୍ୟ ଉତ୍ସାହ ରହିଛି, ତାହା ହିଁ ବିସ୍ମୟର ବିଷୟ । ଆଖ ପାଖ ଗାଁଗୁଡ଼ିକ ସହିତ ନିଜ ଗାଁ କୁ ରାସ୍ତା ଦ୍ୱାରା ସଂଯୋଗ କରିବାପାଇଁ ସେମାନେ ବର୍ତ୍ତମାନ ଚେଷ୍ଟା ଚଳାଇଛନ୍ତି । ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଅର୍ଦ୍ଧାଧିକ ଗ୍ରାମବାସୀମାନେ ସଂପୂର୍ଣ୍ଣ କରି ସାରିଲେଣି ।

ଦୁଇଗୋଟି ଗୋଷ୍ଠୀକୂପ ବ୍ୟତୀତ ଗ୍ରାମରେ ବର୍ତ୍ତମାନ ୧୭ଟି କୂପ ରହିଛି । ସମବାୟ ଋଣ ସାହାଯ୍ୟରେ ଉକ୍ତ କୂପଗୁଡ଼ିକ ନିର୍ମାଣ କରାଯାଇଛି । ଗ୍ରାମର ପ୍ରାୟ ଅର୍ଦ୍ଧେକ ଲୋକଙ୍କର ଜଳସେଚନ ସୁବିଧା ଉପଯୋଗୀ ଜମି ରହିଛି । ଆସନ୍ତା ଦୁଇବର୍ଷ ମଧ୍ୟରେ ସେମାନେ ଜଳସେଚନ ସୁବିଧା ପାଇ ପାରିବେ ବୋଲି ଆଶା କରୁଛନ୍ତି ।

ଗ୍ରାମରେ ସଂପୂର୍ଣ୍ଣ ନିଶା ନିବାରଣ କରାଯିବା ମହିଳାମାନଙ୍କର ଏକ ଉଲ୍ଲେଖଯୋଗ୍ୟ ଅବଦାନ । ଏହି କାର୍ଯ୍ୟକ୍ରମକୁ ତାଙ୍କର ପଡ଼ୋଶୀ ଗ୍ରାମରେ କାର୍ଯ୍ୟକାରୀ କରାଇବାପାଇଁ ମଧ୍ୟ ସେମାନେ ଚେଷ୍ଟା ଚଳାଉଛନ୍ତି ଓ ଏହା ସେଠାରେ ଫଳବତୀ ହେଉଛି । ଗ୍ରାମର ଯୁବକ ସଂଘ ପରିଷ୍କାର ପରିଚ୍ଛନ୍ନତା ତଥା ସର୍ବାଙ୍ଗୀନ ବିକାଶ ପ୍ରତି ଦୃଷ୍ଟି ଦେଉଛନ୍ତି ।

ମୋଟାମୋଟି ଭାବେ ଜଣାଯାଏ ଯେ ଏଭଳି ଗୋଟିଏ ଆଦିବାସୀ ଗାଁ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିବା ଦ୍ୱାରା ସମସ୍ତଙ୍କର ପ୍ରଶଂସନୀୟ ହୋଇପାରିଛି । ପାଦ୍ରିପଡ଼ା ଗ୍ରାମବାସୀମାନେ ସେମାନଙ୍କ ଅନଗ୍ରସର ପଡ଼ୋଶୀ ଗ୍ରାମମାନଙ୍କ ନିମନ୍ତେ ନିଜକୁ ଆଲୋକବର୍ତ୍ତିକା ରୂପେ ପ୍ରମାଣିତ କରିଛନ୍ତି ବୋଲି କହିଲେ ଅତିରଞ୍ଜିତ ହେବ ନାହିଁ ।

# ପୁରୀ ଜିଲ୍ଲା

# କ୍ଷୁଦ୍ର କୃଷୀ ଉନ୍ନୟନ ସଂସ୍ଥାର ଅଗ୍ରଗତି

ଶ୍ରୀ ପ୍ରାଣକୃଷ୍ଣ ବେବହେର
ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ପୁରୀ

ପୁରୀ ଜିଲ୍ଲା କ୍ଷୁଦ୍ରକୃଷୀ ଉନ୍ନୟନ ସଂସ୍ଥା ୧୯୭୪ ମସିହା ଅକ୍ଟୋବର ମାସ ୨୮ ତାରିଖରେ ଗଠିତ ହେଲା । କ୍ଷୁଦ୍ରକୃଷୀ, ନାମମାତ୍ର କୃଷୀ ଓ କୃଷି ଶ୍ରମିକଙ୍କର ବିଭିନ୍ନ ପ୍ରକାର ସମସ୍ୟା ଅନୁଧ୍ୟାନ କରି ସେମାନଙ୍କର ଅର୍ଥନୈତିକ ଉନ୍ନତି ଘଟାଇବା କଳ୍ପେ ଏହି ସଂସ୍ଥାର ସୃଷ୍ଟି । ଦେଶରେ ଏହିପରି ବିଭିନ୍ନ ଉନ୍ନୟନ ସଂସ୍ଥା ସବୁ ଗଠନ କରାଯାଇ ସମାଜରେ ଗରିବ ତଥା ଦୁର୍ବଳ ଶ୍ରେଣୀ ଲୋକଙ୍କ ଅର୍ଥନୈତିକ ଉନ୍ନତି ଘଟାଇବା ସରକାରଙ୍କ ଲକ୍ଷ୍ୟ । ତେବେ ଏ ସବୁ କେତେଦୂର କାର୍ଯ୍ୟକାରୀ କରାଯାଇଛି ତାହା ସଂସ୍ଥାର ବିଭିନ୍ନ ଯୋଜନା ଅନୁଧ୍ୟାନ କଲେ ଜଣା ପଡିବ ।

ପୁରୀ ଜିଲ୍ଲାର ୨୯ ଗୋଟି ବ୍ଲକ ମଧ୍ୟରୁ ୧୭ଟି ବ୍ଲକରେ ଏହି ସଂସ୍ଥାର ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ବ୍ଲକଗୁଡିକ ହେଲା ୧–ନୟାଗଡ଼, ୨–ଦଶପଲ୍ଲା, ୩–ଖଣ୍ଡପଡା, ୪–ଓଡ଼ଗାଁ, ୫–ନୂଆଗାଁ, ୬–ରଣପୁର, ୭–ଗଣିଆ, ୮–ଭପୁର, ୯–ଖୋର୍ଦ୍ଧା, ୧୦–ବେଗୁନିଆ, ୧୧–ବୋଲଗଡ଼, ୧୨–ଟାଙ୍ଗୀ, ୧୩–ଚିଲିକା, ୧୪–ବାଣପୁର, ୧୫–କଟଣୀ, ୧୬–କୃଷ୍ଣପ୍ରସାଦ ଓ ୧୭–ବ୍ରହ୍ମଗିରି । ଏହିସବୁ ବ୍ଲକ ଅଞ୍ଚଳରେ କେନାଲ ଜଳସେଚନ ସୁବିଧା ନାହିଁ । ଅବଶିଷ୍ଟ ୧୨ଟି ବ୍ଲକ ବିଶେଷକରି ତ୍ରିକୋଣଭୂମି ଜଳସେଚନ ଅଞ୍ଚଳରେ ଅବସ୍ଥିତ । ସେଥିପାଇଁ ତ୍ରିକୋଣଭୂମି ଜଳସେଚନ ଉନ୍ନୟନ ସଂସ୍ଥା ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି ।

କ୍ଷୁଦ୍ରକୃଷୀ ଉନ୍ନୟନ ସଂସ୍ଥା ପ୍ରଥମେ କ୍ଷୁଦ୍ରକୃଷୀ, ନାମମାତ୍ର କୃଷୀ ଓ କୃଷିଶ୍ରମିକଙ୍କୁ ଚିହ୍ନୋଟ କରି ତଦନୁସାରେ ନିଜର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ସେହି କାର୍ଯ୍ୟାନୁସାରେ ୧୯୭୮ ମସିହା ଅକ୍ଟୋବର ମାସ ଶେଷ ସୁଦ୍ଧା ୭୬,୧୭୬ ଜଣ ଏହିପରି ଲୋକଙ୍କୁ ଚିହ୍ନଟ କରଯାଇ ସେମାନଙ୍କୁ ବିଭିନ୍ନ ଉନ୍ନତିକର ଯୋଜନାରେ ସାହାଯ୍ୟ କରଯାଇଛି । ଏହିପରି ନିମ୍ନ ଆୟକାରୀ ଶ୍ରେଣୀର ଲୋକଙ୍କର ଏକ ତାଲିକା ଜିଲ୍ଲାରେ ଥିବା ବିଭିନ୍ନ ଅର୍ଥ ସାହାଯ୍ୟକାରୀ ବ୍ୟାଙ୍କମାନଙ୍କୁ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଏ ପର୍ଯ୍ୟନ୍ତ ୨୫,୫୦୦ ଜଣ ଏହିପରି ଲୋକଙ୍କ ମଧ୍ୟରେ ତାଙ୍କର ଚିହ୍ନଟ କାର୍ଡ ଦିଆଯାଇଛି । ଏହି କାର୍ଡଦ୍ୱାରା ଉଭୟ ଉପକୃତ ବ୍ୟକ୍ତି, ଅର୍ଥ ଲଗାଣ ବ୍ୟାଙ୍କ ଓ ଉନ୍ନୟନ ସଂସ୍ଥାର କାର୍ଯ୍ୟ ସହଜସାଧ୍ୟ ହୋଇପାରିଛି ।

**ଜଳସେଚନ:**—କୃଷିର ଉନ୍ନତି ଲାଗି ନିୟମିତ ଜଳସେଚନର ଆବଶ୍ୟକତା ସହଜେ ଅନୁମେୟ । କ୍ଷୁଦ୍ରକୃଷୀ ସଂସ୍ଥା ଏହି ୧୭ଟି ବ୍ଲକ ଅଞ୍ଚଳରେ ବିଭିନ୍ନ ଜଳସେଚନ ଯୋଜନା କାର୍ଯ୍ୟକାରୀ କରି କୃଷି ଉତ୍ପାଦନରେ ସାହାଯ୍ୟ କରିଛି । ଏଥିଲାଗି କ୍ଷୁଦ୍ର ଜଳସେଚନ ଯୋଜନା, ଜଳସେଚନ ଓ ସେଚକୂପ ସାହାଯ୍ୟରେ ଜଳସେଚନ ବ୍ୟବସ୍ଥା କରଯାଇଛି ।

**ସେଚକୂପ:**—(Dug well) କ୍ଷୁଦ୍ରକୃଷୀ ଉନ୍ନୟନ ସଂସ୍ଥା ଏକ ବ୍ୟାପକ ସେଚକୂପ ଖନନ କାର୍ଯ୍ୟ ହାତକୁ ନେଇ ଖୁବ୍ କୃତିତ୍ୱ ଅର୍ଜନ କରି ପାରିଛି । ଏହି ଯୋଜନା ଅନୁସାରେ ୧୯୭୪-୭୫ ଠାରୁ ୧୯୭୭-୭୮ ପର୍ଯ୍ୟନ୍ତ ୨୦,୭୪୪ ସେଚକୂପ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ସେଥିମଧ୍ୟରୁ ୧୯୭୮ ମସିହା ସେପ୍ଟେମ୍ବର ସୁଦ୍ଧା ୧୪,୧୬୫ କୂପର ଖନନ କାର୍ଯ୍ୟ ଶେଷ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମର ଏକ ସମ୍ପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା ।

| | ୧୯୭୪-୭୫ | ୧୯୭୫-୭୬ | ୧୯୭୬-୭୭ | ୧୯୭୭-୭୮ | ମୋଟ |
|---|---|---|---|---|---|
| ୧ । ଅର୍ଥ ମଞ୍ଜୁରୀପ୍ରାପ୍ତ ସେଚକୂପ ସଂଖ୍ୟା .. | ୩୬୭୭ | ୪୨୬୮ | ୬୬୭୫ | ୬୧୨୪ | ୨୦୭୪୪ |
| ୨ । ଋଣ ପରିମାଣ (ଟଙ୍କା ହଜାରରେ) .. | ୭୦୮୧ | ୭୮୭୫ | ୧୩୩୧୫ | ୧୨୫୬୬ | ୪୦୮୩୭ |
| ୩ । ସମ୍ପୂର୍ଣ୍ଣ ହୋଇଥିବା ସେଚକୂପ .. | ୨୫୧୫ | ୩୦୨୦ | ୫୧୬୬ | ୩୪୬୪ | ୧୪୧୬୫ |
| ୪ । ରିହାତି ଅର୍ଥ ସାହାଯ୍ୟ (ଟଙ୍କା ହଜାରରେ) .. | ୧୪୮୪ | ୨୩୨୧ | ୪୦୪୮ | ୧୫୯୫ | ୯୪୪୯ |


ଏହି କୂପ ଦ୍ୱାରା ହାରାହାରି ୧୪୧୬୫ ଏକର ଜମି ଜଳସେଚିତ ହୋଇ ପାରିବ । ଏହି କୂପ ମଧ୍ୟରୁ ୫୪ ଟି କୂପ ବର୍ତ୍ତମାନ ବିଦ୍ୟୁତ୍‌କରଣ ହୋଇ ସାରିଛି ଓ ଏ ବର୍ଷ ୮୦୦ ଟି ଅଧିକ କୂପରେ ଇଲେକ୍ଟ୍ରିକ୍ ମୋଟର ବସାଇବାର ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି ।

ଏହା ବ୍ୟତୀତ ୧୬ଟି ଉଠାଜଳସେଚନ ଯୋଜନା ହାତକୁ ନିଆଯାଇ ଜଳସେଚନର ବ୍ୟବସ୍ଥା କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି । ସେଥିମଧ୍ୟରୁ ଗୋଟିଏ ସମ୍ପୂର୍ଣ୍ଣ ହୋଇ ସାରିଛି । ଏହି ୧୬ଟି ଉଠାଜଳସେଚନ ଯୋଜନାରେ ୧୧ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହେବ ଓ ଏହା ୧୨୩୦ ଏକର ଜମି ଜଳସେଚିତ କରିବ । ଏଗୁଡ଼ିକ ପ୍ରାୟ ସମ୍ପୂର୍ଣ୍ଣ ହେବା ଉପରେ ।

**ମିଳିତ ଜଳସେଚନ ଯୋଜନା (Community Irrigation Project)**—ଏହିପରି ୯୮ଟି ଯୋଜନା ଉନ୍ନୟନ ସଂସ୍ଥା ମଞ୍ଜୁରୀ କରିଛି ଓ ସେଥିମଧ୍ୟରୁ ୩୫ ହଜାର ୫୬୦ ଟଙ୍କା ଖର୍ଚ୍ଚ ହେବ ଓ ୩୬୬୬ ଜଣ ଚାଷୀ ଏଥିରେ ଉପକୃତ ହେବେ । ଉନ୍ନୟନ ସଂସ୍ଥା ଏହି ବାବଦରେ ୩ ଲକ୍ଷ ୫୪ ହଜାର ଟଙ୍କା ସାହାଯ୍ୟ ଦେଇଛନ୍ତି । ଏହା ସମ୍ପୂର୍ଣ୍ଣ ହେଲେ ଏହା ୩୦୩୭ ଏକର ଜମି ଜଳସେଚିତ କରିବ ।

**କୃଷି କ୍ଷେତ୍ର ପ୍ରଦର୍ଶନ ଯୋଜନା**—ଉନ୍ନତ କୃଷି ପ୍ରଣାଳୀକୁ ଲୋକପ୍ରିୟ କରିବାକୁ କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀଙ୍କ ଜମିରେ କେତେକ ପ୍ରଦର୍ଶନ କରଯାଇଥିଲା । ୧୯୭୪-୭୫ ଠାରୁ ୧୯୭୭-୭୮ ଜୁନ ସୁଦ୍ଧା ଏହିପରି ୨,୪୯୨ ଟି ପ୍ରଦର୍ଶନ ହୋଇ ଉନ୍ନୟନ ସଂସ୍ଥାର ୩ଲକ୍ଷ ୫୪ ହଜାର ୫୬୪ ଟଙ୍କା ଖର୍ଚ୍ଚ ହୋଇଛି ଓ ଏହାଦ୍ୱାରା ୨,୪୯୨ ଜଣ ଚାଷୀ ଉପକୃତ ହୋଇଛନ୍ତି ।

**ଫଳବୃକ୍ଷ**—କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀଙ୍କ ସେଚକୂପ ପାଖରେ ବା ତାଙ୍କ ବାଡ଼ି ବଗିଚାରେ ଫଳବୃକ୍ଷ କରି ସେମାନଙ୍କର ଆର୍ଥିକ ଉନ୍ନତି ଘଟାଇବା ଲାଗି ଏହି ଉନ୍ନୟନ ସଂସ୍ଥା ଏକ ଯୋଜନା ପ୍ରସ୍ତୁତ କରିଥିଲେ । ନଡ଼ିଆ, ଆମ୍ବ ଓ ପିଜୁଳି ଇତ୍ୟାଦି ଚାରା ସେମାନଙ୍କୁ ଯୋଗାଇ ଦେଇ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ଏ ପର୍ଯ୍ୟନ୍ତ ୨୬୦୩ ଜଣ କ୍ଷୁଦ୍ରଚାଷୀ ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି । ଏହି



ଫଳବୃକ୍ଷ କାର୍ଯ୍ୟକ୍ରମ ଅଧୀନରେ ବ୍ରହ୍ମଗିରି ବ୍ଲକର ଗୋଦରଡଙ୍ଗ ଗ୍ରାମର ନଡ଼ିଆ ବଗିଚା

ବାବଦରେ ଉନ୍ନୟନ ସଂସ୍ଥା ୩୭ ହଜାର ୨୧୦ ଟଙ୍କା ସାହାଯ୍ୟ ଦେଇଛନ୍ତି । ଏହି ଯୋଜନାରେ ୨୦,୨୮୮ଟି ନଡ଼ିଆ ଚାରା, ୩୩୮ ୯ନଅଟିଆମ୍ବ ଚାରା ବଣ୍ଟାଯାଇ ୩୪୫ ଏକର ଜମିରେ ଚାଷ କରଯାଇଛି ।

ଏହା ବ୍ୟତୀତ ପନିପରିବା ଚାଷଲାଗି ମଧ୍ୟ ସଂସ୍ଥାଦ୍ୱାରା ସାହାଯ୍ୟ କରଯାଇ ଚାଷୀମାନଙ୍କୁ ଉତ୍ସାହିତ କରଯାଇଛି ।

**ପଡ଼ିଆ ଜମିର ଆବାଦ (Land Development)**—୧,୬୯୬ ଏକର ପଡ଼ିଆ, ଉଚ୍ଚ ଓ ଜଙ୍ଗଲ ଜମିର ଉନ୍ନତି କରି ୧,୪୬୯ ଜଣ ଚାଷୀଙ୍କ ମଧ୍ୟରେ ବଣ୍ଟାଯାଇଛି । ଏହି ବାବଦରେ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ୩୫୦୦ ଟଙ୍କା ସାହାଯ୍ୟ ଆକାରରେ ଦେଇଛନ୍ତି । କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାଦ୍ୱାରା ୧୧୨୩ ଜଣଙ୍କୁ ବଳଦ ଓ ୩୮ ଜଣକୁ ଶଗଡ଼ ଦେଇ ଏହି ବାବଦରେ ୩୯,୬୬୬ ଟଙ୍କା ସାହାଯ୍ୟ ଦିଆଯାଇଛି ଓ ୩ଲକ୍ଷ ୩୫ ହଜାର ୯୯୯ ଟଙ୍କାର ବ୍ୟାଙ୍କ ଋଣ ମଞ୍ଜୁରୀ କରଯାଇଛି ।

**ଛେଳି ଓ ମେଣ୍ଢା ପାଳନ**—ନାମମାତ୍ରଚାଷୀ ଓ କୃଷିଶ୍ରମିକଙ୍କର ଆର୍ଥିକ ଉନ୍ନତି ଘଟାଇବା ଲାଗି ୧,୬୭୦ ଜଣଙ୍କୁ ଛେଳି ଓ ମେଣ୍ଢା ଯୋଗାଇ ଦିଆଯାଇଛି । ଏହି ଯୋଜନା ଅନୁସାରେ ପ୍ରତ୍ୟେକ ପରିବାରକୁ ୪ଟି ମାଈ ଛେଳି ବା ମେଣ୍ଢା ଦିଆଯାଇଥାଏ ଓ ପ୍ରତି ୧୦ଟି ପରିବାରରେ ଗୋଟିଏ ଅଣ୍ଡିରା ମେଣ୍ଢା ବା ବୋଦା ଯୋଗାଇ ଦିଆଯାଇଥାଏ । ଏହି ଯୋଜନା ଫଳରେ ବିଶେଷ କରି କୃଷି ଶ୍ରମିକଙ୍କର ଅର୍ଥନୀତିରେ ବହୁତ ଉନ୍ନତି ହେବାର ପରିଲକ୍ଷିତ ହୋଇଛି । ଏହି ଯୋଜନାରେ ଉନ୍ନୟନ ସଂସ୍ଥା ୩୫,୮୫୦ ଟଙ୍କା ସାହାଯ୍ୟ ଦେଇଛନ୍ତି ।

**ଦୁଗ୍ଧ ଯୋଗାଣ ଯୋଜନା**—ଦୁଧିଆଳୀ ଗାଈ ଯୋଗାଇ ଦେଇ ଦୁଗ୍ଧ ଯୋଗାଣ କେନ୍ଦ୍ର ସ୍ଥାପନର ଯୋଜନା କାର୍ଯ୍ୟକାରୀ

କରାଯାଉଛି । ଏହି ଯୋଜନା ବ୍ରହ୍ମଗିରି, ଜଟଣୀ, ଖୋର୍ଦ୍ଧା, ନୟାଗଡ଼ ଓ ବାଣପୁର ରେ କାର୍ଯ୍ୟକାରୀ ହେଉଛି । ୪୨ଟି ଜଳଗାର ଭିତ୍ତି ଗ୍ରାମମାନଙ୍କୁ



ଦିଆଯାଇଛି ଓ ଏହି ବାବଦରେ ୩୯,୩୮୨ ଟଙ୍କା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ସାହାଯ୍ୟ ଦେଇଛନ୍ତି ଓ ବ୍ୟାଙ୍କ ୬ ଲକ୍ଷ ୯୩ ହଜାର ଟଙ୍କା ମଞ୍ଜୁରୀ କରିଛନ୍ତି ।

ପୁରୀ ଜିଲ୍ଲା କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାର ସଭାପତି ତଥା ଜିଲ୍ଲାପାଳ ଶ୍ରୀ ସଚ୍ଚିଦାନନ୍ଦ ରଥଙ୍କ ସମୟୋପଯୋଗୀ ନିର୍ଦ୍ଦେଶ ଓ ଯୋଜନା ଏବଂ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକଙ୍କ ପ୍ରଗାଢ଼ ଉଦ୍ୟମ ଫଳରେ ଏହି ସଂସ୍ଥା ଜିଲ୍ଲାରେ ଅର୍ଥନୈତିକ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏହି ସଂସ୍ଥା ଦ୍ୱାରା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି ।



ଏହି ଯୋଜନା ସାଧାରଣତଃ କୃଷି ଶ୍ରମିକ ଓ ନାମମାତ୍ର ଚାଷୀଙ୍କ ଆର୍ଥିକ ଉନ୍ନତି ଲାଗି ଉଦ୍ଦିଷ୍ଟ । ଏହି ଯୋଜନାରେ ବତକ ପାଳନ, କୁକୁଡ଼ା ପାଳନ, ଛେଳି ଓ ମେଣ୍ଢା, ହସ୍ତତନ୍ତ, ଅନ୍ୟାନ୍ୟ ହସ୍ତଶିଳ୍ପ ଓ କୁଟୀର ଶିଳ୍ପର ବିକାଶ ଘଟାଇବା ଲକ୍ଷ୍ୟ ରହିଛି ।

# ଶିଶୁର ଅଧିକାର

※ ସ୍ନେହ, ଶ୍ରଦ୍ଧା ଓ ବୁଝାମଣା

※ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିକର ଖାଦ୍ୟ ତଥା ଚିକିତ୍ସା ସୁବିଧା

※ ଅବୈତନିକ ଶିକ୍ଷା

※ କ୍ରୀଡ଼ା ତଥା ଚିତ୍ତବିନୋଦନପାଇଁ ପୂର୍ଣ୍ଣ ସୁଯୋଗ

※ ନାମ ତଥା ଜାତୀୟତା

※ ବିକଳାଙ୍ଗ ହୋଇଥିଲେ ବିଶେଷ ଯତ୍ନ

※ ବିପଦ ସମୟରେ ରିଲିଫ୍ ବା ସାହାଯ୍ୟ ପାଇବାରେ ଅଗ୍ରାଧିକାର

※ ସମାଜର ଜଣେ ଦରକାରୀ ସଭ୍ୟ ହେବା ଏବଂ ନିଜସ୍ୱ ପ୍ରତିଭାର ବିକାଶ ସାଧନପାଇଁ ଶିକ୍ଷା ଲାଭ

※ ଶାନ୍ତି ତଥା ବିଶ୍ୱ ଭ୍ରାତୃତ୍ୱର ମନୋଭାବ ମଧ୍ୟରେ ଲାଳନପାଳନ

※ ଜାତି, ବର୍ଣ୍ଣ, ଧର୍ମ, ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ତଥା ମୂଳ ଜାତୀୟତା କିମ୍ବା ସାମାଜିକତା ନିର୍ବିଶେଷରେ ଏହି ଅଧିକାରଗୁଡ଼ିକ ଉପଭୋଗ କରିବା ।

ଶିଶୁର ଅଧିକାର ସମ୍ପର୍କରେ ଜାତିସଂଘର ଘୋଷଣା, ୧୯୫୯

# ଶିଶୁ ସ୍ୱାସ୍ଥ୍ୟର ଅଧିକ ଯତ୍ନ ସମ୍ପର୍କରେ ସୂଚନା

※ ଯେତେଦିନ ପର୍ଯ୍ୟନ୍ତ ସମ୍ଭବ, ଶିଶୁକୁ ମା କ୍ଷୀର ଖୁଆନ୍ତୁ

※ ଆପଣଙ୍କ ଶିଶୁ (ପୁଅ କିମ୍ବା ଝିଅ)କୁ ଛଅମାସ ହେଲେ ତା'କୁ ନରମ ଖାଦ୍ୟ ଖୁଆନ୍ତୁ

※ ଆପଣଙ୍କ ଶିଶୁକୁ ଦିନକୁ ପାଞ୍ଚ ଛଅ ଥର ଖାଇବାକୁ ଦିଅନ୍ତୁ

※ ଶିଶୁ ଅସୁସ୍ଥ ଥିବା ବେଳେ, ବିଶେଷକରି ଅଜୀର୍ଣ୍ଣ ଝାଡ଼ା ହେବା ସମୟରେ ତାକୁ ଅଧିକ ପାଣି ପିଇବାକୁ ଦିଅନ୍ତୁ

※ ଆପଣଙ୍କ ଶିଶୁ ଅସୁସ୍ଥ ଥିଲେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ତୁରନ୍ତ ସାହାଯ୍ୟ ନିଅନ୍ତୁ

※ ଆପଣଙ୍କ ଶିଶୁକୁ ସଂକ୍ରମଣରୁ ରକ୍ଷା କରିବା ପାଇଁ ପ୍ରତିଷେଧକ ବ୍ୟବସ୍ଥା କରନ୍ତୁ

※ ମାଛିକୁ ଖାଦ୍ୟ ସାମଗ୍ରୀଠାରୁ ଦୂରରେ ରଖନ୍ତୁ

※ ଶିଶୁକୁ ଖୁଆଇବା ପୂର୍ବରୁ ଆପଣଙ୍କ ହାତ ତଥା ଶିଶୁର ହାତ ଧୋଇ ନିଅନ୍ତୁ

※ ଆପଣଙ୍କ ଶିଶୁକୁ ନିର୍ମଳ ଜଳ ପିଇବାକୁ ଦିଅନ୍ତୁ

※ ଦୁଇ କିମ୍ବା ତିନୋଟିରୁ ଅଧିକ ସନ୍ତାନର ଜନକ-ଜନନୀ ହୁଅନ୍ତୁ ନାହିଁ

※ ପ୍ରତ୍ୟେକ ଶିଶୁ ଜନ୍ମର ବ୍ୟବଧାନ ଦୁଇ କିମ୍ବା ତିନିବର୍ଷ ରଖନ୍ତୁ

—ୟୁନିସେଫ୍

ଶକ୍ତି, ପ୍ରଗତି ଓ ସମୃଦ୍ଧିର ପ୍ରତୀକ

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

**ନୂତନ ଉତ୍ସାହର ସହିତ ଓଡ଼ିଶାବାସୀଙ୍କ ସେବାରେ ଆଗେଇ ଚାଲିଛି**
**ଏକ ଉନ୍ନତ ତଥା ଉଜ୍ଜ୍ୱଳତର ଭବିଷ୍ୟତ ପଥରେ**

- ସମ୍ପ୍ରତି ଏହାର ଜଳଜ-ତାପଜ ଶକ୍ତି ସଂଯୋଗରେ ପ୍ରତିଷ୍ଠିତ ଉତ୍ପାଦନକ୍ଷମ ୯୧୪ ମେଗାୱାଟ ବିଦ୍ୟୁତ୍ ଶକ୍ତି ସମୁଦାୟ ଘରୋଇ ଚାହିଦା ମେଣ୍ଟାଇବା ନିମନ୍ତେ ଯଥେଷ୍ଟ । ଏହା ବ୍ୟତୀତ, ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ପଡ଼ୋଶୀ ବିହାର, ଦାମୋଦର ଉପତ୍ୟକା କର୍ପୋରେସନର ବିଦ୍ୟୁତ ଚାହିଦା ପୂରଣ କରିବା ନିମନ୍ତେ ହାରାହାରି ୧୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତି ଯୋଗାଉଛି ।

- ସବୁ ଶ୍ରେଣୀର ବିଦ୍ୟୁତ୍ ବ୍ୟବହାରକାରୀଙ୍କୁ ଉପଯୁକ୍ତ ଭୋଲଟେଜ୍ ଓ ଯଥା ସମୟରେ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ରାଜ୍ୟବ୍ୟାପୀ ନିର୍ଭରଯୋଗ୍ୟ ଟ୍ରାନ୍ସମିସନ୍ ସହ ବିଦ୍ୟୁତ୍ ସରବରାହ ସମ୍ପ୍ରସାରଣ କରାଯାଇଛି ।

- କେତେକ ପ୍ରଧାନ ବୈଶିଷ୍ଟ୍ୟ —

  * ମୋଟ ୫୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନକ୍ଷମ ନୂତନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ନିର୍ମାଣ ଚାଲିଛି ।


  ** ୧୯୭୭-୭୮ ମଧ୍ୟରେ ୨,୭୪୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ବିକ୍ରୟ କରାଯାଇଛି ।

  *** ୧୯୭୮ ମାର୍ଚ୍ଚ ସୁଦ୍ଧା ୧,୭୯୯ଟି ସ୍ୱକଘର ସମେତ ୧୫,୯୬୦ଟି ଗ୍ରାମକୁ ବିଦ୍ୟୁତ ଯୋଗାଇ ଦିଆଯାଇଛି । ଏହା ଫଳରେ ମୋଟ ଗ୍ରାମଗୁଡ଼ିକର ଶତକଡ଼ା ୩୦ ଭାଗ ଗ୍ରାମକୁ ତଥା ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୫୧ ଭାଗ ଲୋକଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି ।

  **** ଅଗ୍ରଗାମୀ କୃଷି ଉଦ୍ୟୋଗୀଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସବ୍-ଷ୍ଟେସନଠାରୁ ଏକ କିଲୋମିଟର ମଧ୍ୟରେ ଅବସ୍ଥିତ ସମସ୍ତ ବେସରକାରୀ ବ୍ୟକ୍ତିଗତ ଉଠାଜଳସେଚନ ପମ୍ପଗୁଡ଼ିକ ପର୍ଯ୍ୟନ୍ତ ବିଦ୍ୟୁତ୍ ବୋର୍ଡ ତରଫରୁ ମାଗଣାରେ ଏଲ୍. ଟି. ଲାଇନ୍ ନିର୍ମାଣ କରାଯାଇଥାଏ ।

ବିଦ୍ୟୁତ୍ ହିଁ ସମୃଦ୍ଧିର ଚାବିକାଠି
ବୈଦ୍ୟୁତିକ ଯନ୍ତ୍ରପାତିଗୁଡ଼ିକର ସୁରକ୍ଷା କରନ୍ତୁ
ଏବଂ
ସଦାସର୍ବଦା ଆପଣମାନଙ୍କ ସେବା କରିବା ନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କରନ୍ତୁ ।


ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼
ଭୁବନେଶ୍ୱର



# ଶିଳ୍ପୀ ସମ୍ବର୍ଦ୍ଧନା

## ଛଅ ଜଣ କୃତୀ କଳାକାର ସମ୍ମାନିତ

ପ୍ରତିବର୍ଷ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'ନୃତ୍ୟ, ସଙ୍ଗୀତ ଓ ନାଟକ କ୍ଷେତ୍ରରେ କତିତ୍ୱ ଲଭ କରିଥିବା ଛଅ ଜଣ ପ୍ରବୀଣ କଳାକାରଙ୍କୁ ୧,୦୦୦ ଟଙ୍କା ପୁରସ୍କାର



ଓ ମାନପତ୍ର ସହ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ଏତଦ୍ୱାରା କଳାକାରଙ୍କ ପ୍ରତିଭାକୁ ସ୍ୱୀକୃତି ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଉତ୍ସାହିତ କରାଯାଏ ।

୧୯୭୯ ମସିହା ଫେବ୍ରୁଆରୀ ୨୧ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପକ୍ଷରୁ ରାଜ୍ୟର ଛଅ ଜଣ କୃତୀ ସଙ୍ଗୀତ, ନୃତ୍ୟ ଓ ଲୋକ-ନୃତ୍ୟ କଳାକାରଙ୍କୁ ସମ୍ମାନିତ କରାଯାଇଥିଲ । ଏମାନେ ହେଲେ ନାଟ୍ୟକାର ଶ୍ରୀ ପ୍ରାଣବନ୍ଧୁ କର, ଅଭିନେତା ଶ୍ରୀ କାଶୀନାଥ ସାହୁ, ସଙ୍ଗୀତଜ୍ଞ ଶ୍ରୀ ଭୁବନେଶ୍ୱର ମିଶ୍ର ଓ ଶ୍ରୀ ନୃସିଂହ ନାଥ ଖୁଣ୍ଟିଆ, ଲୋକନୃତ୍ୟ ଶିଳ୍ପୀ ଶ୍ରୀ ଭଗବାନ ସାହୁ ଓ ନୃତ୍ୟଗୁରୁ ଶ୍ରୀ ମାୟାଧର ରାଉତ । କୃତୀ କଳାକାରମାନଙ୍କୁ ଏକାଡ଼େମୀ ସଭାପତି ଶ୍ରୀ ହରିହର ମହାପାତ୍ର ସମ୍ବର୍ଦ୍ଧନା ଜଣାଇଥିଲେ । ଡ଼କ୍ଟର ହରେକୃଷ୍ଣ ମହତାବ ଏହି ଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ପ୍ରତ୍ୟେକ କଳାକାରଙ୍କୁ ନଗଦ ଏକ ହଜାର ଟଙ୍କା ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରିଥିଲେ ।

# ଶିଳ୍ପୀ ପରିଚୟ

## ଶ୍ରୀ ପ୍ରାଣବନ୍ଧୁ କର

ଶ୍ରୀ କର ଓଡ଼ିଶାର ଜଣେ ଖ୍ୟାତନାମା ନାଟ୍ୟକାର, ବହୁ ଏକାଙ୍କିକା ଓ ପୂର୍ଣ୍ଣାଙ୍ଗ ନାଟକ ରଚନା କରି ସେ ଓଡ଼ିଆ ନାଟ୍ୟ ସାହିତ୍ୟକୁ ସମୃଦ୍ଧ କରିଅଛନ୍ତି । ଶିକ୍ଷା ବିଭାଗରେ ଅଧ୍ୟାପକ ଓ ବିଭିନ୍ନ ପଦବୀରେ କାର୍ଯ୍ୟକରି ବର୍ତ୍ତମାନ ଅବସର ଗ୍ରହଣ କରି ଭୁବନେଶ୍ୱରରେ ଅବସ୍ଥାନ କରୁଅଛନ୍ତି । ତାଙ୍କର 'ଶ୍ୱେତପଦ୍ମ' ଏକାଙ୍କିକା ଓ 'ଅଶାନ୍ତ' ନାଟକ ସର୍ବଭାରତୀୟ ସ୍ତରରେ ପୁରସ୍କାର ଲାଭ କରିଅଛି ।

## ଶ୍ରୀ କାଶୀନାଥ ସାହୁ

ଶ୍ରୀ ସାହୁ ଓଡ଼ିଶାର ଜଣେ ଖ୍ୟାତନାମା ଅଭିନେତା । ଅତି ଅଳ୍ପ ବୟସରେ ପେଶାଦାର ରଙ୍ଗମଞ୍ଚରେ ସେ ଯୋଗ ଦେଇ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ । 'କୋଣାର୍କ' ନାଟକର ଧରମା ଭୂମିକାରେ ଏବଂ 'ସି. ଡବ୍ଲ୍ୟୁ. ଡି.' ନାଟକର ମି. ସେନ୍ ଭୂମିକାରେ ତାଙ୍କର ଅଭିନୟ ଏବେ ମଧ୍ୟ ଅବିସ୍ମରଣୀୟ ହୋଇ ରହିଛି । ଏତଦ୍ ବ୍ୟତୀତ ସେ ଅନେକ ମୁଖ୍ୟ ଚରିତ୍ର ଭୂମିକାରେ ଅଭିନୟ କରି ନିଜର କୃତିତ୍ୱ ପ୍ରଦର୍ଶନ କରିଛନ୍ତି ।

ରଙ୍ଗମଞ୍ଚରୁ ଅବସର ନେଇ ସେ ବର୍ତ୍ତମାନ ନିଜ ଗ୍ରାମ ହରିପୁରଠାରେ ଅବସ୍ଥାନ କରୁଅଛନ୍ତି ।

## ଶ୍ରୀ ଭୁବନେଶ୍ୱର ମିଶ୍ର

ଶ୍ରୀ ମିଶ୍ର ଓଡ଼ିଶାର ଜଣେ ଖ୍ୟାତନାମା ସଙ୍ଗୀତଜ୍ଞ । ସେ କର୍ଣ୍ଣାଟକୀ, ହିନ୍ଦୁସ୍ଥାନୀ ଓ ଓଡ଼ିଶୀ ସଙ୍ଗୀତ ପଦ୍ଧତିରେ ଶିକ୍ଷାଲାଭ କରି ଭାରତୀୟ ସଙ୍ଗୀତର ସମ୍ମାନିତ କଳାକାର ଭାବରେ ପ୍ରତିଷ୍ଠା ଲାଭକରିଅଛନ୍ତି । ଓଡ଼ିଶୀ ନୃତ୍ୟର ନୃତ୍ୟ-ସଙ୍ଗୀତ ରଚନା କରିବାରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି । ବହୁ ଓଡ଼ିଆ କଥାଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ଭାବରେ ମଧ୍ୟ ସେ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି ।

ବର୍ତ୍ତମାନ ବମ୍ବେଠାରେ ବିବିଧ ଭାରତୀ ସଙ୍ଗୀତ ପ୍ରଯୋଜକ ଭାବରେ ସେ ଅବସ୍ଥାପିତ ।

## ଶ୍ରୀ ନୃସିଂହ ନାଥ ଖୁଣ୍ଟିଆ

ଶ୍ରୀ ଖୁଣ୍ଟିଆ ଓଡ଼ିଶୀ ସଙ୍ଗୀତର ଅନ୍ୟତମ ବିଶିଷ୍ଟ ଗୁରୁ । ସେ ବାଲ୍ୟକାଳରୁ ସ୍ୱର୍ଗତ ସିଂହାରୀ ଶ୍ୟାମସୁନ୍ଦର କରଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ । ଓଡ଼ିଶାର ବହୁ ସଙ୍ଗୀତ ଅନୁଷ୍ଠାନରେ ସଙ୍ଗୀତ ଶିକ୍ଷକ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ । ତାଙ୍କଠାରୁ ଶିକ୍ଷାଲାଭ କରି ଆଜି ବହୁ ସଙ୍ଗୀତ କଳାକାର ସୁଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ ସେ ପୁରୀଠାରେ ଅବସ୍ଥିତ ଶ୍ୟାମସୁନ୍ଦର ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ।

## ଶ୍ରୀ ଭଗବାନ ସାହୁ

ଶ୍ରୀ ସାହୁ ଜଣେ ଲୋକନୃତ୍ୟ ଶିଳ୍ପୀ ଭାବରେ ସୁପରିଚିତ । ନିଜ ଗ୍ରାମର ବାଳକମାନଙ୍କୁ ନେଇ ଏକ ଲୋକନୃତ୍ୟ ଦଳ ଗଠନ କରି ସେ ଦେଶ ବିଦେଶରେ ଉତ୍କଳୀୟ ଲୋକକଳାର ପ୍ରଚାର ଓ ପ୍ରସାର ଘଟାଇଛନ୍ତି । ଦୀର୍ଘ ତିରିଶ ବର୍ଷ ହେବ ସେ ତାଙ୍କ ଅନୁଷ୍ଠାନର ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଅଛନ୍ତି । ଢୋଲ ବଜାଇ ନୃତ୍ୟ କରିବାରେ ତାଙ୍କର ଅସାଧାରଣ ପ୍ରତିଭା ପରିଲକ୍ଷିତ ହୁଏ । କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର ମଧ୍ୟ ସେ ଲାଭ କରିଅଛନ୍ତି ।

## ଶ୍ରୀ ମାୟାଧର ରାଉତ

ଶ୍ରୀ ରାଉତ ଜଣେ ଖ୍ୟାତନାମା ଓଡ଼ିଶୀ ନୃତ୍ୟଗୁରୁ । ଅତି ଅଳ୍ପବୟସରେ ସେ ଓଡ଼ିଶାର ବିଭିନ୍ନ ନୃତ୍ୟଗୁରୁଙ୍କଠାରୁ ନୃତ୍ୟ ଶିକ୍ଷା କରିଥିଲେ । ଓଡ଼ିଶାର ପେଶାଦାର ରଙ୍ଗମଞ୍ଚରେ ଜଣେ ନୃତ୍ୟଶିଳ୍ପୀ ଓ ନିର୍ଦ୍ଦେଶକ ଭାବରେ କିଛି କାଳ କାର୍ଯ୍ୟ କରିଥିଲେ । ପରେ ମାନ୍ଦ୍ରାଜ କଳାକ୍ଷେତ୍ରରୁ 'କଥାକଳି' ଓ ଭାତଖଣ୍ଡେ ବିଦ୍ୟାପୀଠରୁ 'କଥକ୍' ନୃତ୍ୟ ଶିକ୍ଷା କରି କଳାବିକାଶ କେନ୍ଦ୍ରରେ ନୃତ୍ୟ ଅଧ୍ୟାପକ ଭାବରେ ବହୁକାଳ କାର୍ଯ୍ୟ କରିଥିଲେ । ଓଡ଼ିଶୀ ନୃତ୍ୟର ଅଭିନୟ ଓ ନୃତ୍ୟ-ନାଟିକା ରଚନା ଦିଗରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି ।

ବର୍ତ୍ତମାନ ସେ ଦିଲ୍ଲୀଠାରେ ଅବସ୍ଥିତ ଶ୍ରୀରାମ ଭାରତୀୟ କଳାକେନ୍ଦ୍ରରେ ଓଡ଼ିଶୀ ନୃତ୍ୟ ଅଧ୍ୟାପକ ।

# ଭୁବନେଶ୍ୱରରେ କେନ୍ଦ୍ର ସାହିତ୍ୟ ଏକାଡେମୀ

## ପୁରସ୍କାର ପ୍ରଦାନ ଉତ୍ସବ

ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ଭାରତୀୟ ଭାଷାର ୨୦ଜଣ କୃତୀ ସାହିତ୍ୟିକଙ୍କୁ ୧୯୭୯ ଫେବୃଆରୀ ୨୫ ତାରିଖ ଦିନ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ଏକ ମନୋଜ୍ଞ ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୧୯୭୮ର ଶ୍ରେଷ୍ଠ ସାହିତ୍ୟ ସୃଷ୍ଟି ପାଇଁ ପୁରସ୍କାର ତଥା ଉପାୟନ ପ୍ରଦାନ କରାଯାଇଥିଲା । ଓଡ଼ିଶାରେ ପ୍ରଥମଥର ପାଇଁ ଜାତୀୟ-ସ୍ତରରେ ଏହି ସାହିତ୍ୟିକ ପ୍ରତିଭା ସମାରୋହ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ କେବଳ ଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଉଥିଲା । କିନ୍ତୁ ସଂପ୍ରତି ତାର ବ୍ୟତିକ୍ରମ ଘଟିଛି । ବାଙ୍ଗାଲୋର ଓ ହାଇଦ୍ରାବାଦ ପରେ ଏଥର ଭୁବନେଶ୍ୱରରେ ଏ ଉତ୍ସବ ଅନୁଷ୍ଠିତ ହେଲା । ଏଥିରେ କେନ୍ଦ୍ର ସାହିତ୍ୟ ଏକାଡେମୀର ସଭାପତି ଡ଼ଃ ଉମାଶଙ୍କର ଯୋଶୀ ସଭାପତିତ୍ୱ କରିଥିଲେ ।

### ସଭାପତିଙ୍କ ଉଦ୍‌ବୋଧନ


ଏକାଡେମୀର ସଭାପତି ଡ଼ଃ ଯୋଶୀ ତାଙ୍କ ଭାଷଣରେ ମୁଖ୍ୟତଃ କହିଥିଲେ ଯେ, ବିଭିନ୍ନ ଭାଷାର ଭାରତୀୟ ଲେଖକମାନେ ଉଚ୍ଚ ମାନର ସାହିତ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜାତୀୟ ସଂହତିର ସୁରକ୍ଷା ଲାଗି ସମ୍ମିଳିତଭାବେ ଉଦ୍ୟମ କରିବା ବାଞ୍ଛନୀୟ । ଭାରତୀୟ ସାହିତ୍ୟ ଓ ସଂସ୍କୃତିର ମୌଳିକତା ସୁରକ୍ଷା କରିବା ପାଇଁ ପ୍ରତ୍ୟେକ ସାହିତ୍ୟିକ ଯତ୍ନବାନ ହେବା ଉଚିତ । ବିଭିନ୍ନ ଅଞ୍ଚଳର ଲେଖକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ପାଇଁ ପ୍ରାଦେଶିକ ସାହିତ୍ୟ ଏକାଡେମୀ ତଥା ବିଶ୍ୱବିଦ୍ୟାଳୟମାନେ ମଧ୍ୟ ବିଭିନ୍ନ ଯୋଜନା ପ୍ରବର୍ତ୍ତନ କରି ସୃଜନାତ୍ମକ ପ୍ରତିଭାକୁ ଉତ୍ସାହିତ କରିବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ ।

ଡ଼ଃ ଯୋଶୀ କହିଲେ, ଗତ ଶହେ ବର୍ଷ ମଧ୍ୟରେ ବିଭିନ୍ନ ଭାଷାରେ ଲିଖିତ ସର୍ବଶ୍ରେଷ୍ଠ କବିତାଗୁଡ଼ିକୁ ସମସ୍ତ ଭାରତୀୟ ଭାଷାରେ ଅନୁବାଦ କରାଯାଇ ସଙ୍କଳନମାନ ପ୍ରକାଶ କରିବା ପାଇଁ ଏକାଡେମୀ ପକ୍ଷରୁ ଯୋଜନା କରାଯାଉଛି । ଆଞ୍ଚଳିକ ଭାଷାଗୁଡ଼ିକର ବଛା ବଛା କବିତା ହିନ୍ଦୀ ତଥା ଇଂରାଜୀ ପତ୍ରିକାମାନଙ୍କରେ ଯେପରି ବ୍ୟାପକଭାବେ ପ୍ରକାଶିତ ହେବ ସେଥିପାଇଁ ପ୍ରାଦେଶିକ ଏକାଡେମୀ ତଥା ଅନ୍ୟାନ୍ୟ ସାହିତ୍ୟ ସଂଗଠନମାନେ ଯତ୍ନବାନ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ସେ ପ୍ରକାଶ କରିଥିଲେ ଯେ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରାୟ ଏକ ହଜାର ପୁସ୍ତକ ପ୍ରକାଶ କରାଗଲାଣି । ଭାରତୀୟ ଲେଖକ ପରିଚୟଗ୍ରନ୍ଥ ପ୍ରକାଶ ପାଇଁ ଉଦ୍ୟମ ହେଉଛି । ଏକ ବିଶ୍ୱକୋଷ ପ୍ରଣୟନର ପ୍ରସ୍ତାବ ମଧ୍ୟ ରହିଛି ।

ଡକ୍‌ଟର ଯୋଶୀ କହିଲେ, ସାହିତ୍ୟ ଏକାଡେମୀ ତା'ର ବାର୍ଷିକ ପୁରସ୍କାର ନିମନ୍ତେ ମୋଟ୍ ୨୨ଟି ଭାରତୀୟ ଭାଷାକୁ ସ୍ୱୀକୃତି ଦେଇଛି । ଏଥର ୨୦ଟି ଭାଷାର ୨୦ ଜଣ ଲେଖକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ।

ଏହି ଉତ୍ସବରେ ପୁରସ୍କୃତ ୨୦ଟି ପୁସ୍ତକର ଲେଖକଙ୍କ ମଧ୍ୟରୁ ୪ଜଣ ପରଲୋକଗତ ।

ଉତ୍ସବର ପ୍ରାରମ୍ଭରେ ଏକାଡେମୀର ସଂପାଦକ ଡ଼ଃ ଆର. ଏସ୍. କେଲକାର ସ୍ୱାଗତ ଭାଷଣ ଦେଇ ସମଗ୍ର ଭାରତୀୟ ଜାତିର ସାଂସ୍କୃତିକ ଐକ୍ୟ ତଥା ସମଗ୍ର ଭାରତୀୟ ଭାଷାର ପରସ୍ପର ସମନ୍ୱୟ ସ୍ଥାପନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଏହିଭଳି ଉତ୍ସବ ଆୟୋଜନର ଆବଶ୍ୟକତା ବୁଝାଇ ଥିଲେ । ଏଯାଏଁ ଦେଶର ୩୧୧ ଜଣ କୃତୀ ସାହିତ୍ୟିକଙ୍କୁ ପୁରସ୍କୃତ କରାଗଲାଣି ବୋଲି ସେ କହିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଭାରତର ବିଭିନ୍ନ ଭାଷାର ଯେଉଁସବୁ ସାହିତ୍ୟିକମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଶ୍ରୀ ରମାକାନ୍ତ



ରଥ   କବି ଶ୍ରୀ ରଥଙ୍କୁ ତାଙ୍କର ୪ର୍ଥ କବିତା ସଂକଳନ 'ସପ୍ତମ ଋତୁ' ପାଇଁ ପୁରସ୍କାର ପ୍ରଦାନ କରାଯାଇଛି । ତାଙ୍କର ଅନ୍ୟ ୩ଟି କାବ୍ୟଗ୍ରନ୍ଥ ହେଉଛି 'କେତେ ଦିନର'- 'ଅନେକ କୋଠରୀ' ଓ 'ସନ୍ଦିଗ୍ଧ ମୃଗୟା'

---

କେନ୍ଦ୍ର ସାହିତ୍ୟ ଏକାଡେମୀ ଜାତୀୟ କାଉନ୍‌ସିଲ ସଭ୍ୟ

କାଉନସିଲରେ ଓଡ଼ିଶାରୁ ୫ଜଣ ସଭ୍ୟ ଅଛନ୍ତି

ଶ୍ରୀ ଗୋପୀନାଥ ମହାନ୍ତି

ଶ୍ରୀ ସୀତାକାନ୍ତ ମହାପାତ୍ର

ଡ଼ଃ ନଟବର ସାମନ୍ତରାୟ

ଡ଼ଃ ଜାନକୀବଲ୍ଲଭ ମହାନ୍ତି


ଡ଼ଃ ଗୋପାଳ ଚନ୍ଦ୍ର ମିଶ୍ର

---

# ୧୯୭୭ ପାଇଁ ଏକାଡେମୀ ପୁରସ୍କାର ପାଇଥିବା କୃତୀ ସାହିତ୍ୟିକ :

ସର୍ବଶ୍ରୀ ରମାକାନ୍ତ ରଥ (ଓଡ଼ିଆ), ହୋମେନ ବରଗୋହେନ (ଅସମିୟା), ଶଙ୍କରୀ ପ୍ରସାଦ ବସୁ (ବଙ୍ଗଳା), ନରସିଂହ ଦେବ ଜାମ ୱାଲ (ଡୋଗ୍ରୀ), ଅନୀତା ଦେଶାଇ (ଇଂରାଜୀ), ହାରୀନ୍ଦ୍ର ଦାଭେ (ଗୁଜୁରାଟ), ସ୍ୱର୍ଗତ ଭାରତ ଭୂଷଣ ଅଗ୍ରୱାଲ (ହିନ୍ଦୀ), ବି. ଜି. ଏଲ୍. ସ୍ୱାମୀ (କନ୍ନଡ଼), ଡ଼ି. କେ. ମୁଝ୍‌ଥଙ୍କର (କଙ୍କଣୀ), ଉପେନ୍ଦ୍ର ଠାକୁର 'ମୋହନ' (ମୈଥିଳୀ), ସୁଗତା କୁମାରୀ (ମାଲୟଲମ୍), ଜି. ସି. ତୋଙ୍ଗବ୍ରା (ମଣିପୁରୀ), ସ୍ୱର୍ଗତ ଅରତି ପ୍ରଭୁ (ମରାଠୀ), ଶିବ କୁମାର ରାୟ (ନେପାଳୀ), ସ୍ୱର୍ଗତ ଗୁରୁ ମୁଖ ସିଂହ ମୁସାଫିର (ପଞ୍ଜାବୀ) ଆତ୍ମାରାମ ସୁଦାମା (ରାଜସ୍ଥାନୀ), ଏଇଚ. ଆର. ସଦାରଙ୍ଗାନି (ସିନ୍ଧି), ବାଲ୍ଲି କାନ୍ନନ (ତାମିଲ), ଡ଼ି. ଭି. କୃଷ୍ଣଶାସ୍ତ୍ରୀ (ତେଲଗୁ), ସ୍ୱର୍ଗତ ୟୁସୁଫ ହୁସେନ୍ ଖାଁ (ଉର୍ଦ୍ଦୁ) ।

୧୯୭୯ ଫେବୃଆରୀ ୨୪ ତାରିଖ ଦିନ ଭାରତୀୟ ବିଦ୍ୟାଭବନଠାରେ ୧୯୭୮ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଭିନ୍ନ ଭାଷାର କବି ସାହିତ୍ୟିକମାନଙ୍କୁ ତଥା କେନ୍ଦ୍ର ସାହିତ୍ୟ ଏକାଡ଼େମୀର ସାଧାରଣ ପରିଷଦ ବୈଠକ ନିମନ୍ତେ ଭୁବନେଶ୍ୱର ଆସିଥିବା ବିଶିଷ୍ଟ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଲେଖକବର୍ଗ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡଃ. ଉମାଶଙ୍କର ଯୋଶୀ, ଉତ୍ତର ପ୍ରଦେଶର ପୂର୍ବତନ ରାଜ୍ୟପାଳ ଡ଼ଃ ବି. ଗୋପାଳ ରେଡ଼ି, ଓଡ଼ିଶାର ପୂର୍ବତନ ମୁଖ୍ୟ ମନ୍ତ୍ରୀ ଡ଼ଃ ହରେକୃଷ୍ଣ ମହତାବ ପ୍ରମୁଖ ଏ ଉତ୍ସବରେ ଭାଷଣ ଦେଇ ବିଭିନ୍ନ ଭାଷାର ଲେଖକମାନଙ୍କ ମଧ୍ୟରେ ଭାବଗତ ସଂହତିର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।



ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଲ ଶର୍ମା ଏ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ବିଶିଷ୍ଟ ସାହିତ୍ୟକ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ୱାଗତ ଅଭିଭାଷଣ ପରେ, ପୁରସ୍କୃତ

ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା ତାଙ୍କର ସଭାପତି ଅଭିଭାଷଣରେ କହିଥିଲେ ଯେ ସାହିତ୍ୟରେ ମାନବ ଜୀବନର ସମସ୍ତ ସୁଖ ଦୁଃଖର ପ୍ରତିଫଳନ ଘଟିବା ଉଚିତ ଏବଂ ଉନ୍ନତତର ସମାଜ ତଥା ଜୀବନ ଗଠନ ଲାଗି ସାହିତ୍ୟ ଉତ୍ସର୍ଗୀକୃତ ହେବା ଆବଶ୍ୟକ ।

## କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଓଡ଼ିଆ କବିତା ସଂକଳନ

# 'ସପ୍ତମ ଋତୁ'ର

## କବି ରମାକାନ୍ତ ରଥ

ଲବ୍ଧପ୍ରତିଷ୍ଠ ଓଡ଼ିଆ କବି ଶ୍ରୀ ରମାକାନ୍ତ ରଥ ୧୯୩୪ ମସିହାରେ କଟକ ସହରରେ ଜନ୍ମ ଗ୍ରହଣ କରିଥିଲେ । ସେ ୧୯୫୬ ମସିହାରେ କଟକ ରେଭେନ୍ସା କଲେଜରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ ଓ ୧୯୫୭ ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ । ସେ ଓଡ଼ିଶା ସରକାର ତଥା କେନ୍ଦ୍ର ସରକାରଙ୍କ ଅଧୀନରେ ବିଭିନ୍ନ ଉଚ୍ଚ ପଦବୀରେ କାର୍ଯ୍ୟ ସଂପାଦନ କରି ଆସିଛନ୍ତି । ସଂପ୍ରତି ସେ କୃଷି ଓ ଜଳସେଚନ (କୃଷି ବିଭାଗ) ମନ୍ତ୍ରଣାଳୟରେ ଯୁଗ୍ମ ଶାସନ ସଚିବ ରୂପେ ଅବସ୍ଥାପିତ । ଶ୍ରୀ ରଥ କଲେଜରେ ପଢୁଥିବା ସମୟରେ କବିତା ରଚନା ଆରମ୍ଭ କରିଥିଲେ । ତାଙ୍କର ପ୍ରଥମ କବିତା ସଂକଳନ 'କେତେ ଦିନର' ୧୯୬୨ ମସିହାରେ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ଦୁଇଟି ସଂକଳନ 'ଅନେକ କୋଠରୀ' ଓ 'ସନ୍ଦିଗ୍ଧ ମୃଗୟା' ଯଥାକ୍ରମେ ୧୯୬୭ ଓ ୧୯୭୧ ମସିହାରେ ପ୍ରକାଶିତ ହୋଇଥିଲା । ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ସଂକଳନଟି ୧୯୭୭ ମସିହାରେ ପ୍ରକାଶ ପାଇଛି ।

ସୁଚିନ୍ତିତ ସୂକ୍ଷ୍ମ ଅନୁଭବ-ପ୍ରବଣତା, ବୋଧଗମ୍ୟ ରଚନା, ସରସ ତଥା ମାନବ ଜୀବନର ଦୁଃଖ ଯନ୍ତ୍ରଣାର ପ୍ରତିଫଳନ ଓ ସଙ୍କେତ ଧର୍ମୀ ଭାଷାର ଉଚ୍ଚକୋଟୀର ପ୍ରୟୋଗ-ଦକ୍ଷତା ନିମନ୍ତେ 'ସପ୍ତମ ଋତୁ' ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏକ ଉଲ୍ଲେଖଯୋଗ୍ୟ ଅବଦାନ ।

# ଓଡ଼ିଶା ଇତିହାସ କଂଗ୍ରେସ

ଓଡ଼ିଶା ଇତିହାସ କଂଗ୍ରେସର ସପ୍ତମ ଅଧିବେଶନ ୧୯୭୯ ଫେବୃଆରୀ ୨୫ ତାରିଖ ଦିନ ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟଠାରେ ଉଦ୍‌ଘାଟିତ ହୋଇଛି । ଶିକ୍ଷାମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଅଧିବେଶନ ଉଦ୍‌ଘାଟନ କରି ଓଡ଼ିଆ ଜାତିର ପୁନଃ ଜାଗରଣ ଉଦ୍ୟମରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଇତିହାସବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଉଦ୍‌ଘାଟନ ଉତ୍ସବରେ ଅନ୍ୟତମ ସମ୍ମାନିତ ଅତିଥି ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ଏକ ପୂର୍ଣାଙ୍ଗ ଇତିହାସ ପ୍ରଣୟନ ନିମନ୍ତେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ସମନ୍ୱିତ ଉଦ୍ୟମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।



ପ୍ରସିଦ୍ଧ ଇତିହାସବିତ୍ ଓ ଗବେଷକ ଡକ୍ଟର ହରମାନ କୁଲ୍‌କେ, ଡକ୍ଟର ବି. ଏନ୍. ମୁଖାର୍ଜୀ ଏବଂ ଡକ୍ଟର ଏସ୍. ଏମ୍. ପାଠକ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଓ ଐତିହ୍ୟର ଭୂରି ପ୍ରଶଂସା କରିବା ସଙ୍ଗେ ସଙ୍ଗେ ଏହା ଭାରତୀୟ ଇତିହାସକୁ ସମୃଦ୍ଧ କରିଛି ବୋଲି ମତ ଦେଇଥିଲେ ।

ଏହି ଉତ୍ସବରେ ଓଡ଼ିଶା ଇତିହାସ କଂଗ୍ରେସ ପକ୍ଷରୁ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଇତିହାସ କ୍ଷେତ୍ରକୁ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ସମାବର୍ତ୍ତନ ଉତ୍ସବ

(୧୯୭୯ ମାର୍ଚ୍ଚ ୧୭ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଜ୍ୟୋତି ବିହାରଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ । ଓଡ଼ିଶାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଶ୍ରୀ ଭଗବତ୍ ଦୟାଲ ଶର୍ମା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ସମାବର୍ତ୍ତନ ଉତ୍ସବରେ ସର୍ବମୋଟ ୪,୦୬୧ ଜଣଙ୍କୁ ଉପାଧି ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଆଇନ୍‌ରେ, ପ୍ରଫେସର ଶ୍ରୀ ଭୁବନେଶ୍ୱର ବେହେରାଙ୍କୁ ବିଜ୍ଞାନରେ ଓ ଶ୍ରୀ ମୁରଲୀଧର ଟାଲିଙ୍କୁ ସାହିତ୍ୟରେ ଡକ୍ଟରେଟ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।





## ରାଜ୍ୟପାଳଙ୍କ ଉଦ୍‌ବୋଧନ

ସମାବର୍ତ୍ତନ ଉତ୍ସବରେ ପୌରୋହିତ୍ୟ କରି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଶ୍ରୀ ଭଗବତ୍ ଦୟାଲ ଶର୍ମା ନାଗରିକମାନଙ୍କ ମଧ୍ୟରେ ଶୃଙ୍ଖଳା ସଚେତନତା ନ ରହିଲେ ଗଣତନ୍ତ୍ର ସୁଦୃଢ଼ ହୋଇ ପାରିବ ନାହିଁ ବୋଲି ଦର୍ଶାଇ ଥିଲେ । ଯୁବ ସ୍ନାତକମାନଙ୍କୁ ଏ ଦିଗରେ ଧ୍ୟାନ ଦେବାକୁ ସେ ନିବେଦନ କରିଥିଲେ । ଅଧିକାର ଅପେକ୍ଷା କର୍ତ୍ତବ୍ୟକୁ ଉଚ୍ଚତର ସ୍ଥାନ ଦେବା ଶିକ୍ଷାର ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ । ସେ କହିଲେ ଯେ ଶିକ୍ଷା ଓ ସଂସ୍କୃତିର ମୂଳ ଲକ୍ଷ୍ୟ ହେଉଛି ଚରିତ୍ର ଗଠନ ଏବଂ ଜ୍ଞାନ ଆହରଣ ପାଇଁ ପରିମାର୍ଜିତ ରୁଚିର ଅନୁସରଣ । ଜଣେ ବ୍ୟକ୍ତି ବହୁତ ପାଠ ପଢ଼ିଥିଲେ ଯେ ସଂସ୍କୃତିସମ୍ପନ୍ନ ଓ ଆଦର୍ଶ ବ୍ୟକ୍ତି ହୋଇପାରିବେ, ତା' ନୁହେଁ । ଯେଉଁ ବ୍ୟକ୍ତି ସତ୍ ଏବଂ ଅସତ୍‌ର ବିଚାର କରି ଭଲ କଥାକୁ ଆଦର କରନ୍ତି ଓ ଖରାପ କଥାକୁ ଅନାଦର କରନ୍ତି ସେ ହିଁ ପ୍ରକୃତରେ ସଂସ୍କୃତିସମ୍ପନ୍ନ ଓ ଆଦର୍ଶ ବ୍ୟକ୍ତି । ତେଣୁ ଯୁବକମାନଙ୍କର ଚରିତ୍ର ଗଠନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କୁଳାଧିପତି କହିଥିଲେ । ସେ କହିଲେ ଯେ, ଆମ ଦେଶରେ ବିଶ୍ୱ ବିଦ୍ୟାଳୟ ଶିକ୍ଷାର ସୁଯୋଗ ମୁଷ୍ଟିମେୟ ଛାତ୍ର ପାଇଥାଆନ୍ତି । ତେଣୁ ବିଶ୍ୱବିଦ୍ୟାଳୟ ଛାତ୍ରମାନେ ମନେରଖିବା ଉଚିତ ଯେ ଆର୍ଥିକ ଦୁରବସ୍ଥା ଏବଂ ଅନ୍ୟାନ୍ୟ ସୁବିଧାସୁଯୋଗ ଅଭାବରୁ ସେମାନଙ୍କଠାରୁ ବହୁ ଅଧିକ ସଂଖ୍ୟକ ପିଲା ଏ ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ତେଣୁ ଯେଉଁ ମୁଷ୍ଟିମେୟ ଛାତ୍ର ସୁବିଧାସୁଯୋଗ ପାଇଛନ୍ତି, ସେମାନଙ୍କର ଏକାନ୍ତ କର୍ତ୍ତବ୍ୟ ହେଉଛି ସେବା ମନୋଭାବରେ ସମସ୍ତ କାର୍ଯ୍ୟ କରିବା, ଯେପରିକି ଶିକ୍ଷାର ସୁଫଳ ଅନ୍ୟମାନେ ପାଇବାରେ ସେମାନେ ସହାୟକ ହେବେ ।

କୁଳାଧିପତି ଶ୍ରୀ ଶର୍ମା, ଶ୍ରୀ ବିଜୁ ପଟ୍ଟନାୟକ, ଅଧ୍ୟାପକ ଶ୍ରୀ ଭୁବନେଶ୍ୱର ବେହେରା ଏବଂ ଶ୍ରୀ ମୁରଲୀଧର ଟାଲିଙ୍କ ସଂକ୍ଷିପ୍ତ ପରିଚୟ ଦେଇ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# କେନ୍ଦ୍ର ଖଣି ଓ ଇସ୍ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଦୀକ୍ଷାନ୍ତ ଭାଷଣ

କେନ୍ଦ୍ର ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ତାଙ୍କର ଦୀକ୍ଷାନ୍ତ ଭାଷଣରେ ଯୁବ ସ୍ନାତକମାନେ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ସମାଜରେ ନିଜ କର୍ତ୍ତବ୍ୟପ୍ରତି ସର୍ବଦା ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ପ୍ରାଚୀନ ତକ୍ଷଶିଳା, ନାଳନ୍ଦା ଆଦି ବିଶ୍ୱବିଦ୍ୟାଳୟମାନେ ବୈଷୟିକ ଜ୍ଞାନ ଅର୍ଜନର ନିଦର୍ଶନ ରହିଥିବା ତଥା ଗବେଷଣା କରି ଆମର ପୁରାତନ ସଂସ୍କୃତିରୁ



ଜ୍ଞାନ ଆହରଣ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଛାତ୍ର ସମାଜକୁ ପରାମର୍ଶ ଦେଇଥିଲେ । ଯେଉଁ ଜାତି ଅତୀତ ଗୌରବକୁ ଭୁଲିଯାଏ ସେ ଜାତି ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ପାରେନାହିଁ । ଆମର ପ୍ରାଚୀନ ସଂସ୍କୃତିରୁ ଆଦର୍ଶ ଗ୍ରହଣ କରି ଜନ୍ମଭୂମିର ସେବାରେ ନିଜକୁ ନିୟୋଜିତ କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ ।

**ସଙ୍କଳନ—ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ**
ଅତିରିକ୍ତ ପ୍ରଚାର ଅଧିକାରୀ
ସୂଚନା ଓ ଲୋକସମ୍ପର୍କ ବିଭାଗ

OGP—MP-VI (I. & P. R.) 100—20,000—31-3-1979

